ସମୁଡ଼ିଆ

ଲେଖକ—ଶ୍ରୀ ସୁରେନ୍ଦ୍ରନାଥ ସିଂହ

ପ୍ରଥମ ମୁଦ୍ରଣ

୧୯୬୬

ପ୍ରକାଶକ

ଅଗ୍ରଦୂତ ପ୍ରେସ

କଟକ

ଦେଢ଼ ଟଙ୍କା

ଉତ୍ସର୍ଗ

ଉତ୍କଳର ସାରସ୍ୱତ-ମନ୍ଦିରର ଏକାଗ୍ର ଓ ଏକନିଷ୍ଠ ସାଧକ

ଶ୍ରୀଯୁକ୍ତ ବାଳକୃଷ୍ଣ କର ମହାଶୟ

ପୂଜନୀୟେଷୁ,

ନଟଣୀ ସହକର୍ମୀରୂପେ ୧୨ ବର୍ଷବ୍ୟାପୀ ଆପଣଙ୍କର ସାନ୍ନିଧ୍ୟ ଲାଭକରି ନିଜକୁ କୃତାର୍ଥ ମନେ କରୁଛି। ଦିନ ଯେତିକି ଯେତିକି ଯାଉଛି , ଆପଣଙ୍କ ଉଦାରତା, ମହାନୁଭବତା, ସହାନୁଭୂତିର ସେତିକି ପରିଚୟ ଲାଭ କରୁଛି; ଆପଣଙ୍କର ସାଧକ-ସୁଲଭ ବ୍ୟକ୍ତିତ୍ୱ ପ୍ରତି ମୋର ଭକ୍ତି ଓ ସମ୍ମାନ ସେତିକି ବୃଦ୍ଧି ପାଉଛି ।

ମୋର ସେହି ଭକ୍ତି ଓ ସମ୍ମାନର ସାମାନ୍ୟ ପ୍ରତୀକ ରୂପେ '**ମଶାଲ**' ଖଣ୍ଡି ଆପଣଙ୍କ ଉଦ୍ଦେଶ୍ୟରେ ଉତ୍ସୃଷ୍ଟ ହେଲା ।

ରଘୁନାଥନଗର	ସ୍ନେହସମ୍ମାନିତ
୨୨।୧୦।୫୪	ରାମପ୍ରସାଦ

Digitized by srujanika@gmail.com

ଏକ

—'ହ୍ୱିସ୍କି, ବ୍ରାଣ୍ଡି, ରମ୍—ଅଛି ?'

—'ଅଛି ନାହିଁ !'

—'ଅଲ୍ କ୍ଲିଲ୍ ଶୂନ୍, ଏକଦମ୍ ଶେଷ ! ତେବେ ଉପାୟ ?'

—'ଉପାୟ ? ଅଚଳ ଅବସ୍ଥା !'

—'ବୁଝିଲେ ! ଅଚଳ ଅବସ୍ଥାରୁ ଦୁଇ ଆଉନ୍ସ ଗିଳି ଦେଲେ ଅକ୍ଷିରେ ଗୋଲାପୀ ଆଭା ଆସିବ ନାହିଁ, ମନଟାରେ ମଧ୍ୟ ଐନ୍ଦ୍ରିକ ସ୍ଫୂର୍ତ୍ତି ଜାଗିବ ନାହିଁ, ଏକଥାଟା କ ବୁଝିବା ସହଜ ?'

—'ଅସଲ ଏଇଠି ଯେ, ଏତେ ବଡ଼ ସହରରେ ଏ ମାଲ୍ ବେମାଲୁମ୍ ।'

—'ଅରେ ଷ୍ଟେସନ ଆଡ଼େ ଯାଇଥିଲୁ । ସେଠି ଅଛି...'

—'ମିଲିଟେରୀଙ୍କ ପାଇଁ ସୁରକ୍ଷିତ—ରିଜାର୍ଭଡ଼ । ସାଇକଲ ଖଣ୍ଡ ଧରି ସମ୍ଭବ ଅସମ୍ଭବ କୌଣସି ସ୍ଥାନ ଖୋଜିବାରେ ବାକି ରଖି ନାହିଁ । ହତାଶ ! ନିରାଶ !'

—'ମିଲିଟେରୀଙ୍କ ପାଇଁ ସ୍ଥାନ ସଂରକ୍ଷିତ, ମଣିଷ ସୁରକ୍ଷିତ, ଜୀବନ ସୁରକ୍ଷିତ—ଶେଷରେ ଜୀବନକୁ ଯେଉଁ ଜିନିଷଟି ରଙ୍ଗରେ ରଙ୍ଗୀନ କରିଦିଏ ସେ ଜିନିଷ ମଧ୍ୟ ସୁରକ୍ଷିତ । ଫ୍ରାନ୍ସ ଗଲା—ତା ସାଙ୍ଗେ ସାଙ୍ଗେ ସେରି, ବର୍ଗଣ୍ଡି, ସାମ୍ପେନ୍ ଗଲା; ଭୂମଧ୍ୟସାଗର ବାଟରେ ଝଣ୍ଡା ପଡ଼ିଲା—ହ୍ୱାଇଟହର୍ସ, ଓଲ୍ଡ଼ଟମ୍ବର୍, ପିଲସନାର ଏ ସବୁ ସମୁଦ୍ର ଆରପାରିରେ ଅଟକି ଗଲା । ସୌମୀ, ଭାକମ୍ବସ ଓ ଭାଉବାସ ଅଙ୍କ ସହିତ ଲୋପ ପାଇଛି । ବର୍ତ୍ତମାନ—? ହୁଁ , ଭଣ୍ଡି,

ଏର୍ଥାର୍ ବେଶୀ ମାଇଲ୍ ? ଠିକ୍ ମନେ ଅଛେଲ୍ । ଗୋଟାଏ କାମ କର୍, ସାଇକେଲ୍‌ଟା ନେଇ ତଇଁତଣଅଙ୍କୁ ଫେଇଲ ଖାଁ ପାଖକୁ ପଠା— ବୁଲେଟା ଏତକନ୍ସର ବେଶୀ ମାଇଲ୍ ।"

ଭୁବନ ଚୈତନ୍ୟକୁ ଖବର ଦେବାପାଇଁ ଚଳ ମନ୍ତ୍ରୀଙ୍କୁ ଓଲ୍ଡାଇ ଗଲା; ପ୍ରବୋଧ ଖଟ ଉପରେ ପଡ଼ ପଡ଼ 'ଦ୍ୟ ଓଆର୍ଲ୍ଡ ଅର୍ଡର' ବହି ଖଣ୍ଡିକ ଦେହୁରେ ମନୋନିବେଶ କଲା ।

ପ୍ରବୋଧ ମନେ ମନେ ଠିକ୍ କରି ନେଇଛି, ସେ ତା ଜୀବନଟାକୁ ଅକାରଣେ ପାଇଛି, ଅକାରଣେ ଉଡ଼ାଇଦେବ । ଜୀବନଟା ବୃଥା ନୁହେଁ, ଗୋଟାଏ ଅତି ମହାନ୍ ଉଦ୍ଦେଶ୍ୟ ସାଧନ ନିମିତ୍ତ ମନୁଷ୍ୟର ଜନ୍ମ—ଏପରି କଥା ଶୁଣିଲେ ସେ ହସି ହସି କେବଳ୍ ଛୋଇଖାଏ; କହେ, ବ୍ରହ୍ମର୍ଷିର କୁଣ୍ଡଳୀକୃତ ଧୂଅଁ ଭିତରୁ ଏ ସବୁ କଥାର ଜନ୍ମ । ନିଜ ପାଇଁ ନିଜେ ହେବାର ଶକ୍ତି ଯେଉଁମାନଙ୍କର ନାହିଁ, ଅଥବା ନାବାଳକ ଅବସ୍ଥାରେ ରହିବା ପାଇଁ ଯେଉଁମାନେ ବଦ୍ଧପରିକର, ସେଇମାନେ ହିଁ କେବଳ ଏ ସବୁ କଥାରେ ବିଶ୍ୱାସ କରନ୍ତି । କେହି କେବେ ଖୋଜି ଦେଇ ନିଜ ଜୀବନକୁ ପାଏ ନାହିଁ, ଜୀବନ ସାଧ୍ୟ-ସାଧନାର ଧନ ନୁହେଁ; ଯେପରି ଅକାରଣରେ ତାହା ଆସେ, ସେହିପରି ଅକାରଣରେ ଦିନେ ବୁଝିଦେଇ ଷଜେଇ ଯାଏ । ଜୀବନର ସାର୍ଥକତା ଥାଏ କେବଳ ଅବିଶ୍ରୁ ଉପଭୋଗରେ । ଜୀବନକୁ ଯେ ଯେତେ ଉପଭୋଗ କରିଛି, ଜୀବନଠାରୁ ସେ ସେତେ କାରଣ ଅଦାୟ କରି ପାରିଛି, ନିଜକୁ ସେ ସେତେ ସୁଖୀ କରି ପାରିଛି । ସେଥିପାଇଁ ସେ ଠିକ୍ କରିଛି, ଜୀବନଟାକୁ ସେ ପୀତ ପାଇ ଶେଷ କରି ଦେବ । ସେ କହେ, 'ନିଃସହାୟତାର କନ୍ଦନ ଭିତରେ ଯାହାର ଆରମ୍ଭ, ବଂଶୀ-ସ୍ୱନର ଅମୀୟ ରସ ଲହରି ଭିତରେ ତାର ଶେଷ ହେବା ଉଚିତ ।'

ଏହି ବହୁମୂଲ୍ୟ ତତ୍ତ୍ୱ କେଉଁ ଏକ ଶୁଭ ମୁହୂର୍ତ୍ତରେ ତାହାର ଧାରଣା ଭିତରେ ରୂପ ଗ୍ରହଣ କଲା, ସେ ଖବର କୌଣସି ଦିନ ପ୍ରବୋଧ ଦେଇ ନାହିଁ ନିଜ ପାଖରୁ ବା ଅନ୍ୟ କେହି ତା ପାଖରୁ

Digitized by srujanika@gmail.com

ଖୋଜ ନାହାନ୍ତି; କିନ୍ତୁ ଏହାର ଫଳ ଅତି ବିଚିତ୍ର ଭାବରେ ତା ଜୀବନର ସମୁଦାୟ ସ୍ତରରେ ଆତ୍ମପ୍ରକାଶ କରିଥିଲା । ସେ ଆନନ୍ଦ ପାଇବାର ଯେତେ ସୁବିଧା ଖୋଜନ୍ତି, ସେତେ ସୁବିଧା ତା ସମ୍ମୁଖରେ ଆସି ପହଞ୍ଚିଯାଉଛି । ସେ ଦେଖିଛି, ମନୁଷ୍ୟ ଯେଉଁଥିରେ ଆନନ୍ଦ ଖୋଜେ, ଯେଉଁ ସବୁ ବସ୍ତୁରେ ଆନନ୍ଦ ଅଛି ଭାବେ, ସେ ସବୁଥିରେ ଆନନ୍ଦ ଥାଏ ନାହିଁ—ଥାଏ ଆନନ୍ଦର ଗୋଟାଏ ମୋହ; ସେହି ମୋହକୁ ଧରି ଆନନ୍ଦ ଉପଭୋଗ କରିବାର କସରତ୍ କରିବାକୁ ପଡ଼େ, ଭିତରବସ୍ତୁ ନିଜ ପାଖରେ କୈଫିୟତ୍ ଦେବାକୁ ପଡ଼େ ଯେ, ହଁ ସେ ଆନନ୍ଦ ଉପଭୋଗ କରୁଛି । ଏହା ତ ଆନନ୍ଦ ନୁହେଁ—ଏହା ଆନନ୍ଦର ବିକଟ ବିଡ଼ମ୍ବନା, ଆନନ୍ଦ ପ୍ରତି ଏହା ବିକୃତ ବ୍ୟଙ୍ଗ । ଯେଉଁଥିରେ ପ୍ରାଣ ସ୍ୱୟଂ ସ୍ୱୟଂ ମାତି ଉଠେ, ଶରୀରର ପ୍ରତି ଅଣୁ ସ୍ୱୟଂ ସ୍ୱୟଂ ନାଚି ଉଠେ, ରକ୍ତସ୍ରୋତର ପ୍ରତି କଣିକାରେ ଆନନ୍ଦର ତେଜ ଉଠେ, ମନର ପ୍ରତ୍ୟେକ କଣ ଚୈତନ୍ୟର ପ୍ଲାବନ ପରି କଣାଏ କଣାଏ ସୃଷ୍ଟ ହୋଇ ଉଠେ, ତାହା ହିଁ ଆନନ୍ଦ—ପ୍ରକୃତ ଆନନ୍ଦ । ଯେଉଁ ଆନନ୍ଦ ଉପଭୋଗ ପରେ ମୁହଁରେ ଗୋଟାଏ ବିକୃତ ବିସ୍ୱାଦ, ମନରେ ଗୋଟାଏ ଗ୍ଲାନିର ତିକ୍ତତା, ସ୍ମୃତିରେ ଗୋଟାଏ ଅସନ୍ତୋଷ କାଳିମାର ଦାଗ ପଡ଼ିଯାଏ, ତାହା ତ ଆନନ୍ଦ ନୁହେଁ,ତାହାକୁ ତ ଆନନ୍ଦ ବୋଲି କୁହା-ଯାଇ ପାରିବ ନାହିଁ । ପ୍ରକୋଷର ଅର୍ଦ୍ଧ-ଜାଗ୍ରତ ମନ ଅନୁଭୂତିର ବାସ୍ତବତା ଭିତରେ ଯେଉଁ ଜନ୍ତୁ ଏ କଥାଟି ଅବଧାରଣ କଲା,ସେହି ଜନ୍ତୁ ସେ ଦୁନିଆର ଧାରାବାହୀ ପନ୍ଥା ସ୍ଥିର କରିଦେଉଛି । ସେ ବୁଝିଛି, ଯେଉଁ ବାଟ ଶତ-ସହସ୍ର ଲୋକର ପାଦର ମଡ଼ାରେ ମସୃଣ ହୋଇଯାଇଛି, ସେ ବାଟ ସୁଗମ ହୋଇପାରେ, ସେ ବାଟରେ ଚାଲିବା ସହଜ ହୋଇ ପାରେ, ସେ ବାଟ ସିଧା-ସଳଖ ଗନ୍ତବ୍ୟ ସ୍ଥାନରେ ପହଞ୍ଚାଇ ଦେବ ସତ; କିନ୍ତୁ ସେ ବାଟରେ ଚାଲିବାର ନୂତନତା ନାହିଁ, ସେଥିରେ ନୂଆ ବାଟ ଖୋଜିବାର ବିପଦ ନାହିଁ, —ନୂତନତାର ଆନନ୍ଦ ନାହିଁ । ସେ ବାଟରେ ଗଲେ ଅନିଶ୍ଚିତତା ସହିତ ପଦେ ପଦେ ଲଢ଼େଇ କରିବାକୁ ପଡ଼େ ନାହିଁ—ସେଥିପାଇଁ

Digitized by srujanika@gmail.com

ସେଥିରେ ବିଜୟୀର ଆନନ୍ଦ ମଧ୍ୟ ଥାଏ ନାହିଁ । ତଥାପି ସହଜ ତୃପ୍ତି-ଟିଏ ଯେ ନ ଥାଏ, ସେ କଥା ନାହିଁ, ବଞ୍ଚିବାର ଆନନ୍ଦ ସେ କୌଣସି ଦିନ ଉପଲବ୍ଧି କରେ ନାହିଁ; ଚନ୍ଦ୍ରମୁଖୀ ଦୋଇଁ ମୁଣ୍ଡରେ ବହି ବୁଲିବା ପରି ସେ ସାଗରର ଲହରୀକୁ ମୁଣ୍ଡାଇ ଦୁନଆରେ ଦେଉଛି ଦିନ କଟାଇ ଦିଏ ମାତ୍ର । ତାର ଗୋଟିଏ ଖଣ୍ଡିଆ ଉପରେ ଯତ୍ନରେ ସାଇତା ହୋଇଥିବା, ନିତି ଫୁଲ-ଚନ୍ଦନରେ ପୂଜା ପାଉଥିବା ଶାଳଗ୍ରାମ ପରି; ସେଥିରେ ନଦୀ ସ୍ରୋତରେ ଗଡ଼ି ବୁଲୁଥିବା ବାଲିଗରଡ଼ାର ନୂତନତା ନାହିଁ, ଚଞ୍ଚଳତା ନାହିଁ । ଶାଳଗ୍ରାମକୁ ବଣ୍ଡିତ କରିଯାଏ—ପବିତ୍ର ମନେ କରିଯାଏ; ସେଇଠାରେ ହିଁ ତାର ଶେଷ ସମାଧି; ଆଉ ବାଲିଗରଡ଼ା—ତାକୁ ସୋଡ଼ରେ ବଢ଼ ଏଥିଯାଏ; କିନ୍ତୁ ସେ ନିତ୍ୟ ନୂତନ ସ୍ରୋତର ବେଗ ସହିତ ପରି ଚଳି, ନିତି ନୂତନ ରାଜ୍ୟର ହୃଷ୍ଟପୁଷ୍ଟ-ପୁଷ୍ଟ ବାଲୁକା ପଥର ମସୃଣତା ଅନୁଭବ କରି, ନିତି ନୂତନ ଦେଶ ଭ୍ରମଣ କରି ବୁଲିଥାଏ ଅଗସ୍ତି—ଅନ୍ତହୀନ ଅଗସ୍ତି । ଅସୀମ ସମୁଦ୍ରର ଅନ୍ଧକାରମୟ ତଳଦେଶରେ ତାର ସ୍ଥାନ ହେବ କି ତରଙ୍ଗ ବିକ୍ଷିପ୍ତ ହୋଇ ବେଳାଭୂମିର ବାଲୁକା-ରାଶିରେ ଅଜ୍ଞାତ ପରିତ୍ୟକ୍ତ ଅବସ୍ଥାରେ ତାହା ପଡ଼ିରହିବ, ସେ ଚିନ୍ତା କି ତାର ଥାଏ ନାହିଁ । ଶାଳଗ୍ରାମ ଶିଳାର ଶେଷ ଇତିହାସ ହିଁ ସେହି ଶାଳଗ୍ରାମ ଶିଳା—ଠିକ୍ ଯେପରି ମିଶର ଦେଶର ଗୁଡ଼ିଏ ପିରାମିଡ଼ର ଇତିହାସ ସେହି ପିରାମିଡ଼ ବା ଆମ ଦେଶର ଭୁବନେଶ୍ୱର ମନ୍ଦିରର ଶେଷ ଇତିହାସ ସେହି ମନ୍ଦିର । ଏଗୁଡ଼ିକର ଅସ୍ତିତ୍ୱ ଭିତରେ ହିଁ ଏମାନଙ୍କର ସମ୍ଭାବନାର ଶେଷ ସମାଧି ହୋଇ ଯାଇଛି; କିନ୍ତୁ ଜଙ୍ଗଲର ସହସ୍ରାଣି ବଣବୁଦା ଭିତରେ, ଦେଉଳ ବା ମାଟି ତଳେ ଯେଉଁ ପଥରଗୁଡ଼ିକ ଖଣ୍ଡ ଖଣ୍ଡ ହୋଇ ପଡ଼ିଛି ବା ଲୁଚି ରହିଛି—ତାର ଖବର କିଏ ରଖେ ?—କିନ୍ତୁ ତାହାରି ଭିତରେ ତ ଲୁଚି ରହିଛି ଅସୀମ ସମ୍ଭାବନା, ଅନାଗତ ଇତିହାସର ଅପୂରନ୍ତ କାହାଣୀ । କିଏ ଜାଣେ ସେଥିରେ ତାଜମହଲଠାରୁ ଶତଗୁଣ ସୁନ୍ଦର, କୋଣାର୍କଠାରୁ ସହସ୍ରଗୁଣ ଗରିମାମୟ, ପିରାମିଡ଼ଠାରୁ ବହୁ ଗୁଣ ବିରାଟ ସୌଧ ଗଠିତ ନ ହେବ ?

Digitized by srujanika@gmail.com

ଏହି ସବୁ ଦର୍ଶନ-ତତ୍ତ୍ୱ ଅବସ୍ଥାର ଭିତରୁ ପ୍ରଦୋଷ ଏପରି ଭାବରେ ତାର ଜୀବନ ଗଢ଼ିଛି, ଯାହା ଦୁନିଆ ସହିତ କୌଣସି କ୍ରମେ ଖାପ ଖାଇବ ନାହିଁ । ସେ ମଦ ପିଏ, ସୀତାର ବଜାଏ, କବିତା ଲେଖେ—ଆଉ ମନୁଷ୍ୟର ଦୁଃଖ ତାକୁ ବିଚଳିତ କରି ପକାଏ; ଘରବଟାଏ ହେଉ, ବାଟର ଭିକାରୀଟାଏ ହେଉ, ତା ଉପରେ ଅନ୍ୟାୟ ବା ଅତ୍ୟାଚାର ଦେଖିଲେ ସେ ଉତ୍କ୍ଷିପ୍ତ ହୋଇଉଠେ ।

ସେ କହେ, 'ମୋର ପୂର୍ବପୁରୁଷମାନେ—ସାଧୁ ବା ଅସାଧୁ କେଉଁ ଉପାୟରେ ମୁଁ ଜାଣେ ନା—ଅମ ସମ୍ପତ୍ତିର ମୂଳଦୁଆ ଗଢ଼ି ଯାଇଥିଲେ । ମୋର ଗୋସେଇଁ ବାପ ଯେଉଁ ଉପାୟରେ ତାକୁ ବଢ଼ାଇଲେ, ତାକୁ ତ ମୁଁ କୌଣସିମତେ ଶ୍ରେୟସ୍କର ପନ୍ଥା ବୋଲି ସ୍ୱୀକାରକରି ପାରିବ ନାହିଁ । ତାଙ୍କ ପରେ ବାପାଙ୍କ ଅମଳରେ ତାହା ଅସାମାନ୍ୟ ଭାବରେ ବଢିଗଲା । ବାପା କହୁଥିଲେ, ସେ ମୋ ପାଇଁ ଏ ସବୁ ସଞ୍ଚିତ କରି ରଖି ଯାଉଛନ୍ତି । ଯେଉଁଦିନ ହଠାତ୍ ସେ ଆଖି ବୁଜିଦେଲେ, ସେହିଦିନ ଯାଇ ତାଙ୍କର ସଞ୍ଚୟ କାମ ସରିଲା । କୌଣସି ଦିନ ତ ମୁଁ ଭୁଲି ପାରୁ ନାହିଁ ଯେ, ଏ ସମ୍ପତ୍ତି ସହିତ ଦୁଃଖୀର ଅଶ୍ରୁ, ଅଭିର ଅଭିଶାପ, ଉତ୍ପୀଡ଼ିତର ଦୀର୍ଘଶ୍ୱାସ ମିଶି ରହି ନାହିଁ ? କୌଣସି ଦିନ ମୁଁ ନିଜକୁ ବୁଝାଇ ପାରୁ ନାହିଁ ଯେ, ଏ ସମ୍ପତ୍ତିରେ ମୁଁ ଏକାଏକ ମାଲିକ, ମୋର କାହାରି ପ୍ରତି କୌଣସି ଦାୟିତ୍ୱ ନାହିଁ—ମୋର ଯାହା ଖୁସି ତାହା କରିପାରେ । ନା, ଏସବୁ ବିଷୟ ଭାବିବାକୁ ଗଲେ କେଉଁଠାରେ ଗୋଳମାଳ ହୋଇଯାଏ; ସେ ସବୁ ଆଉ ଭାବେ ନା । ଭାବେ, ହଠାତ୍ ବାଟ କଡ଼ରୁ ମୋତେ ଲକ୍ଷ ଲକ୍ଷ ଟଙ୍କା ଆଉ ତାର ଭଲ ମନ୍ଦ କରିବାର ସମ୍ଭାବନା ମିଳିଯାଇଛି । ମୁଁ ଦୁଇ ହାତରେ ତାକୁ ଖରଚ କରିବି, ବାଣ୍ଟିବି, ବଞ୍ଚିବି—ଧୂଳି ମୁଠାକ ପରି ଉଡ଼ାଇ ଦେବି । ମୁଁ ଶେଷ ହେବା ସଙ୍ଗେ ସଙ୍ଗେ ଏହା ମଧ୍ୟ ଶେଷ ହୋଇଯିବ ।'

ସ୍ୱପନ ଏହାର ଅର୍ଥ ବୁଝିପାରେ ନାହିଁ । ସେ କହେ, 'ବୈରାଗ୍ୟ ଲାଗିଲ୍ ତୋତେ ରେ ପ୍ରଦୋଷ—ବୈରାଗ୍ୟ !'

Digitized by srujanika@gmail.com

ପ୍ରବୋଧ ପଚାରି ଉଠେ, 'ବୈଷ୍ଣବୀ ! ଭଣ୍ଡାମୀ ! ନା—ତେବେ ତୁମେ, ତେବେ ହୋଇପାରେ ନା !'

—'ସମ୍ପତ୍ତି ଯେତେ ପରର ବୋଲି ମନେ ହେଉଛି, ଯେତେ ବୋଝ ବୋଧ ହେଉଛି, ଗରିବ ଦୁଃଖୀଙ୍କୁ ତାହା ବାଣ୍ଟିଦେଲେ ତ ସରିବ; ସତ୍‌କାର୍ଯ୍ୟରେ ଲାଗିବ !'

—'ସତ୍‌କାର୍ଯ୍ୟରେ ଲାଗିବ ?' ପ୍ରବୋଧ ହସିଉଠେ—'ଏ ସବୁକୁ ନେଇ ସେମାନେ କରିବେ କଣ ? ତାହାର ଚର୍ବି ଚାପିବେ, ତାହାର ରକ୍ତ ଶୋଷିବେ, ଅନ୍ୟର ଅଧିକ ସମ୍ପତ୍ତି ବଢ଼ାଇବା ପାଇଁ ସେମାନେ ଲାଗିପଡ଼ିବେ । ସେମାନେ ଦୁଃଖୀ ଅଛନ୍ତି—ଅଭିଶପ୍ତ ହୋଇ ରହିବେ ! ଯୋଉଟାଏ ଅଛି, ସେମାନଙ୍କ ଦୁଃଖ ଦମି ଆଉ ଶତ ଅଧିକ ବଢ଼ିଯିବ । ଆଜି ସେମାନଙ୍କ ପ୍ରତି ତୁମର ଦୟା ଅଛି, ସମବେଦନା ଅଛି—ତାପରେ ଥିବ ଘୃଣା, ତାଚ୍ଛଲ୍ୟ, ଈର୍ଷ୍ୟା—ବୁଝିଲୁ ! ବିଡ଼ମ୍ବନାର ବୋଝ ବଂଶଧର ସୃଷ୍ଟି କରିଛି, ବିଡ଼ମ୍ବନାରେ ହିଁ ତାର ପ୍ରାୟଶ୍ଚିତ୍ତ ହେବ !—ଶୁଣ, ଆଜି ସଞ୍ଜ ପରେ ଟିକିଏ ସଙ୍ଗୀତର ଆସର ଜମୁ ।'

—'କେଉଁଠି ? ଏଠି ନା ମହାମାୟାଙ୍କ ମନ୍ଦିରରେ ?'

—'ଯେଉଁଠି ସୁବିଧା !'

ଦୁଇ

ସନ୍ଧ୍ୟା ଅତୀତ ହେବା ଉପରେ । କୃଷ୍ଣଚନ୍ଦ୍ରଙ୍କର ବାବୁଙ୍କ ଘର ଅଗଣାରେ ଝରୁଥିଲା ଅଗଣାଏ ଶୁଭ୍ର ସ୍ୱଚ୍ଛ ଜ୍ୟୋତ୍ସ୍ନା । ଘରେ ବସି ସେ ସନ୍ଧ୍ୟା କରୁଥିଲେ ।

ସାମନାରେ ଖଣ୍ଡେ ଖଟୁଲି, ତା ଉପରେ ଗୀତା ଓ ଭାଗବତଟେ ଥାଏ; କଡ଼ରେ ଯୋଉଟାଏ ପିତଳ କୁଣ୍ଡାରେ ଦୀପଟିଏ ମିଞ୍ଜିମିଞ୍ଜି ହୋଇ ଜଳୁଛି । କୃଷ୍ଣଚନ୍ଦ୍ରଙ୍କର ବାବୁଙ୍କ ହାତରେ ଝୁଲି । ତର୍ଜନୀ ଛଡ଼ା ସମ୍ପୂର୍ଣ୍ଣ ହାତଟା ଝୁଲି ଗର୍ଭରେ ଅଦୃଶ୍ୟ ହୋଇଯାଇଛି; ଝୁଲି ଭିତରେ ଲୋକଲୋଚନ ଅଗୋଚରରେ ସେ ମାଳି ଗଡ଼ାଉଛନ୍ତି; ତାର ଇସାରା ମାତ୍ର ଜଣାପଡ଼ୁଛି ଝୁଲିର ଉପର ଲୁଗାର କମ୍ପନ ଦ୍ୱାରା !

Digitized by srujanika@gmail.com

ତାହାକୁ ସ୍ୱତନ୍ତ୍ର ଟୋକା ଆସି ଖବର ଦେଲା, 'ମୋହୁରିର ବାବୁ ଖବର ଦେବେ ।'

ମାଳ ଗଣତି ବନ୍ଦ ହୋଇଗଲା । କୃଷ୍ଣଚନ୍ଦ୍ର ବାବୁ କହିଲେ, 'ଶୋରଧାର ମହୁରିମାନେ ଆସିଛନ୍ତି ? ହଉ, ଯା, କହ ଯେ ବାବୁ ଆସୁଛନ୍ତି ।'

ମେଲ ଟ୍ରେନ୍ ଘଣ୍ଟରେ ମାଳ ଘଣ୍ଟ ବାଜିଲା । ଦୁଇମିନିଟ୍ ଭିତରେ କୃଷ୍ଣଚନ୍ଦ୍ର ବାବୁ ମାଳଗୁଡ଼ିକୁ ମୁଣ୍ଡରେ ଠେକାଇ, ତଳେ ଯୋଡ଼ାଏ ମୁଣ୍ଡିଆ ମାରି, ତାମିଲ ଖଣ୍ଡ ଦେହରେ ଗଳାଇ ବଡ଼ଘର ସରେ ଉପସ୍ଥିତ ହୋଇଗଲେ ।

ଖଟ୍‌ଲି ପାଖର ଦୀପଟି ତାହାପରମ୍ପରା ମିଟମିଟ ହୋଇ ଜଳିଲା; ଘର୍ଘର ଶବ୍ଦ ପଡ଼ିଲା, ତପ୍ ତପ୍ ଥରେ ଜଳଉଠି ଲିଭିଗଲା—ଖଟ୍‌ଲି ଓ ତାଙ୍କ ସହିତ ପୀତା-ସ୍ୱପରିତସୃଷ୍ଟ ଦୋଠସର ଅନ୍ଧକାର ଗର୍ଭରେ ଲୁଚିଗଲେ ।

ଦୁଇ ତିନି ବର୍ଷ ହେବ କୃଷ୍ଣଚନ୍ଦ୍ର ବାବୁ ଓକିଲାତି ଆରମ୍ଭ କରିଛନ୍ତି; କିନ୍ତୁ ଏହି ଅଳ୍ପ ସମୟ ଭିତରେ ତାଙ୍କର ପସାର ଏତେ ବଢ଼ି ଯାଇଛି ଯେ, ଓକିଲ ମହଲର ଅନେକ ଦଶବର୍ଷିଆ ଓକିଲଙ୍କ ଈର୍ଷାପ୍ରସୂତ ଦୃଷ୍ଟି ତାଙ୍କ ଆଡ଼କୁ ଉପରକୁ ଟାଣି ହୋଇଆସୁଛି; ତାଙ୍କ ସ୍ତ୍ରୀ ହେମବତୀ ମଧ୍ୟ ତାଙ୍କୁ ସମୟ ଅସମୟରେ ପ୍ରଶଂସାର ଇଙ୍ଗିତ କରି ଦେଉଛନ୍ତି । ତାର କାରଣ ଅଛି । ସବୁ ଓକିଲ ତ ଆଇନ ପଢ଼ନ୍ତି—ଆଇନର ବ୍ୟବହାର, ଆଇନର ଅର୍ଥ, ଅନର୍ଥ ଓ ଅନର୍ଥକ ସମସ୍ତେ କରିପାରନ୍ତି; କିନ୍ତୁ ନିଃସ୍ୱାର୍ଥ ସତକୁ ତାହା ମିଛ, ତାହା ମିଛକୁ ନିଃସ୍ୱାର୍ଥ ସତ୍ୟରେ ପରିଣତ କରିବାର ଯେଉଁ କୌଶଳ ସେଥିରେ କେତେ ଜଣ ଧୁରନ୍ଧର ହୋଇପାରନ୍ତି ? ନାନା ପ୍ରକାର ଦୁଷ୍ଟବୁଦ୍ଧି ଖରଚ କରି ମହାଜନ ହୋଇଥିଲେ ଖାତକର, ଖାତକ ହୋଇଥିଲେ ମହାଜନର ସର୍ବନାଶ କେତେ ଜଣ କରି ପାରନ୍ତି ? ବୃଦ୍ଧର ସ୍ତ୍ରୀକୁ ବନ୍ଧ୍ୟା ବୋଲି ପ୍ରମାଣିତ କରିବାର ଅଦ୍ଭୁତ ବ୍ୟବସ୍ଥା ଓ ତାର ଯୋଗାଡ଼ କେତେ ଜଣ ଆଇନ-ବ୍ୟବସାୟୀଙ୍କ ଦ୍ୱାରା ସମ୍ଭବ ? ଏସବୁ ଭାବିଲେ କୃଷ୍ଣଚନ୍ଦ୍ର ବାବୁ

Digitized by srujanika@gmail.com

ଏଇ ଦୁଇ ତିନି ବର୍ଷ ମଧ୍ୟରେ ଏପରି ବାତ୍ୟାତୁଫାନ, ଏପରି ବନ୍ୟା ଦେଖାଇଛନ୍ତି ଯେ, ମଫସଲ ମହଲରେ ଏ ବିଷୟରେ ତାଙ୍କର ଗୋଟାଏ ନାମ କ୍ରମେ କ୍ରମେ ହୋଇ ଆସୁଛି ଓ ସେହି ଅନୁପାତରେ ତାଙ୍କର ବ୍ୟବସାୟ ମଧ୍ୟ ବୃଦ୍ଧି ଲାଭ କରୁଛି ।

କୃଷ୍ଣଚନ୍ଦ୍ର ବାବୁ ନିଜକୁ ପରମ ବୈଷ୍ଣବ ମନେ କରନ୍ତି । ଗଳାରେ ଦୁଇ ପାଞ୍ଚ ଗୋଛା ବଡ଼ବଡ଼ା ତୁଳସୀ ମାଳ, ନାଶାଗ୍ରଂ ଦେଶ ପର୍ଯ୍ୟନ୍ତଂ ହରିମନ୍ଦିର ତିଳକ ଚନ୍ଦନର ଧଡ଼ାବୁଡ଼ା ଉପରେ ମଧ୍ୟ ଅଙ୍ଗାଙ୍ଗ ଓ ଦୃଶ୍ୟ ସ୍ଥାନରେ ଶୋଭମାନ ଥାଇ କୃଷ୍ଣଚନ୍ଦ୍ର ବାବୁଙ୍କୁ ଧାର୍ମିକ ବୋଲି ପ୍ରମାଣିତ କରିଥାଏ । ସେ ନିଜେ ମଧ୍ୟ ନିଜକୁ ସେହି ଦୃଷ୍ଟିରେ ଦେଖାଇବାର କୌଣସି ସୁବିଧା ବା ସୁଯୋଗକୁ ଅବହେଳିତ କରନ୍ତି ନାହିଁ । ପକେଟରେ ମାଳ ଝୁଲି ନେଇ ବାର୍ ଲାଇବ୍ରେରୀର ଗୋଟାଏ କୋଣରେ—ଯେଉଁଠାରେ ସହଜରେ ସମସ୍ତଙ୍କର ଦୃଷ୍ଟି ପଡ଼େ, ସେପରି ସ୍ଥାନରେ—ବସି ସେ ଓକାଲତି ବ୍ୟବସାୟର ଫାଙ୍କରେ ଫାଙ୍କରେ ମାଳ ଗଡ଼ାଉଥିଲେ । ସେତେବେଳେ ମାଲି-ମକଦ୍ଦମା ତାଙ୍କ ହାତରେ ଆଦୌ ନ ଥିଲା, ତଥାପି ବାର୍‌ର ଯୋଗ୍ୟ ଓକିଲଙ୍କ ବ୍ୟଙ୍ଗ-ବିଦ୍ରୂପ, ହାସ୍ୟ-ପରିହାସ ଫଳରେ ହେଉ ବା କ୍ରମେ କ୍ରମେ ମକଦ୍ଦମା ଜମିବା ଦ୍ୱାରା ସମୟ ଅଭାବ ହେବା ଯୋଗୁଁ ହେଉ, କୃଷ୍ଣଚନ୍ଦ୍ର ବାବୁ ସେ ସାଧନାପଥ ବାଦ ଦେଲେ । ତଥାପି ସମୟ ମିଳିଲେ ମଧ୍ୟ ବାର ଲାଇବ୍ରେରୀରେ ସେ କୌଣସି ଧାର୍ମିକ କଥାବାର୍ତ୍ତାରେ ଯୋଗ ଦିଅନ୍ତି ନାହିଁ; ଯୋଗଦେଲେ ବାବୁ ଧର୍ମ ବିଷୟକୁ ଟାଣି ନେଇ ଯିବାର ଉଦ୍ୟମ କରନ୍ତି ଏବଂ ସଙ୍ଗେ ସଙ୍ଗେ ଚୈତନ୍ୟଚରିତାମୃତରୁ ଦୁଇପଦ ଝାଡ଼ି ସବୁହିଁ କୃଷ୍ଣମୟ, କୃଷ୍ଣ-ନାମ ସାର ବୋଲି ତାହାର ପ୍ରତିପାଦନ କରିବାର ଚେଷ୍ଟା କରନ୍ତି । ଏହାଦ୍ୱାରା ଅବଶ୍ୟ ଓକିଲ ମହଲରେ ହାସ୍ୟର ଉଦ୍ରେକ ହୋଇ ଯାଏ; କିନ୍ତୁ ସେ କଥାକୁ ଦୃଷ୍ଟି ଦେବା କୃଷ୍ଣଚନ୍ଦ୍ରଙ୍କର ବାବୁଙ୍କର କୌଣସି ଦିନ ଅଭ୍ୟାସ ନୁହେଁ; ମଫସଲ ମହଲରେ ଏହାର ତ ପ୍ରଚାର ପଡ଼ିବ, ଏହାହିଁ ତାଙ୍କର ଉନ୍ନତିର କାରଣ । ଫଳ ଏହାହିଁ ହୋଇଛି

Digitized by srujanika@gmail.com

ଯେ, ସେ ଜଣେ ଧାମକ ଓକିଲ ବୋଲି ମୋହନ୍ତଙ୍କର ମକ୍କେଲ, ସେମାନଙ୍କ ଦ୍ୱାରା ପ୍ରବୃତ୍ତ ହୋଇ ମାମଲତକାର ଶ୍ରେଣୀ ଏବଂ ସେମାନଙ୍କ ଦ୍ୱାରା ନାନା ଭାବରେ ଚାଳିତ ହୋଇ ମକ୍କେଲମାନଙ୍କ ମଧ୍ୟରେ ତାହା କ୍ରମେ କ୍ରମେ ଏକପ୍ରକାର ବିଶ୍ୱାସରେ ପରିଣତ ହେବାରେ ଆରମ୍ଭ ହୋଇଛି । ତାଙ୍କ ପସାରର ମୂଳକାରଣ ଖୋଜିବା ପାଇଁ ଯଦି କେହି ଉଦ୍ୟମ କରନ୍ତି—ଅନେକ କ୍ଷଣପର ଓକିଲ ଏ ପ୍ରକାର କାର୍ଯ୍ୟରେ ହାତ ଦେବାର ଦେଖାଯାଏ—ତେବେ ସେ ଅଭ୍ରାନ୍ତ ଭାବରେ ଯାଇ କୃଷ୍ଣକାନ୍ତଙ୍କର ବାବୁଙ୍କ ମାଳାଶୋଳକ ନିକଟରେ ପହଞ୍ଚିବେ ।

ସେ ପ୍ରତି ରବିବାର ମଠର ସଂକୀର୍ତ୍ତନରେ ଯୋଗ ଦିଅନ୍ତି । ମଠରେ ତ ବାରମାସରେ ଛତିଶ ଉତ୍ସବ ଲାଗେ; ସେଥିରେ ଶହ ଶହ ସଂଖ୍ୟାରେ ସୁଲଳିତ କୀର୍ତ୍ତନର ମାଦକତା, ଉଦାର ରସିକତା ବା ଧର୍ମର ଆକର୍ଷଣ ଦ୍ୱାରା ଆକର୍ଷିତ ହୋଇ ଯୋଗଦିଅନ୍ତି । ସେସବୁ ସୁଯୋଗରେ କୀର୍ତ୍ତନ ମଝିରେ କେଉଁ କେଉଁ ତାଙ୍କଠାରେ ଅଶ୍ରୁ ପୁଲକ ଓ ସ୍ୱେଦ—ଭକ୍ତିର ଏ ସବୁ ଲକ୍ଷଣ—ଦେଖାଯାଏ ଏବଂ ଶେଷରେ ତାଙ୍କଠାରେ ଆବେଶ ଆସିଯାଏ, ସେ ମୂର୍ଚ୍ଛିତ ହେଲା ପରି ପଡ଼ି ଯାଆନ୍ତି—ଆଉ 'ନିତାଇ, ନିତାଇ' ବୋଲି ଚିତ୍କାର କରନ୍ତି । ଏଡ଼େ ବଡ଼ ଭକ୍ତକୁ ପାଇ ଅଚଞ୍ଚଳ-ସାଧକ ବାବାଜିମାନେ ଖୁସି, ଯୁବକ ଭକ୍ତମାନେ କୃତକୃତ୍ୟ—ଆଉ ମାତାମାନେ ଭକ୍ତି ଗଦ୍‌ଗଦ ।

କୃଷ୍ଣକାନ୍ତଙ୍କର ବଡ଼ଲୋକ ଘର ପୁଅ ନ ଥିଲେ; କିନ୍ତୁ ବଡ଼ଲୋକୀର ସ୍ୱପ୍ନ ଦେଖିବା ଶିଖିଥିଲେ ତାଙ୍କର ଅଭ୍ୟାସ କରିଥିଲେ ତଳେ । ଗୋଟାଏ ଲୋକ ଉପରେ ଆଧିପତ୍ୟ କରିବାରେ, ଗୋଟାଏ ଲୋକର ଭାଗ୍ୟଡୋରି ନିଜ ହାତରେ ରଖି ଯେତେବେଳେ ଇଚ୍ଛା ସେତେବେଳେ ଯାହାକୁ ଇଚ୍ଛା ତାହାକୁ ଯେଉଁ ଆଡ଼କୁ ଇଚ୍ଛା ସେ ଆଡ଼କୁ ଚଳାଇ ପାରିବାରେ ଯେ ପରମ ପୁରୁଷାର୍ଥ ରହିଛି; ନିଜକୁ ହଜାର

ହଜାର ଟଙ୍କାର,ବଡ଼ବଡ଼ ସମ୍ପତ୍ତିର ମାଲିକ ମନେ କରି ଗର୍ବିତାରେ ଯେ ଜୀବନ ଧନ୍ୟ ଭାବନ୍ତି, ଏ କଥା ସେ ବସିବାର ଭଙ୍ଗୀରେ ଅନୁଭବ କରୁଥିଲେ । କୃଷ୍ଣଚନ୍ଦ୍ରଙ୍କ ବାପା ଶୁଣ ଦେଖନ୍ତି, ଧାନ ଶୁଖାଇ ଓଡ଼ ଗୁଡ଼ିଏ ବିକି ବା ଖଇତ ଯୋଗାନ୍ତି । ଏ କଥା ସେ ଅତି ଗଭୀର ଭାବରେ ଅନୁଭବ କରେ— ଦେଖେ ତାର ଷଡ଼ଯୋଧ ଲୁହେ ନଡ଼ ଖରକୁ ଡାକି ସେ ଅଧିକ ମଜୁରୀ ମଧ୍ୟ ସଂଗ୍ରହ କରି ରଖେ—ଆଉ ତାଙ୍କୁ ହିଁ ସର୍ବଶାଠିଙ୍କ ଉପରେ କରିଲ ଦେଇ ଜଳକୁ ଯୋଗାଏ ଚଳ୍ପ୍ରେତ ମହାଜନ ବୋଲି ଜଗତରେ ପ୍ରଚୁର କରଥାଏ । ସ୍କୁଲର ସଂସ୍କୃତ ମାଷ୍ଟର ଥିଲେ ଭଥାକଥିତ ବୈଷ୍ଣବ ଶ୍ରୀଚର; ସେଇଁ-ମାନଙ୍କ ଉପରେ ଶିଏ ଦୁଇ ଶିଷ ଦୁଷଣୀମାତା ଥାଏ, ତାଙ୍କୁ ସେ ଯାଇ ଦସ୍ୱଦ୍ତେବା ଦ୍ୱାରା ଚୈତନ୍ୟ-ଧର୍ମ ପ୍ରଚାର କରିବାର ଅନୁମୋଦ ଲାଭ କରୁଥିଲେ । ତାଙ୍କୁ ଦେଖା ପାଇଁ କୃଷ୍ଣଙ୍କର ମାତା-ପିତାର ଆଶ୍ରୟ ନେଉଥିଲ । ସେଥି ବଳୁ ସେ ଦେଖିଛି, ଏ ଦେଶରେ ଲୋକ ଶ୍ରଦ୍ଧା—ଏ ଦେଶ ଧର୍ମର ଆଚରଣ କରେ ମିଥ୍ୟା,ପ୍ରବଞ୍ଚନା, ହୃଦଣତା—ଏଥିର ଓ ଜଗନ୍ୟ ସ୍ୱାର୍ଥପର ତାଙ୍କୁ ଯୋଡ଼ାଇ ଦେଇ ସେଙ୍-ଟାକୁ ସବୁବେଳେ ଧାର୍ମିକ ବୋଲି ଭାବୁଥାଏ । ତାଙ୍କୁ ହିଁ ଆଶ୍ରୟ କରି ସଂସାର କ୍ଷେତ୍ରରେ ମଧ୍ୟ ସେ ତାଙ୍କର ଅରବାଞ୍ଛିତ କାମନା ପୂରଣ କରିବା ଜଗରେ ପଦେ ପଦେ ବୁଲିଛନ୍ତି ।

ସ୍ନାତାବସ୍ଥାରେ ପ୍ରଦ୍ୟୋତ ସମ୍ପୂର୍ଣ୍ଣ ଭାବ ପାଇଛନ୍ତି । ପ୍ରଦ୍ୟୋତ ଦୁଇ ହାତରେ ପଇସା ଉଡ଼ାଏ । ବଡ଼ଲୋକର ପିଲା; ସେଥିରେ ତାର ଅଭାବ ନାହିଁ । ପ୍ରଦ୍ୟୋତ ଜଳକୁ ବୁଝ ପରକୁ ସାହାଯ୍ୟ କରିବା ପାଇଁ ସବୁବେଳେ ଧାଇଁଯାଏ; ଏଇଟା ତାର ସ୍ୱଭାବ; କିନ୍ତୁ ଅନେକ ସମୟରେ ସେ କୃଷ୍ଣଚନ୍ଦ୍ରର ସ୍ୱାର୍ଥପରତା, ଭଣ୍ଡାମୀକୁ ଧରି ବ୍ୟଙ୍ଗ କରେ, ତାର ମାତାଲପଣ, ଚୈତନ୍ୟ ଭକ୍ତିକୁ ଥଟ୍ଟା କରି ତାକୁ ହାସ୍ୟାସ୍ପଦ କରେ । ଫଳ ଏଇଆ ହିଁ ହେଲ ଯେ, କୃଷ୍ଣଙ୍କର କୌଣସି କଥା ପ୍ରଦ୍ୟୋତର କୌଣସି କଥା ବା କାମକୁ ବଡ଼ ଭଲ ଦୃଷ୍ଟିରେ ଅନ୍ୟ ଲୋକରେ ଦେଖିପାରେ ନାହିଁ; ପ୍ରଦ୍ୟୋତ କରୁଥିବା ଧାର୍ମିକ ପ୍ରଦୀପକ ମତ

ବ୍ୟକ୍ତ କରିବାର କୌଣସି ସୁବିଧା ବା ସୁଯୋଗ ଯୁଟେ ନାହିଁ । ଦୁହିଙ୍କର ଘର ମଧ୍ୟ ପାଖାପାଖି ଦୁଇଟି ଗାଁରେ । ସହରରେ ଯୋଡାଏ ସାହିର ଅଳ୍ପ ବ୍ୟବଧାନ ଭିତରେ ଦୁହିଙ୍କ ନାଗରିକ ବାସସ୍ଥାନ ହୋଇଥିଲେ ବିଶେଷ କିଛି ଯାଏ ଆସେ ନ ଥିଲା—ବରଂ ସେଥିରେ କୃଷ୍ଣଙ୍କରର ବହୁତ ସୁବିଧା ହୋଇ ଥାଆନ୍ତା; କିନ୍ତୁ ତା ପକ୍ଷରେ ବଡ଼ମୁସ୍କିଲ ଅସୁବିଧା ଏଇଟି ଯେ, କୃଷ୍ଣଙ୍କର ପ୍ରକୋଷ୍ଠର ସଜା । ପ୍ରକୋଷ୍ଠ ଯେଉଁ ବାଟ ଧରିଛି, ସେଥିରେ ଜଣେ ନା ଜଣେ—କୁଏ କ ବର୍ଷ କେତେଟା ଭିତରେ—ତାକୁ ଜମିଦାରୀ ବନ୍ଦୀ କରିବାକୁ ହେବ, କୃଷ୍ଣଙ୍କର ତାକୁ ଜଣିବ ଏ ଉଦ୍ଦେଶ୍ୟ ଧରି ସେ ପ୍ରକୋଷ୍ଠର ସବୁ ଗଣତନ୍ତ୍ର ଲକ୍ଷ୍ୟ କରୁଛି । ଏହା ହିଁ ତା ପକ୍ଷରେ ଅନ୍ତତଃ ବର୍ତ୍ତମାନ ପାଇଁ ଚରମ ଅସ୍ୱାସନା ।

ହୁଁ, ସେ ଜନ କଥା । କଲଚ ଘରେ ମହୁରିମାନେ ଆସି ବସି-ଥିଲେ । ମୋହନ୍ତର ଦୁଇ ଆଣ୍ଠୁ ଉପରେ କାଗଜ ରଖି ଲମ୍ବନ ଅଙ୍କୁଠରେ ଲେଖିବାରେ ବ୍ୟସ୍ତ ।

'କୃଷ୍ଣଚୈତନ୍ୟ, କୃଷ୍ଣଚୈତନ୍ୟ' ଉଚ୍ଚାରଣ କରି କୃଷ୍ଣଙ୍କର ବାବୁ କଚେରି ଘରେ ପ୍ରବେଶ କରି ଟେବୁଲ ପାଖରେ ଥିବା ଖଣ୍ଡେ ଚୌକିରେ ଆସନ ଗ୍ରହଣ କଲେ । ସେତେବେଳକୁ ମହୁରିମାନେ ଯଥାବିଧି ନମସ୍କାର କରି ସାରିଥିଲେ ।

ମୋହନ୍ତର ଖଣ୍ଡାଏ କାଗଜ ଧରି ତାଙ୍କ ପାଖକୁ ଆସି କହିଲା, 'ବରକତ୍ ପଧାନର ଯୋଡ଼ାଏ ପାର୍ଟିସନ୍ ମକଦ୍ଦମା ଦାଏର ହେବ । ସୁନ୍ଦୁସ୍ ସଧାନର ତିନି ପୁଅ—ଗୋଖେଇ, ଶଙ୍କର ଆଉ ବରକୁ । ବଡ଼ ଦୁଇ ଭାଇ ବରକୁ ଉପରେ......'

ଓଁକାର ବାବୁ କହିଲେ, 'ସଲାମୀ ? ସଲାମୀଟା ଆଗ !'

ମୋହନ୍ତର ଉଠି ବରକୁକୁ ଇଙ୍ଗିତ କଲା । ବରକୁ ଖଣ୍ଡେ ଟଙ୍କାକିଆ ନୋଟ ଓଁକାରବାବୁଙ୍କ ଆଗ ଟେବୁଲ ଉପରେ ରଖି ଦେଇ ଛିଡ଼ା ହେଲା ।

Digitized by srujanika@gmail.com

—'କୃଷ୍ଣଚୈତନ୍ୟ ! କୃଷ୍ଣ ଚୈତନ୍ୟ ! ଏ କଅଣ ? ହୋ ହାଏ !'

ତା ପରେ ଓଭର ବାବୁ ମୋହନ୍ସରଙ୍କୁ କହିଲେ, 'ହୁଜୁ ! ଯାହା ସେଇ ୩୭୨ ଦଫା ଫୌଜଦାରୀର ଚାର୍ଜ ଅଛି, ସେ କଥିହା ତାହାର ତର ! ରତତ୍ ପ୍ରଧାନ ମକଦ୍ଦମା କରିବାକୁ ଆସି ନାହିଁ — କଉଶ୍ୱ ଦେଖିବାକୁ ଆସିଛି !'

ମୋହନ୍ସର ତରତ୍ରୁ ପ୍ରଧାନ ପାଡ଼କୁ ସନ୍ଦେହ ଉର ବେକୁତ ମୁଖ-ଭଙ୍ଗି କଲା । ସେ ହବାଲତ ନୋଟ ଉପରେ ଆଉ ଖଣ୍ଡେ ଦୁଇ ଟଙ୍କିଆ ନୋଟ ରଖି ଦେଲା ।

ଓଭର ବାବୁ ନୋଟ ଉପରେ ଖାଲି ଚଷମା ଖୋଲିଆଏ ରଖି-ଦେଇ ତରତ୍ ପ୍ରଧାନକୁ କହିଲେ, 'କୃଷ୍ଣଚୈତନ୍ୟ ! କୃଷ୍ଣଚୈତନ୍ୟ ! ତମେ ଗୋଟାଏ ସାଟିଫିକେଟ ମକଦ୍ଦମା କରିବ କଅଣ ? ମୋ ପାଖରେ ଏପରି ସାନ ସାନ ମକଦ୍ଦମା ହୁଏ ନାହିଁ । ତୁମର ବଡ଼ ଦୁଇ ସବ ତୁମଠୁ ସାନଙ୍କୁ ଟଙ୍କା ନେଇ ମୌଖିକରେ ସମ୍ଭାବ୍ୟ ସଂଗ୍ରହ ଦେଇଛନ୍ତି, ଏ କଥା ତମ ଗାଁର ଦୁଇଜଣ ଲୋକ କହି ପାରିବେ ?'

—'ହଜୁର ହଁ, ଦୁଇଜଣ କାହିଁକି ପାଞ୍ଚଜଣ ଲୋକ ମୋ ସପକ୍ଷରେ କହିବେ ?'

—'ତେବେ ଆଉ ଚିନ୍ତା କଅଣ ? ଗୋଟାଏ ସତ୍ୟ ଅଭିଯୋଗ ମକଦ୍ଦମା ଦାଏର କରିଦିଅ । ଏଣ ସବୁ ସମ୍ପତ୍ତିର ତୁମେ ମାଲିକ ଦଖଲକାର ହେବ । ମୋହନ୍ସର ବାବୁ, ଏହି ମର୍ମରେ ଅର୍ଜି ଲେଖି ଦିଅ । କୃଷ୍ଣଚୈତନ୍ୟ ! କୃଷ୍ଣ ଚୈତନ୍ୟ !'

ଦୁଇ

—'ହେଲା ନାହିଁ ! ନା—ହେଲା ନାହିଁ ! ଆଉ ଥରେ ! …'

ପ୍ରଦୋଷ ଶୀତର ପରଦା ଉପରେ ବସି ଚୁମ୍ବୁଥିବା ଚନ୍ଦ୍ର ତାର ଆଙ୍ଗୁଳିକୁ ଲକ୍ଷ୍ୟ କରି ଧୀରେ ଧୀରେ ତାଳ ଦେବାରେ ଲାଗିଲା ।

—'ରହ !'

Digitized by srujanika@gmail.com

ସୀତାରର ସ୍ପନ୍ଦନ ବନ୍ଦ ହୋଇଗଲା ।

—'ପୁଣି ସେଇଆ, ପୁଣି ସେଇ ମୁଦ୍ରାଦୋଷ !' ଖଣ୍ଡେ ଦୂରରେ ବସିଥିବା ବୁଢ଼ୀ ଆଡ଼କୁ ଚାହିଁ କହିଲା, 'ଚନ୍ଦ୍ରୀର କିଛି ହେବ ନାହିଁ, ମାଉସୀ; ଲୁଚା ଚୋରି କରିବା ଛଡ଼ା ଏହାର ଅଙ୍ଗୁଳି ଆଉ କୌଣସି କାମରେ ଲାଗିବ ନାହିଁ !'

ମାଉସୀ ହସିଲେ ମାତ୍ର ।

ଭୁବନ ତବଲାରେ ଠେକା ଦେଉଥିଲା । ସୀତାର ବନ୍ଦ ହେବା ସଙ୍ଗେ ସଙ୍ଗେ ତାର ହାତ ମଧ୍ୟ ବନ୍ଦ ହୋଇଥିଲା; ପୁଣି ଆରମ୍ଭ ହେବା ଆଶାରେ ସେ ବାୟାଁ ଓ ତବଲା ଉପରେ ସେହିପରି ହାତ ରଖିଥିଲା ।

ପ୍ରଦୋଷ କଥାରେ ସେ ବାଦ୍ୟଯନ୍ତ୍ର ଦୁଇଟିକୁ ଟିକିଏ ଦୂରକୁ ଘୁଞ୍ଚାଇ ଦେଇ କହିଲା, 'ମୋର ମଧ୍ୟ ହେଲା ନାହିଁ । ଆଜି ଏତିକିରେ ଅଧ୍ୟାୟ ସମାପ୍ତ ହେଉ ।'

ପ୍ରଦୋଷ କହିଲା, 'ନା, ଭୁଲୁ । ଏହା ପୂର୍ବେ ଓସ୍ତାଦଙ୍କ ଠାରୁ ଚନ୍ଦ୍ରୀ ଯେଉଁ ଦୁଇଖଣ୍ଡ ଗତ୍ ଶିଖିଥିଲା, ସେତକ ଦେଖି ନେବା ।'

ସୀତାର ବାଜି ଉଠିଲା ତାଳେ ତାଳେ; ଭୁବନ ହାତରେ ବାୟାଁତବଲା ମଧ୍ୟ ଅପୂର୍ବ ନାଦ ବିସ୍ତାରଣ କରିବାରେ ଲାଗିଲା । ପ୍ରଦୋଷ ଏକଧ୍ୟାନରେ ଶୁଣି ଯାଉଥିଲା ।

ସ୍ୱରଲହରୀ ବନ୍ଦ ହେବା ସଙ୍ଗେ ସଙ୍ଗେ ପ୍ରଦୋଷ କହି ଉଠିଲା, 'ସବାସ୍ ଚନ୍ଦ୍ରୀ, ସବାସ୍ ! ଏମିତି ନ ଶିଖିଲେ କିଛି ଶିଖା ହେବ ନାହିଁ ତୋ ଭାସ୍ତ !'

ଭୁବନ କହିଲା, 'ଠିକ୍ !'

ଚନ୍ଦ୍ରା ତଳକୁ ଚାହିଁ ହସିଲା ।

—'ସାବାସୀ ମିଳିବାରୁ ହସ ହେଉଛି, ନା ? ଅଚ୍ଛା, ପଢ଼ାପଢ଼ିଟା କେମିତି ହେଉଛି ତାହା ବି ଟିକିଏ ଦେଖି ଯିବା ! ଆଣ ତ ତୋର ବହିପତ୍ର' ପ୍ରଦୋଷ କହିଲା ।

ଚନ୍ଦ୍ରା କହିଲା, 'କି ବହି ଆଣିବ ?'

Digitized by srujanika@gmail.com

—'ସଂସ୍କୃତ, ଅଙ୍କ, ଇତିହାସ, ଭୂଗୋଳ—ସବୁ !'

—'ଏତେ ବହିର ପଢ଼ା ତପଣ ଏଡ଼ା ସାଙ୍ଗରେ କେବେ ? ବହୁତ କଷ୍ଟ ହେବ !'

ମାଉସୀ କହିଲେ, 'ସତ ରେ ପୁଅ, ବହୁତ କଷ୍ଟ ହେବ । ମୋ ଠାକୁର କପଣ ସେତେବେଳ ପ୍ରାଏ ଉପାସ ବସିଥିବେ ?'

ଭୁବନ ହସି ହସି କହିଲା, 'ତମ ଠାକୁରଙ୍କ ପେଟ ଖସ୍ତ ହୋଇଥିବ ମାଉସୀ; କିନ୍ତୁ ଉପାସ ପରେ ତାଙ୍କ ପେଟର ଗୋଳ-ମାଳଟା ଧରି ପିବ !'

ପ୍ରବୋଧ ଗମ୍ଭୀର ସ୍ୱରରେ କହିଲା, 'ମାଉସୀଙ୍କ ବିଶ୍ୱାସକୁ ନେଇ ଥଟ୍ଟା କରିବା ଠିକ୍ ନୁହେଁ, ଭୁବନ । ମାଆକୁ ମାଆ ପରି ଦେଖିବା ଉଚିତ !'

ଚନ୍ଦ୍ରା ଜାଣେ, ପ୍ରବୋଧ ଜଣେ ଦେବତା, ଠାକୁର ଠାକୁରାଣୀ, ଏପରି କି ଈଶ୍ୱରଙ୍କ ଅସ୍ତିତ୍ୱରେ ମଧ୍ୟ ବିଶ୍ୱାସ କରେ ନା । ସେ ପ୍ରବୋଧର ଏକଥା ଭଲ ବୁଝି ପାରିଲା ନାହିଁ—ତା ଅଡ଼କୁ ଚାହିଁ ରହିଲା ।

ପ୍ରବୋଧ କହିଲା, 'ତୁ ଏ ସବୁ ବୁଝିବାର ଚେଷ୍ଟା କର ନାହିଁ, ଚନ୍ଦ୍ର ! ତୁ ମୋର ସ୍ୱପ୍ନ ରାଜଣୀ । ତୁ ପଦ୍ମ, ତୁ ଶିଶ, ତୁ ମଣିଷ ରୂପ । ତୁ ହଜାର ହଜାର ଲୋକ ଭିତରେ ମୁଣ୍ଡ ଟେକ ଚାଲ । ମୁଁ ମାତାଲ, ମୁଁ ମଦୁଆ—ଲୋକେ ମୋତେ ଘୃଣା କରନ୍ତୁ । ତୋତେ ମୁଁ ଦେଖାଇ ମୁଁ ଗର୍ବ ଅନୁଭବ କରିବ; ସମାଜ ଭିତରେ ତୋର ଉନ୍ନତ ମସ୍ତକ ଦେଖି ମୁଁ ଶାନ୍ତି ପାଇବ !'

ଚନ୍ଦ୍ରା ଭଲ ବୁଝିଲା କି ନା ଏକଥାର ମର୍ମ, ତାହା ଅଲଗା; କିନ୍ତୁ ଦେଖାଗଲା ତା ମୁହଁର ଭାବ ଚକ୍ଷୁ ଉପରେ ଗୁଡ଼ାଏ ଅପ୍ରତ୍ୟାଶିତ ବାଷ୍ପ ଉଚ୍ଛୁଳିଲା ।

ମାଉସୀ ଉଠିଗଲେ; ପ୍ରବୋଧ କହିଲା, 'ଆମେ ମଧ୍ୟ ଉଠୁଛୁ, ମାଉସୀ !'

Digitized by srujanika@gmail.com

ପ୍ରଦୋଷ ଓ ଭୁବନ ଦୁହେଁ ଉଠିଲେ; ତଳେ ମୁଣ୍ଡ ଲଗାଇ ଚନ୍ଦ୍ରିକା ଦୁହିଙ୍କୁ ନମସ୍କାର କଲା ।

ପ୍ରଦୋଷ କହି ଉଠିଲ, 'ଆରେ ଏ ପ୍ରାପ୍ୟଟା ଯେ କେବଳ ଭୁବନର । ସେ ତୋର ଏତ ପ୍ରଭାର ଓସ୍ତାଦ ତ ନା, ତାକୁ ଏସବୁ ସହି ଯିବ । ମୁଁ ବସ୍ତୁତ ଜ ସାଧାରଣ ବଡ଼ ଭାଇ; ନିତ ଘଣ୍ଟବେଳେ ଏପରି ମୂର୍ତ୍ତିଅ ପାଇଲେ ଯେ ମୋ ଉପରେ ଅଭିଶାପ ପଡ଼ିବ, ସେ ଅଭିଶାପ ଫଳରେ ଯେ ଆମେ ଭାଇ ଭଉଣୀ ଦୁଇଟା କ୍ରମେ କ୍ରମେ ଛଡ଼ାଛଡ଼ି ହୋଇଯିବୁ ।'

ଚନ୍ଦ୍ରିକା ହସି ପକାଇ କହିଲା, 'ବାବୁଙ୍କର…।'

ପ୍ରଦୋଷ ଗମ୍ଭୀର ସ୍ୱରରେ କହିଲା, 'ବାବୁ କିଏ? ନା, ଭାଇ ଛଡ଼ା ମୁଁ କିଛି ନୁହେଁ, କିଛି ହେବାକୁ ଚାହେଁ ନା, ଚନ୍ଦ୍ର !'

ଛାଲୁଆ ସ୍ୱରରେ ପୁଣି କହିଲା, 'ତୋର କେବେ କେହି ବଡ଼ ଭାଇ ନ ଥିଲେ ଚନ୍ଦ୍ର ?…'

କଥାଟା କହି ଦେଇ ପ୍ରଦୋଷ ହଠାତ୍ ଅଟକି ଗଲା । ଚନ୍ଦ୍ରିକାର ବର୍ତ୍ତମାନ୍ ଜୀବନ ପଛରେ ଯେ ଗୋଟିଏ ବିଷାଦପୂର୍ଣ୍ଣ ଇତିହାସ ଅଛି, ତାହା ସେ ବରାବର ଅନୁଭବ କରେ; କିନ୍ତୁ ତାହା ଜାଣିବାର ସାହସ କୌଣସି ଦିନ ତାର ନ ଥିଲା । ସେ ବରାବର ଅନୁଭବ କରେ, ଚନ୍ଦ୍ରିକାର ଜୀବନର ଗୋପନ-କାହାଣୀଗୁଡ଼ିକ ସେହି ବିଷାଦପୂର୍ଣ୍ଣ ରାଗିଣୀର ସ୍ୱରରେ ବନ୍ଧା । ଅପ୍ରତ୍ୟାଶିତ ଭାବରେ ସେଥିରେ ଆଘାତ କରି ସେ ବିବ୍ରତ ହୋଇ ପଡ଼ିଲା ।

ଚନ୍ଦ୍ରିକାର ଉଜ୍ଜ୍ୱଳ ଆନନରେ ମଧ୍ୟ ଛାଲୁଆ ମେଘର ଅସ୍ପଷ୍ଟ ପରଦା ପରି ଗୋଟାଏ କାଳିମା ଖେଳିଗଲା ମୁହୂର୍ତ୍ତକ ପାଇଁ ।

କଥାଟାକୁ ଫେରାଇ ନେବାର ଆବେଗପୂର୍ଣ୍ଣ ଚେଷ୍ଟା କରି ସେ କହିଲା, 'ଦେଖ ଚନ୍ଦ୍ର, ମୁଁ ତୋର ଭାଇ ତ ନା, ତୁ ଠିକ୍ ଭାଇ ପରି ମୋତେ ନ ଦେଖିଲେ ମୋ ମନରେ ଭାରି କଷ୍ଟ ହେବ । ମୁଁ ଆଉ ତମ ଘରକୁ ଆସିବ ନାହିଁ ।'

Digitized by srujanika@gmail.com

ମାଳତୀ ତାଙ୍କ ତନ୍ମୟତାକୁ ଲକ୍ଷ୍ୟ କରୁଥିଲେ; ପ୍ରଦୋଷ ବାଧା ଦେଇ କହିଲେ, 'ନା, ମାଳତୀ, ମୁଁ ତମଠୁଁ ବଡ଼ ସୁଖିତ ନାହିଁ। ଯମ ସ୍ୱର ଏକଶୀବର ତତ, ତା ମନର ଭିତରେ ଥାଏ।'

ପ୍ରଦୋଷ ଓ ବୃତନ ଗଳ୍ପ ସ୍ୱରରଲେ।

ମାଳତୀ ଏତକୁ ତତ୍ତ୍ୱ ବୁଝି ପାରିଲେ ନାହିଁ। ଏଥି ହିଁ ସ୍ୱାଭାବ। ତାଙ୍କ ନିଜ ସ୍ୱତରେ ଜୀବନର ଅଧିକାଂଶ ସମୟ କଟାଇ ସେ ଅଭିଜ୍ଞତା ସେ ଅର୍ଜନ କରିଥିଲେ, ଏଥିର ସୌନ୍ଦର୍ଯ୍ୟ ଅଂଶ ତ ତା ସହିତ ଖାପ ଖାଏ ନାହିଁ। ସେ ଜାଣନ୍ତି, ଜନ୍ମଦେବର ପିତାମାନେ, ଜନ୍ମଦେବମାନେ ସେମାନଙ୍କ ଘରକୁ ଅସନ୍ତ ଅଭାବ-ଦାରିଦ୍ର୍ୟର ସ୍ରୋତରେ ଭସି ବୁଲନ୍ତି। ମନୁଷ୍ୟର ସ୍ୱଭାବର ଅଣ୍ଡ ତର୍ଜନ, ଗର୍ଜନ, ପାଶବତ ଦଗ୍ଧ ସହିତ ଅଭାବନ ପରିଚିତ ହୋଇ ମନୁଷ୍ୟ ଭିତରେ ଯେ କୌଣସି ଉଚ୍ଚତ, ଉଦାର, କୋମଳ ପ୍ରବୃତ୍ତି ଥାଇ ପାରେ, ତାହା ସେ ଭୁଲି ଯାଉଥିଲେ। ଉଦାର ବୃତ୍ତିରେ ପ୍ରଦୋଷର ସ୍ୱଭାବକୁ ସେ ସେହି ଦୃଷ୍ଟିରେ ହିଁ ଦେଖୁଥିଲେ।

ଚନ୍ଦ୍ରିକା ଯେ କେଉଁ ଘର ଝିଅ, ତାର ଖବର ସେ ରଖି ନ ଥିଲେ; କିନ୍ତୁ ବୋଉଏ ଥରେ ୧୦ ବର୍ଷ ଭିତରେ ଦେଖି ତାଙ୍କ ଜୀବନର ଶ୍ରେଷ୍ଠ ସମ୍ବଳ, ଜୀବନ ଅର୍ଜନର ଶ୍ରେଷ୍ଠ ଉପାୟ ବୋଲି ସେ ଅତି ଯତ୍ନରେ ଚଳାଇଲେ। ଯଥେଷ୍ଟ ଶ୍ରେଣୀରେ ଚନ୍ଦ୍ରିକାର ମୂଲ୍ୟ ଯେ ଖୁବ୍ ବେଶୀ, ଏକଥା ସେ ଖୁବ୍ ଭଲରୂପେ ବୁଝୁଥିଲେ; କାରଣ ଯେଉଁ ରୂପର କଣା-କଡ଼ା ନେଇ ସେମାନଙ୍କର ବ୍ୟବସାୟ, ଚନ୍ଦ୍ରିକାଠାରେ ତାହା ଅତି ଅସାଧାରଣ ରୂପେ ବେଶୀ ଥିଲା।

ସେଥିପାଇଁ ପ୍ରଦୋଷ ଯେତେବେଳେ ସେମାନଙ୍କ ଘରେ ଆସି ଉପସ୍ଥିତ ହେଲା, ସେତେବେଳେ ଯୋଡ଼ାଏ ଖୁବ୍ ବଡ଼ ମାଛ ଟୋପ ଗିଳିଲେ ବନ୍ଶୀବାଲାର ମନ ଯେପରି ଆନନ୍ଦରେ ନାଚି ଉଠେ, ମାଳତୀର ମନ ସେହିପରି ନାଚି ଉଠିଥିଲା, କିନ୍ତୁ ଚନ୍ଦ୍ରିକା ପ୍ରତି ଓ

ତାହା ସବୁ ପ୍ରଦୋଷର ଯେପରି ବ୍ୟବହାର ସେ ମୁଦଙ୍କୁ ଲକ୍ଷ୍ୟ କଲେ, ସେଥିରୁ ସେ କିଛି ବୁଝି ପାରିଲେ ନାହିଁ । ପ୍ରଥମରୁ ହିଁ ପ୍ରଦୋଷ ଚନ୍ଦ୍ରିକାକୁ ଭଉଣୀ ବୋଲି ଧରି ନେଇ; ମାଉସୀ ଉପସ୍ଥିତ ନ ଥିବା ସମୟରେ ସେ ଚନ୍ଦ୍ରିକା ସହିତ ଦେଖା କରିବ ନାହିଁ ବୋଲି ପ୍ରକାଶ କଲା । ସେ ମଦ ପିଏ ବୋଲି ନିଜେ କହେ; କିନ୍ତୁ କୌଣସି ଦିନ ତାଙ୍କ ଘରକୁ ସେ ମଦ ଆଣାଏ ନାହିଁ ବା ନିଜେ ମାତାଲ ଅବସ୍ଥାରେ ଆସେ ନାହିଁ । ପ୍ରଦୋଷ ଚନ୍ଦ୍ରିକାର ପାଠ ପଢ଼ା ପାଇଁ ଜଣେ ମାଷ୍ଟର, ସଙ୍ଗୀତ ଶିଖିବା ପାଇଁ ଜଣେ ଓସ୍ତାଦ୍ ନିଯୁକ୍ତ କରିଦେଇ । ଏ ସବୁରୁ ସେ ଚନ୍ଦ୍ରିକା କପରି ଭାବରେ ଗ୍ରହଣ କରୁଛି, ତାହା ପରିବାର କୌଣସି କାରଣ ବୁଢ଼ୀ କୌଣସି ଦିନ ଦେଖି ନାହିଁ; କିନ୍ତୁ ପ୍ରଦୋଷ ସେମାନଙ୍କର କୌଣସି ଅଭାବ ରଖି ନାହିଁ, ସେ କୌଣସି ଅବସ୍ଥାରେ କୌଣସି ଦିନ କୌଣସି ବିଷୟରେ କାର୍ପଣ୍ୟ କରି ନାହିଁ, ଏଥିରେ ମାଉସୀ ଏକାନ୍ତ ସନ୍ତୁଷ୍ଟ । ସେ ନିଜକୁ ନିଜେ ବୁଝାଇ ନେଲେ, 'ହଁ, ବଡ଼ଲୋକ ପିଲା ତ ! ଏ ଗୋଟାଏ ଢଙ୍ଗ । ଭଗସିବ—ଦୁନିଆରେ ଯାହା ହୁଏ ପୁଣି ତାହାହିଁ ହେବ ।'

ବୁଢ଼ୀ ସେଇ ସମୟକୁ ଅପେକ୍ଷା କରି ରହିଲା ।

ଠାକୁର ଘରେ ବସି ବୁଢ଼ୀ ଚନ୍ଦ୍ରିକାକୁ ଡାକିଲା ।

ସେ ସେତେବେଳେ ଗୋଟାଏ ଟେବୁଲ ପାଖରେ ବସି ଖୁବ ମନଧ୍ୟାନ ଦେଇ ଖଣ୍ଡେ ଇଂରାଜୀ ବହି ପଢ଼ୁଥିଲା । ବୁଢ଼ୀର ଡାକରେ ଟିକିଏ ବିରକ୍ତ ହୋଇ କହିଲା 'କାହିଁକି ଡାକୁଛ ମାଉସୀ ?'

ମାଉସୀ ମଧ୍ୟ ବିରକ୍ତ ହୋଇପଡ଼ି କହିଲେ, 'ଇଲ ଟୋକାଟ ଇଏ ! ମୁଁ ତୋ ଭଲକୁ ଡାକୁଛି, ତୁ ବୁଝୁ ନାହୁଁ !'

ଚନ୍ଦ୍ରିକା ଜାଣେ, ଏ ଭଲ ଅର୍ଥ କଅଣ । ବୁଢ଼ୀଠାରୁ ଅନେକ ଥର ସେ ଏଇ କଥା ଶୁଣିଛି ଆଉ ବିରକ୍ତ ହୋଇଛି; କିନ୍ତୁ ବିରକ୍ତ ହୋଇ ଲାଭ ନାହିଁ; ତାର ଭିତରର ଅର୍ଥ ମଧ୍ୟ ବୁଢ଼ୀ ବୁଝିବ ନାହିଁ । ତା କଥା ଶୁଣି ଚୁପ୍ ହୋଇ ରହିଯିବା ଛଡ଼ା ଅନ୍ୟ ଉପାୟ ବାଟ ନାହିଁ ।

Digitized by srujanika@gmail.com

ବାଧ୍ୟତାର ଅତର୍କରେ ଥାଇ ହୋଇ ସେ ବୁଢ଼ୀ ପାଖକୁ ଗଲା; ଠାକୁର ଘର ଦ୍ୱାର ମୁହଁରେ ଛିଡ଼ା ହୋଇ କହିଲା, 'କଅଣ କହୁ !'

'ତୁ ଟିକିଏ ବସ୍ ! ଏ ଛୋଟକି ଗୀତ ବାଜଣ ଶିଖିବା ଭଲ ନୁହେଁ, ବୁଝିଲୁ । ଆମ ବେଉସା ହେଉଛି ମନ କିଣିବା, ମନ କିଣିଲେ ତାକୁ ଧରି ରଖିବା । ତୁ ଭାବୁଛୁ, ଛୋଟକିରେ ମନ ଦେଲେ ତା ଭଲ ଗୀତ ବାଜଣ ଶିଖିଲେ ବାବୁଙ୍କ ମନ ଚୋଟି ଲାଗି ରହିବ ? ସେ କଥା ନୁହେଁ । ତୁ ଭଲ ଶିଖିବୁ ବୋଲି ସେ ତୋ ପାଇଁ ମାସକୁ ଶହ ଶହ ଟଙ୍କା ଖରଚ କରୁ ନାହିଁ, ଯେତେବେଳେ ତାର ଯେପରି ଇଚ୍ଛା ହେବ, ସେପରି ଲୁଗା ଗଣ୍ଡା, ଆଉ ଅଳଙ୍କାର କିଣି ଦେଉ ନାହିଁ ! ତୁ ଭଲ ଗୀତ ଗାଇଲେ ବା ସଙ୍ଗୀତରେ ବଡ଼ ବାଇଜିମାନଙ୍କର ନାକ କାଟି ଦେଲେ ତାର ଲାଭ କଅଣ ? ତାର ଦରକାର, ତୋର ରୂପ । ତୋ ରୂପ ପାଇଁ ସେ ଏତେ ଖରଚ କରୁଛି । ଏଣିକି ଭଲ କରି ବୁଝି ରଖ । ତୋ ରୂପ ଯଦି ତା ଦରକାରରେ ନ ଲାଗିଲା ତେବେ ଅଇଁଠା ପତ୍ର ପରି ତୋତେ ଦାଣ୍ଡେ ସେ ଫିଙ୍ଗି ଦେଇଯିବେ ।'

ଏତକ କହି ବୁଢ଼ୀ ଚନ୍ଦ୍ରା ମୁହଁକୁ ଚାହିଁଲା ।

ଚନ୍ଦ୍ରା ବାଧ୍ୟ ହୋଇ ଶୁଣିଲା ପରେ ଏ କଥାସବୁକୁ ଶୁଣି ସାରିଥିଲା, କହିଲା, 'ହୁଁ !'

—'ସେ ତୋଠାରୁ ଅଲଗା ଅଲଗା ହୋଇ ରହୁଛି, ତୋତେ ଲକ୍ଷଣୀ ବୋଲି ଭାବୁଛି—ଏ ସବୁ ଆଉ ଭଲ କଥା ନୁହେଁ । ଦେଖିବୁନା ତେଣିକି ତା ମନ ଲୁଚିଯିବ । ସେଥିରୁ ତୋ ସୁଖ ସ୍ୱପ୍ନ ସବୁ ସରି ଯିବ । ଏ ସବୁ ଏ ବୟସ କଥା । ଆମ ବେଉସା, ମନର ସଉଦା—ମନ ଲୁଟିଲେ ଟଙ୍କା; ପୁଣି ବାଉଳଣ ପର ବୁଝାରେ ଛିଡ଼ା ହେବାକୁ ପଡ଼େ । ସେଥିପାଇଁ କହୁଛି, ବାବୁଙ୍କ ମନ ଯେପରି ତୋଠାରେ ଲାଗେ, ସେ ଯାହାକୁ ଟିକିଏ ନଜର ଦେ, ସେ ଅତିକି ଟିକିଏ ବୁଝିବା । ବଡ଼ଲୋକ ପିଲା, ଆଜି ତୋ ପରି [illegible] ତୋତେ ତା ପରି ଲୋକ ମିଳିବ ? ଟିକିଏ ବୁଦ୍ଧି ତାଙ୍କ ସଙ୍ଗରେ କଥାବାର୍ତ୍ତା ହୁଅ । ଶୁଣୁଛ ପରା...'

Digitized by srujanika@gmail.com

ଚନ୍ଦ୍ରାର ମୁଣ୍ଡ ଭିତରେ କ୍ରୋଧର ପୋକଟାଏ ଜଣା ଖେଳ-ବୁଲିଲା; ସେ କହିଲା, 'ସେ ସବୁ ମୋ ଦ୍ୱାରା ହେବ ନାହିଁ ।'

କଥାରେ ତା ମନର ଚେତେଶ୍ୱଟା ଫୁଟି ପଡ଼ିଲା ।

ବୁଢ଼ୀର ଶରୀର ମଧ୍ୟ ସେଇ ଆଘାତରୁ ଭାଙ୍ଗି ପଡ଼ିଲା—'ସେସବୁ ତୋ ଦ୍ୱାରା ହେବ ନାହିଁ ? ଆଉ କଅଣ ହେବ ? ସତୀ ହେବୁ ! ସାଧ୍ୱୀ ହେବୁ ! ସେସବୁ ଭଲ ଘରର ବୋହୂ-ଝିଅଙ୍କ କାମ । ଆମ କୁଳରେ ସେସବୁ ଚଳେ ନାହିଁ । ସେସବୁ ମନକୁ ଆଣିଲେ ରଣ୍ଡୀ ହଜିଯିବେ । କହିଲେ, ମୋ ଦ୍ୱାରା ତ ହବ ନାହିଁ ! ତେବେ ତୁ କରିବୁ କଅଣ ? ଉପାସ ମରିବୁ ? ତୁ ମରୁ; ତୁ ଛତରଖିଆ ପରି ବାଣ୍ଡରେ ବୁଲୁ; ମୁଁ ତ ତୋତେ ପୋଷିଛି, ପାଳିଛି, ମଣିଷ କରିଛି; ତୁ କଅଣ ମତେ ବାଟ କଡ଼ରେ ବସାଇବୁ ? ସକାଳ ପାହିଲେ ସାହିରେ ଶହ ଶହ ଲୋକଙ୍କୁ ଦେଖୁଛି; କହୁଛି, ମୋ ଦ୍ୱାରା ହେବ ନାହିଁ । କେମିତି ହେବ ନାହିଁ ମୁଁ ଦେଖିବି । ପାଠ ଶାଠ ପଢ଼ି ତୋ ମିଜାଜ୍ ବଦଳି ଗଲାଣି । ବାବୁକୁ ମନା କରିଦେବି ଆମ ଦୁଆର । ରଉସନ୍ ଖାଁ ପୁଅ କହୁଥିଲା, ମାସରେ ପଚାଶ ଟଙ୍କା ଦେବ । ସେ ଭଲ । ତାକୁ ଖବର ଦେବି । କେମିତି ତୋ ଦ୍ୱାରା ତ ଆମ କୁଳର ବେଇଜତି ନ ହେବ ଦେଖାଇବି ।'

ଚନ୍ଦ୍ରା ନିସ୍ତବ୍ଧ ହୋଇ ବସିରହିଲା । ତା ମନ ଭିତରେ ପ୍ରେମର ପ୍ରଥମ କିରଣ ପରି ପୋଷାଏ ଉଜ୍ଜ୍ୱଳ କଳ୍ପନା କ୍ରମେ କ୍ରମେ ଧାରଣାର ରୂପ ଗ୍ରହଣ କରୁଥିଲା; ବୁଢ଼ୀ କଥାରେ ଉଦ୍ଭଟ ରୂପେ ଫୁଟି ଉଠିଥିବା ତାର ପରିସ୍ଥିତିର ବାସ୍ତବତାର ଆଘାତରେ ତାହା ବିଚଳିତ ହୋଇଗଲା; କିନ୍ତୁ ଅସହାୟା ଜନନୀ ଆତତାୟୀ ମୁଖରୁ ବଞ୍ଚାଇ ଆବରଣ ତଳେ ନିଜର ଶିଶୁଟିକୁ ଯେପରି ନିସ୍ୱାର୍ଥର ସମସ୍ତ ଶକ୍ତି ଦେଇ ରକ୍ଷା କରେ, ସେହିପରି ଚନ୍ଦ୍ରା ତାର କଳ୍ପନାଟିକୁ ଧରି ନୀରବରେ ଠାକୁରଘର ଦ୍ୱାର ପାଖରୁ ଉଠିଗଲା; ନିସ୍ତବ୍ଧ କୋଠରିର ଅନ୍ଧାର ଭିତରେ ଶୋଇପଡ଼ିଲା ।

Digitized by srujanika@gmail.com

ସ୍ୱର କ୍ରମେ କ୍ରମେ ଅପସୃ ସ୍ୱଚ୍ଛ । ସାରୁ ଅପରୂପମାନଙ୍କର ଘନ ଘନ ପଦକ୍ଷେପରେ ମୁଖରିତ ହୋଇ ଉଠିଲା । କ୍ଷଣେ ପୂର୍ବରେ ଜଣେ ପୁରୁଷ ଅନ୍ଧାର ଅନ୍ତରାଳରେ ଦ୍ୱାର ପାଖରେ ବସିଥିବା ଜଣେ ନାରୀ ସହିତ ଧୀରେ ଧୀରେ କଅଣ କଥା କହୁଥିଲା । ପୁରୁଷଜଣ ମାତାଲ ଟଳ ଟଳ ମୋଡ଼ ଫେରି ଗୋଟାଏ ଭଗ୍ନ ଦ୍ୱାରରେ କରାଘାତ ଓ ଚିତ୍କାର କରୁଥିଲେ ।

ପୂର୍ବ ଖଣ୍ଡ ଉଦ୍ଧାରରେ ଉଚ୍ଚ ସ୍ୱରଜଣ ଟମି ଆସିଲେ ସାଙ୍ଗ ଭିତରକୁ । ସେମାନଙ୍କର ଅସ୍ପଷ୍ଟ ନେତ୍ରାପ ଦୃଷ୍ଟି ପ୍ରତ୍ୟେକ ଦ୍ୱାର ଅନୁସନ୍ଧାନ କରି ବୁଲୁଥିଲା । ଗୋଟାଏ ଦ୍ୱାର ନିକଟରେ ଦୁଇଜଣ ନାରୀ ଠିଆ ହୋଇଥିଲେ । ଟମି ସ୍ୱରଜଣଙ୍କ ଭିତରୁ ଜଣେ ଉଦ୍‌ଘା- ଟାଲକୁ ଡାକିଲା, 'ଏଣ୍ଡି ରଖୋ, ଏଣ୍ଡି ରଖୋ । ଉଏଟ୍ ହିଅର ।'

ସ୍ୱପ୍ନ

ସିଦ୍ଧେଶ୍ୱର ବାବୁ ଜଣେ ବଡ଼ ନୀତିମାନବଶ୍ରୀ ବ୍ୟକ୍ତି । ପୂର୍ବରୁ ସ୍ଥିରକୃତ ପନ୍ଥା ଅନୁସାରେ କାର୍ଯ୍ୟ କଲେ କୌଣସି କାର୍ଯ୍ୟ ବିଫଳ ହୁଏ ନାହିଁ, ଏ ଜଗତରେ ତାଙ୍କର ଦୃଢ ବିଶ୍ୱାସ ଓ ଏ ମତ ପ୍ରତି ତାଙ୍କର ଦୃଢ଼ ଅନୁରକ୍ତି । ସେ ଏହାର ଅକାଟ୍ୟ ପ୍ରମାଣ ରୂପେ ଦେଖାନ୍ତି, ପ୍ରଥମ ମହାଯୁଦ୍ଧ ପରି ଏଡ଼େ ବଡ଼ ବ୍ୟାପାରର କାର୍ଯ୍ୟପନ୍ଥା ୫୦ ବର୍ଷ ପୂର୍ବରୁ ସ୍ଥିରକୃତ ହୋଇଥିଲା, ଦ୍ୱିତୀୟ ମହାଯୁଦ୍ଧର ପ୍ଲାନ୍ ପନ୍ଦର ବର୍ଷ ପୂର୍ବରୁ ହେବା କଥା ଖବରକାଗଜରେ ପ୍ରକାଶ ପାଇଥିଲା । ଏଡ଼େ ବୃହତ୍ ବ୍ୟାପାର ଯେତେବେଳେ ପୂର୍ବନିର୍ଦ୍ଧାରିତ କାର୍ଯ୍ୟପନ୍ଥା ଦ୍ୱାରା ପରି- ଚାଳିତ ହୋଇ ଠିକ୍ ଫଳ ଦେଇଥିଲା, ଆମମାନଙ୍କର ସାମାନ୍ୟ ସାମାନ୍ୟ କଥା, ସାନ ସାନ ବ୍ୟାପାର କଅଣ ସେ ଅନୁସାରେ କାର୍ଯ୍ୟ କଲେ ନିଷ୍ଫଳ ହେବ ? ନୁହେଁ, ନୁହେଁ — କଦାପି ନୁହେଁ । ପୂର୍ବରେ ସେ ଷଣ୍ଢ଼େ ବୋଠାଗର କରିବା ଜାନ୍ ମାଲଥସ୍‌ଙ୍କର ୩ ମାଇଲ ଅପକୁ ଅଠରନଳା ନଦୀର ଦକ୍ଷିଣ ପାର ପର୍ଯ୍ୟନ୍ତ ୧୦ ବର୍ଷ ପୂର୍ବରୁ

Digitized by srujanika@gmail.com

ଇଟା ଖପର କରାଇବା ପାଇଁ ମାଟି ଖୋଳା ହୋଇଥିଲେ, ଏହା ତାଙ୍କର ଅନୁରକ୍ତ ଭକ୍ତମାନଙ୍କ ମୁହଁରୁ ଶୁଣାଯାଏ ।

ସିଦ୍ଧେଶ୍ୱର ବାବୁ ଜନ୍ମଜାତ ଚାକର । ଚାକିରି ହିଁ ତାଙ୍କର ଧର୍ମ, ଚାକିରି ହିଁ ସ୍ୱର୍ଗ, ଚାକିରି ହିଁ ପରମ ତପ । ଚାକିରିରେ ଖୁବ୍ ସାମାନ୍ୟ ଉନ୍ନତି-ହେବ — ସର୍ଭିସ୍ ବହିରେ ଉପର ହାକିମ୍ ଟିକିଏ ଭଲ ମନ୍ତବ୍ୟ ଲେଖି ଦେବେ — ଏପରି ସମ୍ଭାବନା ଥିଲେ ସେ ମଝି ରାସ୍ତାରେ, ହାଟ୍ ବଜାର ଉପରେ, ବସି ଉକ୍ତ ହାକିମଙ୍କ ଜୋତାରେ ବୁଟ୍ ପଲିସ୍ ଲଗାଇ ତାକୁ ଝକମକେ ବ୍ରସ୍ କରିବାରେ ନିଜକୁ ଧନ୍ୟ ମଣିବେ । ସେ ତାଙ୍କ ଗୃହିଣୀକୁ କହନ୍ତି, 'ଚାକିରି ଅର୍ଥ ଚାକରଗିରି — ବୁଝିଲ — ଚାକରର କାମ । ଡେପୁଟି ହେଉ ବା ମେଜେଷ୍ଟର ହେଉ, ସେ ସେହି ଚାକର । ଆମେ ଆମ ଉପର ହାକିମଙ୍କ ଚାକର — ଆଉ ଆମ ତଳସ୍ଥ କର୍ମଚାରୀ, ତଳିଆ ଲୋକ ସମସ୍ତଙ୍କ ନିକଟରେ ହାକିମ । ଆମର ଏଇ ଚାକିରିଟା ବୁଝନା ଚପରାସି ଠାରୁ ଇସ୍ତକ୍ ବଡ଼ଲାଟ ପର୍ଯ୍ୟନ୍ତ ସମସ୍ତେ ବଡ଼ଙ୍କ ନିକଟରେ ଚାକର, ସାନଙ୍କ ନିକଟରେ ହାକିମ । ଆମ ମଧ୍ୟ ଚାକର ଘରେ ବାସନ ଉଠାଏ, ଜୋତା ବୁରୁସ କରେ, ରାସ୍ତାରେ ଡେପୁଟି-ଘର ଚାକର ବୋଲି ହାକିମୀ ଦେଖାଏ । ସେଇ ଗୋଟାଏ କଥା — ବଡ଼ଲାଟ ଠାରୁ ମଧ୍ୟ ଚାକର ପର୍ଯ୍ୟନ୍ତ । ଚାକର ତ, ଚାକର ପରି କାମ କରିବ; ଏଥିରେ ଲାଜ କଅଣ ? ଲୋକେ ମୋତେ ନିହାତି ଖୋସାମୋଦିଆ ବୋଲି କହନ୍ତି । ସେ ଦିନ ଗୋଟାଏ ଖବର-କାଗଜ ମୁଁ ଗୋବର ଗଣେଶ ବୋଲି ଲେଖିଥିଲା । ଆରେ ବାବୁ, ଖୁବ୍ ସ୍ପଷ୍ଟବାଦୀ ହେଲେ ବା ବୁଦ୍ଧିର ଗଣେଶ ହେଲେ ତ ଚାକର ହୋଇ ପାରିବ ନାହିଁ । ଧର ମଧ୍ୟ ଯଦି ସ୍ପଷ୍ଟବାଦୀ ହୋଇ ସତେ ଅଙ୍କ ଏଇ ଘର ନଅଟାରୁ, ତମେ ତାଲି ସକାଳ ଯାଏ ତାକୁ ଘରେ ଠାବ ଦେବ ନା ? ଆରେ ବାବୁ, ସବୁଠାରେ ସେହି ଏକା କଥା ।'

ଡେପୁଟୀ-ଗୃହିଣୀ ଏତେ ସେତେ କଥା ବୁଝନ୍ତି ନାହିଁ; କହନ୍ତି, 'ଫେର ମାନ ଇଜ୍ଜତ ତ ଅଛି ।'

—'ପଢ଼, ଖୁବ୍ ପଢ଼, ଜନ୍ମସ୍ଥ ପଢ଼ । ମୋର ମାନ-ଚିତ୍ର ପଢ଼—ପଢ଼ ଜଧିପର ବ ପଢ଼ । ସେ ଯେବ ଅମ ଖାଗରେ ତା ମାନ-ଚିତ୍ର ଦେଖାଏ ତେବେ ଯେଉଁଠି ତାର ମାନ-ଚିତ୍ର ହେବା କଥା, ସେଠି ସୁଦ୍ଧା ତାହା ଦେଖ ପାରିବ । ଠିକ୍ ସେମିତ,ମୁଁ ଯେଉ ଉପର ହାକିମଙ୍କ ଜୋତାରେ ମାନ-ଚିତ୍ର ତିଆରି କଲେ, ତେବେ ସଂଗୋଟ ବୋଲ୍ ବୁଝାପରେ ଯେଉଁ ମାନ-ଚିତ୍ର ପଢ଼ ତା ଭୁଏବ ଉଠିବ । ତେଣିକ ପାର୍ଶ୍ଵର ଯେଉଁ ସବିପକୁ ସେଲ ସବିପ—ବୁଝିଲ । ପରେ ବାବୁ, ସୁବ ବାର୍ଣ୍ଣୀ ସେବା କଲେ, ତସ ଅପାୟ ମନ୍ତ୍ର କଲେ । ସ୍ୱଗତତ ଚ ଏହା କହୁନ୍ତ । ସେତେବେଳେ ଏଲ୍ ସାହେବ ଅଲ୍ଫିସ ଥିଲେ । ହୁକୁମ ପାଇ ତାଙ୍କ ବୋଠିକୁ ଦେଖା କରିବାକୁ ଯାଇଥିଲି । ଦେଖିଲି, ବୈଠକଖାନାରେ ତାଙ୍କର ଜୋତା ଯୋଡ଼ା ରହିଛି । ଠିକ୍ ସେତବାଳ ଭକ୍ତି, ସାହେବ ଅସିବା ଅଭାବ କରି, ବେଶ ଗୁଅଟେ ନ ଥିବବେଳେ, ଜୋତାକୁ ଉଠାଇ ରୁମାଲରେ ପୋଛିବା ଆରମ୍ଭ କରିଦେଲି। ସାହେବ ସବ ଉଚରକୁ ପଶି ଆସି ଏରକ୍ତ ହେତା ସ୍ୱରରେ ପଚରିଲେ, 'Well Babu, what are you doing?'—ବାବୁ, ଏ କ ଚାମ କରେ କରୁଛ ? ମୁଁ ତ ହୋଇବଳ ସବୁମ ଠିକ କହିଲି, 'Nothing your honour; I was only dusting your shoes." ତୁମ ଜୋତାକୁ ଧୂଳ ଝାଡ଼ୁଥିଲି, ସାହେବ । ସାହେବ ତାହାରକୁ ଏରକ୍ତ ହୋଇ କହିଲେ, 'It is none of your business'—ଏ ସବୁ ତ ତୁମର କାମ ନୁହେଁ, କିନ୍ତୁ ମୁଁ ମହାପ୍ରସାଦ ଧର ହୁକୁମ ବସ କହୁଯାଏ, ସେ ମନେ ମନେ ମୋ ପ୍ରତି ଏକନ୍ତ ଖୁସି ହେଲେ । ତମର ମନେଥିବ, ତାଙ୍କ ଅମଳରେ ମୋ ଭଲମା ହୁଠାତ୍ କେତଣଙ୍କୁ ଅତିକ୍ରମ କରି ହୋଇଗଲି । ଏତକ ସେ ଏଲ୍ ସାହେବଙ୍କ ଯୋଗୁଁ ହେଲି । ତାତବେଳ ବଡ଼ ଯାଉଛି । ଅଜ ତାଙ୍କ ଯୋଗ୍ୟ ହାକିମ ବେଶୀ ଅଛୁ ନାହାନ୍ତି; ଯେଉଁଅଟେ ଦେଖ ଖାଲି କଳାତମଶା । ବାଲ କହୁଥିଲି, କଳାମୁଣ୍ଡିଅଙ୍କୁ ବିଶ୍ୱାସ ନାହିଁ, ସେ ବାଲ ଯେତେ ସରକାର ପ୍ରଜାଙ୍କ ଚଳୁଥାନ୍ତା, ଚଳନ୍ତା, କଳାହାକିମଙ୍କୁ

Digitized by srujanika@gmail.com

ବିଶ୍ୱାସ ନାହିଁ । ତଥାପି ସେଇ—ସ୍ତବ ଡାର୍ଶଣ୍ୟ ସେହା ବଳେ ଦେହ ଗୋଟିଏ ମୋ ଉପରେ ଅସନ୍ତୁଷ୍ଟ ! ହୁଁ, ଏମିତ କଥା ଅଛି ?

ଡପୋଟୀ-ଗୃହିଣୀ ଖୁସି ହୋଇ ଯାଆନ୍ତି । ସେ ଯାହା ମନ ତା ହେଉ, ତାଙ୍କ ପାଇଁ ପତ୍ନୀଙ୍କୁ ଅନ୍ତଲ ନୂଆ ନୂଆ ଶାଢୀ ଗହଣା ଆସୁଛି ତ, ଡାକଘର ପାସ୍ ବହିରେ ତାଙ୍କ ନାଆଁରେ ଟଙ୍କା ଜମା ହେଉଥାଉଛି ତ, ପ୍ରତି ଛଅ ମାସରେ ଇନ୍ସ୍ୟୁରେନ୍ସ କମ୍ପାନୀର ପ୍ରିମିୟମ୍ ଟଙ୍କା ପଠା-ହେଉଛି ତ । ତାହାହିଁ ଯଥେଷ୍ଟ ।

ସିଦ୍ଧେଶ୍ୱର ବାବୁ ଏ ସବୁ ମହାନୀତି ଅନୁସରଣ କରି ଦଣ୍ଡ ଭରନ୍ତି, ମକଦମା ଖର୍ଚ୍ଚ ଭରନ୍ତି, ଦୋଷୀ ଅପେକ୍ଷା ବେଶୀ ସଂଖ୍ୟାରେ ନିର୍ଦ୍ଦୋଷଙ୍କୁ ଦଣ୍ଡ ଦିଅନ୍ତି, ସରକାରଙ୍କ ପାଇଁ ପୁଷ୍ଟ ଉତ୍ସାହରେ ଚନ୍ଦା-ଭେଦା ସଂଗ୍ରହ କରନ୍ତି—ଆଉ ଆଜିକାଲି ସପ୍ତାହରେ ଥରେ ଲେଖାଏ ସ୍ୱରଚିତ ଆଇନ ଓ ନିୟମାବଳୀକୁ କଣ୍ଠସ୍ଥ କରନ୍ତି ।

ଡପୋଟୀ ବାବୁଙ୍କର ଏକମାତ୍ର ସନ୍ତାନ ପ୍ରତିଭା । ସେ ଗାର୍ଲ୍ସ ସ୍କୁଲରେ ପଢ଼େ, ହାର୍ମୋନିୟମର ସ୍ୱର ସହିତ ବେସୁରା ଗୀତ ଗାଏ, ହିଷ୍ଟ୍ରି ଅଫ୍ ଇଂଲଣ୍ଡ ମୁଖସ୍ଥ କରେ, ବୁଝୁ ବା ନ ବୁଝୁ ସେକ୍ସପିୟରଙ୍କର ରୋମିଓ ଜୁଲିଏଟ୍ ନାଟକକୁ ଦୁଇ ଚାରିଥର ପଢି ନିଜକୁ କଲ୍‌ଚର୍ଡ୍ ସ୍ତରରେ ରଖିବା ପାଇଁ ସହପାଠିନୀ ମହଲରେ ଚେଷ୍ଟା କରେ । ବାପ-ମାଆର—ବିଶେଷତଃ ଡପୋଟି ବାପାର—ଗୋଟିଏ ସନ୍ତାନ, କୌଣସି ଫେସନର ହେବେ ହେଲେ ହେଲେ ଅଭାବ ହୁଏ ନାହିଁ, ଏପରିକି ପ୍ରତିଭାର ନିଜ ଆଲମାରିରେ 'How to Write Love Letters' ବହି ପର୍ଯ୍ୟନ୍ତ ପହଞ୍ଚି ଯାଇପାରେ—ଅବଶ୍ୟ ଗୋପନରେ । ଗାର୍ଲ୍ସ ସ୍କୁଲର ପୁରସ୍କାର ବିତରଣୀ ଉତ୍ସବରେ ଥରେ ହଠାତ୍ ଗୋଟାଏ ଅଲନସ୍ ବର ପ୍ରତିଭା ଗୋଟାଏ ମେଡାଲ ପାଇ ଯାଇଥିଲା । ନିମନ୍ତ୍ରିତ ହୋଇ ସେ ଉତ୍ସବରେ ସିଦ୍ଧେଶ୍ୱର ବାବୁ ମଧ୍ୟ ଉପସ୍ଥିତ ଥିଲେ । ଉତ୍ସବ ଶେଷରେ ଲେଡି ପ୍ରିନ୍‌ସିପାଲ୍ ମିସ୍ ସାନ୍ତସ୍ ତାଙ୍କୁ କହିଥିଲେ, 'Prativa is a brilliant girl'—ପ୍ରତିଭା ଖୁବ୍ ମେଧାବୀ ପିଲା । ତା ପରେ ବନ୍ଧୁଜନ ପର୍ଯ୍ୟନ୍ତ ବନ୍ଧୁ ମହଲରେ ସେ ପ୍ରତିଭାର ଏହି

Digitized by srujanika@gmail.com

ଜୀବନକୁ ଦେଖାନ୍ତୁ ଓ ସଙ୍ଗେ ସଙ୍ଗେ ନିଜ୍ ସାଙ୍ଗସାଥୀଙ୍କ ମନୁଷ୍ୟତ୍ୱକୁ ମଧ୍ୟ ପୂର୍ଣ୍ଣ ରୂପ୍ ଅନୁଭବ କରନ୍ତୁ ।

କୋଡ଼ିଏ ବର୍ଷ ପୂର୍ବେ ଯେଉଁ ବୟସରେ ଭଦ୍ରଘରର ଝିଅମାନଙ୍କୁ ବାହାଘର ଦେବାକୁ ହେଉଥିଲା, ଏବେ ୪୦ ବର୍ଷ ହେଲେ ସେ ସୀମା ଅତିକ୍ରମ କରି ଯାଉଛି, ବିଶ୍ୱେଶ୍ୱର ବାବୁ ଏ କଥା ଜାଣନ୍ତି । ପୁଣି ଆଉ ବର୍ଷେ ଦୁଇବର୍ଷ ମଧ୍ୟରେ ତାଙ୍କ ଝିଅକୁ ବାହାଘର ଦେବାକୁ ହେବ, ଏ ବିଷୟରେ ମଧ୍ୟ ତାଙ୍କ ମନରେ ସ୍ପଷ୍ଟ ଧାରଣା ଥିଲା । ଏ ସମ୍ବନ୍ଧରେ ମଧ୍ୟ ସେ ଅନେକ ଥର ଅନେକ ଶଙ୍କାକୁଳ ଚିନ୍ତା, ଅନେକ ଯୋଜନା, ଅନେକ ପ୍ଲାନ୍ କରିଥିଲେ; କିନ୍ତୁ ଏ ସବୁର ମୂଳ ତ ଯୋଗ୍ୟ ପାତ୍ର ! ନାନା ଜାଗାରେ ଅଣ୍ଡି ବୁଲି ବୁଲି ସେ ଥକ ପଡ଼ିବା ଉପରେ ହୋଇଥିଲେ; କିନ୍ତୁ ବନରେ ହଜିଯିବା ମୃଗକୁ ମରୁରେ ଖୋଜି ବୁଲିବା ପରି ତାହା ଏପର୍ଯ୍ୟନ୍ତ ସଫଳ ହୋଇ ନାହିଁ । ଟୋକା ଓ ସେଠିକିଆଙ୍କ ଉପରେ ତାଙ୍କର ଏକାଥରେ ଘୃଣା, ସେମାନେ ସମସ୍ତେ ଅପଦାର୍ଥ ବୋଲି ତାଙ୍କର ଦୃଢ଼ ଧାରଣା; କେଣ୍ଟୁ ସେ ଯେଉଁ ପଥ ମୂଳକୁ ସେ ଦୃଷ୍ଟି ଦେଇ ନ ଥିଲେ । ଉଚ୍ଚ ମହଲର ଛାତ୍ରଙ୍କ ଶ୍ରେଣୀକୁ ଦୃଷ୍ଟି ଦେଇ ଦେଖିଲେ, ସେମାନଙ୍କର ତ ଜାତିକୁ ପୋଷିବା ଅସମ୍ଭବ— ସୋଆଏ ପରିବାର ଚଳାଇବା ଯୋଗ୍ୟତା ବା ସେମାନଙ୍କର ନାହିଁ ? ମାଷ୍ଟର ପ୍ରଫେସର ମହଲକୁ ଦୃଷ୍ଟି ଦେଲେ; ଅସ୍ଥି ଅଡ଼୍, ଏବଂ ଜୀବନର ପଣ ଅଡ଼୍, ଏମାନେ ଯେ ମଣିଷ, ସେ ବିଷୟରେ ତାଙ୍କ ମନରେ ଘୋରତର ସନ୍ଦେହ ଉପସ୍ଥିତ ହେଲା । ଏହି ଦେଖେଣା ହେଲା ଉଡ଼ାଜାହାଜ ପଡ଼ିଆ ଅଡ଼କୁ ତାଙ୍କର ଦୃଷ୍ଟି ଯାଇଥିଲା; ସେ ଜାଗାରେ ଥିବା ପାଇଲଟମାନଙ୍କର ଅସ୍ଥି ଭଲ, ସାଜ ପୋଷାକ ଠିକ୍ ମଧ୍ୟ ସେମାନେ ବେଶ୍ ଫିଟ୍‌ଫାଟ୍ ଦେଖା ଯାଆନ୍ତି; ଗୋଟିଏ ପାନ ଉପରେ ତାଙ୍କର ଖେଳ ଭଲଭାବରେ ଆରମ୍ଭ ହୋଇଥିଲା; କିନ୍ତୁ ଗୃହିଣୀ ଏଥିରେ ଘୋରତର ଆପତ୍ତି ଉତ୍ଥାପନ କଲେ । ସେ କହିଲେ, 'ଉଡ଼ାଜାହାଜ ଯେଉଁଠି ଶୂନ୍ୟେ ଶୂନ୍ୟେ ଉଡ଼େ, ସେଥିରେ କେତେବେଳେ କେଉଁଠି ପଡ଼ିଯିବ ତାର ଠିକ୍ ଥିବା ନାହିଁ । ସେତେବେଳେ

ଲେଖ ସ୍ୱର୍ଗ ତରୁଣୀକୁ ପଚାରିବ ! ସିଦ୍ଧେଶ୍ୱର ବାବୁଙ୍କ ଦୃଷ୍ଟି ସେ ଅଡ୍ଡୁ ସ୍ୱର୍ଗ ସ୍ଥଳ ଫେରିଆସିଲା । ଏହା ନିଃଶ୍ୱାସରେ ଏବେ ଯେଉଁରେ ଧାଇଁ ଧାଇଁ ଆସି ତାଙ୍କର ବୁଦ୍ଧି, ବିବେଚନା ଓ ଦୃଷ୍ଟି ଏ ସମ୍ପର୍କରେ ଟିକିଏ ନିଃଶ୍ୱାସ ମାରି ବସିଲା । ସୁହାଣୀ ସୂଚନା ଦେଲେ, 'ତମେ ଏବେ ବ୍ୟସ୍ତ ହୁଅ ନାହିଁ । ଯେ ଯାହା ଭ୍ରାନ୍ତିରେ ସୃଜନ ଦେଇଥିବ, ସେ ତା ପାଖରେ ଆପେ ଆପେ ଆସି ପହଞ୍ଚିବ ।'

ଅବଶ୍ୟ ପ୍ଲାନ୍‌ର ଦେଉଁ ଯୋଜନା ଭିତରେ ଭବିଷ୍ୟତର ସମସ୍ତ ସମ୍ଭାବନା ସେହି ଭବିଷ୍ୟତ ଉପରେ ଛାଡ଼ି ଦେଇ ନିଶ୍ଚିନ୍ତ ରହିବା କଥା ଥିଲା, ସେ କଥା କେବଳ ସିଦ୍ଧେଶ୍ୱର ବାବୁଙ୍କୁ ହିଁ ଜଣା; କିନ୍ତୁ ଏ ଥରରେ ତାଙ୍କର ଉଦ୍ୟମ ଯେ ଟିକିଏ ଶିଥିଳ ପଡ଼ିଗଲା, ଏହା ପ୍ରତ୍ୟକ୍ଷ ମଧ୍ୟ ବୁଝିପାରିଲି ।

ସୁଧା ସଂଗ୍ରହ ଉଦ୍ଦେଶ୍ୟରେ ମଫସଲକୁ ଫେରି ସିଦ୍ଧେଶ୍ୱର ବାବୁଙ୍କ ଉତ୍ସାହ ପୁଣି ହଠାତ୍ ବଢ଼ିଗଲା । ପ୍ରଦୋଷର ସ୍ୱକଳ୍ପାସାଦ-ସୂଚକ ଦୋଠାବାଞ୍ଜ ତାଙ୍କ ଦୃଷ୍ଟିପଥାରୂଢ଼ ହୋଇଥିଲା । ଖଗେନ୍ଦ୍ର ବାବୁ ନିକଟ ଗ୍ରାମରେ ଥିବା ଭାଉଜଙ୍କଠାରୁ ପ୍ରଦୋଷଙ୍କ ଜମିଦାରୀର ନାଏବଙ୍କୁ ଡକାଇ ନେଇ ବୁଝିନେଲେ ଯେ, 'ବାବୁ କଟକରେ ଥାଆନ୍ତି, ବି. ଏ. ପାସ୍ କରିଛନ୍ତି, ଖଗୋଷ୍ଠି ଦ୍ୱିଭାଷୀ ବା ଡାକ୍ତର ହେବେ, ଘରେ ଦଶ ଲକ୍ଷ ଟଙ୍କା ନଗଦ, ୭୦ ହଜାର ଟଙ୍କା ସଦର ଜମାର ଏକାଠି ଜମିଦାରୀ ରହିଛି, ବାବୁ ଏକା—ସାଆନ୍ତଙ୍କର ଗୋଟିଏ ମାତ୍ର ପୁଅ, ସାଆନ୍ତ-ସାଆନ୍ତାଣୀ ଦୁହେଁ ସ୍ୱର୍ଗରେ, ବାବୁଙ୍କର ମହାପୁରୁଷ ପରି ମନ, ଦାଉଦ ପରି ରୂପ—ଏଡ଼େ ବଡ଼ ଲୋକ, ଏଡ଼େ ଯୋଗ୍ୟ, ତାହାଙ୍କୁ କେବେ ହୁ ବୋଲି କ କହନ୍ତି ନାହିଁ, ସେ କଟକରେ ଥାଆନ୍ତି, ମଝିରେ ମଝିରେ ଗାଆଁକୁ ଆସନ୍ତି ।'

ସିଦ୍ଧେଶ୍ୱର ବାବୁ ସେ ରାତିରେ ସୁହାଣୀଙ୍କ ନିକଟରେ ସବୁକଥା ବର୍ଣ୍ଣନା କରି କହିଲେ, 'ଠିକ୍ କହିଥିଲ ତମେ, ଜାଣେନି ଠିକ୍ କହିଥିଲ— ଯେ ଯାହା ଆଳରେ ସୃଜନ ଖାଉଥିବ !'

ସୁହାଣୀ ଅଶ୍ରୁକୁ ଶୁଦ୍ଧ କରି କହିଲେ, 'ଯେ ଯାହା ଭ୍ରାନ୍ତିରେ ସୃଜନ ଦେଇଥିବ !'

Digitized by srujanika@gmail.com

ପାଞ୍ଚ

ସର୍ବେଶ୍ୱର ବାବୁ ପ୍ରଦୋଷର ବିବାହ ବିଷୟରେ ପୁଣି ପ୍ଲାନ୍‌ ଆରମ୍ଭ କରିଦେଲେ । ଏଥର ତାଙ୍କ ଯୋଜନାରେ ତ ସବୁ ଉପାଦାନ ମହଜୁଦ୍‌ ଥିଲା — ପାତ୍ର, ଧନ ସମ୍ପତ୍ତି, ଶିକ୍ଷା ଓ କୁଳ । ବର୍ତ୍ତମାନ୍‌ ତାହାକୁ କେମିତି ଭାବରେ ବ୍ୟବହାର କଲେ, ଠିକ୍‌ ସ୍ଥାନରେ ଠିକଣା କାମ ହୋଇପାରିବ, ଏହାହିଁ ସବୁ ଚିନ୍ତା, ହିସାବ କରି, ବୁଝିଅଢ଼ ଦେଖି କାର୍ଯ୍ୟ କରିବା ହେଲା ଆସଲ୍‌ କାମ ।

ସେ ପ୍ରଦୋଷ ଖବର ବୁଝିବାରେ ଚେଷ୍ଟା କଲେ । ଉଡ଼ା-ଖବରକୁ ବୁଝିଲେ — ସେ ଧନୀ, ମାନୀ, ଜ୍ଞାନୀ ମଧ୍ୟ କହିଲେ ଅତ୍ୟୁକ୍ତି ହୁଏ ନାହିଁ — କାରଣ ସେ ବି. ଏ. ପଢିଛନ୍ତି; କିନ୍ତୁ ସେ ମଦ ପିଏ । ସର୍ବେଶ୍ୱର ବାବୁ ସୁରାସମ୍ପର୍କୀୟ ଖବରଟା ଶୁଣି ଟିକିଏ ଦବି ଗଲେ — କିନ୍ତୁ ଟିକିଏ ମାତ୍ର; ଗୋଳମାଳ ରହିଲା ଏଇଠି ଯେ, କଥାଟା ଯଦି ଗୃହିଣୀଙ୍କ କାନ ଯାଏ ପହଞ୍ଚି ଯାଏ, ତେବେ ସେ ଅଡ଼୍‌ ହୁଏତ ଗୋଟାଏ ଆପତ୍ତି ଉଠିବ — ସେ ଆପତ୍ତିଟା ମଧ୍ୟ ଟାଣୁଆ ଧରଣର ହେବାର ସମ୍ଭାବନା ଅଛି । ସ୍ତ୍ରୀମାନଙ୍କର ପରସ୍ପର-ବିରୋଧୀ କଥାକଥନୀକୁ ନେଇ ଘଣ୍ଟାକଟା କରିବା ତାଙ୍କର ଅଭ୍ୟାସ ଭିତରେ ପଶିଗଲାଣି । ସେ ଭାବିନେଲେ, ଏଇଟା ଉଡ଼ାଖବର — ଅତଏବ ଠିକ୍‌ ନ ହେବାର ସମ୍ଭାବନା ଅଛି; ତେଣୁ ଏ ବିଷୟରେ ଅଧିକ ଅନୁସନ୍ଧାନ ଅନାବଶ୍ୟକ; ଦ୍ୱିତୀୟରେ, ପ୍ରଦୋଷ ମଦ ପିଏ, ଏ କଥା ଠିକ୍‌ ବୋଲି ଯଦି ଧରି ନିଆଯାଏ, ତେବେ ସେଇ କାରଣକୁ ମଧ୍ୟ ତାଙ୍କ ପାତ୍ର ବାଛିବାକୁ ବାଧା ଦିଆଯାଇ ପାରିବ ନାହିଁ, କାରଣ ଅନେକ ଲୋକ ଯୌବନସୁଲଭ ଚପଳତାରେ ମଦ ଧରନ୍ତି — କେହି କେହି ସଙ୍ଗଦୋଷରେ ମଧ୍ୟ ଏ ନିଶାରେ ପଡ଼ନ୍ତି । କଲେଜରେ ପଢିବା ସମୟରେ ସେ ଥରେ ବ୍ରାଣ୍ଡି ପିଇ ବାନ୍ତି କରି ବେହୋସ୍‌ ହୋଇ ଯାଇଥିଲେ ବୋଲି ତାଙ୍କର ମନେପଡ଼ିଲା; କୁସମୟରେ ମଦ୍ୟ-ପାନ କରିବା ମଧ୍ୟ ହୁଏତ୍‌ ବଡ଼ ଦୋଷଟାଏ ବୋଲି ତାଙ୍କର ଧାରଣା

Digitized by srujanika@gmail.com

ନୁହେଁ, କାରଣ ଅନେକ ବଡ଼ ବଡ଼ ସାହେବ ହାକିମ ବରାବର ମଦ୍ୟପାନ କରନ୍ତି; ଅନେକ ମଦ୍ୟପାୟୀ ଅଛନ୍ତି, ଯେଉଁମାନେ ଖୁବ୍ ଧାର୍ମିକ ଲୋକଠାରୁ ମଧ୍ୟ ଯଥେଷ୍ଟ ଭଲ କରନ୍ତି । ଆଉ ଗୋଟାଏ କଥା । ସମସ୍ତ ସମୟରେ ଟିକିଏ ନିଶା କରିବା ପାଇଁ ମଦ୍ୟପାନ କରିବା ଆଉ ମଦ୍ୟପାନ ଅଭ୍ୟାସର ବଶୀଭୂତ ହେବା ଏ ଦୁଇଟା ସମ୍ପୂର୍ଣ୍ଣ ଭିନ୍ନ କଥା । ଗୋଟାକ ସଉକ ପାଇଁ କରାଯାଏ, ଆଉ ଗୋଟାକ ନିତାନ୍ତ କଦର୍ଯ୍ୟ ଅଭ୍ୟାସ । ମଦ୍ୟପାୟୀ ବା ମଦ୍ୟପ କହିଲେ ଯାହା ବୁଝାଏ ପ୍ରବୋଧ ତାହା ଆଦୌ ନୁହେଁ, ଏପରି ମନେକରିବା ଶକ୍ତ, ବର୍ଷ ବର୍ଷ ଧରି ଭାରତୀୟ ଦଣ୍ଡବିଧି ଆଇନର ଗୋଟାଏ ଧାରାର ଗୋଟାଏ ଗୋଟାଏ ଶବ୍ଦର ଅର୍ଥର ଜଟିଳତା ବିଷୟରେ ଧୁରନ୍ଧର ଓକିଲମାନଙ୍କଠାରୁ ଘଣ୍ଟା ପରେ ଘଣ୍ଟା ଗବେଷଣା ଶୁଣି, ତାଙ୍କର ଯଥେଷ୍ଟ ଅଛି ବୋଲି ସେ ମନେକରନ୍ତି ।

ଏବେ ବିବେଚନା କଲେ ଯଦି ପ୍ରବୋଧ ମଦ୍ୟପ ବୋଲି ଜଣାଯାଏ, ତଥାପି ମଧ୍ୟ ତାଙ୍କର ଖୁବ୍ ବେଶୀ କ୍ଷତି ନାହିଁ । ଯଥେଷ୍ଟ ଧନ ଓ ବାହୁ ସମ୍ମାନକାର ଲୋକ ନ ଥିଲେ ଅନେକ ସମୟରେ ଅନେକ ଲୋକ ଅବାଟରେ ଯାଇଥାନ୍ତି । ତାହା ହେଲେ ପ୍ରତିଭା ପରି ଝିଅକୁ ପତ୍ନୀରୂପେ ପାଇ ସେ ତା ଗତି ବଦଳାଇ ପାରେ । ତାହା ଯଦି ନ ହୁଏ, ତେବେ ମଦ୍ୟପାନଦ୍ୱାରା ସେ ଦଶବର୍ଷ ଭିତରେ ହୁଏତ ପୀଡ଼ିତ ବା ଦୁର୍ବଳମସ୍ତିଷ୍କ ହୋଇପଡ଼ିବ । ସେତେବେଳକୁ ସେ ବ୍ୟବସାୟରୁ ଅବ୍ୟାହତି ନେଇଥିବେ । ପ୍ରବୋଧର ସମ୍ପତ୍ତିଟାର ରକ୍ଷଣାବେକ୍ଷଣ ଭାର ତାଙ୍କ ଉପରେ ପଡ଼ିବ । ସେଥିରେ ତାଙ୍କର ଲାଭ ଛଡ଼ା କ୍ଷତି ନାହିଁ ।

ଏହି ଧାରାରେ ବିଚାର କରି ସେ ସ୍ଥିର କଲେ ଯେ, ପ୍ରବୋଧ ପ୍ରତିଭାର ଉପଯୁକ୍ତ ପାତ୍ର ଏବଂ ଯେତେ ଶୀଘ୍ର ଏ ଦୁହିଙ୍କର ବିବାହ ସ୍ଥିର ହୋଇଯାଏ, ସେତେ ଭଲ । ଗୃହିଣୀ ଏ ସବୁ ଯୁକ୍ତି ଶୁଣି ଏ ବିଷୟରେ ସିଦ୍ଧେଶ୍ୱର ବାବୁଙ୍କୁ ପୂର୍ଣ୍ଣ ଭାବରେ ସମର୍ଥନ କଲେ ।

Digitized by srujanika@gmail.com

ପ୍ରକୋଷ ତ ଉଭେ ଉଭୟ ଅନୁଭବତ—ଅନ୍ତତଃ ଘଟଣାଚକ୍ରରେ ତାହାହିଁ ବୋଲି ଧରିନେବାକୁ ହେବ । ପ୍ରଶ୍ନ ରହିଲା, ତାଙ୍କ ନିକଟରେ ଏ ପ୍ରସ୍ତାବ ଉଠାଇବା ଓ ଶେଷର ନିଶ୍ଚିତ ସ୍ୱରରେ ସେ ଏ ବିଷୟରେ ସୂଚିତ କରନ୍ତି, ତାର ବ୍ୟବସ୍ଥା କରିବା । ତାଙ୍କ ପ୍ଲାନଂ ଲକ୍ଷରେ ଏ ବିଷୟଟା ହିଁ ପରିଣତମ ତାଙ୍କ ବୋଲି ସେ ଧରି ନେଉଥିଲେ ।

ସ୍ୱରପାତର ଗଣତରୁ ସହଜ ଅନୁମେୟ ହେଲା ସେ ପ୍ରତ୍ୟକ୍ଷ ସମ୍ପର୍କ ହୁଏଇଥିଲେ । ଏହା ଯେତେ ତାଙ୍କର ବୋଧ ନୁହେଁ ସେତେ ତାଙ୍କର ବୟସ ଓ ଅଭିଜ୍ଞତାର ବୋଧ ବୋଲି ବୁଝାଯାଇ ପାରେ । ସେ ଏ ବିଷୟରେ ସ୍ୱରପାତକୁ ଦୃଷ୍ଟି ଦେଲେ । ସାମାଜିକ ଯୌନରେ ଅବାଧ ମିଳାମିଶା ଦ୍ୱାରା ଅନେକ ବୈବାହିକ ପ୍ରଶ୍ନର ହୁଏତ ସମାଧାନ ହୋଇ ଥାଏ ବୋଲି ଗୋଟାଏ ମତ ସେ ସ୍ଥିର କରିନେଲେ । ତା ଛଡ଼ା ପାତ୍ର ଓ କନ୍ୟା ଉଭୟଙ୍କ ଭିତରେ ଯଦି ଗୋଟାଏ ସୁସ୍ଥ ସମ୍ପର୍କ ସ୍ଥାପିତ ହୋଇଯାଇ ପାରେ, ଯଦି ଦୁହେଁ ଦୁହିଙ୍କ ପ୍ରତି ଅଭିଭୂତ ଭାବରେ ଆକର୍ଷିତ ହୋଇପାରନ୍ତି, ତେବେ ଏ ପ୍ରଶ୍ନ ସ୍ୱୟଂ ସ୍ୱୟଂ ସମାହିତ ହୋଇ-ଯିବ । ବିଷୟଟା ପ୍ରେମଶାସ୍ତ୍ର ସମ୍ପର୍କୀୟ ତ ନା, ବସ୍ତୁବାଦ ହେଲେ ସେ ବିଷୟର ସମ୍ଭାବ୍ୟ ଧାରଣା ତାଙ୍କ ମନକୁ ଲେଶ ପାଇଥିଲା । ଏ କଥା ସେ କାହା ପାଖରେ, ବିଶେଷତଃ ଗୃହିଣୀଙ୍କ ନିକଟରେ, ପ୍ରକାଶିତ କରିବା ପାଇଁ ପ୍ରସ୍ତୁତ ନ ଥିଲେ ମଧ୍ୟ ସେ ତାଙ୍କ ପ୍ଲାନଂର ଦାର୍ଶିକାସ୍ତ ଯୋଜନାରେ ଏ ସମ୍ପର୍କୀୟ ଦାର୍ଶିକତା ବିଷୟରେ ଯେତେ ବୁଝିଲେ, ତାଙ୍କ ଚିନ୍ତନା ସେତେ ଗୋଳକ ଧରିଗଲା । ସୁମାର ନିଶ୍ଚ ଅବାଧରେ ଜଳ୍‌ତାଳ ଆବେଗ ଚମତ୍କାର ଛୁଟାଇ ତାଙ୍କ ମନେ ପଡ଼ିଗଲା ଯେ, ପ୍ରେମସମ୍ପର୍କୀୟ ସମସ୍ତ ବିଷୟର ବୈଜ୍ଞାନିକ ବିଶ୍ଳେଷଣ ଅନେକାଂଶ ଶାସ୍ତ୍ରରେ ଥାଏ । ସାଧ୍ୟସାଧନା ପରେ ଏ ଶାସ୍ତ୍ର ଝଙ୍କ୍ରେ ହୃଦ୍‌ରଙ୍ଗ ଦିଏ ସେ ପ୍ରେମ ବିଷୟକ ଅଧ୍ୟାୟଟା ପ୍ରଭୁ ରେଫରେନ୍ସ ରୂପେ ଦୃଷ୍ଟିପାତ କଲେ । ପୂର୍ବରାଗ, ଅନୁରାଗ...। ବାସ୍ ବାସ୍—ହେଲା । ଏହିପରି ସେ ଖୋଜୁଥିଲେ । ଶିଜନ ଚୋବରର ୪୦୨ ଧାରାଟାକୁ ଏହାକୁ ବିଶ୍ଳେଷଣ କରି ସେ ଠିକ୍ କରିନେଲେ, ପୂର୍ବରାଗ ନ ହେଲେ ଅନୁରାଗ ହୁଏ ନାହିଁ, ଅନୁରାଗ ନ ହେଲେ ପ୍ରେମ ଜନ୍ମେ ନାହିଁ ।

Digitized by srujanika@gmail.com

ସିଦ୍ଧେଶ୍ୱର ବାବୁଙ୍କର ତ ପ୍ଲାନିଂ ଅନୁସାରେ କାମ, ଯୋଜନା ଠିକ୍ ହୋଇଗଲେ କାମ କରିବାରେ ତାଙ୍କର ବିଳମ୍ବ ହୁଏ ନାହିଁ । ଯୋଗାଯୋଗର ଘଟଣା । ପ୍ରଦୋଷଙ୍କ ଦୋତାଲା ନିକଟରେ ଖଣ୍ଡେ ଘର ଏ, ଆର୍. ପି ଲେନ୍‌ରେ ମାଡ଼ି ବସିଥିଲେ । ସେମାନଙ୍କ ଦର-ଦାରରେ ନ ଲାଗିବାରୁ କି ତାଙ୍କ କର୍ମଯୋଜନାରେ କିଛି ପରିବର୍ତ୍ତନ ହେବାରୁ ସେମାନେ ସେ ଘରଖଣ୍ଡ ଛାଡ଼ି ଦେବାର ସ୍ଥିର କଲେ । ଏ କଥା କଲିକତାର ହାକିମ ମହଲରେ ଜଣାଶୁଣା ହେବା ମାତ୍ରେ ସିଦ୍ଧେଶ୍ୱର ବାବୁ ସେ ଖଣ୍ଡକୁ ଭଡ଼ାରେ ନେବା ପାଇଁ ଉପଯୁକ୍ତ କ୍ଷେତ୍ରରେ ଅଭିଯାନ ଆରମ୍ଭ କରିଦେଲେ । ସ୍ତବ, କାର୍ପଣ୍ୟ, ସେବା— ଅମୋଘ ଅସ୍ତ୍ର; ଏ ସମର୍ବୀୟ ବିଜୟ-ଲକ୍ଷ୍ମୀ ତାଙ୍କ ସ୍କନ୍ଧାରୁଢ଼ା ହେଲେ । ନୂଆ ଘରେ ପଦାର୍ପଣ କରି ଉପର ମହଲର ପୂର୍ବଦିଗର ଝରକା ଫିଟାଇ ସେ କହି ଉଠିଲେ—'ଆଃ' । ଅର୍ଥାତ୍ ସେ ଝରକାରୁ ପ୍ରଦୋଷର ଉପର ତାରଜା, ଏପରି କି ତା ବସିବା ସ୍ଥାନ, ସ୍ପଷ୍ଟ ଦେଖା-ଯାଉଥିଲା । ସାଙ୍ଗେ ସାଙ୍ଗେ ତାଙ୍କ ଉଦରେ ବନ୍ଧୁଭାଇକୁ ଶୁଣି ଯାଉଥିବା କବିତାର ଧାଡ଼ିରେ ବୋଧହୁଏ ମୁହାଁଏ ଭର୍ତ୍ତା ପାଣି ଗଡ଼ି ଆସିଲା ଜମ୍ବା ରେଫରେନ୍ସ ବା ରୁଲିଂର ସମର୍ଥନ ରୂପେ ତାଙ୍କ ମନ ଦର୍ପଣରେ ଉଙ୍କି ମାରିଲା ଗୋପାଳକୃଷ୍ଣଙ୍କ 'ଅଟ୍ଟାଳୀରେ ସେ ଥିବାର' ଓ କବିସୂର୍ଯ୍ୟଙ୍କ 'ଗିରୀନ୍ଦ୍ରକୁ ଜିଣି ବାର ପୁରେ ହେଲା ମୋ ମନଇ ।'

ପ୍ରତିଦିନର ପଢ଼ିବା ଓ ରହିବା ଘର ଉପର ମହଲର ସେଇ ଘରେ ସ୍ଥିର ହେଲା, ଝରକା ମଧ୍ୟ ଖୋଲାରଖା ରହିଲା । ଯୋଜନା ଅନୁସାରେ କାର୍ଯ୍ୟ ଅଗ୍ରସର ହେଉଛି କି ନା ବୋଲି ସିଦ୍ଧେଶ୍ୱର ବାବୁ ଲକ୍ଷ୍ୟ କରି ରହିଲେ ।

ପ୍ରତିଭା ଏ ବିବାହ ପ୍ରସ୍ତାବ ବିଷୟରେ ଗୋଟାଏ କିଛି ଅଭାବ କରିଛି; କିନ୍ତୁ ପ୍ରଦୋଷ ସହିତ ଯେ ତାର ଶବାହ୍ନ ହେବାର ଯୋଗାଡ଼ ସୃଷ୍ଟି, ସେଥିପାଇଁ ଯେ ଏ ନୂଆ ଘର ତାର ପୂର୍ବସ୍ୱଭାବର ଗୋଟାଏ ବ୍ୟବସ୍ଥା, ପ୍ରଦୋଷର ଘର ଯେ ତା କୋଠରିର ଝରକାକୁ

Digitized by srujanika@gmail.com

କେଜାଣାଏ, ଏ କଥା କ କା ଓର୍ଦ୍ଧ୍ୱ କୌଣସି ଜନ ଜାଣୁନାହିଁ ତା ପ୍ରେମର ଏମନ୍ତ କଣ୍ଠବୈଠକ ଦରକା ପାଇଁ କ ତାକୁ ଦେଇ ଦଖ ନାହାନ୍ତି । ସେ ସ୍କୁଲକୁ ଯାଏ, ଟୋକେ ସମସ୍ତ ଏରକା କୃଷ ଉପନ୍ୟାସର ହେମାଙ୍ଗିନୀ ପ୍ରେମର କଲ୍ପନାରେ ବୁଡ଼ି ରହେ ।

ସିଦ୍ଧେଶ୍ୱର ବାବୁ ଲକ୍ଷ୍ୟ କରେ, ତାଙ୍କ ଯୋଜନା ଅନୁସାରେ କାର୍ଯ୍ୟ କାମ ହେଉ ନାହିଁ; ତାଙ୍କ ସ୍ଥାଣୁଂରେ ଅଚଳ ଅବସ୍ଥା ଉପସ୍ଥିତ । ଏହାକୁ ସଚଳ କରିବାର କୌଣସି ଉପାୟ ତାଙ୍କ ମସ୍ତିଷ୍କରେ ପଦାର୍ପଣ କଲା ନାହିଁ । ସେ ହତାଶ ହୋଇ ଯାଉଲେ, ଗୃହିଣୀଙ୍କୁ ସବୁ କଥା କହି ଦୀର୍ଘନିଃଶ୍ୱାସ ପକାଇ କହିଲେ, 'ହୁଁ, ଯେ ଯାହା ହାଣ୍ଡିରେ ବ୍ରହ୍ମ ଲେଖିଛି' ।

ଗୃହିଣୀ କଥାଟାକୁ ଶୁଣି କରି କହିଲେ, 'ଯେ ଯାହା ହାଣ୍ଡିରେ ବ୍ରହ୍ମ ଲେଖିଥିବ ।'

ଛଅ

ତାହାରେ ଶୁକ୍ଳ ଜ୍ୟୋତ୍ସ୍ନା । ଶରତର ଶୀତଳ ପବନ । ସ୍ୱଚ୍ଛ ଆକାଶରେ ଚନ୍ଦ୍ର ଓ ତାରକାଗୁଣିର ସମ୍ମିଳିତ ମାଦକତା ।

ପ୍ରଦୋଷଙ୍କ ଘରେ ସଙ୍ଗୀତର ବୈଠକ ଜମିଲା; ଅପୂର୍ବ ସଙ୍ଗୀତ ଧ୍ୱନିର କମ୍ପନରେ ଚାରି ଆଡ଼ର ବାୟୁମଣ୍ଡଳ ସଞ୍ଜୀବିତ ହୋଇଉଠିଛି

ରାତିର ମହଫିଲର ବାରତା । କେନେ ଷଷ୍ଠେ ପାଳିବ୍ ଜଣ ହୋଇଛି । ଉପରେ ଚନ୍ଦ୍ରର ହୃଦୟ ବଢ଼ାଇ ଚାଲିଛି । ବୈଠକରେ ସମ୍ମିଳ ନାହିଁ — ପ୍ରଦୋଷ, କୃଷ୍ଣ ଓ କଣେ ତବଲ ଓସ୍ତାଦ । ଏ ଶାନ୍ତିରେ ସଙ୍ଗୀତର ସ୍ରଷ୍ଟା, ଏହି ଶାନ୍ତିରେ ହିଁ ସେହି ସଙ୍ଗୀତ ସୃଷ୍ଟିର ଉପଯୋଗି ତାଣ । ସେମାନଙ୍କ ବୈଠକ ତାହାରେ ଯେତେବେଳ ଶୁଣାଯାଏ ସେ ସ୍ୱରଲହରୀ ଯେ କୋଠାଏ ଅପୂର୍ବ ଆକର୍ଷଣୀ ଶକ୍ତି ସୃଷ୍ଟି କରିଥିଲା, ଏ ଧାରଣା ସେମାନଙ୍କ ମନରେ ସ୍ଥାନ ଲାଭ କରି ନ ଥିବା ତାହାର ଅବସର ମଧ୍ୟ ନ ଥିଲା ।

Digitized by srujanika@gmail.com

ପ୍ରଦୋଷର ଦକ୍ଷ ଅଙ୍ଗୁଳି ସ୍ପର୍ଶରେ ସୀତାରର ତାରଗୁଚ୍ଛ ମଧ୍ୟରୁ ଯେଉଁ ଶାଶ୍ୱତ ସ୍ୱରଧ୍ୱନି ଜାଗ୍ରତ ହୋଇ ଉଠୁଥିଲା, ତାହା ଯେପରି ଅପୂର୍ବ, ସେହିପରି ଅଦ୍ଭୁତ । ଯେପରି କି ତାହାର ଭିତର ଦେଇ ଆତ୍ମପ୍ରକାଶ କରୁଥିଲା, ପ୍ରଦୋଷର ହୃଦୟ ତନ୍ତ୍ରୀରେ ଧ୍ୱନିତ ପ୍ରତ୍ୟେକ ଅନୁଭୂତି । ବୋଧହୁଏ ସେହି ସ୍ୱର ତରଙ୍ଗ ଭିତରେହିଁ ପ୍ରଦୋଷର ସ୍ୱାଭାବିକ ଆତ୍ମପ୍ରକାଶ । ବୋଧହୁଏ ସେହି ଆତ୍ମପ୍ରକାଶ ବିଶ୍ୱର ସମସ୍ତ ସୃଷ୍ଟି ସହିତ ସାମଞ୍ଜସ୍ୟ ଧରି ଅତି ସୂକ୍ଷ୍ମ ଭାବରେ ମହାବ୍ୟୋମରେ ବିଚରଣ କରୁଥିଲା କୋଟି କୋଟି ଗ୍ରହ, ନକ୍ଷତ୍ର, ସୂର୍ଯ୍ୟ, ନୀହାରିକା ମଣ୍ଡଳ ସହିତ । ବୋଧହୁଏ ଯେପରି ସେହି ସ୍ୱରସୃଷ୍ଟି ଭିତରେ ଶବ୍ଦ-ବ୍ରହ୍ମ ଅବଲୁପ୍ତ ହୋଇଥିଲେ ।

ପ୍ରଦୋଷ କୌଣସି ଦିନ ସଙ୍ଗୀତକୁ ସାଧାରଣ ସଙ୍ଗୀତ ଭାବରେ ଅଭ୍ୟାସ କରି ନ ଥିଲା । ସେ ଜାଣେ, ସଙ୍ଗୀତ ସାଇକେଲ ମୋଟର ବା ଯେ କୌଣସି ଯନ୍ତ୍ର ଚଳାଇବା ପରି ସହଜ କଥା ନୁହେଁ ଯେ, କେବଳ ଅଭ୍ୟାସ ଦ୍ୱାରାହିଁ ତାହା ସୃଷ୍ଟି କରି ହେବ । ଯନ୍ତ୍ର ବଜାଇବା ଅର୍ଥ ସଙ୍ଗୀତ ସୃଷ୍ଟି କରିବା ନୁହେଁ । ତାହା ପାଇଁ ଅଭ୍ୟାସ ନୁହେଁ — ଏକାଗ୍ର ସାଧନା—ଦରକାର; ଦରକାର ଧ୍ୟାନପୁଷ୍ଟ ତପସ୍ୟା । ପ୍ରଦୋଷ ବର୍ଷ ପରେ ବର୍ଷ ସେହି ସାଧନା, ସେହି ତପସ୍ୟା କରି ଆସିଛି । ସେ ତାହାର ସମସ୍ତ ଆବେଗ, ସମସ୍ତ ଭାବ ସେହି ସଙ୍ଗୀତର ଭିତରେ ପ୍ରକାଶିତ କରିବାର ଚେଷ୍ଟା କରି ଆସିଛି । ସଙ୍ଗୀତ ସୃଷ୍ଟି କରିବାରେ ରସି ହୃଦୟ ତନ୍ମୟ ହୋଇପଡ଼େ; ସେହି ତନ୍ମୟତା ଭିତରେହିଁ ସେ ଅପୂର୍ବ ଆନନ୍ଦ ଉପଲବ୍ଧି କରେ । ସେଥିପାଇଁ ତାର ଅଙ୍ଗୁଳିର ସ୍ପର୍ଶ ସ୍ୱରର ଝଙ୍କାର ସହିତ ସମ୍ମୋହନ ମନ୍ତ୍ର ସୃଷ୍ଟି କରିପାରେ ।

ସେ ଦିନ ବୈଠକରେ ପ୍ରଦୋଷ ସୀତାରରେ ସ୍ୱର ପରେ ସ୍ୱର ସୃଷ୍ଟି କରୁଥିଲା, ତାହାର ଭିତରେ ନାନା ରାଗରାଗିଣୀ ମୂର୍ତ୍ତିମନ୍ତ ହୋଇ ଉଠୁଥିଲେ । ଭୁବନ ତା ସହିତ ତାଳେ ତାଳେ ତବଲା ବଜାଉଥିଲା । ଓସ୍ତାଦଜୀ ନିମୀଳିତ ନେତ୍ରରେ ସେ ସବୁ ଉପଭୋଗ କରୁଥିଲେ ।

Digitized by srujanika@gmail.com

ପ୍ରଶାନ୍ତ ତା କୋଠରୀର ଜଳନ୍ତ ଆଲୁଅ ତଳେ ବସି ଖଣ୍ଡେ ସାଧାରଣ ବଙ୍ଗଳା ଉପନ୍ୟାସର ହେମନ୍ତ-ନାୟକର ପ୍ରେମ-ଚମତ୍କାରରେ ମୁଗ୍ଧ ଓ ତନ୍ମୟ ହୋଇଯାଇଥିଲା । ଉପବନର ଝରଣା କୂଳରେ ମାଲତୀ-ଲତାର ସୁରଭିତ ସୌରଭ ମଧ୍ୟରେ ବସନ୍ତର ମଳୟ ସ୍ପର୍ଶରେ ନାୟକ ନାୟିକା ପ୍ରଥମ ସାକ୍ଷାତ୍ କରିବା ଉପରେ, ଏହି ସମୟରେ ପ୍ରଦୋଷର ସଙ୍ଗୀତ ଅତି ଅନଭ୍ୟର୍ଥିତ ଭାବରେ ତାର ମନର ଦ୍ୱାରରେ ଆଘାତ କଲା । ପ୍ରଶାନ୍ତ ଅନ୍ୟମନସ୍କ ହୋଇପଡ଼ିଲା; ନାୟକ ନାୟିକାର ମିଳନ ସ୍ଥଗିତ ରହିଗଲା । ପ୍ରଶାନ୍ତ ମନକୁ କୈଫିୟତ୍ ଦେଇ ସଙ୍ଗୀତର ଏହି ଅତର୍କିତ ଆଗମନ ମୁଖରୁ ପରିତ୍ରାଣ ପାଇବାର ଚେଷ୍ଟା କଲା ଯେ, ଏହା କେଉଁଠିର ସଙ୍ଗୀତ; ଫିଲ୍ମୀ, କଲିକତା ବା ବୋମ୍ବାଇରୁ ଯନ୍ତ୍ର ଯୋଗେ ବନ୍ଦୀ ହୋଇ ଆସି ସେହି ଯନ୍ତ୍ର ସାହାଯ୍ୟରେ ପ୍ରସାରିତ ଓ ବିତରିତ । ଏଥିରେ ଜୀବନ ନାହିଁ—ଏହାର ଗତିରେ ବସନ୍ତ ନାହିଁ—ଏହା ଯାନ୍ତ୍ରିକତାଯୁକ୍ତ ମୃତ ଶବ, କେଣ୍ଟ କୈଫିୟତ୍ ଯୋଗେ ଏହାକୁ ଅବହେଳା କରାଯାଇ ପାରେ । ପ୍ରଶାନ୍ତ ନିଜ ମନକୁ ସେହି ସାନ୍ତ୍ୱନା ଦେଇ ଉପନ୍ୟାସର ନାୟକ-ନାୟିକାର ପ୍ରେମ ସମ୍ଭୋଗକୁ ନିଜ କଳ୍ପନାରେ ଉପଭୋଗ କରିବାର ଚେଷ୍ଟା କଲା । ତାହା ମଧ୍ୟ ସଫଳ ହେଲା ନାହିଁ । ଚକ୍ଷୁ ଓ କର୍ଣ୍ଣ ଉଭୟେ ଦାବୀ କଲେ, ଏ ସଙ୍ଗୀତର ମୂଳଉତ୍ସ କେଉଁଠି ଜାଣିବା ପାଇଁ । ପ୍ରଶାନ୍ତ ପୂର୍ବ ପାଖର ଝରକା ଖୋଲିବା ସଙ୍ଗେ ସଙ୍ଗେ ତାର ଦୃଷ୍ଟି ପ୍ରଦୋଷର ଉପର ବାରଣ୍ଡାରେ ଲାଗିଥିବା ବୈଠକ ଆଡ଼କୁ ଧାଇଁଗଲା । ସେ ଯନ୍ତ୍ରଚାଳିତ ପରି ସେହି-ଠାରେ ଛିଡ଼ା ହୋଇରହିଲା । ଦୂର ଏତେ ନୁହେଁ ଯେ, ମଣିଷ ଚିହ୍ନି ହେବ ନାହିଁ । ସୀତାର ଧରି ପ୍ରଦୋଷ ଯେତେବେଳେ ଆଳାପ କରୁଥିଲା, ତାର ଶୁଭ୍ର ଝଲଙ୍କ କପୋଳକୁ ଯେପରି ଜଳନ୍ତ ଆଲୁଅ ପ୍ରତିଫଳିତ ହୋଇ ତାକୁ ଅଧିକ ଶୁଭ୍ର ଓ ଉଜ୍ଜ୍ୱଳ କରିଦେଉଛି ବୋଲି ଦୂରରୁ ଜଣାପଡ଼ିଲା । ସ୍ୱରଲହରୀର ଏକ ସ୍ତରେ ଅନେକ ପ୍ରକାର ସଙ୍ଗେ ସଙ୍ଗେ ପ୍ରଶାନ୍ତର ଦୃଷ୍ଟି ବୈଠକର କୋଣେ ବୀଣାକୁ ଛୁଇଁ

Digitized by srujanika@gmail.com

ନେବା କାର୍ଯ୍ୟରେ ଲାଗିପଡ଼ିଲା । ପ୍ରଦୋଷର ବଳିଷ୍ଠ ସୁଶ୍ରୀ ଚେହେରା ଓ ଅବିନ୍ୟସ୍ତ ବେଶଭୂଷା ତା ମନରେ ଯେଉଁ ପ୍ରତି ଅବହେଳା–ପୂର୍ଣ୍ଣ ଆକର୍ଷଣ ସୃଷ୍ଟି କଲା, ତାର ସୀତାର ବାଦନରେ ପ୍ରଭାତର ମନ ତା ପ୍ରତି ପ୍ରଶଂସାରେ ପୂର୍ଣ୍ଣ ହୋଇଗଲା ।

ବାଦ୍ୟ ବନ୍ଦ ହୋଇଗଲା । ଚଳଚ୍ଚିତ୍ର ଦେଖୁଥିବା ପରି ପ୍ରଭାତର ଦୃଷ୍ଟି ସେଇଆଡ଼େ । ସେ ଦେଖିଲା, ଜଣେ ଲୋକ ଗୋଟାଏ ବୋତଲ ଓ ଗିଲାସ ଧରି ଘର ଭିତରକୁ ଗଲା । ଏହା ମାତାଲମାନଙ୍କର ଗୋଟାଏ ଅଡ୍ଡା ବୋଲି ମନେ କରି ପ୍ରଭାତ ଝରକା ବନ୍ଦ କରି ପୁଣି ଉପନ୍ୟାସ-ଖଣ୍ଡ ଧରିବା ଉଦ୍ୟମରେ ଲାଗିଗଲା । ଉପନ୍ୟାସର ନାୟକ ଛଡ଼ା, ତାହାର କୌଣସି କାମକୁ ସେ କଦାପି ପସନ୍ଦ କରି ନ ପାରେ । ସେ ନିଜକୁ ସବୁବେଳେ କୌଣସି ନା କୌଣସି ଉପନ୍ୟାସର ନାୟିକା ବୋଲି କଳ୍ପନା କରେ, ଆଉ ସେହି ସମୟରେ ସେ ଅନୁସାରେ କାର୍ଯ୍ୟ କରେ । ପ୍ରଥମ-ଦର୍ଶନରେ ପ୍ରଦୋଷର ଚେହେରାଟା ଉପନ୍ୟାସର ନାୟକ ଶ୍ରେଣୀରେ ପଡ଼ିବାର ଉପଯୁକ୍ତ ବୋଲି ଗୋଟାଏ ଉଡ଼ନ୍ତା ଧାରଣା ତା ମନରେ ଦେଖା ଦେଇଥିଲା; କିନ୍ତୁ ସେ ଯେତେ ଉପନ୍ୟାସ ପଢ଼ିଛି କୌଣସିଥିରେ ତ ଦେଖାପା ଧରଣର ସାଜ ପୋଷାକ, ଗୋଟାଏ ଅବିନ୍ୟସ୍ତ ବେଶ ଥିବା ନାୟକ ବିଷୟ ସେ ପଢ଼ି ନାହିଁ—ଉପନ୍ୟାସର ସମସ୍ତ ନାୟକ ଅନନ୍ୟ ସୁନ୍ଦର, ଖୁବ ଗମ୍ଭୀର ଅଥଚ ଖୁବ୍ ସରଳ, ଖୁବ୍ ବଳିଷ୍ଠ ଅଥଚ ଖୁବ୍ କୋମଳ—ଏହିପରି ଗୋଟାଏ ଧରା ବନ୍ଧା ବଡ଼ ବଡ଼ ଗୁଣର ମୂର୍ତ୍ତିମନ୍ତ ବିଗ୍ରହ ହେବା ଉଚିତ; ସେମାନଙ୍କ ଜୀବନରେ ପ୍ରେମ ଛଡ଼ା ଆଉ କୌଣସି କାମ ପ୍ରାଧାନ୍ୟ ଲାଭ କରିବା ସମ୍ଭବ ନୁହେଁ; ସେମାନେ ଚନ୍ଦ୍ରର ଜ୍ୟୋତ୍ସ୍ନା ପାନ କରି, ଚରମଳୟ ଦୋଳାରେ ଝୁଲି, ଶରତ୍ର ଧଳା ବଉଦରେ ଭାସି ଭାସି, ଗୋଲାପର ଗନ୍ଧରେ ନିଜକୁ ସୁବାସିତ କରି ମାଟି ଠାରୁ ଶୂନ୍ୟରେ ବାସ କରୁଥିବା ଏକ ଜାତିର ଅପସରା ଜୀବ । ପ୍ରଦୋଷକୁ ଦେଖି ତ ତାହା ମନେ ହେଉ ନାହିଁ; ମନେ ହେଉଛି, ସେ ଏକାନ୍ତ ହିଁ ଏହି ମାଟିର ମଣିଷ । ତଥାପି, ସେହିଜଣଙ୍କ ପ୍ରଭାତ ପକ୍ଷରେ ଯଥେଷ୍ଟ;

Digitized by srujanika@gmail.com

ସେ ଆଉ ଭଲ ବ୍ୟବହାର କରେ ନା । ସବୁଦିନ ସକାଳେ ସେ ପ୍ରତ୍ୟେକକୁ ତାଁର କଲ୍ପନାର ନାୟିକ ଶ୍ରେଣୀକୁ ଉନ୍ନୀତ କରିଦେଲା । ଯେତେ ଯେତେ ଉପନ୍ୟାସରେ ମହାଭାରତ ଥାଏ, ନାୟିକ ମଧ୍ୟ ସେଥିରେ ଲକ୍ଷ ଥାଏ, କିନ୍ତୁ ସେଥିରେ ସେ ଥାଏ କେବଳ କୋଠା ଉପରୁ ଡେଇଁ ପଳେଇବା ପାଇଁ, କୌଣସି ରମଣୀ—ଯୁବକକୁ—କୁତୁହଳମାନଙ୍କ ହସ୍ତରୁ ରକ୍ଷା କରିବା ପାଇଁ, ଜଳ ସାଗରକୁ ଉପରୁ ତଳ ନାସ୍ତିକାକୁ ସାହାଯ୍ୟ କରିବା ପାଇଁ । ଏମାନଙ୍କ ଆକୃତିରେ ତ ସେପରି କିଛି ହେଉ ନାହିଁ—ଏଠି ମଧ୍ୟ ଜୁଆ, ଫିଲ୍ମ, ଡଲେଆର—ଅନ୍ତତଃ ଠେଙ୍ଗା ଖଣ୍ଡେ ମଧ୍ୟ ନ ଥିବ ! ଏ ପ୍ରତ୍ୟେକ ଦୁଇ ଦୁଇ ମିଠା ମିଠା ସଙ୍ଗୀତ ବଜାନ୍ତି—ଆଉ ମନ ପିଟନ୍ତି । ତା ମଧ୍ୟ ଆଦୌ ଭଲଲାଗେ ସେତ ; ତା ଉପରେ ଦୃଷ୍ଟି କଣେ ବାର୍ଦ୍ଧିଅ ବୁଢା, ଆଉ ଜଣେର ମୁଣ୍ଡର କେଶ ଚୁମ୍ଫୁସ ଖୁଣ୍ଟିଲା, ଆଉ ଜଣେ ବେଳ୍ପେସ୍ରୁ ଅଧେ ବାକୁ ବସ୍ତ ନାହିଁ । କୌଣସି ଉପନ୍ୟାସରେ ସେପରି ନାହିଁ; କେଣ୍ଟୁ ସେ ଆକୃତୁ ଡାଉ ବୃତ୍ତି ପଢ଼ିବା ପନ୍ୟାସ୍ର ! ଏଣିକ ସେ ଫେରିବା କଥା ! ପ୍ରଭାତ ମନେ ମନେ ଏହା ଏକ ପ୍ରକାର ସ୍ଥିର କରିନେଲା ।

କିନ୍ତୁ ସେ ଚୁଣ୍ଡୁସମୁଣ୍ଡା ଲୋକଟା—ତା ସ୍ଥାନରେ ଗୀତାର ବାଜେ ଶ୍ଲ ଲ୍ ଲର; ମୁଣ୍ଡର କେଶସ୍ତତାକୁ ଏକାଠି କେଲେ ଲୋକଟା ମନ ଜୋଗାଇବ ନାହିଁ । ଅନ୍ତତଃ ସେ ଲୋକଟା ଏପରି ଗାତ ବୋଲି ମନେ ହେଉ ନାହିଁ ଯେ, ତା ସହିତ କୌଣସି ସମ୍ପର୍କ ରଖିବା ଉଚିତ ନୁହେଁ । ପ୍ରଭାତ ତତ୍କାଳ ତଳେ ଗୀତାର ଶିଖିବା ପାଇଁ ଚେଷ୍ଟା କରୁଥିଲା, କିଏ ତ ବା ଆଗ୍ରହର ଗୋଟକୁ ହେଉ ବା ତାଡ଼ାଟା ଲକ୍ଷ୍ୟକୁ ଅପେକ୍ଷିତ ବୋଧ ହେଉ, ସେ ସେ ଶଦରେ 'ଟା-ଟ୍ଟା ଟା-ଟ୍ଟା' ପ୍ରଭ ଆଉ ବେଶୀ ଦୂରକୁ ଯାଇ ପାରିଲା ନାହିଁ । ସେ ଯଦି ଏହି ଲୋକଟି ପରି ଗୀତାର ବଜାଇ ପାରନ୍ତା, ତେବେ ତା ଉପରେ ଉପନ୍ୟାସର ଭାଷ୍ଟିକାମାନଙ୍କ ଯେଉଁ ସ୍ନେହ ଅଛି, ତା ସହିତ ଆଉ ଗୋଟାଏ ସ୍ନେହ ମଧ୍ୟ ଯୋଗନ୍ତା । ଆଚ୍ଛା, ଏ ଲୋକଟା ସେ କଥ ବୋଧିବ ।

Digitized by srujanika@gmail.com

ସଂହତା ଓିଷ୍ଟିଆ, ସଂସ୍କୃତ ବାଦ୍ୟ ଶ୍ରେଣୀ ବା ପ୍ରଭୃତି ସେମାନଙ୍କ ଭିତ୍ତି ଦେଇ ସେମାନଙ୍କ ଦୋଷପୂର୍ଣ୍ଣ ବସ୍ତୁର ଭଙ୍ଗତାକୁ ଦର୍ଶାଇବା, ଏଥିରୁ ଏହି କଥା ନା ପ୍ରଦୋଷ, ନା ତାଙ୍କର ଅନ୍ୟ କୁଳ ସଙ୍ଗୀତ ଜାଣି ଥିଲ ।

ସଙ୍ଗୀତ ସରିବା ପରେ ପରେ ସେମାନେ କିଛି ସମୟ ନିସ୍ତବ୍ଧ ହୋଇ ବସିଲେ । ଯେପରି ବାହ୍ୟ ଜଗତ୍ ସହିତ ସେମାନଙ୍କର ସବୁ ସମ୍ପର୍କ ତୁଟି ଯାଇଥିଲା, ପୁଣି ତା ସହିତ ଅଜ୍ଞାତ ସ୍ଥାନର ତୋଷକୁ ପୁଣି ସେମାନେ ସଂଯୋଜିତ କରିବାରେ ଲାଗିଛନ୍ତି ।

କିଛି ସମୟ ପରେ ଓସ୍ତାଦ କହିଲେ, 'ସୀତାରର ହାତ ଏପରି ନ ହେଲେ ସୀତାର ଧରିବା ଉଚିତ ନୁହେଁ ।'

ପ୍ରଦୋଷ କଥାଟାର ମୁହଁ ଫେରାଇଦେବା ଉଦ୍ଦେଶ୍ୟରେ କହି ପକାଇଲା, 'ତା ପର, ଓସ୍ତାଦଜୀ, ତଲ୍‌ହାର ସୀତାର ହାତ କେମିତି ହେବ ବୋଲି ଭାବୁଛନ୍ତି ?'

ଓସ୍ତାଦଜୀ କହିଲେ,'ବାବୁଜୀ, ହାତର କଥା କଅଣ କହୁଛନ୍ତି ? ଭଗବାନ ତ ସମସ୍ତଙ୍କୁ ହାତ ଦେଇଛନ୍ତି । ଅସଲ ସାଧନା କରିବା ବାବୁଜୀ, ଅସଲ ସାଧନା କରିବା । ମିଆଁ ତାନ୍‌ସେନ୍ ତ କହି-ଯାଇଛନ୍ତି, 'ସାଧନ କରବେ, ଗୁଣୀଗଣ ସେବେ, ତେବେ ନାଦ, ତେବେ ଗ୍ରାମ, ତେବେ ଅଲଙ୍କାର ।'

ତାନ୍‌ସେନ୍‌ଙ୍କ ଏହି ଉକ୍ତିଟି ଆରମ୍ଭ କରି ରାଗରୂପିଣୀ ସହିତ "ଭଜେ ମିଆଁ ତାନ୍‌ସେନ" ପର୍ଯ୍ୟନ୍ତ ଅତି ସୁନ୍ଦର ସ୍ୱରରେ ଓସ୍ତାଦଜୀ ତନା ଯନ୍ତ୍ରରେ ଗାନ କଲେ ।

ପ୍ରଦୋଷ ଅସଲ କଥାଟା ଏଥର ଲଜ୍ଜାରୁ ଧରି ନ ପାରି କହିଲା, 'ଆପଣଙ୍କର ଅନେକ ସାଗିରଦ ଅଛନ୍ତି । ସମସ୍ତେ ତ ପ୍ରାଣ ଲଗାଇ ସାଧନା କରୁଛନ୍ତି । ତା ଭିତରୁ ପୁଣି କିଏ ସରସ ତ ହେଉଛି । ମୁଁ ସେହି ସ୍ୱରରେ କହିବା କଥା କହୁଛି ।'

ଓସ୍ତାଦଜୀ ଦାଢ଼ୀ ଉପରେ ହାତ ବୁଲାଇ କହିଲେ, 'ଠିକ୍ ବାତ୍, ଲେକିନ୍ ଶିଖିବା ବଡ଼ା ଶିଖି ଠିକ୍‌ତା ହେ, ଦୋସୁରା ବଡ଼ା ଖତମ

ଯାହା ହେଉ ; ନେତ୍ରର ହାତ ତୁଚ୍ଛ, ଲେକିନ୍ ହୃଦୟ ସବୁର ଉଚ୍ଚରେ ଓହ୍ଲାଇଥିଲେ ହାତ ଯେତେ ଖୁବ୍‌ସୁରତ୍ ହୋଇଥାଉ, ଏ ଗୁଣଟିକୁ ହେବ ନାହିଁ ।'

ପ୍ରଦୋଷ କହିଲ, 'ଆପଣ ତ ମୂର୍ତ୍ତି ଦେଖି ପ୍ରଶ୍ନ ଉଠି ଥୋଇଲେ, ଯାହା ଜଡ଼ାଙ୍କ ହୃଦ ବୋଲି ମୁଁ ମନେ କରେ, ଆଉ ଚତୁରତା ହାସ ତାହାହିଁ ପ୍ରମାଣିତ କରିବାକୁ ଯାଉଛି ।'

ଓସ୍ତାଦଜୀ କହିଲେ, 'ବହୁତ୍ ଅଚ୍ଛା ।

ହାତ

'ହେଇଟି, ନିଅ' — ସେ ଦିନ କଣ୍ଠରୁ ସେଫ୍ ହୃଷ୍ଟକେଶର ବାକ୍ସ କାଗଜରେ ମୋଡ଼ା ହୋଇ ବନ୍ଧା ହୋଇଥିବା ଖଣ୍ଡେ ବ୍ଲାଉଜ୍ ହୈମବତୀ ହାତକୁ ବଢ଼ାଇ ଦେଲେ ।

ହୈମବତୀ ବହୁସହୁ ଅଜାତ ଏହି ପଦାର୍ଥଟି ଉପରେ ଆଖି ନ ବୁଲାଇ ଅନାଇବେ କଳଙ୍କା କପଡ଼ ବୋଲି ବୁଝି ନେଲ, ତାକୁ କୋଣଟାଏ ତଡ଼ିକୁ ସେମିତ ଥୋଇ ଦେଲ ।

ସେ ଅପେକ୍ଷାକୃତ ବଡ଼ଘରର ଝିଅ ବୋଲି ତାର ଗୋଟାଏ ଗର୍ବ ଥିଲା ଓ ସମସ୍ତ ଅସମନ୍ୱ ସବୁବେଳେ ସେ ହୃଷ୍ଟକେଶଙ୍କ ନିକଟରେ ଏହା ପ୍ରକାଶିତ କରୁଥାଏ । ଏଥିରେ ହୃଷ୍ଟକେଶଙ୍କ ସ୍ୱାମୀତ୍ୱର ଗୌରବରେ ଆଘାତ ଲାଗେ ବୋଲି ସେ ମନେକରେ । ସୀତା, ସାବିତ୍ରୀ, ଦମୟନ୍ତୀଙ୍କ ବ୍ୟାଖ୍ୟାନଯୁକ୍ତ ବକ୍ତୃତା ଦେଇ ସେ ତାକୁ ସ୍ତ୍ରୀର କର୍ତ୍ତବ୍ୟ ବିଷୟରେ ଶିକ୍ଷା ଦେବାରେ ଚେଷ୍ଟା କରେ । ତା ଫଳରେ ହୈମବତୀ ଉପରଟି ଉତ୍ତର ଦିଏ, 'ଅଚ୍ଛା ବେ ମୋର ରାମଚନ୍ଦ୍ର, ସତ୍ୟବାନ୍, ନଳରାଜା ! ସେମାନେ ଏତା ତମର ପରି ଶତା-ଭଟା, ମାଇକିଆ, ଚୈତନ୍ୟଭରକଧାରୀ ଚରିତ୍ର ସ୍ୱରୂପ ହୋଇଥିବେ । ଲଜ ନାହିଁ ଯାହା ମୁହଁକୁ, ଉତ୍ତର ନ ମିଳେ ଯୌବନକୁ ।' ଏହିପରି କାର୍ଯ୍ୟବଦ୍ଧତୁ ଓ ଚିତ୍ତାସ୍ୱରନାର ଜଣାଶୁଣା ହୋଇ ହୃଷ୍ଟକେଶଙ୍କ

Digitized by srujanika@gmail.com

ମନକୁ ସ୍ଥିର କରି ସ୍ୱାଧୀନ ସାଧନା-ପରିବାର ଚାଲନା ଭୂଷଣ ସବୁ ଓଟାଇଚ ପ୍ରଚେଷ୍ଟା କରନ୍ତୁ ।

କିନ୍ତୁ ହୈମବତୀକୁ ନେଇ ସେଇ ଚହଟା ଚିନ୍ତା ର ଅବସର ଆସିଲା ନାହିଁ । ହୈମବତୀର ଲେଖା ତୁମ୍ଭେ ବା ହଂସା ତୁମ୍ଭେ ସପ,ସେଇ ତ ହେଲେ ପରମୂଖ ହେଇ ତାକୁ ବଢ଼ାଇ ନେଇ ହେବ । ମାଳ, ଫୁଲ, ଗୀତା, ସ୍ୱରଚିତ, ବ୍ରତ ଉପବାସ, ଦାମଗାଛିରର ହେଉଛି ତାର ଦେଖାଇ ସେ ସ୍ଥିର ମନ ଗଢ଼ିବା ପାଇଁ ଚେଷ୍ଟା କଲେ । ତାର ଫଳ ମଧ୍ୟ ଅତି ଅଦ୍ଭୁତ ରୂପେ ପ୍ରକାଶିତ ହୋଇଗଲା । ହୈମବତୀ ମାଳା ଫୁଲକୁ ଶାସ୍ତ୍ରରେ ଫିଙ୍ଗିଦେଲା , ଗୀତା ସ୍ୱରଚିତକୁ ଚୁଲିରେ ଜାଳି ଦେଲା, ଘର ଭିତରେ ବ୍ୟବହୃତ ମହାପ୍ରସାଦ ଚୋଥରୀ ଇତ୍ୟାଦି ସ୍ମୃତିଗନ୍ଧମୟ ଜଳରେ ପ୍ରକ୍ଷାଳିତ ହେଲା—ଆଉ ଏକାଦଶୀର ପାରଣାରେ ଅଣ୍ଡା ଅପ୍ରତ୍ୟାଶିତ ରୂପେ ଶୁଷ୍କମତ୍ସ୍ୟ ବା କୁକ୍କୁଟମାଂସ ଶସ୍ତ ଅନୁପ୍ରବେଶ କଲା । କୃଷ୍ଣଚନ୍ଦ୍ର ଦେଖିଲେ, ତାଙ୍କ ତୂଣୀରରେ ଥିବା ସବୁ ପ୍ରକାର ଅବ୍ୟର୍ଥ ବାଣ ହୈମବତୀଙ୍କ ପାଖରେ ବ୍ୟର୍ଥ ହୋଇ ଯାଉଛି । ସେ ହତାଶ ହେଲେ, ମନେ ମନେ ପରାଜୟ ସ୍ୱୀକାର କଲେ । କାଳକ୍ରମେ ଉଭୟପକ୍ଷଙ୍କ ମନ ସମ୍ବନ୍ଧରେ ଏକ ପ୍ରକାର ଚାପାଚାପି ସନ୍ଧି ସ୍ଥାପିତ ହୋଇଗଲା ଯେ, ହୈମବତୀଙ୍କ ଦୈନିକ କାର୍ଯ୍ୟରେ କୃଷ୍ଣଚନ୍ଦ୍ରଙ୍କ ହସ୍ତକ୍ଷେପ କରିବେ ନାହିଁ ହୈମବତୀ ମଧ୍ୟ କୃଷ୍ଣଚନ୍ଦ୍ରଙ୍କ ମାଳା-ଚନ୍ଦନ-ହରିନାମ ସମ୍ବନ୍ଧୀୟ ବ୍ରତରେ ବାଧା ଦେବେ ନାହିଁ । କୃଷ୍ଣଚନ୍ଦ୍ରଙ୍କ ମନରେ ହୈମବତୀ ପ୍ରତି ଭୟ ଓ ହୈମବତୀଙ୍କ ମନରେ କୃଷ୍ଣଚନ୍ଦ୍ରଙ୍କ ପ୍ରତି ତାଚ୍ଛଲ୍ୟ—ସମସ୍ତ ସମୟରେ ଅକର୍ମଣ୍ୟତାର ଘୃଣା ଅଲକ୍ଷିତରେ ଜାଗି ରହିଲା ଓ ତୁମ୍ଭେ ଏଣୁ ସମ୍ମତିରେ କୃଷ୍ଣଙ୍କର ଏହି ମନୋଭାବକୁ ସ୍ୱୀକାର କରିନେଇ କବିତ୍ୱ ପ୍ରକାଶରେ ଲାଗିଲେ ।

କୃଷ୍ଣଚନ୍ଦ୍ର ବୈଷ୍ଣବ-ସାହିତ୍ୟର କୃତ୍ସ୍ନ ଗବେଷଣା ସ୍ଥିର କଲେ ଯେ, ତାଙ୍କ ପ୍ରତି ହୈମବତୀଙ୍କର ଏଇଭଳି ବ୍ୟବହାର ଓ ଓ କାର୍ଯ୍ୟକୁ ଦୁର୍ଜ୍ଞେୟ ମାନ ଶ୍ରେଣୀର ଅନ୍ତର୍ଗତ କରିପାରି ପାରେ । ଏହି

ଅଙ୍ଗସ୍ପୃଷ୍ଟର ଶୋଭା ଦେଖିବାକୁ ଚାହୁଁଥିଲେ, ପ୍ରଶସ୍ତ ଚନ୍ଦ୍ରାଲୋକ ବାଞ୍ଛାରେ, 'ଅତଲସ୍ପର୍ଶ ଜଳାଶୟ, ଭାଷେ ଗାଇଁ ଉଠିଲେ, ଏକାକିନୀ ଏକାନ୍ତ-ବାସ' । ହୈମବତୀ ଏଥିଠାରୁ ଶାନ୍ତ, ଶିଷ୍ଟ ଓ ପତିଙ୍କୁ ଭକ୍ତି ଭାବ ପୁଣି ଅନ୍ତରରୁ ପ୍ରୟୋଗ କରନ୍ତି । ତାଙ୍କର ବୁଦ୍ଧିମାନ ଭିତରେ ସେତେବେଳେ ବୁଦ୍ଧି, ଏଥିରୁ ତାର ପ୍ରମାଣ ମିଳୁଛି ହୋଇ ବୁଝି-ଜଗତ ମନେ କଲେ । ବୁଦ୍ଧିମାନର ପ୍ରକୃତାର ମଧ୍ୟ ବୈଷ୍ଣବ ଶାସ୍ତ୍ରରେ ':ଲେଖାଯାଇଛି—ସୃଷ୍ଟି ଠାରୁ ଅବଧାରଣ—'ଜଗନ୍ନାଥ ଭାଗବତ ବନ୍ଧୁଙ୍କ କୌମୁଦୀ'ଠାରୁ 'ବେଦ ପଦ୍ଧତିର ମୁକ୍ତାର' ପର୍ଯ୍ୟନ୍ତ ହୈମବତୀଙ୍କଠାରେ ସୃଷ୍ଟିର ଉତ୍ତରରେ କର୍ତ୍ତବ୍ୟ ଲକ୍ଷଣ ଲାଭ ନାହିଁ, ଏପରି ପଣ୍ଡିତ ଛାତ୍ରୀଠାରେ ଅବଧାରଣ ଚେଷ୍ଟା କରିବାକୁ ଉଦ୍ୟତ ହୋଇ ହୈମବତୀଙ୍କ ସ୍ୱାମୀ ଲଜ୍ଜାଶୀଳ ରସ୍ତରେ ପଡ଼ିଗଲେ ହୋଇ ବୈଷ୍ଣବ ଶାସ୍ତ୍ରର ଜାଣିବାଯୋଗ୍ୟ ପ୍ରତି ତାଙ୍କର ମମତା ଟିକିଏ କମିଲା, ଜଳୁ ରତ୍ନର ମାଳା ଛିଣ୍ଡିଗଲା । ସେହି କାରଣରୁ ସେ ଆଧୁନିକ ଉପାୟରେ ହୈମବତୀଙ୍କ ମନୋରଞ୍ଜନ ଚେଷ୍ଟା କରିବା ଉଦ୍ୟମ ଅନ୍ୟ ପଥ ହେଲା ସେ ଅବଲମ୍ବନ କରିଲେ । ତା ଫଳରେ କେବେ ଆସିଲା ଗନ୍ଧ ଜାର୍ମାନିର ସାବୁନ, ଆଉ କେବେ ଲାଲ ଫିତା ଓ ମୋଟା ଛୁଞ୍ଚିରୁ ଗଞ୍ଜି, ଆଉ କେବେ ଗୋଟାଏ ଜାମିଆନା ଜାପାନୀ ଜେଲ, ଆଉ କେବେ ତାଙ୍କର କୁଳଟା ସ୍ନାନ ପିଲ୍ଟିଂଟା ବୁଲ୍ ଓ ସେ କଳ ଖାଣ୍ଟି ଜ ଥାଉ ଭ୍ରାନ୍ତ । ତାଙ୍କର ଘଟ ହେଲେ, କେଶରୀ ଆଣି ହୈମବତୀ ଛୁଇଁଲେ ତଥାପି ଜେଉ କୌଣସି ଅଙ୍ଗକୁ ଦୃଷ୍ଟି ନ ଦେଇ ଏକାନ୍ତରେ ନିଜର ତତ୍ତ୍ୱମାଧୁରୀର ଗୋଟାଏ ବକ୍ତୃତା ଦେବା । ଏହା କରିବାକୁ ସାର ମଧ୍ୟ ଅନେକର ଆଶଙ୍କା ରହିଲା । ଏହାର ପ୍ରତିକ୍ରିୟା କେଉଁ ରୂପରେ ହୈମ-ବତୀଙ୍କ ଉପରେ ଓ ଆକାର ଧାରଣ କରି ତାଙ୍କ ମୁକ୍ତବେଣୀକୁ ଆକ-ର୍ଷଣ କରିବ, ଏ ସମ୍ଭାବନା ଅନ୍ୟ କାଳୁ ବେଙ୍ଗାଳୀର ସ୍ୱାମୀମାନଙ୍କ ପରି ଉମୀଚ ସ୍ୱାମୀଙ୍କ ସନ୍ଦେହରେ ; ସେ ଏ ଉପକାର ସମ୍ଭାବନାକୁ ସ୍ୱୀକାର କରିନେଇ ନିଜ ଚରିତ୍ର ପଥରେ ଅଗ୍ରସର ହୋଇଥିଲେ ।

Digitized by srujanika@gmail.com

[illegible] ସମୟରେ ତାଙ୍କଭଉଣୀ ତୁଳସୀ ଏବେ [illegible] ହାତକୁ ଭଲାଇ ଦେଇ ବେତର ମାଳା ଗଣୁ ଥାଇ ଖୋଲୁ ଖୋଲୁ ସେ କହିଥିଲେ, 'ତୁଳସୀ, [illegible] ବାକ୍ୟ [illegible] ଶହେ ଥର ସ୍ୱର୍ଗରେ ଜମିଲ୍ଲ ଏ । ଯୋଗାଏ ସ୍ୱର୍ଗ ଦେଶରେ ସ୍ୱେଚ୍ଛ ଗରିବ ଅଜ୍ଞାନ ଯାତ୍ରୀମାନଙ୍କୁ [illegible] ହଳରେ ଦେବୁ ପାପୁ କରିବେଇ ଯେ, ତୁମ୍ଭେ ଏବଦମ୍ ଶୁଦ୍ଧ ହୋଇଯିବେ । [illegible] ସ୍ୱର୍ଗରେ ଚମ୍ପାବତୀ ହାତରେ ମୋତେ ଖାଇ୍ [illegible] ଉଠାଇ ନେଇ କହିଲେ, 'ଏହି ସ୍ୱର୍ଗରେ ଅପଣ ଶମ ସବୁ [illegible] [illegible] ଆସିବେ । ଯୋଗାଏ ଜନ୍ମର ପଥ ଚାଲିବା ଅଛି ।' ବାର୍ ଥରେ [illegible] [illegible] ଉଠିଲ, ଏହେ ମୃତ୍ୟୁର ପରେ; ତୁମ୍ଭେ ଶଡ ସବୁ ତାହାକୁ [illegible] ଉତ୍ତର ? ଏହାର ଫଳ ପରେ ହେବ ନାହିଁ ? [illegible] ମାନେ ଯେତେବେଳେ ଜାଣିବେ ଯେ, ପିତେର୍ ବାବୁ [illegible] ସହିତ ମୋର ଶର୍ତ୍ତାବଳୀ ଅଛି, ସେତେବେଳେ ତାଙ୍କ [illegible] [illegible] ଦେଇ ହେବ, ସବୁ ଶାନ୍ତ ମୋର ଗାଁକୁ ଆସିବ । [illegible]— ହଁ, ହଁ, ହଁ—ଏମ ସବୁ ବୋଝ ଆସିବ ।'

ପରିଧାନ ସତେ ଏ ବକ୍ତୃତା ଦେବା ସମୟରେ ତାଙ୍କର ଆଉ ଦୁଇଟା ବୈମନସ୍ୟର ଆର୍ଥିକତାର ସନ୍ଧାନ ରହୁଥାଏ । ବୈମନସ୍ୟ ସ୍ୱଭାବତଃ ହାତରେ ଖଣ୍ଡେ ଏଠି ଧରିଥିଲି । ସେ ଖଣ୍ଡକୁ ମୋ ଆଉ ହାତରେ ଧରିବା ସମୟରେ ଜବ୍ଧାଣ୍ କର ହେଲି । ଲୁହର ଯୋଗାଏ ରେଖା ଦୃଷ୍ଟିକର ବାତ୍ତବ ଅଶ୍ରି ଓ ମୂର୍ତ୍ତିରେ ଖେଳଗଲ । ଉଚ୍ଚ ଜେଉ ସ୍ୱର୍ଗ ତାର ସାହସ ମଧ୍ୟ ତାଙ୍କର ରହିଲ ନାହିଁ । ସେ ଅତ୍ୟନ୍ତରେ ସେହୁ ସ୍ୱର୍ଗ ତାର ତେଷ୍ଟାନର ଦୂରଗାମ ପଥକୁ ସ୍ୱଳ୍ପ ସରେ ଓ ସେଠାରେ ଛଡ଼ା ହୋଇ ହୋଇ ବକ୍ତୃତାର ପରିଶିଷ୍ଟ ଅଂଶଟିକୁ ଶେଷ କରିବା ଚେଷ୍ଟା କରି କହିଲେ, 'ହଁ ସବୁର ମୂଳ । ସେତିକି ସନ୍ଦେଶ ମିଳିଲେ ସେତେବେଳେ କ୍ଷମା ଦାନ ଅମର ଏଥିର ମନୋହର ରହିବ କି ? ଅମର ମୋଟର ହେବ, ଭୂଲ୍ ଭଲ ବୋତାଲ୍ ତୋଠାରର ହେବ, ଉଷିର୍‌ଏଲ୍ ବ୍ୟାଙ୍କରେ ହଁ ସମ

ରହିବ, ମୁଁ ବଜାରକୁ ଗଲେ ତମେ ମୋତେ [illegible]ରେ [illegible] ପର୍ଯ୍ୟନ୍ତ । ଯାଇଁ ମୋଟରରେ ସାଙ୍ଗେ ସାଙ୍ଗେ ଯିବ । ଆମେ ସଭାସମିତିକୁ ଯିବା, ତମେ ଓଡ଼ିଶା ଏସେମ୍ବ୍ଲିର ମହିଳା ସଭ୍ୟର ଆସନ ପାଇବ, ନେଶନାଲିଷ୍ଟ ପାର୍ଟି ପ୍ରଶ୍ନର ସମାଧାନ ହେବ । ଏ ସବୁ ଟିକିଏ ଭାବ, ଏ ସବୁ ଭିତରକୁ ଟିକିଏ ମୁଣ୍ଡ ପୂରାଅ । ସବୁଠୁଁ କୃଷ୍ଣ-ଚୈତନ୍ୟ......"

ଅଭ୍ୟାସ ଫଳରେ କୃଷ୍ଣଚୈତନ୍ୟ ତଥାପି ତାଙ୍କ ମୁହଁରୁ ବାହାରିଗଲା ।

ହୈମବତୀ ଛିଡ଼ା ହୋଇ ଗର୍ଜି ଉଠିଲେ, 'ଫେର ମୋ ଆଗରେ କୃଷ୍ଣଚୈତନ୍ୟ !'

କୃଷ୍ଣକାନ୍ତଙ୍କ ଦାମିକ କରଫିଟା ହୋଇ ସେଇଠି ରହିଲା; ଉତ୍ତରେ ସର୍ବାଙ୍ଗ କମ୍ପିତ ହେବାପରି ଜଣାଗଲା । କାଃଦହାସ୍ୟ ଭାବରେ ସେ ସ୍ୱାମୀକୁ ଡାକି ପକେଇଲେ, 'ବୁଝିଅ, ହେ ବୁଝିଅ !'

ଆଠ

ସନ୍ଧ୍ୟା ଅତୀତ ହୋଇ ଯାଇଥିଲା । କୃଷ୍ଣକାନ୍ତଙ୍କର ସିଦ୍ଧେଶ୍ୱର ବାବୁଙ୍କ ବୈଠକଖାନାରେ ପହଞ୍ଚିଲେ । 'ଆସନ୍ତୁ, ଆସନ୍ତୁ' ବୋଲି ସିଦ୍ଧେଶ୍ୱର ବାବୁ ତାଙ୍କୁ ଏପରି ଭାବରେ ଅଭ୍ୟର୍ଥନା କଲେ ଯେ, କୃଷ୍ଣକାନ୍ତଙ୍କର ମନେହେଲେ ତାଙ୍କ ପ୍ରତି କପୋଟି ବାବୁଙ୍କର ଶ୍ରଦ୍ଧାସମ୍ମାନର ସେପରି କି ଅନ୍ତ ନାହିଁ । ବୈଠକଖାନାର ବିଜୁଳି ଆଲୁଅରେ ନାଦଠାରୁ ମସ୍ତକର ସ୍ଥାନ ସ୍ଥାନ ବେଶ ପର୍ଯ୍ୟନ୍ତ ସନ୍ଦେହଜନକ ହୋଇଥିବା ଉଦା ତାଙ୍କ ମୁଖର ସର୍ବାବସ୍ଥ ଭିତରେ ଅତି ପ୍ରଧାନ ବୋଲି ଜଣା ପଡୁଥିଲା ।

ଏମା ଉପଯୁକ୍ତ କାରଣରେ ଯେ ସିଦ୍ଧେଶ୍ୱର ବାବୁଙ୍କ ପରି ସିନପୁର କପୋଟି କୃଷ୍ଣକାନ୍ତଙ୍କ ପରି ଜଣେ ଜୁନିଅର ଓକିଲକୁ ନିଜ ଘରକୁ ନିମନ୍ତ୍ରଣ କରି ନେଇ ଏତେ ସମାଦର ପ୍ରଦର୍ଶନ କରନ୍ତେ, ତାହା ମଧ୍ୟ ତୁଚ୍ଛ । ତାଙ୍କର ଏହି ଡାର୍ଫି ପକ୍ଷରେ ଯେଉଁ କାରଣ ବର୍ତ୍ତମାନ,

Digitized by srujanika@gmail.com

ଏବେ ବନ୍ଧୁ ଶୁଭ[illegible]ମ୍ରାଜ୍ୟର ଅସ୍ତିତ୍ୱ ମୂଳରେ ଠିକ୍ ସେହି କାରଣ ସେତିକିର ଅବଧରେ ବର୍ତ୍ତମାନ ବୋଲି ସିଦ୍ଧେଶ୍ୱର ବାବୁ ମନେ କରନ୍ତି । କାରଣଟା ଅତି ଛୋଟ ନୁହେଁ—ଅଚଳ ଅବସ୍ଥାର ସମାଧାନ । ସ୍ୱଦେଶୀୟ ଅଚଳ ଅବସ୍ଥା ଯେଉଁ ଅବସ୍ଥାରେ ଅଛି ଓ ସ୍ୱଦେଶୀର ଜନସ୍ୱ ସମର୍ଥିତ୍ୱ ପକ୍ଷରେ ସେ ଅଚଳ ଅବସ୍ଥା ନୂଆଁ ନୂଆଁ ସୃଷ୍ଟି ହୋଇଛି, ତାହା ଏକ ଶ୍ରେଣୀର ଦଣ୍ଡ ବୋଲି ତାଙ୍କର ଧାରଣା । ଦୁର୍ଭିକ୍ଷକାର ଉପରେ ତାଙ୍କର ସୁପର୍ଶର ଅସ୍ଥା ଅଗାଧ ରହିଛି । ନ ହେଲେ କି ସେ ଏପୋଟି କାର୍ଯ୍ୟ ଚଳାଇ ପାରନ୍ତେ ? କେବେ କେବେ ତାଙ୍କର ଏହି ପାରିବାରିକ ଅଚଳ ଅବସ୍ଥାର ଧକ୍କା ତାଙ୍କୁ ବିଚଳିତ କରି ପକାଏ; କିନ୍ତୁ ତାହା ମୁହୂର୍ତ୍ତକ ପାଇଁ ମାତ୍ର, ପରମୁହୂର୍ତ୍ତରେ ତାଙ୍କ ଭିତରର ସଦାଜାଗ୍ରତ ଦୁର୍ଭିକ୍ଷକାର ସଦମ୍ଭେ ମସ୍ତକୋତ୍ତଳନ କରି ଛିଡ଼ା ହୁଏ । ସେହି କାରଣରୁ ଗୃହିଣୀଙ୍କ ଦ୍ୱାରା ସୂଚିତ ହୋଇଥିବା ଶବାନୁଦଣ୍ଡକ ଭ୍ରାନ୍ତି ଓ ସେଥିରେ ଚଣ୍ଡୁଇଦାନସୂଚକ ଗାଣକ୍ଷ ଶେଷ ଦୁର୍ବଳ ମୁହୂର୍ତ୍ତରେ ଗ୍ରହଣ କରିନେଲେ ମଧ୍ୟ ତାଙ୍କ କର୍ମଯୋଜନାକୁ କାର୍ଯ୍ୟକାରୀ କରିବାର କୌଣସି ଚେଷ୍ଟାକୁ ସେ ବାଦ୍ ଦେଇନ୍ତି ନାହିଁ ।

ପ୍ରଦୋଷକୁ ଘରର ଉପଯୁକ୍ତ ପାତ୍ର ଶ୍ରେଣୀରେ ଚାଲିବାକୁ କରିବା ଜନ୍ମ ପ୍ରଦୋଷର ଶଯ୍ୟା କୌଣସି ଦିନ ବା କୌଣସି ଅବସ୍ଥାରେ ତାଙ୍କ ଦୃଷ୍ଟିର ବହିର୍ଭୂତ ହୋଇ ନାହିଁ । ପୂର୍ବସ୍ତର-ଅନୁସ୍ତର ଶଯ୍ୟାକ ଉପାୟରେ ବାଧା ପାଇ ତାଙ୍କର ଚେଷ୍ଟା ପ୍ରଦୋଷ ସହିତ ସିଦ୍ଧେଶ୍ୱର ବାବୁଙ୍କର ପ୍ରତ୍ୟକ୍ଷ ସମ୍ପର୍କ ସ୍ଥାପନ ମାର୍ଗରେ ଧାବିତ ହେଲା । ସ୍ୱିଅଡ଼କୁ ଦୃଷ୍ଟିପାତ କରି ସେ ଦେଖିଲେ, ପ୍ରଦୋଷ ଯେପରି କି ସାମାଜିକ ସମ୍ପର୍କ ଶପଥରେ ତାର ଚାରିପଟେ ଏକ ଦୁର୍ଭେଦ୍ୟ ଦୁର୍ଗ ସୃଷ୍ଟି କରିଛି । ତାର ବନ୍ଧୁ ବାନ୍ଧବ ମଣ୍ଡଳ ବେଶୀ ନୁହେଁ । ସେ କୌଣସି ବାହାର ଲୋକ ସହିତ ମିଶେ ନାହିଁ । ତାର ସ୍ୱଦରବାଦର, ଶ୍ୱଦନ ଓ ଓସ୍ତ୍ରାଦକୀ ଛଡ଼ା ବାହାରର କୌଣସି ଲୋକ ସହିତ, ବିଶେଷ ଏତେବଡ଼ ଭଦ୍ରସମାଜ ସହିତ, ତାହାର ଘନିଷ୍ଠ ସମ୍ପର୍କ ଥିବାର ଅନୁସନ୍ଧାନ କରି ମଧ୍ୟ ସେ ଜାଣି ପାରିଲେ ନାହିଁ । କୌଣସି ଅଣଷ୍ଟ କଦାପି ତାଙ୍କ ବାସଭବନରେ

Digitized by srujanika@gmail.com

ପଦାର୍ପଣ କରନ୍ତି, ଏପରି କୌଣସି ଖବର ସେ ସଂଗ୍ରହରୁ କୌଣସି ଲେଖ କହି ପାରିଲେ ନାହିଁ । ପ୍ରତ୍ୟେକ ଜଣେ ଶିକ୍ଷିତ, ଧନୀ ବ୍ୟକ୍ତି ସେ ଯେ ତାଙ୍କର ସମାଜ ଭିତରେ ଥାଇ ମଧ୍ୟ ନିଜକୁ ଏତେ ଏକାକୀ ଲକ୍ଷିଛି, ତାହା ଏବେ ସେ ଅନ୍ତର୍ଦ୍ଧାନ୍ତ ହେଲେ ।

କିନ୍ତୁ ତାଙ୍କର ଏହି ଅନ୍ତର୍ଦ୍ଧାନ୍ତ ହେବା ଦ୍ୱାରା ତ ଅଚଳ ଅବସ୍ଥାର ସମାଧାନ ହେବ ନାହିଁ । କୌଣସି ଅଚଳ ଅବସ୍ଥା ଅସମାଧାନୀୟ ନୁହେଁ ବୋଲି ତାଙ୍କର ଦୃଢ଼ ବିଶ୍ୱାସ । ସେଥିପାଇଁ ସେ ଥରେ ତାଙ୍କ ସେକ୍ରେଟାରିଙ୍କ ଆଗରେ ପ୍ରକାଶ କରି ପକାଇଥିଲେ ଯେ, ତାଙ୍କୁ ପାର୍ଲା-ମେଣ୍ଟର ଖବର ସଂଗ୍ରହ କରି ଦେଲେ ସେ ଏକ ସପ୍ତାହ ଭିତରେ ଲବଣଶିଳ୍ପ ଅଚଳ ଅବସ୍ଥାକୁ ପୂର୍ଣ୍ଣମାତ୍ରାରେ ସଚଳ କରି ଦିଅନ୍ତେ । ସେ ନାନା ଜାଗାରୁ ଖବର ନେବାକୁ ଲାଗିଲେ ।

ଏଣେ ଇଂରାଜୀ ଅଫିସର ଜଣେ ଚିହ୍ନା ଷ୍ଟେନୋ ବାବୁଙ୍କଠାରୁ କଥିଣ ଗୋଟାଏ ଅନୁସନ୍ଧାନ ଲାଭ କରିବା ଉଦ୍ଦେଶ୍ୟରେ ତୋଷାମୋଦ କରିବାକୁ ଯାଇ କୃଷ୍ଣଶଙ୍କର ବାବୁ ଓକିଲଙ୍କ ସମ୍ବନ୍ଧ ନରହରିଙ୍କର ସାଆନ୍ତ ଘରର—ଅର୍ଥାତ୍ ପ୍ରତ୍ୟେକର—କଥିଣ ଗୋଟାଏ ନିକଟ ସମର୍ପ ଅଛି ବୋଲି କହି ପକାଇଲା । ସିଦ୍ଧେଶ୍ୱର ବାବୁଙ୍କ ପକ୍ଷରେ ତାହାହିଁ ଯଥେଷ୍ଟ । ଅନ୍ଧକାର ଭିତରେ ସେ ବାଟ ଖୋଜି ପାଇଲେ । ଏବେ ଅଚଳ ଅବସ୍ଥାର ସମାଧାନ ତାଙ୍କ ହାତ ମୁଠାରେ ଅଛି ବୋଲି ସେ ମନେ କଲେ ।

ସେହି ସମ୍ପର୍କରେ କୃଷ୍ଣଶଙ୍କର ବାବୁଙ୍କୁ ତାଙ୍କ ଘରକୁ ନିମନ୍ତ୍ରଣ ।

କୃଷ୍ଣଶଙ୍କର ଷ୍ଟେନୋ ବାବୁଙ୍କ ଦ୍ୱାରା ଯଥାମତେ ଅଭ୍ୟର୍ଥିତ ହୋଇ ଆସନ ଗ୍ରହଣ କରିବା ପରେ ନିଜର ପରିସ୍ଥିତିଗତ ଦୁର୍ବଳ ହେତୁ ବା ଷ୍ଟେପାଷ୍ଟିଙ୍କ ନିକଟରେ ନିଜକୁ ନ୍ୟୂନ ମନେ କରି ତାଙ୍କୁ ସମ୍ମାନ ଦେଖା-ଇବା ଉଦ୍ଦେଶ୍ୟରେ ହେଉ, ଗମ୍ଭୀର ଭାବରେ ନୀରବ ହୋଇପଡ଼ିଲେ ।

ସିଦ୍ଧେଶ୍ୱର ବାବୁ ମନେ କରିଥିଲେ, କୃଷ୍ଣଶଙ୍କର ପ୍ରଥମେ କଥା ଆରମ୍ଭ କରିବେ । ଏ ସମ୍ପର୍କୀୟ ପ୍ଲାନିଂରେ ତାଙ୍କର ସେହି ବ୍ୟବସ୍ଥା ଥିଲା । କୃଷ୍ଣଶଙ୍କରଙ୍କ ନୀରବତାରେ ଷ୍ଟେନୋ ବାବୁ ବିବ୍ରତ ହୋଇ

Digitized by srujanika@gmail.com

ପଚାରିଲେ, ଭାଉଜ୍ ଦ୍ୱାରରେ ଦଣ୍ଡ ଆରମ୍ଭ କରିବେ ବୋଲି ଠିକ୍ କରି ନ ଥିଲେ
ହଠାତ୍ କହି ପକାଇଲେ, 'ତା ପରେ, ଆଜି ତାଙ୍କ ଖବର କଣ ?'

ଏ ଉପାଖ୍ୟାନ ଓ ଅଭ୍ୟାସଙ୍କୀଳାରେ ଭାଉଣ କୃଷ୍ଣଚନ୍ଦ୍ର ମନେ-ମନେ ଅନୁସନ୍ଧାନ କରୁ କରୁ ଅନ୍ୟମନସ୍କ ହୋଇ ପଡ଼ୁଥିଲେ, ହଠାତ୍ ତାଙ୍କୁ ଦର୍ଶନ କଲେ, ପ୍ରଥମ ଚେଷ୍ଟାରେ ତାହା ଧରି ନ ପାରି ଅଭ୍ୟାସ ବଶତଃ ହୋଇ କହି ପକାଇଲେ, 'କୃଷ୍ଣଚୈତନ୍ୟଙ୍କ ଇଚ୍ଛା !'

ଏତକ କହି ଦେଇ ନିଜ କଥାରେ ନିଜେ ଲଜ୍ଜିତ ହୋଇ ପଡ଼ିଲେ; ମହାଦେବ ମାମଲତଦାରଙ୍କ ପାଖରେ ସିନା କୃଷ୍ଣଚୈତନ୍ୟ ଅନୁଭୂତି ଦାମ ଦିଏ—କିନ୍ତୁ ସିଉଡ଼ିର ଡେପୁଟି ମାଜିଷ୍ଟ୍ରେଟ ନିକଟରେ ? ମାଟି—ଏକଦମ୍ ମାଟି ହେଇ !

ସିଦ୍ଧେଶ୍ୱର ବାବୁ ମଧ୍ୟ ଏବଂବିଧ ଉକ୍ତିର ଆଶା କରି ନ ଥିଲେ ଚକିତ ହୋଇ ନୀରବ ରହିଲେ । କୃଷ୍ଣଚୈତନ୍ୟଙ୍କ ପ୍ରତି ତାଙ୍କର ଯେ କୈଫିୟତ ଥିଲା ତାହା ନୁହେଁ, ତାଙ୍କ ଜୀବନର କୌଣସି ଦିନ ଏସବୁ ଉଦ୍ଭଟ ଭାବ ସେ ବୃଷ୍ଟି କେବାର ଅବସର ପାଇ ନାହାନ୍ତି । କଥା ଆରମ୍ଭ କରିବା ପାଇଁ ସେ ନିଜେ ଯେଉଁ ସୂଚନା ଦେଇଥିଲେ କୃଷ୍ଣଚୈତନ୍ୟ-ରୂପୀ ସ୍ୱଷ୍ଟଚ୍ଛେଦ ଅଧ୍ୟାୟ ଆରମ୍ଭରୁ ପଶିସିବାରୁ ସେ ବିରକ୍ତ ହୋଇ ପଡ଼ିଲେ ।

କୃଷ୍ଣଚନ୍ଦ୍ର ମଧ୍ୟ ଡେପୁଟି ବାବୁ ଦର୍ଶନ କଲେ ତାହା ଅଡ଼ାଇ ଦେବାପାଇଁ ମନ ସହିତ ଯୁକ୍ତି କରୁଥିଲେ ; ହଠାତ୍ ତାଙ୍କର ମନ କହି ଦେଲା, ସିଦ୍ଧେଶ୍ୱର ବାବୁ ତାଙ୍କୁ ଖବର ପଚାରୁଛନ୍ତି । ତାଙ୍କ ଦେହରୁ ଗୋଟାଏ ଝାଳ ବୋହିଗଲା । ଡିଫେନ୍ସ ଅଫ୍ ଇଣ୍ଡିଆ ରୁଲର ତରବାରୀ ତାଙ୍କ ମୁଣ୍ଡ ଉପରେ ଝୁଲୁଛି ବୋଲି କୃଷ୍ଣଚୈତନ୍ୟଙ୍କୁ ଦେଖିବା ପରେ ସେ ସ୍ପଷ୍ଟ ଭାବରେ ଦେଖି ପାରିଲେ । ସେ ଧରି ନେଲେ, ହୁଏ ତ ଅନ୍ନ ବା ଜଳସିଆ ଭଣିବା ସମୟରେ ସେ ଡଷ୍ଟ୍ରୋଲ୍ ଦୋକାନରୁ ଏପରି କିଛି କଥା କହି ଦେଇଛନ୍ତି, ଯାହା ଡିଫେନ୍ସ ରୁଲର ବିରୋଧୀ; ସି. ଆଇ. ଡି., ପୁଲିସ ତ ସର୍ବଜ୍ଞ, ସର୍ବବ୍ୟାପୀ, ସର୍ବଗାମୀ—କିଏ ସେଇ କଥା ରିପୋର୍ଟ କରି ଦେଇଛି; ସେହି ରିପୋର୍ଟର କନ୍ଫିଡେନସିଏଲ୍ ଇନ୍ଭାଇର ଦ୍ୱାର

Digitized by srujanika@gmail.com

ବୋଧହୁଏ କପୋଟି ବାବୁଙ୍କ ଉପରେ ପଡ଼ନ୍ତି ! ବାକିମାନେ, କପୋଟିଙ୍କୁ ଗଲକୁ ତାଙ୍କର ନିମନ୍ତ୍ରଣ ଓ ଏକବେଶ ଅଭ୍ୟର୍ଥନାର କାରଣ ସେ ବୁଝି ପାରିଲେ ବୋଲି ଧରି ନେଲେ । କଂଗ୍ରେସର ଲୋକମାନଙ୍କୁ କେବଳ ଜେଲିବା ପୂର୍ବରୁ ସରକାରୀ ହାକିମ ହୁକୁମାମାନେ ତାଙ୍କ ପ୍ରତି ଏହିପରି ସଦ୍‌ବ୍ୟବହାର ଦେଖାଇ ଥାନ୍ତି—ଠିକ୍ ଯେପରି ପୂର୍ବକାଳରେ ଶୂଳୀ ଦେବା ପୂର୍ବରୁ ଦୋଷୀ ପ୍ରତି ଖୁବ୍ ଭଲ ବ୍ୟବହାର କରି ଯାଉଥିଲି । କପୋଟି ବାବୁ ତାଙ୍କୁ କଂଗ୍ରେସର ଲୋକ ମନେ କରି ନାହାନ୍ତି କି ?

କୃଷ୍ଣଚନ୍ଦ୍ରଙ୍କର ଆଉ ସ୍ଥିର ହୋଇ ବସି ପାରିଲେ ନାହିଁ; କହି ପକାଇଲେ, 'ଏଇ—ଏଇ ଖବର ପଢ଼ୁଥିଲେ ? କୁ···ନା,ନା । ଅର୍ଥାତ୍ ମୁଁ କଂଗ୍ରେସର ଲୋକ ନୁହେଁ; ଏଇ କଂଗ୍ରେସବାଲା ଗୁଡ଼ାକ ଯୋଗୁଁ ଦେଶର ସର୍ବନାଶ ! କମ୍ୟୁନିଷ୍ଟ, ଖଦି... ନା, ନା ! ଅର୍ଥାତ୍ କାଗଜ, କଲମ...ନା, ନା । ଅର୍ଥାତ୍ ଦେଶରେ ସବୁ ଜିନିଷର ଦାମ...ନା, ନା ! ତାଙ୍କରି ଯୋଗୁଁ ସବୁ ଗୋଳମାଳ । ଅଭ ବ୍ରିଟିଶ ସରକାର—ତାଙ୍କ ଜୟ ନା, ନା ! ଅର୍ଥାତ୍ ସେ ଯୁଦ୍ଧରେ ନିଶ୍ଚୟ ଜିଣିବେ । ଅର୍ଥାତ୍ କୁ.... ନା, ନା ! ଅର୍ଥାତ୍ ସରକାର ବାହାଦୁରଙ୍କ ବିଜୟ ନିଶ୍ଚୟ ।'

ନିଜର କପୋଳ ଦେଖାଇ ସେ କହିଲେ, ସେଥିପାଇଁ V-ବିଜୟର ଚିହ୍ନ ସେ ସବୁବେଳେ ମସ୍ତକରେ ଧାରଣ କରିଛନ୍ତି ।

କପୋଟି ବାବୁ ନିତାନ୍ତ ବିରକ୍ତ ହୋଇ ମନେ ମନେ ଉଚ୍ଚାରଣ କରୁଥିଲେ, ନିର୍ବୋଧ,ସନ୍ଧା ନିର୍ବୋଧ—idiot, confirmed idiot· ଚୈତନ୍ୟଚନ୍ଦ୍ରବାଲାମାନେ ମସ୍ତିଷ୍କହୀନ ଜନ୍ତୁ ବୋଲି ତାଙ୍କର ଗୋଟାଏ ମୋଟାମୋଟି ଅନ୍ତରଙ୍ଗ ଧାରଣା ଥିଲା; କୃଷ୍ଣଚନ୍ଦ୍ରଙ୍କ ହାବଭାବ, କଥାବାର୍ତ୍ତାରେ ତାହା ଦୃଢ଼ମୂଳ ହୋଇଗଲା ।

କିନ୍ତୁ ବିରକ୍ତ ହେଲେ ତ କାମ ଚଳିବ ନାହିଁ । ସ୍ୱଦେଶର ସବୁ ଖବର ଏହାଙ୍କଠାରୁ ବୁଝିବାକୁ ହେବ ଓ ସ୍ୱଦେଶ ନିକଟକୁ ପ୍ରତିସ୍ୱର କଥାବାର୍ତ୍ତା-ପ୍ରସଙ୍ଗ ଏହାଙ୍କ ଦ୍ୱାରା ପଠାଇବାକୁ ହେବ । ନିଜର ବିରକ୍ତି ଦମନ କରିବାପାଇଁ ସେ ତୂନି ହୋଇ ସମୟ ନେଲେ ।

Digitized by srujanika@gmail.com

କୃଷ୍ଣକାନ୍ତଙ୍କର ମନେ ହେଲା, ସନ୍ତୋଷ ବାବୁ ଗମ୍ଭୀର ଓ ନୀରବ ହେଲେଣି । ଏଥର ନିଶ୍ଚୟ ଆଦେଶ ! ତାଙ୍କର ସମୁଦାୟ ସ୍ନାୟୁମଣ୍ଡଳ ନିର୍ଜୀବ ହୋଇଗଲା । କଅଣ କହିବେ ବୋଲି ସତ ସେ କହି ପକାଇଲେ, 'ତ—ତ—ତ !'

ପାଖ ଘରେ 'ସନ୍ତୋଷ-ଗୃହିଣୀ କଥାବାର୍ତ୍ତା' ଶୁଣିବା ପାଇଁ ଅପେକ୍ଷା କରି ବସିଥିଲେ; କଅଣ ଗୋଟାଏ କାମରେ ଆସି ପ୍ରଶାନ୍ତ ମଧ୍ୟ ପହଞ୍ଚି ଯାଇଥିଲା । କୃଷ୍ଣକାନ୍ତଙ୍କର ଏବଂବିଧ ତ-ତ-କାର ଶୁଣି ଦୁହେଁ ହସି ପକାଇଲେ ।

ଯଦିବା କିଛି ବୁଦ୍ଧିବୃତ୍ତି କୃଷ୍ଣକାନ୍ତଙ୍କର ଅବଶିଷ୍ଟ ଥିଲା, ଏ ହାସ୍ୟ ଧ୍ୱନିରେ ତାହା କୁଆଡ଼େ ଉଭେଇଗଲା । ସେ ନିଶ୍ଚଳ ଭାବରେ ଚୌକିରେ ପଡ଼ି ରହିଲେ ।

ସିଦ୍ଧେଶ୍ୱର ବାବୁ ଅନାଇ ଦେଖିନେଲେ, କୃଷ୍ଣକାନ୍ତଙ୍କ ମନରେ ଡିଫେନ୍ସ ରୁଲର ଭୂତ ନାଚ କରୁଛି । ଆଜି କାଲି ତ ଲୋକେ ଡିଷ୍ଟ୍ରାଇ ଅଫିସର ତପସ୍ୱୀଙ୍କୁ ବନକୁ ଖଣ୍ଡେ ଲମ୍ବାଇ ପକାଉଛନ୍ତି; ତାଙ୍କ ସମ୍ମୁଖରେ ଜଣେ ଓକିଲ ଯେ ଭୟରେ ମ୍ରିୟମାଣ ହୋଇଯିବ, ଏଥିରେ ଆଶ୍ଚର୍ଯ୍ୟ ହେବାର ସ୍ଥାନ ଅଛି କି ? ସେ ନିଜର ଗୌରବରେ, ସମତାପନ୍ନତାରେ ନିଜେ ଆତ୍ମପ୍ରସାଦ ଅନୁଭବ କଲେ ।

କୃଷ୍ଣକାନ୍ତଙ୍କୁ ଆଶ୍ୱସ୍ତ କରିବା ଉଦ୍ଦେଶ୍ୟରେ ସେ କହିଲେ, 'ଯୁଦ୍ଧ ଫୁଦ୍ଧ କିଛି ନୁହେଁ । ଗୋଟାଏ ବ୍ୟକ୍ତିଗତ କଥା ପାଇଁ ମୁଁ ଆପଣଙ୍କୁ ଡକାଇଥିଲି ।'

କୃଷ୍ଣକାନ୍ତ ସ୍ପଷ୍ଟ ବୁଝିଲା, ତାହାଠାରୁ କଥା ଆଦାୟ କରିବାପାଇଁ ଏ ଗୋଟାଏ ଉପାୟ । ସେ ଦେଖିଲା, ଏଥର ନିସ୍ତାର ନାହିଁ । ତାର ଜିଭ ଶୁଖି କାଠ ହୋଇଗଲା । ସେ କିଛି କହିପାରିଲା ନାହିଁ ।

ସିଦ୍ଧେଶ୍ୱର ବାବୁ ଟିକିଏ ହସି କହିଲେ, 'ପ୍ରମୋଦ ବାବୁଙ୍କ ସହିତ ଆପଣଙ୍କର ଘନିଷ୍ଠ ସମ୍ପର୍କ—ନା ?'

କୃଷ୍ଣକାନ୍ତଙ୍କର ମନେ ହେଲା, ଏଥର ସବୁ ଶେଷ । ପ୍ରମୋଦ ହୁଏତ ଏପରି କିଛି କରିଛି, ଯାହା ଡିଫେନ୍ସ ରୁଲରେ ଦଣ୍ଡନୀୟ । ମହୁଅ–

ମାତ୍ରୁଅ ଓସ୍ତାଦ୍; ତା ପକ୍ଷରେ ସବୁ ସମ୍ଭବ ! କୃଷ୍ଣଚନ୍ଦ୍ରଙ୍କୁ ସେ ଏହିପରି ଉତ୍ପନ୍ନ କରିବା ଅଭିଯୋଗରେ ଫସାଇବା ଚେଷ୍ଟା ହେଉଛି; କିନ୍ତୁ କୃଷ୍ଣଚୈତନ୍ୟ ଜାଣନ୍ତି, ମନରେ ଧୈର ଖବ ଛଡ଼ା ପ୍ରଦୋଷ ସହିତ ତାର କେବେ କୌଣସି ସମ୍ପର୍କ ନାହିଁ ।

ବସ୍ତୁସ୍ଥିତି ଲେଭର କଥାରେ ବେଳେ ବେଳେ ଖୁବ୍ ବେଗ ପ୍ରକାଶ ପାଇଥାଏ । କୃଷ୍ଣଚନ୍ଦ୍ରଙ୍କ ପକ୍ଷରେ ତାହାହିଁ ଘଟିଲା । ସେ କହିଲେ, 'ପ୍ରଦୋଷ ? କେଉଁ ପ୍ରଦୋଷ ? ଯାଆନ୍ତୁ ଘର ପ୍ରଦୋଷ ? ବସ୍ତ୍ରର ଧନ ଅଛି; ଓକିଲ ହେବ, ବାରିଷ୍ଟର ହେବ, ହଜାର ହଜାର ଟଙ୍କା ଖରଚ କରି ହାଇକୋର୍ଟ ଯାଏ ଲଢ଼ିବ । ମୁଁ—ମୁଁ, ମୁଁ—ତା...!'

ସିଦ୍ଧେଶ୍ୱର ବାବୁ ଦେଖିଲେ, ଏପର୍ଯ୍ୟନ୍ତ ମଧ୍ୟ ଭୁଲ ଭାଙ୍ଗି ନାହିଁ । ନିର୍ବୋଧ ଲୋକ, କିଛି ବୁଝିପାରୁ ନାହିଁ । ସବୁ ବୁଝାଇ କହିବା ଦରକାର ।

ସେ କହିଲେ; 'ପ୍ରଦୋଷ ବାବୁଙ୍କ ସହିତ ମୁଁ ଗୋଟାଏ ବୈବାହିକ ସମ୍ପର୍କ ସ୍ଥାପନ କରିବାକୁ ଯାଉଛି । ଆପଣ ମୋ ଝିଅ ସୁଚିତ୍ରା କଥା କେବେ ଶୁଣିଛନ୍ତି ?'

—'ନା, କେବେ ଶୁଣି ନାହିଁ !'

ସିଦ୍ଧେଶ୍ୱର ବାବୁ ଟିକିଏ ଚମକିଗଲେ; ପୁଣି ନିଜକୁ ସମ୍ଭାଳି ନେଇ କହିଲେ, 'ନ ଶୁଣିବା ସମ୍ଭବ । ଆପଣମାନଙ୍କ ପରି ଓକିଲ ଏ ସବୁ ଖବର ପାଇବେ କୁଆଡୁ ? ସୁଚିତ୍ରା ଗାର୍ଲ୍ସ ସ୍କୁଲରେ ପଢ଼େ, ମେଡ଼ାଲ ପାଇଥିଲା, ଖୁବ୍ brilliant ଝିଅ ବୋଲି ଲୋକେ ପ୍ରିନ୍ସି-ପାଲଙ୍କର ମତ । ସର୍ବୋପରି ସେ ମୋ ଝିଅ !'

କୃଷ୍ଣଚନ୍ଦ୍ରର ଡିଫେନ୍ସ ଲ'ର ବସ୍ତୁ ଓ ପ୍ରଦୋଷ ସହିତ ବିବାହର ମଧ୍ୟସ୍ଥତା ଏ ଦୁଇ ସମ୍ଭାବନା ଭିତରେ ଆନ୍ଦୋଳିତ ହେଉ ହେଉ କେତେକ ପରିମାଣରେ ପ୍ରକୃତିସ୍ଥ ହୋଇ ଆସିଥିଲେ । ସେ କହିଲେ, 'ନିଶ୍ଚୟ, ନିଶ୍ଚୟ !'

ସିଦ୍ଧେଶ୍ୱର ବାବୁ ପୁଣି ଆରମ୍ଭ କଲେ, 'ମୁଁ ସେଇଥିପାଇଁ ଆପଣଙ୍କୁ ଡକାଇ ଥିଲି । ପ୍ରଦୋଷବାବୁଙ୍କ ସହିତ ଆପଣଙ୍କର କ'ଣ ସମ୍ବନ୍ଧ ଅଛି ?'

Digitized by srujanika@gmail.com

—'ସମ୍ପର୍କ ଅଛି, ସମ୍ବନ୍ଧ ନାହିଁ; ମୁଁ ଜାଣିଛି ଏତିକି !'

—'ବେଶ୍ ଭଲ ! ତାଙ୍କର ତ କେହି ମୁରବି ନାହିଁ । ଏ ଅବସ୍ଥାରେ ମଧ୍ୟସ୍ଥର ଭାର ଆପଣଙ୍କ ଉପରେ ରହିଲା । ଆପଣ ଏ ଖବରଟା ପ୍ରଦୋଷଙ୍କୁ ଜଣାଇବେ !'

କୃଷ୍ଣଚନ୍ଦ୍ର ଏତେବେଳେ ନିଜକୁ ନିରାପଦ ମନେ କଲେ । ନିଜ ଭିତରେ ତାଙ୍କର ବିଶ୍ୱାସ ଓ ପ୍ରଦୋଷ ପ୍ରତି ବୈରଭାବ ପୁଣି ଫେରି ଆସିଲା ।

କଥାଟା କହିବ କି ନ କହିବ ଭାବୁ ଭାବୁ ସେ କହି ପକାଇଲେ 'କିନ୍ତୁ ପ୍ରଦୋଷ ମତ ଦିଏ !'

ସିଦ୍ଧେଶ୍ୱର ବାବୁ ଏଥିପାଇଁ ଆଗରୁ ପ୍ରସ୍ତୁତ ଥିଲେ; ସେ କହିଲେ, 'ହଁ ସେ ଖବର ମୁଁ ଆଗରୁ ପାଇଛି । ବଡ଼ଲୋକର ପିଲା ନା, ସେ ସବୁ ଯୌବନର ଗୋଟାଏ ଅବସ୍ଥାରେ ହୋଇଥାଏ । ସେ ସବୁ କିଛି ନୁହେଁ; ସେସବୁ ଧରିଲେ ଚଳେ ନାହିଁ ।'

ଚନ୍ଦ୍ରା କଥା କୃଷ୍ଣଚନ୍ଦ୍ରଙ୍କୁ ଅଜଣା ନ ଥିଲା । ସିଦ୍ଧେଶ୍ୱର ବାବୁ ପ୍ରଦୋଷ ପ୍ରତି ଯେପରି ଢଳିଛନ୍ତି ସେଥିରେ ସେ କଥା ଆରମ୍ଭ କରିବା ପାଇଁ ତାଙ୍କର ସାହସ ହେଲା ନାହିଁ ।

ସେ କହିଲା, 'ଏପରି ଗୋଟାଏ କାମର ଭାର ମୋ ଉପରେ ଦେଇ ଆପଣ ମୋତେ ସମ୍ମାନିତ କରିଛନ୍ତି, କିନ୍ତୁ...'

—'କିନ୍ତୁ କିଛି ନୁହେଁ । କିନ୍ତୁ ଧରି ଚାଲିଲେ ଚଳେ ନାହିଁ । ସେସବୁ ଛାଡ଼ି ଦିଅନ୍ତୁ । ଆପଣ ଟିକିଏ ଲାଗିପଡ଼ନ୍ତୁ ।'

ସିଦ୍ଧେଶ୍ୱର ବାବୁଙ୍କ ଭଳି, ଆରଣରେ ବୃହଣୀ ସଂସାରରେ ଶ୍ରୀମାନ, ପ୍ରତିଷ୍ଠା ମଧ୍ୟ ଅଛି; ଅଳ୍ପ ଖୋଜି ଖୋଜି ମହାଜନଙ୍କ ସାକ୍ଷାତ ମିଳିଲେ ମୁସ୍କିଲ । ସେ ଏ ସମ୍ପର୍କରେ ଆଉ ଅଧିକ କଥାବାର୍ତ୍ତା ବନ୍ଦ କରିଦେବା ପାଇଁ ଡାକିଲେ, 'ପୂଜାରୀ' ।

କେବଳ ବ୍ୟବସ୍ଥାର ସୂଚନାପାଇ କୃଷ୍ଣଚନ୍ଦ୍ର ଯୋଡ଼ ହାତରେ କହିଲେ, 'ଆଜ୍ଞା, ମୁଁ ସତରେ...'

Digitized by srujanika@gmail.com

—'ସେ ସବୁ କଥା ଉଠି ଶୁଣାଯିବ ନାହିଁ—ଉଠି ଶୁଣାଯିବ ନାହିଁ। ଆପଣ ଯେତେବେଳେ ଏ ଜଗତ୍‌ରେ ପ୍ରଥମ ବନ୍ଧୁ। ସେ ସବୁ କଥା ଶୁଣାଯାଏ ?'

ଖାଇବା ଜାଗାରେ ସିଦ୍ଧେଶ୍ୱର ବାବୁ ଓ କୃଷ୍ଣଚନ୍ଦ୍ର ପାଖାପାଖି ବସିଥିଲେ। ସୁଭାଷ ଥାଳରେ ଲୁଚି ଆଣି ଦେଇଗଲା।

ସିଦ୍ଧେଶ୍ୱର ବାବୁ କହିଲେ, 'ନବମିତ୍ର, ନବମିତ୍ର, ମୋର ମଧ୍ୟ ଅଛି ନବମିତ୍ର !'

କୃଷ୍ଣଚନ୍ଦ୍ର ବାବୁ ମଧ୍ୟସ୍ଥର ଭାର ନେଇ ଯେତେବେଳେ ବସାକୁ ଫେରିବା ଉଦ୍ଦେଶ୍ୟରେ ବାଟରେ ଗୋଡ଼ କାଢ଼ନ୍ତି, ସେତେବେଳେ ନୂଆ ଟାଇମ୍ ସାଢ଼େ ୯ଟା ହେବ। ବାଟ ଉପରେ ବ୍ଲାକ୍‌ଆଉଟ୍ ବଲ୍‌-ବଣ୍ଟ ଆଲୁଅ ଦେଉଥିଲା ଯେତେ, ଅନ୍ଧାର ସୃଷ୍ଟି କରୁଥିଲା ତା ଠାରୁ ଢେର ବେଶୀ। ଆକାଶରେ ତାରାଗୁଡ଼ାକ ଏହି ବ୍ଲାକ୍ ଆଉଟ ଲାଇଟକୁ ଯେପରି ବ୍ୟଙ୍ଗ କରିବା ଉଦ୍ଦେଶ୍ୟରେ ଉଜ୍ଜ୍ୱଳତର ଦେଖାଯାଉଥିଲେ।

କୃଷ୍ଣଚନ୍ଦ୍ରଙ୍କ ହୃଦୟ ଭିତରଟା ମଧ୍ୟ ଅନେକ ଅନ୍ଧାରର ଦ୍ୱନ୍ଦରେ ଘସି ଘସିକରି ହୋଇ ଯାଇଥିଲା—ସିଦ୍ଧେଶ୍ୱର ବାବୁ ତାଙ୍କ କନ୍ୟାର ବିବାହରେ ତାଙ୍କୁ ମଧ୍ୟସ୍ଥ କରିଥିବାରୁ ଗର୍ବ, ପ୍ରଦୋଷ ଏହି ବିବାହର ପାତ୍ର ହୋଇଥିବାରୁ ତା ପ୍ରତି ତାର ଈର୍ଷା। ସେ ଯଦି ଏ କାର୍ଯ୍ୟରେ ବିଫଳ ହୁଏ ତେବେ ସିଦ୍ଧେଶ୍ୱର ବାବୁଙ୍କର ତାଙ୍କ ପ୍ରତି ଯେ ସୁଅଭିମତ ଅଛି ତାହା ନଷ୍ଟ ହୋଇଯିବ ଆଉ ସଫଳ ହେଲେ ପ୍ରଦୋଷ ଜଣେ ସିନିୟର ଡେପୋଟିଙ୍କର କନ୍ୟାକୁ ପତ୍ନୀରୂପେ ଲାଭ କରିବ, ତା ଜୀବନର ଗତି ବଦଳିଯିବ, ସେ ମଦ ପିଇବା ଛାଡ଼ିଦେବ, ଜମିଦାରୀ ସେପରି ରହିବ। ତେବେ କୃଷ୍ଣଚନ୍ଦ୍ରଙ୍କର ସେ ଜମିଦାରୀ ନେବା କଥା ?—ସବୁଆଡ଼ୁ ମୁସ୍କିଲ।

Digitized by srujanika@gmail.com

—ଛଅ—

ଉପରେ ବାରଣ୍ଡାରେ ଖଣ୍ଡେ ଆସନ ଚୌକିରେ ବସି ପ୍ରଦୋଷ ଖବର କାଗଜ ପଢ଼ୁ ପଢ଼ୁ ଦେଖିଲା ସିଦ୍ଧେଶ୍ୱର ବାବୁଙ୍କ ଉପର ଘର ଝରକା ପାଖରେ ଛିଡ଼ା ହୋଇ ଜଣେ ସ୍ତ୍ରୀ ଲୋକ ତା ଆଡ଼କୁ ଚାହିଁଛି । ସେଆଡ଼କୁ ଚାହିଁ ଲଜ୍ଜା ପାଇବା ଛଡ଼ା କୌଣସି ବାଟ ତାର ନ ଥିଲା । ସେ ବାରଣ୍ଡାରୁ ଉଠି ଘର ଭିତରକୁ ଚାଲିଗଲା ।

ଘରେ ପୁଣି ଖବରକାଗଜ ଦେହରେ ଦୃଷ୍ଟି ଦେବାକୁ ଯାଇ ତାର ମନେ ହେଲା, ଗତ ୩।୪ ଦିନ ହେବ ଏହିପରି ଜଣେ କେହି ନାରୀ ସେହି ଝରକା ପାଖରୁ ତାଙ୍କ ଘରଆଡ଼କୁ ଦୃଷ୍ଟିଦିଏ । ଏଥିରେ ସେ ନିଜେ ବଡ଼ ଅଶାନ୍ତି ଅନୁଭବ କଲା । ଜଣେ କୌଣସି ସ୍ତ୍ରୀଲୋକ ତା ଘରର ସବୁ ଅବସ୍ଥା, ତାର ବ୍ୟକ୍ତିଗତ ଜୀବନର ସବୁ କାର୍ଯ୍ୟ ଲକ୍ଷ୍ୟ କରୁଛି, ଏହା ତାକୁ ଅସହ୍ୟ ବୋଧ ହେଲା; ଘର ଭିତରେ ମଧ୍ୟ ତାର ସ୍ୱାଧୀନତାରେ ହସ୍ତକ୍ଷେପ ହେଉଛି ବୋଲି ସେ ଅନୁଭବ କଲା ।

ଚାକରକୁ ଡାକିଲା, 'ଚୈତନିଆ, ଚୈତନିଆ'

ଚାକର ଆସି ଛିଡ଼ା ହେଲା ।

ପ୍ରଦୋଷ ଚାକରକୁ ହୁକୁମ ଦେଲା, 'ଚିକ୍ କିଣିଆଣି ଏ ବାରଣ୍ଡାରେ ଟଙ୍ଗାଇ ଦେ । ଏ ଘର ଆଉ ବାରଣ୍ଡାର କୌଣସି ଜିନିଷ ଯେପରି ବାହାରକୁ ଦେଖା ନ ଯାଏ ।'

ଚୈତନିଆ ହୁକୁମ ପାଳନ କରିବା ଉଦ୍ଦେଶ୍ୟରେ ଚାଲିଗଲା । ପ୍ରଦୋଷ ଘରେ ବସି ଖବରକାଗଜ ଶେଷ କରି ଭାରତର ବର୍ତ୍ତମାନ ଆର୍ଥିକ ଅବସ୍ଥା ବିଷୟରେ ଏକ ମୋଟା ବହି ଧରି ସେହି ଘରେ ବସି ରହିଲା । ବାରଣ୍ଡାକୁ ଆସିବା ପ୍ରବୃତ୍ତି ମଧ୍ୟ ତାର ରହିଲା ନାହିଁ । ସେ ନାରୀମାନଙ୍କୁ ଭୟ କରେ ନାହିଁ, ଖୋଜି ଲୋଡ଼ି ସେମାନଙ୍କ ସାନ୍ନିଧ୍ୟରେ ଉପସ୍ଥିତ ହେବା ମଧ୍ୟ ଅଭ୍ୟାସ ନୁହେଁ । ସମ୍ମୁଖରେ ଯେ କୌଣସି ମହିଳାଙ୍କ ସହିତ ସାକ୍ଷାତ ହେଲେ ଭଦ୍ରତାର ସମସ୍ତ ନିୟମ

Digitized by srujanika@gmail.com

ତଥାପି ରଶ୍ମି ସେ ତାଙ୍କ ସହିତ ଆଳାପ କରିବାପାଇଁ ସର୍ବଦା ପ୍ରସ୍ତୁତ ଥିଲା । ନାରୀର ଏପରି ଗୋପନ ଦୃଷ୍ଟିକୁ ସ୍ୱୀକାର କରିବା ଅର୍ଥ ଯୌନ-ସ୍ୱନତା, ସ୍ୱାଭୁତା, ଦୃଷ୍ଟି ବସ୍ତୁନତା — ଅଶ୍ଳୀଳତା ବୋଲି ତାର ବୁଦ୍ଧି-ବିଶ୍ୱାସ । ସେ ନିଜକୁ ଘର ଭିତରେ ଆବଦ୍ଧ କରି ରଖିଲା ।

ଭୁବନ ଆସି ଘରେ ପହଞ୍ଚିବା ସଙ୍ଗେ ସଙ୍ଗେ ଆରମ୍ଭ କରିଦେଲା, ବୃଦ୍ଧ ବୈଚିତ୍ର୍ୟ—ଅର୍ଥାତ୍ ବୃଦ୍ଧବରଙ୍କ ଶୁଭ ଦୃଷ୍ଟିପାତ ହଠାତ୍ ମୋ ଉପରେ...'

ସୁବୋଧ କହିଉଠିଲା, 'ସେ ସବୁ କଥା ଥାଉ । ତୁ ଆଗେ ଗୋଟାଏ କଥା ଶୁଣ । ଏଣିକି ଏ ଘରେ ରହିବା ମଧ୍ୟ କଷ୍ଟକର ହୋଇ ଉଠିଲା ।'

ଭୁବନ କିଛି ନ କହି ତା ଆଡ଼କୁ ଚାହିଁ ରହିଲା ।

'ଜଣେ କୌଣସି ସ୍ତ୍ରୀ ଲୋକ ସିଦ୍ଧେଶ୍ୱର ବାବୁଙ୍କ ଘରୁ ସମସ୍ତ ସମୟରେ ଏ ଘର ଆଡ଼କୁ ଚାହିଁଛି ଝରକା ପଛରୁ—ବୁଝିଲୁ ! ଏଥିରେ ଘରେ ରହିବା ମୁସ୍କିଲ ହୋଇ ପଡ଼ିଲା । ମଣିଷ କେତେବେଳେ କେଉଁ ଅବସ୍ଥାରେ ଥାଏ, ତାର କିଛି ସ୍ଥିରତା ନାହିଁ । ତା ଛଡ଼ା ସବୁବେଳେ ଯାହା ସୁଅଗ ପଖ ଉତ୍ତାର ବେଶ ପାଟୁଡ଼ା ପିନ୍ଧି ନିଜ ଘର ଭିତରେ ଚଳିବା ଓ ସେ ଅନୁସାରେ ଆଚରଣ କରିବାକୁ ଗଲେ ବନ୍ଦୀ ରହିବା ଏକ ବାଧ୍ୟତା ହୋଇଯିବ ।'

ଭୁବନ ମୁହଁରେ ଈଷତ ହାସ୍ୟର ରେଖା ଦେଖାଦେଲା ।

—'ଆଉ ଗୋଟିଏ କଥା ଜାଣୁ ? ଏ ମନସ୍ୱୀ ମହିଳା କିଏ ମୁଁ ଜାଣେ ନା; କିନ୍ତୁ ମୁଁ ମନେ କରୁଛି ଆମ ଘରେ ସଙ୍ଗୀତ ଚର୍ଚ୍ଚାର ସ୍ୱାଧୀନତା ମଧ୍ୟ କମିଗଲା ।'

ଭୁବନ ଗମ୍ଭୀର ସ୍ୱରରେ କହିଲା, 'ମୁଁ ଠିକ୍ ସେହିକଥାହିଁ ଆଲୋଚନ କରୁଥିଲି, ତୁ ମତେ ବାଦ କରିଦେଲୁ । ପ୍ରଜାପତିଙ୍କ ଘଟସ୍ଥିତ ନା, ଅର୍ଥାତ୍ ସବୁ ଯୋଗ ଏକାଠି ସୃଷ୍ଟିହୋଉଛି ତ ନା...'

'ଦେଖ, ପ୍ରହେଳିକା ଆରମ୍ଭ କର ନାହିଁ; ମୋର କଥାଟା ଆଗେ କହି ଦେଲୁ । କହିଲୁ, ସେ ସ୍ତ୍ରୀଲୋକଟି କିଏ ? ତାହିଁକି...'

Digitized by srujanika@gmail.com

—'ବସ୍, ବସ୍, ସେଇକଥା । ତାର ଉତ୍ତର ମୁଁ ଦେଇସାରିଛି । ତୁ ଜାଣୁଥାଏ ସିଦ୍ଧେଶ୍ୱର ବାବୁ ଜ୍ୟୋତିଙ୍କ କନ୍ୟା ପ୍ରସ୍ତାବ ଦେଉଛନ୍ତି ଛାଡ଼ି ନାହାନ୍ତି । ତା ସହିତ ତୋର ବିବାହ··· ।'

—'ଲକ୍ଷ ସବର ଝିଅକୁ ନେଇ ଥିଲା···'

—'ବସ୍, ହୁଷ୍ଟି ହୁଷ୍ଟି—କୃଷ୍ଣବଙ୍କର ବାପ ମଧ୍ୟସ୍ଥ । ଆରେ ସେଇ କଥା ତ··· ।'

—'ଦେଖ ଭୁବନ, ତୁ ମୋତେ ଭଲରୂପେ ଜାଣୁ । ପରର ଝିଅ ବହୁକୁ ନେଇ ଆସି ବସିବା ମୁଁ କୌଣସି ଦିନ ଚାହେଁ ନାହିଁ । ଆମର ତ ଏ ଗୋଟାଏ ବଡ଼ ନିୟମ ଆମେ ସ୍ଥିର କରି ନେଇଛୁଁ ଯେ, ତାଙ୍କ ବିଷୟରେ ପୁରୁଷ ଭାବରେ କୌଣସି କଥା ଆମ ଭିତରେ ପଶିବ ନାହିଁ । ପୁଅ ଭାବରେ, ଝିଅ ଭାବରେ ଆମେ ସମୁଦାୟ ନାରୀ ଜାତି-ଟାକୁ ଗ୍ରହଣ କରିବା ।'

—'ସେ କଥା ଠିକ୍; କିନ୍ତୁ ତୋର ଯେ ବିବାହ କଥାଟା ଉଠିଲା । ପୁଅ ଭାବରେ, ଝିଅଭାବରେ ତ ତାର ଆଲୋଚନା କରାଯାଇ ପାରେ ନା ।'

—'ବିବାହ ବିଷୟରେ ମୋର ଯାହା ମତ, ତାହା ତୁ ତ ଭଲରୂପେ ଜାଣୁ । ତା ଉପରୁ ଏପରି କଥା ତୋ ମୁହଁରୁ ଶୁଣିବା ପାଇଁ ମୁଁ ପ୍ରସ୍ତୁତ ନୁହେଁ ।'

—'ଆରେ, ଭଲ ହେଲା ତ, ମୁଁ ଜଣ ଯାଇ ସିଦ୍ଧେଶ୍ୱର ବାବୁଙ୍କୁ କହିଲି ଯେ, ସେ ପ୍ରସ୍ତାବ ଦେଉଛନ୍ତି ତୋ ସହିତ ବିବାହ କରନ୍ତୁ, ନା କୃଷ୍ଣବଙ୍କର ବାପଙ୍କୁ ମଧ୍ୟସ୍ଥ ହେବା ପାଇଁ କହିଲ ? ଆଜ ସକାଳଟାରେ ସେ ଖବର ଶୁଣିଲି । ଆଜି ସେ କଥା ତୋତେ କହିବା ପାଇଁ ଧାଇଁ ଆସିଲି, ଅଥଚ ତୁ ମୋତେ ସେଇ କଥାଟା କହିବାକୁ ଦେଉ ନାହୁଁ ।'

ପ୍ରଦ୍ୟୋତ ଗମ୍ଭୀର ହୋଇ ବସିରହିଲା ।

ଭୁବନ ଆରମ୍ଭ କଲା, 'କୃଷ୍ଣବଙ୍କର ତ ତୋତେ ଯେପରି ସମୁଚ-ମସ୍ ଦୃଷ୍ଟିରେ ଦେଖେ । ସେ ଯେତେବେଳେ ମଧ୍ୟସ୍ଥ ହୋଇ ଆସି ବାହାରି ପଡ଼ିଛି, ସେତେବେଳେ ତୋ ଭବିଷ୍ୟସ୍ଥାନରେ ତ ଉତ୍ତମ

ବୃହସ୍ପତି ନକ୍ଷତ୍ର ପହଞ୍ଚି ଥିବେ । ଏଇ ସୂଚନାରେ ସେ ଆମ ବସାରେ ଆସି ହାଜର । ମୋ ବସାର ସର୍ବଶ୍ରେଷ୍ଠ ବୃଦ୍ଧ-ଡମ୍ବାଇଣ୍ଡ ଡିପାର୍ଟମେଣ୍ଟର ଏକମାତ୍ର କର୍ମସ୍ୱାମୀ ମୋ ଶୋଇବା ଖଟ ପାଖରେ ଯାଇ ଇନ୍ଦ୍ରଲୋକର ଆଗମନ ସମ୍ବାଦ ଘୋଷଣା କଲା । ମୁହଁଟା ନ ଧୋଇ ଗୋଟାଏ ଚୈତନ୍ୟଙ୍କର ଦେଖାହେଲେ ଯାତ୍ରା ବଡ଼ ଅମଙ୍ଗଳ—ମୁହଁ ଧୋଇ ଉପସ୍ଥିତ ହେବାମାତ୍ରେ ସେ ସିଦ୍ଧେଶ୍ୱର ବାବୁଙ୍କ ତନଖ୍ୱା ଶ୍ରୀମତୀ ପ୍ରଭୃତି ଦେବୀଙ୍କ ସହିତ ତୋ ବୈବାହିକ ପ୍ରସଙ୍ଗ ଅଧ୍ୟାୟ କ୍ରମେ ବର୍ଣ୍ଣନା କରି ତା ଦେହରେ କୃଷ୍ଣଚୈତନ୍ୟ ଲଗାଇ ମୂର୍ଚ୍ଛନା ଦେଇ କୃଷ୍ଣଙ୍କର ମୋତେ ଉପଦେଶ ଦେଲେ ଯେ, ଏ ସମ୍ବାଦ ଖବର ମେଲବୁକ ବା ହଂସବୁକ ବା ଅଡଡାଇର ଉପନ୍ନତ ରୂପେ ତୋ ପାଖକୁ ମୁଁ ବହନ କରିନେବ, ଆଜ ସୁବିଧାମତେ ସେ ତୋ ସହିତ ସାକ୍ଷାତ କରି ଏ ବିଷୟରେ ପର୍‌ଦା ଉଠାଇ ଗ୍ରହଣ କରିବ ।'

ପ୍ରବୋଧ ହସିପକାଇଲା; କହିଲା, 'ଯାହାହେଉ ଏ ଦୁନିଆରେ ଏବେ ବଳେ ଜଣେ ଲୋକ ମିଳିଲେ ଯେ ମୋତେ ପସନ୍ଦ କଲେ; କିନ୍ତୁ ହା ଦୁର୍ଭାଗ୍ୟ ! ଏ ପସନ୍ଦର ପ୍ରତ୍ୟୁତ୍ତରରେ ସେ କେବଳ ନିରାଶ ହେବେ ! ବାହା ହେବା କଥାଟା ବୋଧହୁଏ ମୋ ଜାତକରେ ନାହିଁ । ଆରେ ତୁ ଶୁଣ୍‌, ବାହାହେବାକୁ ଗଲେ ଯେ ପୂର୍ବପୁରୁଷଙ୍କ ପାପର ପ୍ରାୟଶ୍ଚିତ୍ତ ବାଗ ରହିଥିବ । ତୁ ଏ ଖବରଟା କୃଷ୍ଣଙ୍କର ମହା-ପ୍ରଭୁଙ୍କୁ ଜଣାଇ ଦେ !'

ସୁବଳ ଗମ୍ଭୀର ସ୍ୱରରେ କହିଲା, ଏ ସବୁ କାମ ଆଉ ମୋ ଦ୍ୱାରା ହେବ ନାହିଁ ! କୃଷ୍ଣଙ୍କରଟାକୁ ଦେଖିଲେ ମୋ ନାକପୁଡ଼ାରେ ଏପରି ଗୋଟାଏ ଗନ୍ଧ ଲାଗେ ଜାଣ ହୁଏ ଯେ, ତାର ଶନିବ-ବର୍ଣ୍ଣିତ ନାକଟାକୁ ଆମୂଳ ଉପାଡ଼ି ଆଣିବାକୁ ମନ ହେଉଛି ପୋଡାର ସାରବତ ଓଡ଼ ବୁଦା ମାରିବା ଆରମ୍ଭ କରିଦିଏ । ନାହିଁ ବାବୁ, ସେ ସବୁରୁ ମୋତେ ଅବ୍ୟାହତି ଦେ !'

ପ୍ରବୋଧ ସିଦ୍ଧେଶ୍ୱର ବାବୁଙ୍କ ଘର ଯିବା ପଥକୁ ଆଙ୍ଗୁଳି ଦେଖାଇ କହିଲା, 'ଆଉ ଏ.କଥା ?'

Digitized by srujanika@gmail.com

—'ଏ ଜଙ୍ଗଲରେ ଝରଣା ନା ଝରଣା ପଛରେ ଥିବା ଜୀବନ୍ତ ନ ? ସେ ବାବୁ, ଯାହା କହ, ମୋ ବାରଣ୍ଡାରେ ଗୋଟାଏ ପଲଙ୍କ ପକା, ନ ହେଲେ ସେମାନଙ୍କ ପାଖ ବେଳେ ଅବେଳେ ଗଲେ ଶରୀର ରକ୍ତ ଶୁଖିଯାଏ, ପରମାୟୁ କମିଯାଏ ।'

—'ଠିକ୍ କଥା ଯେ; ଆମର ଆଡ୍ଡା ବୈଠକ ?'

—'ସେ ଗୋଟାଏ ବଡ଼ ସମସ୍ୟା ! ମୁଁ ଭାବୁଛି କଥଣ କି, ମହାମାୟାଙ୍କ ମନ୍ଦିରରେ ଆମର ଆଡ୍ଡା ବସିବାର ବସିଲେ ତନ୍ତ୍ରବାଦ ଏଲ୍ୟାସଟା ଜୁଅନ୍ତା, ଆମେ ମଧ୍ୟ ତାନ୍ତ୍ରିକ ଯୋଗିମାଙ୍କ ଦୃଷ୍ଟିରୁ ଅବ୍ୟାହତି ପାଆନ୍ତୁ ।'

—'ସବୁ ଦେଖିବା କଥାଟା ଏତେବେଳେ କହୁଛୁ । ହଉ, ଏ ସବୁ ଖବର ଥାଉ । ବୁଢ଼ାଟାର ଚିକିତ୍ସାର କଣ ବ୍ୟବସ୍ଥା କଲୁ ?'

—'ଏବନ୍ଦୋବସ୍ତ ହୋଇଛି କ । ଶହର ଡାକ୍ତର ବୁଢ଼ାର ଝୁଡୁଆରେ ପଶିବାକୁ ଏକଦମ୍ ନାରାଜ; ମୂଳରୁ କହି ବସିଲା, 'ଏଥିରେ କି ମଣିଷ ବଞ୍ଚନ୍ତି ?' କହିଲି, 'ଠିକ । ସିଏ ଏବେ ଡାକ୍ତରଖାନାରେ ସ୍ଥାନ କରିଦିଅନ୍ତୁ ।' କହିଲା, 'ମିଲ୍ଟାରୀ—ରିଜର୍ଭଡ୍ !' ପରେ ପଶି ବୁଢ଼ାକୁ ଦେଖିଲା, ଗୋଟାଏ ଇଞ୍ଜେକ୍ସନ୍ ଦେଲା, ପ୍ରେସ୍କ୍ରିପସନ୍ ଲେଖିଲା, ଶେଷରେ କହିଲା, 'ଖାଦ୍ୟାଭାବ !' ଘର ଚାରିଆଡ଼କୁ ଦୃଷ୍ଟିଦେଇ ଦେଖିଲା, ଘରଟାରେ ଏତେ ଅଭାବ ଯେ ତାହା ମଧ୍ୟ ଡାକ୍ତର ସହିତ ମୋତେ ଖାଦ୍ୟରେ ପରିଣତ କରିଦେବ ବୋଲି ମୋର ଡର ହେଲା । ସାହିର ଗୋଟାଏ ଟୋକାକୁ ଜଣକୁ ଆଠଅଣା ମଜୁରିରେ ବୁଢ଼ା ପାଖରେ ରଖି ଆସିଛି; ତାର ପଥ୍ୟର ବ୍ୟବସ୍ଥା ମଧ୍ୟ କରି ଆସିଛି । ଏଥର ଫେରିଲେ ଯିବ ତା ପାଖକୁ ।'

ସନ୍ତୋଷ ମୁହଁରେ ଶାନ୍ତିର ସ୍ପଷ୍ଟ ଛବିଟାଏ ଜୀବନ୍ତ ହୋଇ ଉଠିଲା । ସେ କହିଲା, 'ଏଇ କାମ କରିବା ପାଇଁ ତ ଆମେ ବଞ୍ଚି ରହିଛୁରେ । ଏଥିରେ ଯେତେ ଆନନ୍ଦ ମିଳେ, ଆଉ କେଉଁଥିରେ କି ପାଉ ?'

ଭୁବନ କିଛି ନ କହି ବାରଣ୍ଡା ଆଡ଼କୁ ଗଲା ।

Digitized by srujanika@gmail.com

ଭଗତ ପଣ୍ଡାର ଅଭିନୟ ଦକ୍ଷ ସୃଷ୍ଟି ଘର ଭିତରକୁ ଫେରିଆସି କହିଲା, 'ଭଲେ ବାପାରେ—ସେହି।'

ସୁବୋଧ କିଛି ବୁଝିପାରିଲା ନାହିଁ, କହିଲା, 'କିଏ ?'

—'ସେହି ଯିଏ କି ଆରପାଖର ଭାବନା-ଯୋଗଣା-ଦଣ୍ଡ୍ୟାସୁମାନେ ବାପା !

ଦୁହେଁ ହସି ଉଠଲେ।

—୧୩—

କେତେ ବର୍ଷ ହେବ, ଚନ୍ଦ୍ରା ଘର ଭିତରେ ବସି ଗୀତର ଅଭ୍ୟାସ କରୁଥିଲା।

ପଢ଼ିବା ଓ ଗୀତର ଅଭ୍ୟାସ କରିବା, ଏ ଦୁଇଟି କଥା ଉପରେ ଯେଉଁସବୁ ଭାବ ସମୁଦାୟ ଅସ୍ତିତ୍ୱ ନିର୍ଭର କରେ, ସେହିସବୁ ସ୍ତରରେ ସେ ଲାଗିପଡ଼ିଛି। ତାର ହୃଦୟର ସମୁଦାୟ ଆବେଗ, ସମୁଦାୟ ବ୍ୟଗ୍ରତା ଏହି ପରିଶ୍ରମ ଓ ଜୀବନର ଚର୍ଚ୍ଚାରେ ଉତ୍ସର୍ଗିତ ହୋଇଉଠିଛି।

ମାଉସୀର ଉଦ୍ୟମ ଓ ଉତ୍ସାହ ଭିତର ଦେଇ କ୍ରମେ କ୍ରମେ ଚନ୍ଦ୍ରା ଯେତେବେଳେ ବଢ଼ି ଉଠିଲା, ସେତେବେଳେ ତା ସମ୍ମୁଖରେ ଥିଲା ଲଜ୍ଜା ଓ ଘୃଣାର ଆବରଣରେ ଆବୃତ୍ତ ପତିତାର ଜୀବନ। ସେ ପଥରେ ନ ଥିଲା ଆଲୋକର ରେଖା, ନ ଥିଲା ଜୀବନର କୌଣସି ଉଦ୍ଦେଶ୍ୟ। ବୋଧହୁଏ ସେ କଥାର ଶେଷ ମଧ୍ୟ ନାହିଁ। ମାଉସୀର ଘରେ ସେ ବଢ଼ିଛି, ପତିତା ପଡ଼ାର ସମୁଦାୟ ଘଟଣାବଳୀକୁ ତାର ଜୀବନର ଉନ୍ମେଷ ସଙ୍ଗେ ସଙ୍ଗେ ସେ ଲକ୍ଷ୍ୟ କରିଛି, ସେ ସବୁ ସହିସିବା ତାର ଅଭ୍ୟାସ ପଡ଼ିଯାଇଛି; କିନ୍ତୁ କୌଣସି ଦିନ ସେ ନିଜକୁ ପତିତାର ଆସନରେ ଦେଖିବାପାଇଁ ନିଜ ଅନ୍ତର ଭିତରେ କୌଣସି ସମର୍ଥନ ପାଇ ନାହିଁ। ତାର ବୟସ ବୃଦ୍ଧି ସଙ୍ଗେ ସଙ୍ଗେ ମାଉସୀ ତା ଆଗରେ ରଙ୍ଗୀନ ଆଶାର ଝଲମଲ ସ୍ୱପ୍ନ ଜାଲ ଦେଇଥିଲେ; ସେଥିରେ ଶାଢ଼ୀ, ଗହଣା, ଟଙ୍କା, ସୁନା, କୋଠାବାଡ଼ି ସବୁ ଥିଲା—ନ ଥିଲା କେବଳ ମନୁଷ୍ୟତା, ନ ଥିଲା ମନୁଷ୍ୟତାର ମର୍ଯ୍ୟାଦା।

Digitized by srujanika@gmail.com

ସୁଖିବା ଛଡ଼ା ତ ତାର ଅନ୍ୟ ଉପାୟ ନ ଥିଲା, ସେ ଶୁଣେ, କିନ୍ତୁ କୌଣସି ଦିନ ତ ତାର ଜୀବନର କୌଣସି ସ୍ତର ଆଶାର ରଙ୍ଗରେ ରଞ୍ଜିତ ହୋଇ ପାରି ନ ଥିଲା । ପତିତାର ଜୀବନ ତାକୁ ସ୍ୱଭାବତଃ କ୍ରମେ କ୍ରମେ ଏକ ଦୁର୍ଭେଦ୍ୟ ବନ୍ଧନରେ ବାନ୍ଧି ପକାଇ ଥିଲା; କିନ୍ତୁ ଏଥିରୁ ମୁକ୍ତି ପାଇବାର ତ କୌଣସି ପଥ ତା ଆଗରେ ନ ଥିଲା । ପତିତା ଘରେ ସେ ଜନ୍ମିଛି, ଏହି ଅଭିଶାପ ଯୋଗୁଁ ହିଁ ତାକୁ ଚିରକାଳ —ଆଜୀବନ—ପତିତା ହୋଇ ରହିବାକୁ ପଡ଼ିବ । ସମାଜର ସିଂହ-ଦ୍ୱାର ତା ପାଇଁ ରୁଦ୍ଧ, ମନୁଷ୍ୟତାର ସ୍ୱର୍ଗରେ ତାର କୌଣସି ସ୍ଥାନ ନାହିଁ—ସେ ପାଶବିକ ଲୋଲୁପତାର ଚିତ୍ତରଞ୍ଜକ ଭାବରେ ନିଜକୁ ବାଣ୍ଟି ଦେବା ପାଇଁ ବାଧ୍ୟ; ଦୁନିଆର ସମସ୍ତ ଅବର୍ଜନା, ସମସ୍ତ ପଙ୍କିଳତାର ପୂଜା ବେଦୀରେ ମସ୍ତକ ଅବନତ କରି ଉତ୍ସର୍ଗୀକୃତ ବଳି ରୂପେ ସମାଜର ସୁପବିତ୍ର ନିକଟରେ ଦଣ୍ଡାୟମାନ ହେବାକୁ ବାଧ୍ୟ । ଏହା ଛଡ଼ା ସମାଜ ତା ପାଇଁ ଅନ୍ୟ ବ୍ୟବସ୍ଥା କରି ନାହିଁ—ତା ପକ୍ଷରେ ଅନ୍ୟ ଉପାୟ ନାହିଁ । ପତିତାର ଜୀବନ ଜନମଧ୍ୟରେ ସେ ଟଙ୍କା ସୁନା—ଦୁଇ ତ ଧନରତ୍ନ ମଧ୍ୟ ପାଇପାରେ; କିନ୍ତୁ କେଉଁ ମୂଲ୍ୟରେ ? ସେ ଯଦି ଦୁନିଆର ସବୁ ଜିନିଷ, ସବୁ ମନୁଷ୍ୟ ଉପରେ ଅସୀମ ଆଧିପତ୍ୟ ପାଏ; କିନ୍ତୁ ନିଜକୁ ହରାଏ, ତେବେ ଲାଭ କଅଣ ? ଏ ସବୁ ସେ ଅନୁଭବ କରେ, ଏ ସବୁ ବିଷୟ ଆଜିକାଲି ତାର ଚକ୍ଷୁ ସମ୍ମୁଖରେ ସ୍ପଷ୍ଟ ହୋଇ ଉଠିଛି ।

କିନ୍ତୁ ସେ ଜାଣେ, ତାର ଯୌବନର ଆରମ୍ଭରେ ଏ ସବୁ ଚିନ୍ତାର ସ୍ଥାନ ମଧ୍ୟ ତା ମନରେ ନ ଥିଲା, ନ ଥିଲା ତା ଠାରେ ଚିନ୍ତା କରିପାରିବାର ଶିକ୍ଷା ବା ଅଭ୍ୟାସ । ସେ କେବଳ ନିଜ ଭିତରେ ଗୋଟାଏ ଦୁର୍ଦ୍ଦମନୀୟ ପ୍ରେରଣା ଅନୁଭବ କରୁଥିଲା—କେଉଁ ଆଡ଼େ ପଳାଇବ; କିନ୍ତୁ ଯିବ ସେ କୁଆଡ଼େ ? ତା ପାଇଁ ସ୍ଥାନ କାହିଁ ? କିଏ ତାକୁ ଆଶ୍ରୟ ଦେବ ? ମୁହୂର୍ତ୍ତିକ ପାଇଁ ଯଦି କେହି ତାକୁ ଟିକିଏ ସହାନୁଭୂତି ଦାନ କରି ନିଜ ପାଖରେ ଆଶ୍ରୟ ଦିଏ, ତେବେ ଲୋକମତ, ସମାଜ ତା ଉପରେ ରକ୍ତଚକ୍ଷୁ ହୋଇ ଉଠିବେ; ଅଥଚ ସେହି

କାର୍ଯ୍ୟରୁ ସର୍ବେବ ଅନ୍ଧଭାବରେ ଆତ୍ମପୋଷଣ କରି ଆସୁ ଜଗତଙ୍କ ସମ୍ମୁ-
ଖରେ ଉପସ୍ଥିତ ହେଲେ, ଯେବେମତ ତା ସମାଜର ମର୍ଯ୍ୟାଦ ସ୍ଥିତ
ତା ପାଇଁ ରହିଛି । ସେଥିପାଇଁ ତନ୍ଦ୍ରା ଅନୁଭବ କରୁଥିଲା ଗୋଟିଏ
କଣ୍ଟକିତ ବନ୍ଧନ ନାଗପାଶ ପରି ତାକୁ ତାର ପରିସ୍ଥିତି ସହିତ ବାନ୍ଧି
ରଖିଛି—ଏ ବନ୍ଧନ ଅପରିହାର୍ଯ୍ୟ, ଅବଶ୍ୟ ଏବଂ ତେଣୁ ଏହାକୁ ଛିନ୍ନ
କରିବା ସାଧ୍ୟାତୀତ, ଅସମ୍ଭବ ।

ଯୌବନର ତୋରଣ ତା ସମ୍ମୁଖରେ ଉନ୍ମୁକ୍ତ ହେବା ସଙ୍ଗେ
ସଙ୍ଗେ ସବୁ ମନୁଷ୍ୟ ପରି ତା ହୃଦୟରେ ଆଶା ଓ କଳ୍ପନାର ଶତମୁଖୀ
ଉତ୍ସ ଫିଟିଗଲା । ସବୁ ମନୁଷ୍ୟ—ସବୁ ନାରୀ ପରି ସେ ମଧ୍ୟ ନିଜର
ହୃଦୟକୁ ପୁଷ୍ପାଞ୍ଜଳି ରୂପେ ନିବେଦନ କରି ରଖିଲା ତାର ମନ ମନ୍ଦିରର
ଅନାଗତ ଅତିଥି ଉଦ୍ଦେଶ୍ୟରେ; କିନ୍ତୁ ତାର ଜୀବନ ଦ୍ୱାରକୁ କ ଦେବ
ତେବେ ପୂଜା ଗ୍ରହଣ କରିବା ପାଇଁ ଆସିବ ନାହିଁ, ତା ମନ୍ଦିରରେ
ଦୀପ ଜଳିବ ନାହିଁ, ଆସନ ସଜା ହେବ ନାହିଁ, ଆରତିର ଶଙ୍ଖଧ୍ୱନି
ଶୁଭିବ ନାହିଁ । ତାର ପୁଷ୍ପାଞ୍ଜଳି ଛଡ଼ାଫୁଲ ପରି ବାଟ କଡ଼ର ଧୂଳିରେ
ପଡ଼ି ରହିବ, ତାର ସାରା ଜୀବନଟା ବ୍ୟର୍ଥତାର ଦୈନ୍ୟରେ ମଳିନ
ହୋଇ ରହିବ; ସେ ତାଙ୍ଗାଳ ପରି—ଘୃଣାରେ ଫିଙ୍ଗାହୋଇଥିବା ଶୋଳ ପରି—
ପରିତ୍ୟକ୍ତ ଆବର୍ଜନା ସ୍ତୂପ ପରି ବାଟ କଡ଼ରେ ପଡ଼ି ରହିବ । ତାର
ହୃଦୟ ଉଦ୍ଭ୍ରାନ୍ତ ହୋଇ ଉଠେ, ହାହାକାର କରି ଉଠେ । ସେ ମହା-
ଶୂନ୍ୟ ଆଡ଼କୁ ଚାହିଁ ରହେ ।

ଦେବତାର ଆଶୀର୍ବାଦ ପରି ପ୍ରଦୋଷ ଯେଉଁଦିନ ତାଙ୍କ
ଅଗଣାରେ ଆସି ପହଞ୍ଚିଲା, ସେ ଦିନ ତାର ଉନ୍ମୁଖ ହୃଦୟ ପ୍ରଦୋଷର
ମହାନୁଭବତାର ଚରଣ ତଳେ ନିଜକୁ ଢାଳି ଦେଲା; ତାହାକୁହିଁ
ଦେବତା କରି ଗଢ଼ି ଉଠିଲା ତନ୍ଦ୍ରାର କଳ୍ପନା ମନ୍ଦିର । ସେ ମନ୍ଦିର
ଭିତରେ ଶତ ଶତ ଦୀପ ଜଳି ଉଠିଲା; ଧୂପର ଗନ୍ଧରେ ତାହା
ଆମୋଦିତ ହୋଇ ଉଠିଲା; ବଂଶୀ ଓ ମୁରଜର ସ୍ୱରରେ ତାହା
ମୁଖରିତ ହୋଇ ଉଠିଲା—ଆଉ ତାର ଭିତରେ ଶତ ତନ୍ତ୍ରୀର
ଝଙ୍କୃତାରେ ଜାଗି ଉଠିଲେ ମନ୍ଦିରର ଜୀବନ୍ତ ଦେବତା । ସେ

Digitized by srujanika@gmail.com

ଜୀବନରେ ପ୍ରଥମଥର ଅନୁଭବ କଲା ଲକ୍ଷ୍ୟର ସେହିଁଟାଏ ଦୃଶ୍ୟାଇ ଆକର୍ଷଣ, ସାଧନାର ଗୋଟାଏ ଅପ୍ରତିହତ ଅହ୍ୱାନ, ତ୍ୟାଗର ଗୋଟାଏ ସୁସ୍ପଷ୍ଟ ଇଙ୍ଗିତ । ତାର ଜୀବନର ଧାରା ଦୁଇକୂଳ ପ୍ଲାବିତ କରି ସେହି ପଥରେ ବହିଯିବା ପାଇଁ ଫୁଲି ଫୁଲି ଶକ୍ତି ସଂଗ୍ରହ କରିବାରେ ଲାଗି ପଡ଼ିଲା । ପ୍ରଦୋଷକୁ କେନ୍ଦ୍ର କରି ଗଢ଼ି ଉଠିଲା ତାର କଳ୍ପନା ସ୍ୱର୍ଗର ଦୁନିଆ ।

ଜଳ ଯେଉଁଭଳି ଯାଉଛି ପର୍ବତର ଘନିଷ୍ଠତା ଯେଉଁଭଳି ବଢ଼ିଛି ପ୍ରଦୋଷର ଜୀବନର ସ୍ୱଚ୍ଛ ନିର୍ମଳ ପବିତ୍ରତା ସେଇଭଳି ଉଜ୍ଜ୍ୱଳ ମୂର୍ତ୍ତିରେ ଚନ୍ଦ୍ରା ଆଗରେ ଆତ୍ମପ୍ରକାଶ କରିଛି । ପ୍ରଦୋଷ ତାକୁ ନିଜର ବିଳାସର ସାମଗ୍ରୀରୂପେ ନୁହେଁ, ଭଉଣୀ ଭାବରେ ଗ୍ରହଣ କରିଛି; ତାକୁ ମଣିଷ କରି ଗଢ଼ିବା ନିଜର ଉଦ୍ଦେଶ୍ୟ ବୋଲି ବିଚାର କରି ଆସିଛି । ଚନ୍ଦ୍ରା ଭିତରେ ଏହାର ପ୍ରତିଧ୍ୱନି ଅତି ଅଳ୍ପ ତ ଆକାର ଧାରଣ କଲା । ସମାଜ ଭିତର ପରିବାରର ଭାଇଭଉଣୀ ରୂପେ ସେ କେବେ କିଛି ଅର୍ଥ ନାହିଁ; ତାର ଧାରଣା ଥିଲା, ଭାଇ ଭଉଣୀ ଭିତରେ ଥାଏ ହୃଦୟବନ୍ତ ସ୍ନେହ; ସେ ସମ୍ପର୍କ ତ୍ୟାଗର ମଧ୍ୟମାରେ ସ୍ଥିର ଉଜ୍ଜ୍ୱଳ । ପ୍ରଦୋଷକୁ ଭାଇ ଭାବରେ ସେ ଗ୍ରହଣ କରିବ କପରି ? ତାର ଦୁର୍ଦ୍ଦାନ୍ତ ହୃଦୟ ତ ଅନେକ ସମୟରେ ଉତ୍କ୍ଷିପ୍ତ ହୋଇ କହି ଉଠେ—'ନାହିଁ, ନାହିଁ, ଅସମ୍ଭବ !' ତାର ସମୁଦାୟ ଅସ୍ତିତ୍ୱ ତ କେବେ କେବେ କୁହେଳିକାମୟ ହୋଇ ଉଠେ । ପ୍ରଦୋଷ ତାକୁ ଭଉଣୀ ଭାବରେ ଗ୍ରହଣ କରିଛି—କରୁ—ସେଥିରେ ତାର ଆପତ୍ତି ନାହିଁ; ସେ ତାକୁ ଭାଇ ଭାବରେ ଗ୍ରହଣ କରିବ, କେବଳ ସସୀମ ସ୍ନେହ, ସାଧାରଣ ତ୍ୟାଗ ଦ୍ୱାରା ନୁହେଁ—ଅସୀମ ପ୍ରେମ ଓ ପବିତ୍ରତା ଦ୍ୱାରା । ତାର ସାଧନା ହେବ କଠୋର, କିନ୍ତୁ ଏଡ଼ାଇ; ତାର ପୂଜା ହେବ ପବିତ୍ର, କିନ୍ତୁ ପୂର୍ଣ୍ଣ ହୃଦୟ ତାର ଦାନ ହେବ ତାର ଶରୀର ନୁହେଁ, ତାର ମନ ନୁହେଁ, ତାର ସମୁଦାୟ ଅସ୍ତିତ୍ୱ । ଚରମ ତ୍ୟାଗର ଆଦର୍ଶରେ ତାର ଜୀବନର ପ୍ରତିସ୍ତର ଆଲୋକିତ ହୋଇ ଉଠିଲା ।

Digitized by srujanika@gmail.com

ସେଥିପାଇଁ ପ୍ରଦୋଷ ଯେଉଁ କାର୍ଯ୍ୟରେ ତାକୁ ନିୟୋଜିତ କରୁଛି ସେହି କାର୍ଯ୍ୟକୁହିଁ ତାର ସାଧନା ବୋଲି ସେ ଗ୍ରହଣ କରୁଛି, ଯେଉଁ ଇଙ୍ଗିତ ପ୍ରଦାନ କରୁଛି ସେ ଇଙ୍ଗିତକୁ ସେ ଦେବତାର ଇଙ୍ଗିତ ବୋଲି ମୁଣ୍ଡ ପତାଇ ନେଉଛି । ପ୍ରଦୋଷର ଇଚ୍ଛାକୁ ନିଜ ଭିତରେ ପରିଫଳିତ କରିବାକୁ, ପୂର୍ଣ୍ଣ କରିବାକୁ, ଚନ୍ଦ୍ରା ତାର ଜୀବନର ମହାବ୍ରତ ବୋଲି ଗ୍ରହଣ କରିଛି । ତାହାରି ଭିତରେ ସେ ଲାଭ କରେ ପ୍ରଦୋଷର ଚରମ ସାନ୍ନିଧ୍ୟ, ଜୀବନର ଅପରୂପ ଆସ୍ୱାଦ, ପରମ ଆନନ୍ଦ ।

ତାର ପରିସ୍ଥିତି, ତାର ଜୀବନ-ପଥ ପ୍ରତିପଦରେ ପ୍ରଚଣ୍ଡ ବାଧା-ପ୍ରଦାନ କରେ; ଏବଂ ସେହି ବାଧାର ଆଘାତରେହିଁ ତାର ବ୍ରତ, ତାର ସାଧନା, ତାର ତ୍ୟାଗ ହୋଇ ଉଠେ ଚନ୍ଦ୍ରା ପକ୍ଷରେ ଉଚ୍ଚତର ସାମଗ୍ରୀ, ଅତି ଆପଣାର ବସ୍ତୁ । ତାର ସମସ୍ତ ଶକ୍ତି ଦେଇ ସେ ତାକୁ ବଞ୍ଚାଇ ରଖେ ନିଜର ଅସ୍ତିତ୍ୱ ଭିତରେ ।

ମାଉସୀ ତାର ପରିବର୍ତ୍ତନ ଲକ୍ଷ୍ୟ କରି ପ୍ରଥମେ ପ୍ରଥମେ ଶଙ୍କିତ ହୋଇ ଉଠୁଥିଲା, ଆଜିକାଲି ଉତ୍କ୍ଷିପ୍ତ ହୋଇ ପଡ଼ୁଛି । କେବେ ସେ ସ୍ପଷ୍ଟ ଭାଷାରେ ତାକୁ କହିଲେ, ଏସବୁ କଥା ଭଲ ନୁହେଁ ଲୋ ଝିଅ— ଏ ସବୁ କଥା ଭଲ ନୁହେଁ । ପ୍ରେମକୁ ନେଇ ଆମେ ଘରଦ୍ୱାର କରୁନାହୁଁ, ସେଇଟାକୁ ନେଇ ଆମର ବେଉସା । ଏ କଥା ଭଲ-ଭାବେ ବୁଝିରଖ । ପ୍ରଦୋଷ ବାବୁ ଆମକୁ ପୋଷାଉଛି, ସେ ଅଛନ୍ତି, କାଲି ତାଠାରୁ ଭଲ ଗ୍ରାହକ ମିଳିବେ । ପ୍ରଦୋଷ ବାବୁଙ୍କୁ ଦୁଆର ମନା କରିଦେବ ।

ଚନ୍ଦ୍ରା ଶାନ୍ତ ସ୍ୱରରେ କହିଲା—'ମାଉସୀ !'

—'ହଁ, ହଁ—ମୁଁ ସବୁ ବୁଝେ । ମୋ ପାଖରେ ସବୁ ରୋଗର ଔଷଧ ଅଛି । ତୁ ଏ ଘରେ ବଢ଼ିଛୁ । ଏଇ ଘର କାମ କରିବାକୁ ହେବ, ନ ହେଲେ ତୋ କପାଳେ ଢେର ଅବସ୍ଥା ଅଛି । ତୁ ଯେଉଁ ବାଟ ଧରିଛୁ ସେ ବାଟ ଆମ ପାଇଁ ନୁହେଁ । ଆମେ ମଧ୍ୟ କେବେ ତୋର ପରି ଥିଲୁଁ; ତୋର ପରି ରୂପ ଥିଲା,—କେତେ ରଜା ପୁଅ ଆମ

Digitized by srujanika@gmail.com

ଯୋଡ଼ ପାଖରେ ରହୁଥିଲେ । ଅନେକ ସେତେବେଳେ କହ ପାରୁଥିଲୁ—ତୋ ପରି ତୁହେଁ । ବ୍ୟବସାୟ ବେଳେ ବ୍ୟବସାୟୀ ହେଉଥିଲୁ, ଭଲ ପାଇବା ବେଳେ ପ୍ରେମ ହେଉଥିଲୁ । ବୁଝୀ ହେଲୁ, ତୋ ପରି ଦୁନିଆ ଛଡ଼ା ଭଣ୍ଡା ଆମ ଭାରତରେ କାହାରି ଦେଖି ନାହିଁ ଲୋ ମା—କାହାରି ଦେଖି ନାହିଁ ।'

ଗୁଣାରେ ଚନ୍ଦ୍ରକାର ସାରା ଶରୀର ଝଣ୍ଝଣ ହୋଇଗଲା । ସେ କିଛି ଉତ୍ତର ଦେଲା ନାହିଁ ।

ତା ଠାରୁ କିଛି ଉତ୍ତର ନ ପାଇ ବୁଢ଼ୀ ରାଗିଗଲା; କହିଲା, 'ତୁ ପାଠ ପଢ଼, ଓକିଲ ବାରିଷ୍ଟର ହୁ, ମୁଁ କିଛି କହୁ ନାହିଁ, ସବୁ ମନେ କରୁଥାଉ ଯେ, ମୋ କଥା କାଟିବୁ ତେବେ ଭଲ ହେବ ନାହିଁ । ତୁ ପିଲା ଲୋକ, ଜାଣି ନାହୁଁ—ଏ ସହରରେ ଗୋଟାଏ ଅଲଗା ପବନ ଅଛି; ତୋ ପରି ଲୋକଙ୍କୁ ସାଧୁ କରିବା ପାଇଁ ଢେର ବାଟ ଅଛି । ମୁଁ କିଛି କହୁ ନାହିଁ ବୋଲି ତୁ ମନେ କରୁନା ମୁଁ କିଛି କରିବି ନାହିଁ । ସେ କଥା ଛାଡ଼ । ଏତା ଗଣ୍ଡାକୁ ତୋର ଏ ସବୁ ଢଙ୍ଗ ଚଳିଇ ନପାରୁ ।'

ଏ ଅଶ୍ଳୀଳ ବୋଧ ଓ ଇତର ଇଙ୍ଗିତର ବହାଳ ଦଂଶନକୁ ସହି ଯିବା ଛଡ଼ା ଚନ୍ଦ୍ରକା ପକ୍ଷରେ ଅନ୍ୟ ବାଟ ନ ଥିଲା; ଏ ସବୁ କାହାକୁ କହିବ, ଏପରି ଲୋକ ମଧ୍ୟ ତା ସୁରଅଡ଼େ ଦେଖି ନ ଥିଲେ । ଏ ସବୁ ଜୀବନରେ ସହିଯିବା ଅଭ୍ୟାସ ତାର ହୋଇ ଯାଇଥିଲା; ସେ ଜୀବନରେ ସହିଗଲା । କିନ୍ତୁ ତା ମନ ଭିତରେ ଏ ସବୁ କଳୁଷରେ ଜ୍ୱାଳା ପ୍ରତିବାଦ ଲେଲିହାନ ଅଗ୍ନି ତରଙ୍ଗ ପରି ଉତ୍ତପ୍ତ ହୋଇ ଉଠି, ତାର ସାଧନାକୁ ବଜ୍ର ଦୃଢ଼ କରି ଦେଇଥିଲା ।

ଏଗାର

ସନ୍ଧ୍ୟା ସୁଦ୍ଧା ମାଉସୀ ଘରର ବୈଠକ ଦୋଠରୀ ସମ୍ପୂର୍ଣ୍ଣ ସଜରେ ସଜେଇ ଗଲା । ବାଘ ଦେହକୁ ଗାଲିଚା, କାଚରଙ୍ଗଲ, ପିକଦା, ଝୁଣା ପତାପଙ୍କ ଛବି ସବୁକୁ ଉଠାଇ କାଢ଼ିନେଇ ମୁହଁ ମଡ଼ାଇ ଗୋଟାଏ ଅନ୍ଧାରୁଆ ଘରର କୋଣରେ ଥୋଇ ଦେଇ ଆସିଲା—ସେ ଘରେ ଭଙ୍ଗା

Digitized by srujanika@gmail.com

ଝଟାଦେଇ, ଛାଣବା ଦାଠ, ଚୂନ ଝୁଣ୍ଟି,—ଜଣ୍ଡା ଯାଇଁ ବୁଢଣ୍ଡ ସହିତ ଏସ ସବୁ ଏବଳେ ରହିଛି—ଅଥ ତା ସ୍ଥାନରେ ଗରବ ଗଣ୍ଡ ଅଟେଲିଦରେ ଶୋଭା ପାଉଛି ଉଲ୍‌ଗ୍ନା, ତା ଉଇସ୍ତତାଲ ତୁଚ୍ଛି ଦଲେ ଅର୍ଦ୍ଧ ଉଲଗ୍ନ ଦେବେଦେବ ଛବ । ଘରର ଫୁଲଦାଣ୍ଡ ଦଦା ହୋଇ ସେଥିରେ ଫୁଲ ତୋଡ଼ା ସଜା ହୋଇ ରହିଛି, ସ୍ଥାନେ ସ୍ଥାନେ ଫୁଲ-ମାଳା ଅସ୍ତ୍ରପ୍ରକାଶ କରୁଛି । ଦୋଠସ୍ଥ ମଝିରେ ବସ୍ତ ହୋଇଛି ମୂଲ୍ୟବାନ୍ ଗାଲିଚ୍ଚ; ତା ଉପରେ ପ୍ରକାଣ୍ଡ ତକିଆ ସୁନ୍ଦର ରଖା ହୋଇଛି ।

କଲିକତାରୁ ଲବଣ୍ୟ ବାଘିଣା ତାଙ୍କ ଦରବାନ୍ ଚରଣସିଂକୁ ସାଙ୍ଗରେ ନେଇ ଅଜ ସକାଳେ ଖଣ୍ଡେ 'ଘୋଡ଼ା ଗାଡ଼ିରେ ଆସି ମାଉସୀ ଘରେ ପହଞ୍ଚିଲେ । ସେଠାରେ ସେ ଦେଖିଁ ଜଣେ ମାବୁଅଡ ଶେଠର ଲଛିତା କି ନା, କୌଣସି କଛରେ ତାର ଅଭାବ ନାହିଁ ।

ମାଉସୀ ତାକୁ ଦେଖିବା ସାଙ୍ଗେ ସାଙ୍ଗେ, 'ମୋ ଝିଅ ଆସିଲାଣି' ବୋଲି ଅଭ୍ୟର୍ଥନା କରି ନେଲା ଘର ଭିତରକୁ; ଚନ୍ଦ୍ରାକୁ ଡାକି ଶିଖାଇ ଦେଲା, 'ଏଇ ଲ୍ବ—ଅମ ଲବଣ୍ୟ ମ, ତୋ ଭଉଣୀ ।'

ସାସ୍ତ ବୁଇ ପ୍ରହର ମାଉସୀ ଓ କଲକଣ୍ଡ ଝିଅସ ଭିତରେ ଅନେକ ବଥାବାର୍ତ୍ତା ଚାଲିଥିଲା । ତା ଭିତରେ ଚନ୍ଦ୍ରା କଥା ପ୍ରଧାନ ସ୍ଥାନ ପାଇବା ସ୍ୱାଭାବିକ । ତା ସଙ୍ଗେ ସଙ୍ଗେ ପ୍ରଦୋଷର କଥା ମଧ୍ୟ ଉଠିଥିଲା ।

ଲବଣ୍ୟ କହିଲା, 'ଏଇ ଗୋଟାଏ କଥା ? କେତେ କେତେ ଲୋକ ମୁଁ କଲିକତାରେ ଦେଖିଛି; ଏ ଘରକୁ ଆସି ସାଧୁ ସନ୍ନ୍ୟାସୀ ସାଜିବା ଚନ୍ଦ୍ରାପକ୍ଷ ଝିଲି ପାଖରେ କଲେ; ମୋ ଆଖିରେ ସେ ସବୁ ଚଳିବ ନାହିଁ । ନଅଁରେ ପତଙ୍ଗ ପଡ଼ିଲି ପରି ଯଦି ନ ପଡ଼େ ମୋ ନାଁ ଲବଣ୍ୟ ବାଇ ନୁହେଁ ।'

ସେଇ ସମ୍ପର୍କରେ ଏ ବୈଠକର ଆୟୋଜନ ।

ସିଦ୍ଧେଶ୍ୱର ବାବୁଙ୍କ ଝିରକା-ବ୍ୟାପାର ଠାରୁ ପ୍ରଦୋଷର ସଙ୍ଗୀତ-ବୈଠକ ଜମିଯାଇଛି; କିନ୍ତୁ ଯେତେବେଳେ କଥେ ଚନ୍ଦ୍ରା ଘରେଇଁ

Digitized by srujanika@gmail.com

ଲଗେ । ସେପ୍ଟେମ୍ବର ବୈଠକ ହେବ ଯେ ତଥ୍ୟ ଓସ୍ତାଦଙ୍କୁ ପ୍ରଦୋଷ ଠାରୁ ଖବର ପାଏ, ସେ ବନ୍ଧୁ ତାକୁ ସେ ଖବର ଦିଏ ।

ସେ ଦିନ ବୈଠକ ହେବାର କଥା ।

ସନ୍ଧ୍ୟା ଅନ୍ଧାର ହେବା ପରେ ପରେ ପ୍ରଦୋଷ ଓ ଭୁବନ ସାଙ୍ଗ ହୋଇ ଆସିଲେ । ଅଭ୍ୟାସ ଅନୁସାରେ ପ୍ରଦୋଷ ଡାକିଲା, 'ମାଉସୀ ମାଉସୀ !'

ମାଉସୀ ସେମାନଙ୍କୁ ବୈଠକ ଘର ଭିତରକୁ ନେଇଗଲେ ।

କୋଠରି ଭିତରେ ଘୋଡ଼ ଡେଇ ତା ଭିତରର ସାଜସଜ୍ଜା ଓ ପରିବର୍ତ୍ତନ ଦେଖି ଦୁହେଁ ଗମ୍ଭୀର ହୋଇ ଛିଡ଼ା ହୋଇ ରହିଲେ କିଛି କ୍ଷଣ ।

ମାଉସୀ ଦ୍ୱାର ଅର ପାଖରେ ଥିଲେ; ପ୍ରଦୋଷ କହିଲା, 'ଇନ୍ଦ୍ରା କାହିଁ ?'

ମାଉସୀ କହିଲେ, 'ବସ, ସେ ଆସୁଛି ।'

ତଥାପି ସେ ଦୁହେଁ ଛିଡ଼ା ହୋଇ ରହିଲେ ।

କିଛିକ୍ଷଣ ପରେ ପ୍ରଦୋଷ କହିଲା, 'ଆ, ଭୁବନ !'

ପ୍ରଦୋଷ ଗାଲିଚା ଉପରେ ବସିଲା, ଭୁବନ ମଧ୍ୟ ତା ପାଖରେ ଗମ୍ଭୀର ହୋଇ ବସି ରହିଲା ।

ପ୍ରଦୋଷ ଧୀର ସ୍ୱରରେ କହିଲା, 'ନିଆଁକୁ ନେଇ ଖେଳୁଛୁ ଆମେମାନେ, ସବୁବେଳେ ନିଆଁକୁ ନିଜ ଇଚ୍ଛା ଅନୁସାରେ ଚଳାଇବା ସମ୍ଭବ ନୁହେଁ, ଲୁଗାରେ ନିଆଁ ଲାଗି ପୋଡ଼ି ମରିବାର ସମ୍ଭାବନା ମଧ୍ୟ ଅଛି । ନିଆଁକୁ ଯେତେବେଳେ ମୁଠାରେ ଧରି ଖେଳି ପାରିବା ସେତିକି ବଡ଼ ଖେଳୁଆଡ଼ ଆମେମାନେ, ମନେ ରଖ ଭୁବନ ।'

ଭୁବନ ପ୍ରସ୍ତର ମୂର୍ତ୍ତି ପରି ବସି ରହିଲା ।

'ନମସ୍ତେ ବାବୁଙ୍କୁ' ଝଲକଣି ତାଇବାରେ କିଛି ଲାବଣ୍ୟ ଘର ଭିତରକୁ ଆସିଲା ।

ତାର ବେଶଭୂଷା ଅତି ଆଧୁନିକ ଧରଣର, ତାର ଚେହେରାରେ ଲଳିତା ସୌନ୍ଦର୍ଯ୍ୟ ଚର୍ଚ୍ଚାର ସବୁ ଉପାଦାନ ଯଥାଯଥରୂପେ ଅନୁ-

Digitized by srujanika@gmail.com

ପ୍ରକାଶ କରୁଥିଲା;—ଯେଉଁ ତାର ସାଙ୍ଗ ଅଭ୍ୟନ୍ତରକୁ ଉଦ୍‌ବେଳିତ କରେ ପଡ଼ୁଥିଲା ଅବସନ୍ନ ଲଳନା।

ପ୍ରବୋଧ ଠାରୁ କିଛି ଦୂରରେ ଅବନତ ଭଙ୍ଗିରେ ବସି ସେ କହିଲା, 'ଚିହ୍ନିପାରୁ ନାହାନ୍ତି? ମୁଁ ଲାବଣ୍ୟ; କଲିକତାରେ ଆ ମାଉସୀଙ୍କୁ ଦେଖିବାକୁ ଆସିଥିଲି।'

ମୁହଁର ହସରେ ଲଳନାର ଗାଲ ଦୁଇଟି ଖେଳାଇ ସେ କହିଲା, 'ଶୁଣିଲି ଆପଣ ଖୁବ ଭଲ ସଙ୍ଗୀତ ଜାଣନ୍ତି, ଭୁବନ ବାବୁ ଖୁବ ଭଲ ତବଲା ବଜାନ୍ତି; ଆପଣଙ୍କୁ ଗୋଟିଏ ଅଧେ ଗୀତ ଶୁଣାଇବା ପାଇଁ ଇଚ୍ଛା ହେଉଛି।'

ଲାବଣ୍ୟ ଡାକିଲା, 'ତରଣସିଂ ମେରା ହାରମୋନିୟମ୍, ତବଲା ଲେ ଆଓ।'

ତରଣସିଂ ସେ ଦୁଇ ପ୍ରକାର ବାଦ୍ୟ ଯନ୍ତ୍ର ଆଣି ଥୋଇ ଦେଇଗଲା।

ଭୁବନ ଆଡ଼କୁ ଚାହିଁ ସେ କହିଲା, 'ଆପଣ ମୋ ସାଙ୍ଗରେ ତବଲା ଧରିବେ'।

ଭୁବନ କହିଲା, 'ନା'।

ପ୍ରଶ୍ନର ମୁଣ୍ଡି ମୁହଁରୁ ଦୂର କାଢ଼ିବା ପରି ସମ୍ଭବ ହୁଅନ୍ତା ତାହା ଯେପରି ଶୁଭନ୍ତା, ଭୁବନର ସ୍ୱର ସେହିପରି ଶୁଣାଗଲା।

ଲାସ୍ୟମୟ ଗଳାରେ ଲାବଣ୍ୟ ଉଠିଆସି ମଦ କୋଳର ଓ ହାତ ଟିକିଏ ଆଣିଲା; ଟିକିସରେ ଏଡ଼ ଆଗ ପ୍ରବୋଧ ଆଡ଼କୁ ବଢ଼ାଇ ଦେଲା।

ପ୍ରବୋଧ ଗମ୍ଭୀର ସ୍ୱରରେ କହିଲା, 'କ୍ଷମା କରିବେ, ସଙ୍ଗୀତ ଚର୍ଚ୍ଚାବେଳେ ସେ ସବୁ ଜିନିଷ ମୁଁ ଛୁଏଁ ନା'।

ଏ ସବୁ ଜିନିଷ ଛୁଇଁଲେ ସଙ୍ଗୀତ ଜମେ ନା।'

ଲାବଣ୍ୟ ତା ଆଡ଼କୁ ଏକ ବକ୍ରୋକ୍ତି କଟାକ୍ଷ ନିକ୍ଷେପ କରି କହିଲା, 'ବଡ଼ ବଡ଼ ଓସ୍ତାଦମାନେ ମଧ୍ୟ ଏହା କଥା କହନ୍ତି, କିନ୍ତୁ ମୋର ଟିକିଏ ନ ହେଲେ ଚଳେ ଚିଜେ ନାହିଁ।'

Digitized by srujanika@gmail.com

—'ଅନନ୍ତର ସଙ୍ଗୀତ ! ଅନନ୍ତର ସଙ୍ଗୀତ ! ତମର ସ୍ୱର !' ପ୍ରଦୋଷ ଆନନ୍ଦରେ ଅଭିନୟର ଅଦ୍ଭୁତ ଚେଷ୍ଟା କରି ଚାଲିଲା ।

ହାର୍ମୋନିୟମ୍ ସାହାଯ୍ୟରେ ଲାବଣ୍ୟ ଗୀତ ଗାଇବାକୁ ଆରମ୍ଭ କରିଦେଲା । ତାହାର ସ୍ୱର ଯେପରି ଅଦ୍ଭୁତ, ତାହାର ଭାବ ସେହିପରି ଅଭିନବ । ପ୍ରଦୋଷ ଯେ କୌଣସି ମତେ ତାକୁ ଶୁଣିପାରିବାକୁ ଲାଗିଲା । ମନୁଷ୍ୟର କଣ୍ଠସ୍ୱର ପରି ଏହା ଅନେହୁତ ଅତ୍ୟାଶ୍ଚର ବୋଲି ମନେ କଲା ।

ଗୀତ ଶେଷ ହେଲା; ଦୁହେଁ ମନ୍ତ୍ରମୁଗ୍ଧ ସର୍ପୀ ହୋଇ ବସି ରହିଲେ ।

ଲାବଣ୍ୟ ଅଲୌକିକ ଭଙ୍ଗିରେ ହାସ୍ୟ ଉଚ୍ଛୁରିତ କରି କହିଲା, 'କେମିତି ହେଲା ବାବୁଜୀ ?'

ପ୍ରଦୋଷ ଅନ୍ୟମନସ୍କ ଥିଲା; କହିଲା, 'ମତେ ପଚାରୁଛ ? ବାଃ, ବାଃ, ଖୁବ୍—ସାବାସ୍ ! ଅଚ୍ଛା ମାଉସୀ ତାହାଙ୍କ ଦେଖା ଯାଉ ନାହାନ୍ତି ?'

ଭଙ୍ଗିଭରା କଣ୍ଠରେ ଲାବଣ୍ୟ ଉତ୍ତର ଦେଲା, 'ବୁଢ଼ୀ ମଣିଷ, ତାଙ୍କର ଏଠି କି କାମ ଅଛି ଯେ, ସେ ରହିବେ ।

—'ଓଃ ଠିକ୍ । ବୁଝିଲି, ମୁଁ ଟିକିଏ ଭଲ ଧରଣର ଲୋକ କି ନା, ବିଶେଷତଃ ମଦ୍ୟପାୟୀ ତ ନା, ସବୁ ବିଷୟରେ ମୋତେ ସବୁକଥା ପ୍ରଥମେ ଅଦ୍ଭୁତ ଅଦ୍ଭୁତ ଲାଗେ । ଚଳିବାର ଅଭ୍ୟାସ ବାଇଜୀ ଶିଖିବା ପାଇଁ ମତେ ଟିକିଏ ଡେରି ଲାଗିବ ବୋଲି ମନେ ହେଉଛି । କଅଣ କହୁଛ ଭୁବନ ?'

ଭୁବନ ମସ୍ତକ ସଞ୍ଚାଳନ ଦ୍ୱାରା ପ୍ରଦୋଷର ଏହି କଥାକୁ ସମର୍ଥନ କଲା ।

ଲାବଣ୍ୟ ମନେ ମନେ ମଧ୍ୟ ଭାବିଲା ଯେ, କଥାଟା ଠିକ୍ । ନ ହେଲେ ଏମାନେ କ ବାଲ୍ମୀକି ବା ଅଶ୍ୱାମିନ ନୁହନ୍ତି ଯେ, ତାର ଏତେ କୌଶଳ ପ୍ରୟୋଗ ପରେ ମଧ୍ୟ ହାତ ଛାଡ଼ିଲା ପରି ବସି ରହିବେ ।

Digitized by srujanika@gmail.com

—'ବୁଝିଲ ବାଇଆ, ତମଠାକୁ ଅନେକ କଥା ମୋତେ ଶିଖିବାକୁ ହେବ । କଅଣ କହୁଛ ହୃଦନ ?'

ହୃଦନ ଯେପରି ମୂକ ହୋଇ ଯାଇଛି, ଖୁସି ମୁଣ୍ଡ ହଲାଇ ପ୍ରଦୋଷର କଥାକୁ ସମର୍ଥନ କଲା ।

—'ମୁଁ ଗୋଟାଏ କଥା ପଚାରେ ? କଲିକତାରେ ରହି ପଢ଼ିଲେ କେମିତି ହୁଅନ୍ତା ? ତମ ପରି ଲକ୍ଷ୍ମୀ ସେକ୍ରେଟେରୀ ପାଇଁ, ତାର କଣ ଅସୁବିଧା ହୁଅନ୍ତା ନାହିଁ ? ଆଉ ମାଉସୀ—ତାଙ୍କର ସବୁ ଉଦ୍‌ବେଗରୁ ମୁଁ ବଞ୍ଚି ଯାଆନ୍ତି ?'

ଲାବଣ୍ୟ ଆଖି ଆଗରେ ଗୋଟାଏ ନୂଆ ସ୍ୱପ୍ନର କଳ୍ପନା ଖେଳିଗଲା । ଚନ୍ଦ୍ରା ଯଦି ସିଟିକୁ ପାଇଲେ, ବିଶେଷତଃ ସେ ସ୍କୁଲ ବା କଲେଜରେ ପଢ଼ିବା ଅବସ୍ଥାରେ, ଛଅ ମାସରେ ଦୁଇ ହଜାର ଟଙ୍କା ବା ଦେଢ଼ ପାଖରେ ଥାଅ । ସେ ଉତ୍ସାହିତ ହୋଇ କହିଲା, 'ସବୁ ଭଲ ହୁଅନ୍ତା ବାବୁଜୀ, ସବୁ ଭଲ ହୁଅନ୍ତା ! ଚନ୍ଦ୍ରା ହଷ୍ଟେଲରେ ରହନ୍ତା; ସମୟ ସମୟରେ—ଏଇ ରବିବାର, ପୂଜା ପାର୍ବଣ, ଛୁଟିରେ ମୋ ଘରକୁ ଆସନ୍ତା । ସେ ତ ଛଅ ମାସ ପର ହେବ । ଆପଣ କଲିକତା ଗଲେ ସେ ଆମ ଘରକୁ ସ୍ୱଚ୍ଛ ଆସନ୍ତା । କ୍ଷତି କଅଣ ?'

ପ୍ରଦୋଷ କଥାଟାରେ ମୋଡ଼ ଦେଇ କହିଲା, 'ମାଉସୀ ଖୁସି ହେଲେ ତ !'

ସଙ୍ଗେ ସଙ୍ଗେ ଲାବଣ୍ୟ କହି ଉଠିଲା, 'ସେ ଭାର ମୋ ଉପରେ, ସେ ଭାର ମୋ ଉପରେ ! ମୁଁ ମାସେ ଖଣ୍ଡେ ଏଠାରେ ରହି କଲିକତା ଯିବ । ଚନ୍ଦ୍ରାକୁ ମୋ ସଙ୍ଗରେ ନେଇ ଯିବ ।'

ପ୍ରଦୋଷ କହିଲା, 'ଟିକିଏ ସବ୍ର ଦେଖେ !'

ଏହି ସମୟରେ ଓସ୍ତାଦ୍‌ଜୀଙ୍କ ଚେହେରା ଦ୍ୱାର ପାଖରେ ଦେଖା ଦେଲା । ପ୍ରଦୋଷ କହି ଉଠିଲା, 'ଆସନ୍ତୁ, ଆସନ୍ତୁ ଓସ୍ତାଦ୍‌ଜୀ; ଆପଣଙ୍କର ଆଜି ଡେରି ହୋଇଗଲା । ଆମର ଲାବଣ୍ୟବାଈ, କେଡ଼େ ବଢ଼ିଆ ଗୀତ ଶୁଣାଇଲେ ଆମମାନଙ୍କୁ ।'

Digitized by srujanika@gmail.com

ଓସ୍ତାଦ୍‌ଜୀ ଚମକି ଚମକି କହିଲେ, 'ସଚ୍' ?

ଲାବଣ୍ୟ ଓସ୍ତାଦ୍‌ଙ୍କ ଉଦ୍ଦେଶ୍ୟରେ ମୁଣ୍ଡ ହଲାଇଲା ।

ଓସ୍ତାଦ୍‌ଜୀ ଉତ୍ସାହର ସହିତ କହି ଉଠିଲେ, 'ସାବାସ୍ ! ସାବାସ୍ ! ଏବ୍ ତୁମକୁ ଏକ୍‌ଟୁକୁସ୍ ଖେଆଲ୍ ଶୁଣାଇବାକୁ ହେବ ! ଦେଖିଁ ଭୁବନ ବାବୁ !'

ଭୁବନ ପ୍ରସ୍ତର ମୂର୍ତ୍ତିପରି ମୂକ ଅବଚଳିତ ।

—'ଆରେ ଆପ ଘବରା ପଡ଼୍‌ଗଏ, ନା ?' ଓସ୍ତାଦଜୀ କଥାରେ ଅନୁରୋଧର ସୁର ଦେଇ କହିଲେ ।

ପ୍ରଦୋଷ ଉତ୍ତର ଦେଲା, 'ଭୁବନର ମନ ଆଜି କେମିତି ଭଲ ନାହିଁ ; ଆଉ ତାର ମନ ଭଲ ନ ଥିଲେ ସଙ୍ଗେ ସଙ୍ଗେ ଦେହରେ ଗୋଟାଏ ଅଜବ ରୋଗ ଧରି ପକାଏ !'

ଓସ୍ତାଦ୍‌ଜୀ କହିଲେ, 'ସଚ୍ ! ତବ ବଡ଼ ମୁସ୍କିଲ୍‌କା ବାତ୍ !'

ଲାବଣ୍ୟ ହସି ପକାଇ କହି ଉଠିଲା, 'ଗଳା ସପ୍ତକ ଉପରକୁ ଗଲେ ମଧ୍ୟ ତାଙ୍କର ରୋଗ ଛାଡ଼ିବ ନାହିଁ ?'

—'ଛାଡ଼ିବା ଖୁବ ସମ୍ଭବ; କିନ୍ତୁ ଏ ବୟସରେ ଗୀତ ଶିଖିବା ନାହିଁ ।' ପ୍ରଦୋଷ ସପ୍ରତିଭ ସ୍ୱରରେ ଉତ୍ତର ଦେଲା ।

ପୁଣି କହିଲା, 'କଥାଟା କଅଣ କି ଜାଣନ୍ତି, ଜୀବନରେ ସିଧା ସଳଖ ବାଟେ ଚାଲିବା ଭୁବନର ଅଭ୍ୟାସ । ପୂର୍ବକାଳର ବୀର ପରି ସେ ସମ୍ମୁଖ ରଣକ୍ଷେତ୍ରରେ ଲଢ଼ିବାକୁ ଭଲପାଏ; କିନ୍ତୁ ଆଜିକାଲିକାର ଯେଉଁ ପଛଘୁଞ୍ଚା ଯୁଦ୍ଧ—ଇଂରାଜୀରେ ଯାହାକୁ Rear guard action କହନ୍ତି, ସେ ଯୁଦ୍ଧକୁ ସେ ଭଲପାଏ ନାହିଁ, ସେପରି ଯୁଦ୍ଧରେ ତାର ଅଭ୍ୟାସ ନାହିଁ । କହେ ବାବୁ, ଜୀବନର ସବୁ ବାଟ କଅଣ ସିଧା ଯେ ତୁମେ ସିଧା ବାଟରେ ଚାଲିବା ଅଭ୍ୟାସ ଧରି ଗର୍ବ କରିବ ?'

ଓସ୍ତାଦ୍‌ଜୀ ମୁଣ୍ଡ ହଲାଇ କହିଲେ, 'ଠିକ ଏକଦମ୍ ଠିକ୍ !'

ଲାବଣ୍ୟ କଥାର ଭଙ୍ଗୀଟା ବୁଝି ପାରିଲା ନାହିଁ ।

Digitized by srujanika@gmail.com

—'ଦେଖ ମହାତ୍ମା ଏ ଘରର ବାନ୍ଧୁଗୁଡ଼ାକୁ । ତାର୍ ଏ ବାନ୍ଧୁ ଦେହରୁ ଗାନ୍ଧୀ, ଜବାହରଲାଲ୍ ଏବଂ ଅନ୍ୟ ମନ୍ତ୍ରୀମାନେ, ଦେଶଭକ୍ତ ଆମ ଆଡ଼କୁ ସେମାନଙ୍କ ଗରବ ଚକ୍ଷୁରେ ଚାହୁଁଥିଲେ; ଶିବାଜୀ, ପ୍ରତାପଙ୍କ ପରି ସ୍ୱରଚିତ ବୀର ସନ୍ତାନ ଆମର ନାମ ଦେଉଥିଲେ, ଆଜ କୋଣ ଅନ୍ଧାର କୁଣ୍ଡରେ ଆମକୁ ଚାହିଁ ରହିଛନ୍ତି ଏହି ଲୋକମାନେ ।

ଉସ୍ତାଦ୍‌ଜୀ ସେ ଆଡ଼କୁ ଚାହିଁ ନ ଥିଲେ । ବାନ୍ଧି ଆଡ଼କୁ ଦୃଷ୍ଟି ଦେଇ କାନ ପାଖକୁ ହାତ ନେଇ କହିଲେ, 'ତୋବା ଇସ୍ତାଫା ! ତୋବା ଇସ୍ତାଫା ! ଅବେର ଏ ସବ୍ କିଆ ଦେଖି ରହା ?'

ପ୍ରବୋଧ ଉସ୍ତାଦ୍‌ଜୀଙ୍କ କଥାରେ ହସି ପକାଇଲା । ଲାବଣ୍ୟ ଲଜ୍ଜାରେ ମ୍ରିୟମାଣ ହୋଇଗଲା ।

ଉସ୍ତାଦ୍‌ଜୀ ପୁରୁଣାକାଳିଆ ଲୋକ । ସେ କହିଲେ, 'ବହୁତ ବହୁତ ତସ୍‌ବିର୍ ହମ୍ ଦେଖିଛି—ମମତାଜ ବେଗମ୍, ଜେବୁନିସା ବାଇ—ଔର ଦେବତା, ଦେବତା । ମଗର ଓ ଲୋକ ତ ଦେବତା ଥେ—ଅବେର ଏ ସବ୍ କୋନ ହେ ? କିଆ ହୋଗିଆ ଦେଶ୍ ? ଠିକ ନେହିଁ—ଏସବ୍ କାମ ଠିକ ନେହିଁ ।'

ଉସ୍ତାଦ୍‌ଜୀଙ୍କ ମନ ଆଉ ସେ ବୈଠକରେ ଲାଗିଲା ନାହିଁ ।

ଅଳ୍ପକ୍ଷଣ ପରେ ପ୍ରବୋଧ, ଶ୍ରୀକାନ୍ତ ଓ ଉସ୍ତାଦ୍‌ଜୀ ଯେତେବେଳେ ଉଠିଗଲେ ଲାବଣ୍ୟ ମନରେ ଦୁଇଟା କଥା ଜାଗି ରହିଲା, ଚନ୍ଦ୍ରକାର ଛଳଛଳ ଶିବା କଥା—ଆଉ ଅଜର ଅଭିମାନରେ ତାର ପତ୍ନୀତ୍ୱ ଓ ଲଜ୍ଜା ।

— ଚାରି —

କୃଷ୍ଣଚନ୍ଦ୍ରଙ୍କୁ ଶବାହ୍ନ ପ୍ରସଙ୍ଗର ମଧ୍ୟସ୍ଥରେ ଅଭ୍ୟର୍ଥନା କରିବାର ସବୁ ଆୟୋଜନ ପ୍ରବୋଧ ଘରେ ଠିକ୍ ହୋଇ ରହିଲା ।

ସେଦିନ ସନ୍ଧ୍ୟାବେଳେ ଚନ୍ଦ୍ରମା ତାଙ୍କ ଘରେ ଆସି ପହଞ୍ଚିଲା । ପ୍ରବୋଧ ତାକୁ କହିଲା, 'ଦେଖ ଚନ୍ଦ୍ରା, ଏ ତୋର ଘରର ଭଳିଆ ଘର । ଏଠି ତ କୌଣସି ଦଳ କୌଣସି ସ୍ତ୍ରୀଲୋକର ଯୋଗ ପଡ଼ିନାହିଁ—ତାହା କରିବାକୁ ଆମେମାନେ ଦେଇନାହୁଁ । ତୁ ଯଦି

ଆଜି ଆସିଲୁ, କେତେ ଘଣ୍ଟାପାଇଁ ତୋର ଖୁବ ଅସୁବିଧା ହେବ, ମୁଁ ବୁଝି ପାରୁଛି; କିନ୍ତୁ ତୋ ସାଙ୍ଗରେ କେତେ କଥା ଅଛି, ତୁ ମଧ୍ୟ ତୋର ବଡ଼ ଭଉଣୀଟାକୁ ଗୋଟାଏ କାମରେ ସାହାଯ୍ୟ କରିବୁ । ସେଇଥିପାଇଁ ମୁଁ ଭାବୁଛି, ତୋତେ ଟିକିଏ କଷ୍ଟ ହେଲେ ମଧ୍ୟ ତୁ କିଛି ମନେ କରିବୁ ନାହିଁ । ନା ?'

ଦିନ ଯେତିକି ଗଡ଼ି ଯାଉଛି ଚନ୍ଦ୍ରା ପ୍ରଦୋଷକୁ ସେତିକି ଭଲରୂପେ ଚିହ୍ନି ପାରୁଛି । ସେଦିନ ଲାବଣ୍ୟ ସହିତ ତାର ସମସ୍ତ କଥାବାର୍ତ୍ତା ଓ ବ୍ୟବହାର ସେ ଲକ୍ଷ୍ୟ କରିଛି . ତାର ମନ ଭିତରେ ଏଇ ଗୋଟାଏ ପ୍ରଶ୍ନ ବାରମ୍ବାର ଜାଗି ରହୁଛି—'ଏ ଲୋକଟା ସାଧାରଣ ମନୁଷ୍ୟ ନା ମହାପୁରୁଷ ?' ସେ ଯେତେ ଭାବୁଛି, ପ୍ରଦୋଷ ସାଧାରଣ ମନୁଷ୍ୟ ସ୍ତରରୁ ଉଠି ତା ଦୃଷ୍ଟିରେ ସେତିକି ଦେବତାର ନିକଟବର୍ତ୍ତୀ ହୋଇଯାଉଛି ।

ଚନ୍ଦ୍ରା ହସି ହସି କହିଲା, 'ଆପଣ କଅଣ ମୋତେ ଭିକ୍ଷା ଦେବା ପାଇଁ ଆପଣଙ୍କ ଘରକୁ ଡାକିଛନ୍ତି ।'

ସେ ସ୍ୱରରେ ପୂରି ରହିଥିଲା ସରଳତା ଓ ପବିତ୍ରତା ।

ପ୍ରଦୋଷ କହିଲା, 'ନା ରେ ନା ! ତତେ ଭିକ୍ଷା ଦେଲେ ଯେ ମୁଁ ଲଜ୍ଜିତ ହୋଇ ପଡ଼ିବି । ଦୁନିଆରେ ମୋର ଗର୍ବ କରିବା ସାମଗ୍ରୀ ବେଶୀ ନାହିଁ; ଯାହା ଅଛି ତାହା ଭିତରେ ତୁ ଯେ ଗୋଟାଏ, ଏ କଥା ତ ଜାଣି ପାରୁଛୁ ।'

ଚନ୍ଦ୍ରାର ମୁଣ୍ଡ ନୋଇଁ ପଡ଼ିଲା ।

—'ମାଲିନୀର ବ୍ୟବହାର ତତେ ବେଳେବେଳେ ଖୁବ ଖରାପ ଲାଗେ—ନା ?'

ଚନ୍ଦ୍ରା କିଛି ଉତ୍ତର ଦେଲା ନାହିଁ ।

—'ତୁ ଭାବୁଥିଲୁ ତୋର ଏଇ ନିର୍ବୋଧ ଭଉଣୀଟା କିଛି ବୁଝେ ନାହିଁ । ତା ଠିକ୍ ନୁହେଁ—ଅନ୍ତତଃ ତୋ ବିଷୟରେ । ଭଉଣୀ ତ ଗୋଟାଏ ତୋର ଜନ୍ମରୁ ନାହିଁ; ବାଟେ କହିବୁ ସାଙ୍ଗେ ନେଇଛି ତୋତେ ଭଉଣୀ ଭାବରେ । ତୋ କଥା ନ ଭାବିଲେ ଯେ ଅପରାଧ ହେବରେ ।'

ଚନ୍ଦ୍ରାର ମୁହଁ ଚକ୍ଷୁ ବାଷ୍ପାକୁଳିତ ହୋଇ ଆସିଲା ।

—'ମୁଁ କଅଣ ଚାହୁଁଛି ଶୁଣିବୁ ? ତୁ ଯାହା ପଢ଼ୁଛୁ, ତା ଅପେକ୍ଷା ଆହୁରି ବେଶୀ ପଢ଼ିବା ଦରକାର ; ତୁ ଯେବେ ଶୀଘ୍ର ପାଞ୍ଚ ବର୍ଷରେ ବି. ଏ. ଟାଏ ପାସ କରି ପାରୁ ତେବେ, ମୋର ଭଉଣୀ ଭାବରେ, ମୁଣ୍ଡଟାକୁ ଟେକି ରଖି, ତୋର ସ୍ୱେଚ୍ଛାରେ ତୁ ଚଳି ପାରିବୁ, ତୋର ନିଜ ଘର ତା ସହିତ ହୁଏ ତ ତୋ ସ୍ୱାମୀର ଘର ଚଳାଇ ପାରିବୁ । ବୁଝିଲୁ ?'

ଚନ୍ଦ୍ରାର ଓଷ୍ଠରେ ଦେଖା ଦେଲା ଅବିଶ୍ୱାସର ହସ ।

— 'ଓଃ', ମନେ କରୁଛୁ ମୁଁ ଜାଣିବୁ ନାହିଁ ? ସ୍କୁଲ—ଏକ-ଦମ୍ ସ୍କୁଲ । ମୁଁ ତ ବି. ଏ. ପାସ କରୁଛି ; ଜାଣେ, କେତେ ମହଙ୍ଗା ପାସ କରିବା । ବର୍ଷବାର ଟଙ୍କା ନୋଟ ବାନ୍ଧ ମୁଣ୍ଡରୁ ଭରି ତେବେ ପାସ୍ କରିବାରେ ଖାଇ ଭରି ଥିବୁ—ବୁଝିଲୁ । ମୁଁ ଜାଣେ, ତୋ ଭିତରେ ଯେ ମମତା ଅଛି ବି. ଏ. ପାସ୍ କରିବାଠାରୁ ଢେର ବେଶୀ ।'

ଚିନ୍ତିତ ଭାବରେ ପ୍ରଦୋଷ କହିଲା, 'ଏଇଠି—ମାଉସୀ ଘରେ ରହି ପଢ଼ିବା ଅସମ୍ଭବ, ଏହାକୁ ମନେ କରୁଛୁ ତ ? ମୁଁ ସେ କଥା ଭାବୁଛି । ଲାବଣ୍ୟ ସେ ଦିନ ଯେଉଁ ବେଳକୁ ଚାଲି ଆସିଲା, ସେଇଥିରେ ତ ମୋର ଆଖି ଫିଟିଗଲା ; ସେହିଥିରୁ ପାଇ ଶିଖୁଛି ସେଥି କଥା ଜାଣି ପାରିଲି । ସେଇଥିପାଇଁ ତ ଠିକ୍ କରୁଛି ତୁ ହଲ୍‌ଦବାରେ ପଢ଼ିବୁ ।'

ଚନ୍ଦ୍ରା ପ୍ରଦୋଷ ଆଡ଼କୁ ଚାହିଁ ରହିଲା ; ତା ଚକ୍ଷୁରୁ ଫୁଟି ଉଠୁଥିଲା ଏକାନ୍ତ ନିଃସହାୟତା ।

'ନା, ନା, ଲାବଣ୍ୟ ଘରେ ତୋତେ ରହିବାକୁ ହେବ ନାହିଁ ! ତା ଘର କଅଣ, ତା ସ୍ୱଭାବଚଳନକୁ ମୁଁ ବୁଝି ପାରୁଛି । ନା, ନା,—ସେଠି ତୁ ରହିବୁ କାହିଁକି ? ତୁ ହଷ୍ଟେଲରେ ରହିବୁ । ମୋର ଏକ ବନ୍ଧୁ ଭଲଲୋକ ହାଇକୋର୍ଟର ବାରିଷ୍ଟର, ସେ ତୋ ଅଭିଭାବକ ହେବେ । ତୁ ମୋର ଭଉଣୀ ; ସମସ୍ତେ ତୋତେ ମୋର ନିଜ ଭଉଣୀ ବୋଲି ହିଁ ଜାଣିବେ । ବୁଝିଲୁ ।'

Digitized by srujanika@gmail.com

ଚନ୍ଦ୍ରିକା ପ୍ରଦୋଷର ମୁହଁ ଆଡ଼କୁ ଚାହିଁ ରହିଲା । ହୁଏତ ତାର ଆଖି ଦୁଇଟା ତାକୁ ଠକୁଥିଲା; କିନ୍ତୁ ସେ ମନେକଲା ପ୍ରଦୋଷର କପାଳ ସେପରି ଦେବତାର ତେଜରେ ଉଜ୍ଜ୍ୱଳ ।

—'ମୃତ୍ୟୁ ପରିଣତରେ ! ଲାବଣ୍ୟକୁ ତୋ ବଳବତା ପିତା କଥା କହୁ ମିଛର ଆଶ୍ରୟ ନେଇଥିଲ—ଏଇକ ? ମୁଁ ତ ଯୋଗୀ ଋଷି, ସାଧୁ ସନ୍ନ୍ୟାସୀ, ମହାତ୍ମା ମହାପୁରୁଷ ହୁହେଁ; ମୁଁ ସାଧାରଣ ମନୁଷ୍ୟ—ମନୁଷ୍ୟଙ୍କ ଭିତରେ ମୁଁ ପାପର ରାଜା । ମୋ କଥାରେ ତ ମାନସୀ ତଳେ ମନ୍ଦିରରେ ପ୍ରବେଶ ନାହିଁ; ଲାବଣ୍ୟ ତ ମାନସୀକୁ ରାଜି କରି ଯାଇଛି । ଏଇତ—ଏଇଠି ତ ପାପ । ଅଚ୍ଛା ଭଲ କଥା । ତୁ ପିଲା ଲୋକ; ପାପ ଦେଖି ଜାଣୁ; କିଛିଏ ବିଚାର କର; ଦେଖିବୁ, ଏଇ ଘରର ପାପସ୍ରୋତ ଭୂତ ପ୍ରେତ ପରି ନାଚ ଲଗାଇବେ ।'

ହଠାତ ଗୋଟାଏ ମଦ ବୋତଲ କାଖରେ ଯାଇ ମାତାଲର ଅଭିନୟ କରି ଟଳି ଟଳି ଆସିଲା ।

ପ୍ରଦୋଷ କହିଲା, 'ବୋତଲଟା କାଖରେ ଯାଇ ଏବୁ ଧରୁ ଏତେ ନିଶା ?'

ଚନ୍ଦ୍ରିକା ହସି ପକାଇଲା; ତଥାପି ମଧ୍ୟ ସେ ଅଭିନୟରେ ଯୋଗ ଦେଇ କହିଲା, 'ବୋତଲଟାକୁ ତୁ ଯଦି କୃଷ୍ଣଚୈତନ୍ୟ କବାତ୍ମନର ଔଷଧ ରୂପେ ବ୍ୟବହାର କରିପାରୁ, ଗୋଟାଏ ଲୋକକୁ ନୂତନ ଗୋଟାଏ ଜୀବାଣୁ ପ୍ରସଙ୍ଗ ଭାଙ୍ଗିବାର କ୍ଷମତା ଯଦି ଦେବକ ତା ଦେହରେ ଥାଇପାରେ, କାଖରେ ଯାଉଥିଲେ ମଣିଷକୁ ନରକରେ ନେଇଥିବା କରିବା କ୍ଷମତା ତାର ନିଶ୍ଚୟ ଅଛି । କାଖରେ ଥର୍ମୋମିଟର ଦେଲେ ତାପ ଜଣାପଡ଼େ, ଆଉ କାଖରେ ପୂର୍ଣ୍ଣ ବୋତଲ ଯାଉଥିଲେ ନିଶା ଜଣା ପଡ଼ିବା କଥା ।'

ଚନ୍ଦ୍ରିକାକୁ ଲକ୍ଷ୍ୟ କରି ସେ କହିଲା, 'ତମେ ଅସ୍ପର୍ଶ ହେଉଛ ଚନ୍ଦ୍ରିକା ଦେଈ ! ତମ ଘରେ ଅମେ ଭସ୍ମଙ୍କର ସ୍ୱର୍ଗଭୋଗୀ, ବୋତଲର ଗୁଣ ତମ ଘରେ ପଡ଼ିଲେ ଆମକୁ ଅସହ୍ୟ; ଆଉ ଆମ ଘରେ ?—ମୁଁ ଆଉ ପ୍ରଦୋଷ ଦୁହେଁ ମାତାଲ—ଭାରି ମାତାଲ ।

ସେହି ଯେ ତନ୍ତ୍ରଶାସ୍ତ୍ରରେ କହୁଥିବା କଥା—'ପିତ୍ୱା ପିତ୍ୱା ପୁନଃ ପିତ୍ୱା ପତିତ୍ୱାଽପି ମସ୍ତକେ,ଉତ୍‌ଥାୟ ପୁନରପି ପିତ୍ୱା ପୁନର୍ଜନ୍ମ ନ ଲଭ୍ୟତେ।' ଆରେ ଯା, ସଂସ୍କୃତ ବାହାରି ଗଲା ମୁହଁରୁ—ତା ହେଲେ ସାନ୍‌ସକ୍ରିଟ ପ୍ରଫେସର୍ ଏ ପର୍ଯ୍ୟନ୍ତ ଜୀବନ୍ତ ଅଛନ୍ତି। ଅର୍ଥାତ୍ କଅଣ କି,ପିଇ ପିଇ,ପୁଣି ପିଇ, ନିଶା ଜୋରରେ ଭୂଇଁରେ ପଡ଼ି ଗଲେ ବି ପିଇ,ପୁଣି ଉଠି ପୁଣି ପିଇଲେ ପୁନର୍ଜନ୍ମ ଲାଭ ହୁଏ ନାହିଁ; ଅଉ ବୋଧହୁଏ ଉତ୍ତମ ଜନ୍ମ ବି ଖତମ୍ ହୋଇଯାଏ।—ପିଓ ନୁହେଁ—ଜଳ ନୁହେଁ—ମଦ—ମଦ।'

ଚନ୍ଦ୍ରକା ହସି ହସି କହିଲା, 'ପଣ୍ଡାମାନେ ଯଦି ମାତାଲ, ଦୁନିଆରେ କେଉଁଜଣ ଭଲ ଲୋକ ଅଛନ୍ତି।'

ପ୍ରତୋଷ କହି ଉଠିଲା, 'ଭୁଲ ବୁଝ ନାହିଁ, ଚନ୍ଦା।' କହୁଛନ୍ତି, ଆମେ ସାଧୁ ସନ୍ନ୍ୟାସୀ ନୋହୁ, ଯୋଗ ଅଭ୍ୟାସ ନା ମନର ସଂଯମ ଆମର ନାହିଁ। ତୁଏ କଅଣ ଜାଣୁ? ଦୁନିଆରେ ଦୁଃଖ ଦୁର୍ଦ୍ଦଶା ଏତେ ବେଶୀ ହୋଇଛି, ଅନ୍ୟାୟ ଅତ୍ୟାଚାର ଏତେ ଉତ୍କଟ ହୋଇ ଉଠିଛି ଯେ, ସେସବୁ କଥା ମନରେ ସ୍ଥାନ ଦେଲେ ବଞ୍ଚି ରହିବା ଠାଇଁ ଅତି କଷ୍ଟ, ବିଡ଼ମ୍ବନା ହୋଇ ଉଠେ। ପ୍ରାଣ ଅତିଷ୍ଠ ହୋଇ ପଡ଼େ, ଶ୍ୱାସ ରୁଦ୍ଧ ହୋଇ ଆସେ। ସେତେବେଳେ ସାମନାରେ ଦେଖାଯାଏ କେବଳ ଯୋଡ଼ାଏ ବାଟ—ନିଜକୁ ଭୁଲିଯିବା ଅବା ଆତ୍ମହତ୍ୟା କରିବା। ଆଉ କେଉଁଟା ବାଛି ନେଲେ ଖରାପ କଅଣ? ସେଥିପାଇଁ ନିଜକୁ ଭୁଲିବା ଉଦ୍ଦେଶ୍ୟରେ ସମସ୍ତ ସମସ୍ୟାରେ ମଦ ପିଏ.........'

'ଆଉ ନ ପିଇ ନିଶା ଧରୁ ନାହିଁ ମୋତେ।' ସ୍ୱପନ କହି ଉଠିଲା। 'ତୋର ଅନେକ ପ୍ରକାର ନିଶା ଅଛି ମନ ଭିତରେ; ତା ପାଖରେ ନିଶା ତୋର ଦରକାର ହେବ ନାହିଁ କି? ବୁଝିଲୁ ଚନ୍ଦ୍ରା, କେଉଁଠି କିଏ ଖାଇ ନାହିଁ—ସ୍ୱପନକୁ ନିଶା ଧରିଲା ତାଙ୍କୁ କିଏ ଖୋଜି ଆଣିବ; କେଉଁଠି ଝୁଣ୍ଟି ଖେତରେ ପଡ଼ିଛି, ଉଠିବ କେବଳ ତାର ଅବସ୍ଥା ହେଉ ନାହିଁ—ଧରିଲା ତାଙ୍କୁ ଉଠାଇବା କଥା। ତାପରେ ଆଉ ସ୍ୱପନ ଏ ଦୁଇଟା ଶ୍ରେଣୀ ଦୁନିଆରୁ ଲୁପ୍ତ ହୋଇ କେବଳ ଗୋଟାଏ ଶ୍ରେଣୀ ରହିବ, ସମସ୍ତେ ଖୁସିରେ ଆନନ୍ଦରେ ରହିବେ; ଏ ନିଶା

ତାଙ୍କୁ ଜଗୁଆର ଘାରିଛି । ଏଣୁ ନିଶା ଘୋରରେ ଢଳଢଳାରେ ପଡ଼ି ଥିବାବେଳେ ସେ ଦୂର ଦୂର ଅରଣ୍ୟ ଝରଣ ଧାର ତୋଳି ଲେଖି ଫେରିଛି—ଅରେବ ପାର୍ଥୀ ହାଠ ତାଙ୍କୁ ଡାକୁଥିଲା, ସେ ଖସି ଆସିଲା । ଆଉ ପୋଷାଏ କଥା ଜାଣ ? ଭୁବନ ନିଜେ ଡାକ୍ତର—ସାରାମତେ ଡାକ୍ତରୀ ପାସ୍ କରି ଆସିଛି କଲିକତା ମେଡିକେଲ କଲେଜରୁ ।'

ଭୁବନକୁ ଦେଖି ଦେଇ କେହି ମନେ କରିବ ନାହିଁ ଯେ, ସେ ଜଣେ ବେଲଫେରନ୍ତା ଗ୍ରାଜୁଏଟ୍, ଏମ୍. ବି. ଡାକ୍ତର ବା ଏକନିଷ୍ଠ ଦେଶସେବକ—ତଥା ମଧ୍ୟ କୌଣସି ଚିହ୍ନ ତାହା ସ୍ୱଭାବରେ ନ ଥିଲା । ଏହି ନମ୍ର, ସରଳ, ସ୍ୱଳ୍ପଭାଷୀ ଲୋକଟି ପ୍ରଦୋଷର ଅନ୍ତରଙ୍ଗ ବନ୍ଧୁ, ଏମ୍. ବି. ଉଭୟ ଡବଲ୍ ବଳରେ, ତାହାର ଏହି ପରିଚୟ ସବୁଠି ସମସ୍ତେ ଜାଣିଥିଲେ । ସେ ଆଜି ଏଠି ସାଧାରଣ ଭାବରେ ଯେ ତାର ବାପା ଡାକ୍ତରୀ ବ୍ୟବସାୟ କରି ବହୁତ ଟଙ୍କା ରଖି ଯାଇଛନ୍ତି, ଏ ଧାରଣା ଅନେକଙ୍କର ଥାଏ ନାହିଁ । ତଥାପି ଏସବୁ କିଛି ଜାଣେ ନାହିଁ । ପ୍ରଦୋଷଠାରୁ ଏ ସବୁ ଶୁଣି ତାର କେବଳ ମନେ ହେବାକୁ ଲାଗିଲା, ଏ ଦୁଇଟି ନୋଟ ଶୀତଳ ଯୋଗର ଫଳ, ସେହିପରି ଉଚ୍ଚମାନସୁ—ସେହିପରି ପରିଚୟ ଯୋଗ୍ୟ ।

ଭୁବନ ପ୍ରଦୋଷର ଏସବୁ କଥା କିଛି ଶୁଣି ପାରି ନଥିଲା । ଘର ଭିତରେ ଖଣ୍ଡେ ଟେବୁଲ ଉପରେ ଖଣ୍ଡେ ଧଳା ରୁମାଲ ବିଛାଇ ତା ଉପରେ ମଦ ବୋତଲ ସଜାଇବାରେ ସେ ବ୍ୟସ୍ତ ହୋଇ ପଡ଼ିଥିଲା ।

ସେ କାମ ଶେଷ କରି ଡାକିଲା, 'ଦେଖିଲୁ ପ୍ରଦୋଷ, ଠିକ୍ ମାତାଲର ଦୋକାନଖାନା ପରି ଦିଶୁଛି କି ନା ?'

ପ୍ରଦୋଷ ହସିଲା ।

ଭୁବନ ବାହାରକୁ ଆସି ଖଣ୍ଡେ ଚଉକିରେ ବସିପଡ଼ି କହିଲା, 'ବୁଝିଲ ଡାକ୍ତରେ, ତମେ ଆମ ଦୁହିଙ୍କର ଏସବୁ ପାଗଳପଣର କାରଣ କିଛି ବୋଧହୁଏ ବୁଝିପାରୁ ନଥିବ ! ପରେ ଏସବୁ ସେ ଆମ ପ୍ରଦୋଷର ବାହାଘର ସମ୍ପର୍କରେ ଆୟୋଜନ ; ଭଲ ଲୋକ

ଆସିବେ ବର ଦେଖିବାକୁ ତ ନା, ତାଙ୍କୁ ଅଭ୍ୟର୍ଥନା କରିବା ପାଇଁ ଏସବୁ ଯୋଗାଡ଼ !'

ଚାକରା କୌଣସି କଥା ଶୁଣି ନାହିଁ ଯେ, ଅପରାହ୍ନ ସମୟରେ ଭଲ ଲୋକ ଆସିଲେ, ତା ନିକଟରେ ନିଜ ମଦ୍ୟପାନର ପରିଚୟ ଦେବାକୁ ହୁଏ । ସେ କହିଲା, 'ଆପଣ ଅଷ୍ଟା ଭୁଲୁଛନ୍ତି !'

ଭୁବନ ଅପ୍ରସ୍ତୁତ ହେଲା ପରି କହିଲା; 'କିଏ ମୁଁ ? ଓଃ— ଅସମ୍ଭବ ! ମୋର ସାରା ଜୀବନରେ ଏତେ ବଡ଼ ଭୁଲ କଥା ହେବେ କହିନାହିଁ । ଦେଖିବ—ତମେ ନିଜେ ବି ଦେଖିବ ଚାରାଟେର ଆମର ଭଲଲୋକର ଅଭ୍ୟର୍ଥନା ।'

ଚଇତନିଆ ଆସି ଖବର ଦେଲା, କୃଷ୍ଣକିଙ୍କର ବାବୁ ଆସିଛନ୍ତି । —'ଆରେ ମୁଁ ଅଭ୍ୟର୍ଥନା କରି ଆସେ' ବୋଲି ଭୁବନ ଉଠିଯାଇ ଗଲା ତଳ ମହାଲକୁ ।

—ତେଏର—

—'Good Evening Mr. Daws. I mean Krishna Kinkar Babu; ଆସନ୍ତୁ, ଆସନ୍ତୁ, ନମସ୍ତେ'—ମାତାଲର ଜଡ଼ା-ଜଡ଼ିତ ସ୍ୱରରେ ପ୍ରଦୋଷ କହିଲା ।

ଭୁବନ କହିଲା, 'ବସନ୍ତୁ ବସନ୍ତୁ ! ଏଇ ପ୍ରଦୋଷ—Steady; କୃଷ୍ଣକିଙ୍କର ବାବୁ ଆସିଛନ୍ତି । ସେ କଅଣ ମନେ କରିବେ ? Steady—ଟିକିଏ ବେଶୀ ହୋଇ ଯାଇଛି ଆଜି, କୃଷ୍ଣକିଙ୍କର ବାବୁ । ବାହାଘର ଦଶଗୋଟା ଯେ, ସେମିତି ସମୟ । ଲୋକର ମନ ଟିକିଏ ବେଶୀ ଉତ୍ଫୁଲ୍ଲିତ ହୋଇଯିବା ସ୍ୱାଭାବିକ, ତା ସଙ୍ଗେ ସଙ୍ଗେ ଦୁଇ ଟିକିସ ବେଶୀ ବି ହୋଇଯାଏ ।'

—'ଏଇ ଭୁବନ,—Roman, friends, countrymen, ଆଉ ଗୋଟାଏ peg, I beseech you—ଗୋଟାଏ ଗିଲାସ !'

'Steady ପ୍ରଦୋଷ; ଏସବୁ କଅଣ ହେଉଛି ? କୃଷ୍ଣକିଙ୍କର ବାବୁ ବସିଛନ୍ତି; ସେ ଧାର୍ମିକ ଲୋକ; ତାଙ୍କ ସାମନାରେ ଏ ସବୁ ? ନା,

Digitized by srujanika@gmail.com

ନା, Steady—ସେ ଭୂତଣ ମନେ ଭରିବେ ? ସିଦ୍ଧେଶ୍ବର ବାବୁଙ୍କୁ ଭୂତଣ ଭଣ୍ଟିବେ ? ଛି !'

—'Thou too brutes ! fie on thee ! ଓଃ, ତୁ ଟିକିଏ ଥରି ଦେଉ ! ମୋର ଛାତି ଭିତରଟା witches coldronରେ ପରିଣତ ହୋଇଗଲା । ଅଣ—ଲ୍ଡ ।'

ତଥାପି ଏସବୁର ଅର୍ଥ କିଛି ବୁଝିପାରିଲି ନାହିଁ । ସେ ନିସ୍ତବ୍ଧ ହୋଇ ଘୋଡ଼ାଏ ଝାଡ଼ରେ ଛିଡ଼ା ହୋଇ ରହିଲି ।

—'ଦେବ ନାହିଁ ? ଦେବ ନାହିଁ ? ତମେ ସବୁ conspiracy କରିଛ । ନ ଉଠ—ମୁଁ ଗୀତ ଗାଇବି, ମୁଁ ତମ୍ଭୋର ଭର ଦୋଠାର ଛାତି ଫଟାଇ ଦେବି—

'Cowards die many times before their death,
The valiants never test death but once.
Of all the wonders yet I have heard, my lord,
It seems to most strange that men should fear.'

ପ୍ରବୋଧ ଏ ଅଣ୍ଟିରେ ଏପରି ଭାବ ସ୍ବରରେ କଲା ଯେ ସମ୍ଭବତଃ ସିଦ୍ଧେଶ୍ବର ବାବୁଙ୍କ ଘର ପର୍ଯ୍ୟନ୍ତ ଚମକି ଉଠିଲେ; ଉପର ଝରକା ଫାଟି ଦୁଇ ତିନି ମିନିଟ ପରେ ପୁଣି ବନ୍ଦ ହୋଇଗଲା ।

ପ୍ରବୋଧ ପୁଣି ଆରମ୍ଭ କଲା, 'ଦେବ ନାହିଁ, ଦେବ ନାହିଁ । ପୁଣି ଆରମ୍ଭ କରୁଛି—

'ଧଂସ୍ଥା ଚସ୍ୱଳାନି ଉଦ୍ୟାନବାଗ
ଦୃଷ୍ଟେସ୍ଥବ ଶାଳାନାଭ ସନ୍ନିଭନ
ଉଣେଶା ନ ବାତେନ ନ ଲକ୍ଷେ ଭ ସଂହ୍ଵୈ
ପ୍ରସୀଦ ଦେବେଶ ଜଗନ୍ନିବାସ ।'

ତାର ଚିତ୍କାରରେ ଘରର ଝରକାଗୁଡ଼ାକ ହୋହଲି ଉଠିଲା ।

Digitized by srujanika@gmail.com

—'କେଉଁ ଯାଉଁ ?—Friend Shakespear, Country man Vyasa…'

ଭୁବନ ବ୍ୟସ୍ତ ହୋଇ କହି ଉଠିଲେ, 'ତୁ ସବୁ ମାଟି କରିବୁ, ମୁଁ ଜାଣେ, ମୁଁ ଜାଣେ । ଅଚ୍ଛା ହଉ ବାବୁ, ଦେଉଛି !'

—'That's like a good boy.

Full many a gem of purest ray serene,

—'ଥାଉ ବାବା, ସେମିତିକି ଥାଉ, ଏଇ ନିଅ !'

ଭୁବନ ଗୋଟାଏ ଗ୍ଲାସରେ କିଛି ଢାଳି ଆଣି ବଢ଼ାଇ ଦେଲେ ପ୍ରବୋଧ ହାତକୁ ।

ପ୍ରବୋଧ ତାକୁ ହାତରେ ଧରି କହିଲେ ଉଚ୍ଚ,'another glass for Mr. K. K. Daw~',

କୃଷ୍ଣକିଙ୍କରଙ୍କର ଅବସ୍ଥା ସେତେବେଳକୁ ବାରଘଣ୍ଟା ଦୁଇଘଡ଼ା ହୋଇଥିଲା । ତାଙ୍କର ସାନ୍ଧ୍ୟ ଜଗତ କମ୍ପୁଥିଲା; ଆଖିରେ ସବ୍ୟତା ଛଡ଼ା ବାଟଛଡ଼ା ହୋଇ ଯାଉଥିଲେ । ଏଠାରୁ ମାନେ ମାନେ ଫେରି ପାରିଲେ ରକ୍ଷା, ଏହାହିଁ ତାଙ୍କର ସାରା ଅନ୍ତରକୁ ଦେଇ ସେ ଅନୁଭବ କରୁଥିଲେ । ଅନେକ୍ଷଣ ଏ ବାବତ୍ ସମ୍ପର୍କରେ ହାକିମେ କହି ସିଦ୍ଧେଶ୍ୱର ବାବୁଙ୍କ ମୁଣ୍ଡରେ ଚଢ଼ି ବସି ଭଳି ଢୁଲୁଥିବା ଲକ୍ଷ କରୁଥିଲେ; କିନ୍ତୁ ତା ଗଳରେ ସେ ମାତାଲ ଆଗରେ ଅନାସ୍ଥା ହେବାକୁ ପଡ଼ିବ ଏ ଧାରଣା ତାଙ୍କର ନ ଥିଲା ।

ପ୍ରବୋଧ ଯେତେବେଳେ ତାଙ୍କୁ ପିଇ ସେ ମଦ ଦେବାପାଇଁ କହିଲେ, ସେତେବେଳେ କୃଷ୍ଣକିଙ୍କରଙ୍କ ଅବସ୍ଥା ଆସ୍ତୁ, ଆସ୍ତୁ, କର ଉଠିଲା । ସେ ଦୁଇହାତ ଯୋଡ଼ି କହିଲେ, 'ମୁଁ ସେ ସବୁ ଛୁଏଁ ନା !'

ପ୍ରବୋଧ କହିଲେ, 'August guest, ତମକୁ ନ ଦେଇ ପିଇଲେ ଅନ୍ୟାୟ ହେବ ! ହୁଁ, ଅନ୍ୟାୟ ! ଘୋରତର ଅନ୍ୟାୟ !! ଯାଜ୍ଞବଲ୍କ୍ୟ, ଅଷ୍ଟଘୋଷ, କାଳିଦାସ, ବୃହସ୍ପତି ଯାଜ୍ଞବଲ୍କ୍ୟ କଣାଦ ମିଶ୍ରର ଶୁଦ୍ଧ ଚୈତନ୍ୟ ମିଶ୍ର ସମସ୍ତେ ଏ କଥା କହିଛନ୍ତି ।'

Digitized by srujanika@gmail.com

ଚୈତନ୍ୟଙ୍କ କଥା ଶୁଣି କୃଷ୍ଣକାନ୍ତଙ୍କର ବାବୁ ମନୋଭାବରେ ତାଙ୍କର ପ୍ରତିବାଦ କରିବା ଉଚିତ । ସେ ଭ୍ରୂଭଙ୍ଗରେ ଯେ ମାତାଲ ସହିତ ସେ କଥା କହୁଛନ୍ତି । ଧୀରେ ଧୀରେ—ଜଡ଼ ଜଡ଼ ସେ କହିଲେ, 'ଅର୍ଥାତ୍ କୃଷ୍ଣଚୈତନ୍ୟ ଦେଉଁଠି...'

—'ଶିଲବର୍ କହୁଛନ୍ତି, ମୁଁ ନିଜେ ଶୁଣିଛି । ଚୈତନ୍ୟ ଚରିତା-ମୃତରେ ଅଛି—ମଦ ପିଅନ୍ତି । ଜଗାଇ ମାଧାଇ—କଇସୀର ଭକ୍ତା-ସେନ୍ ଦୋବୋନା ! ଅରେ ବାଃ ଠକ୍ ମନେପଡ଼ିଛି, ଏକଦମ ଠିକ୍ ! କି କୃଷ୍ଣକାନ୍ତଙ୍କର ବାବୁ ? କହ, ଏକ ଗ୍ଲାସ୍ !'

କାଉଣ ସେ କଥାର କୃଷ୍ଣକାନ୍ତଙ୍କର ଭକ୍ତ ବୁଝିପାରିଲା ନାହିଁ । କହିଲା, 'କୃଷ୍ଣଚୈତନ୍ୟ...'

—'Let କୃଷ୍ଣଚୈତନ୍ୟ go to the devils. You take a glass and be jolly. ଯଦି ଚୈତନ୍ୟ ମିଶ୍ର—ସେ ପ୍ରଭୁ ମଜା କରିଥାଏ, I will charge him of high treason. ହୁଁ, ସତ କହୁଛି—ତାଙ୍କ ରାଜୁତ୍ୱରେ ଓଡ଼ିଶାର ସ୍ୱାଧୀନତା ନାଶ କରିବା ଅଭିଯୋଗ ଅଛି—ଜବର ହେବ । ତା ପରେ—ହୁଁ ତା ପରେ, ତାଙ୍କ ଓ ... ଙ୍କ ସହିତ ... ଶିଷ୍ୟବୃନ୍ଦଙ୍କୁ—abattor, ବୁଝିଲେ abattor—ଫାଶୀ—ହୁଁ ଏକଦମ୍ ଫାଶୀ !'

କୃଷ୍ଣ କହିଲା, 'Steady. ଏମିତି ଚିତ୍କାର କାହିଁକି କରୁଛ ? ବୁଝିଲେ, କୃଷ୍ଣଙ୍କର ବାବୁ ମଦଖୋର ଦୋଷୀ ଦେଖାଇଗଲେ ଏସ ସେମିତି ଲାଗେ !'

—'ମୁଁ ? ମୁଁ ଚକ୍ରୁଛି ? What do you mean, you fool ?'

କୃଷ୍ଣ ତାଙ୍କୁ ଲକ୍ଷ୍ୟ କରି କହିଲା, 'ପଞ୍ଚାର ପୁରୋଟା ଟିକିଏ ଖୋଲିଦିଅନ୍ତି ! ସେପଟୁ ଦେଖନ୍ତୁ ଆଜିତ ଭଲ କଥା ବାହାରି ହୋଇ-ପାରୁନ ନାହିଁ, କୃଷ୍ଣକାନ୍ତଙ୍କର ବାବୁ !'

ଅବଜ୍ଞାଶକ୍ତ ନିଜ ଗଡ଼ି ଆସୁଥିଲା ସେ ଟେବୁଲ ଉପରେ । ସେ ଭଗ୍ନ ବିଜଡ଼ିତ ସ୍ୱରରେ କହିଲା, 'ଅଲବତ୍ ହେବ । ନିଶ୍ଚୟ ହେବ !! କାହିଁକି ନ ହେବ ? I am not drunken. ଅଲବ...ତ... !'

ଭୁବନ କହିଲା, "ମୁଁ ଟିକିଏ ତଳକୁ ଯାଉଛି ! ଆପଣଙ୍କର ଚର୍ଚ୍ଚା……"

କୃଷ୍ଣବାବୁଙ୍କର ମନେହେଲା, ଏଠୁ ଖସିଗଲେ ରକ୍ଷା, କହିଲେ, 'ନା ନା ସେ ସବୁ ଥାଉ । ସେ ସବୁ ଅଲୋଡ଼ନ । ମୁଁ ତ ଘରେ ଖାଏ ନାହିଁ ।'

ଭୁବନ କହିଲା, 'ତାହା ହେବ ନାହିଁ—ତାହା ହେବ…'

—'ନା, ନା, ଥାଉ । ଆପଣ କିଛି ମନେକରନ୍ତୁ ନାହିଁ । ମୋର ତ ଏ ନିଜ ଘର । ପ୍ରଦୋଷ ତ ମୋର class friend.'

ଏଥର ବାବୁ ସେ ଉଠିଲେ ।

ସେତେବେଳକୁ ପ୍ରଦୋଷର ନାସିକା ଧ୍ୱନି ଶୁଣାଯାଉଛି ।

ଦ୍ୱାର ପାଖରେ କୃଷ୍ଣବାବୁଙ୍କର ତୁନି କରି ଭୁବନକୁ ପଚାରିଲେ, "ଏ ସ୍ତ୍ରୀଲୋକଟି କିଏ ।"

ଭୁବନ ତୁନି ତୁନି କହିଲା, 'ବେଶ୍ୟା ପାଡ଼ାରେ ତା ଘର ।'

—'ବେଶ୍ୟା !'

ଭୁବନ ଯେତେବେଳେ ତଳକୁ ଫେରିଆସେ, ପ୍ରଦୋଷ ତାକୁ ଦେଖି ଜାଣିକରି ହସି ଉଠିଲା ।

ଭୁବନ କହିଲା, 'ଦେଖ ପ୍ରଦୋଷ, ତୁ ଗୋଟାଏ ଫୁଲ୍, କମାଣ କା ଥିଏଟରରେ ଯୋଗ ଦେ; ତୋର ଏ ଅଭିନୟ ଦେଖିଲେ ଦର୍ଶକମାନେ ଭୁଲିବେ । ନା ଭଲା ହେଉ !'

ଚନ୍ଦ୍ରମା ହସିଲା ।

— ଶେଷ —

ପାଠକମାନେ ମନକୁ ଟିକେ ବୁଝାଇ ସମଝାଇ ଧରିନେବେ ଯେ ପ୍ରଦୋଷ ଉପନ୍ୟାସର ନାୟକ ଶ୍ରେଣୀ ଭିତରେ ପଡ଼ିପାରେ—ହେଲେ ବା ତାର ସ୍ଥାନ ଖୁବ୍ ନିମ୍ନରେ । ଅବଶ୍ୟ ଉଚ୍ଚ, ଭଦ୍ରାମୀ, ଚରିତ୍ରବାନ୍ ଧନୀ ବା, କବି ଶିଳ୍ପୀର ଧରଣର ବା ପ୍ରେମପାଗଳ ଡାକ୍ତର ହୋଇ ସ୍ୱାଗତ ଉଚ୍ଚ ଧରଣର ନାୟକ ହେଲେବି କୌଣସି ଉଦ୍ଦେ-ଶ୍ୟ ତାର ସେ ଲକ୍ଷ୍ୟ କଲାନାହିଁ, କିନ୍ତୁ ସେ ଯେ ମଧ୍ୟପାନ କରେ,

Digitized by srujanika@gmail.com

ଉପନ୍ୟାସର ନାୟକ ହାପର୍ ସେ ତାଙ୍କୁ ଭଲ ପାଇଁବା ଅଣିମା ନାମର ଝିଅର ତା ଉପରେ ପଡ଼ନ୍ତ, ଏଥି ଅନ୍ତାରେ ସେ ପୁଲକିତ ହୋଇ ଉଠିଲା । ତାହାଛଡ଼ା ଘଟନାର ସହିତ ପରିଚିତ ହେବାର ପ୍ରଦୋଷ ମନରେ ଏପରି ପ୍ରେମର ଢେଉ ଉଠିପାରେ ଯେ, କମେ କମେ ଯୌବନରେ ସେ ଏକ ପ୍ରେମିକରେ ପରିଣତ ହୋଇଥିବା କୌଣସି କମେ ଅସମ୍ଭବ ନୁହେଁ । ଏହିସବୁ ଓ ଏହିପରି ଅନ୍ୟାନ୍ୟ କାରଣ-ଯୋଗୁଁ, ପଣ୍ଡିତ ପ୍ରଦୋଷକୁ ମନେ ମନେ ଔପନ୍ୟାସିକ ନାୟକ ଶ୍ରେଣୀରେ ଏହେନ୍‌ଷ୍ଟିମ ଖାତେବାପାଇଁ ସୁବିଧା ହେଲା ଏବଂ ଏହି କାରଣରୁ ପ୍ରଦୋଷର ଦୃଷ୍ଟି ଅଳକ୍ଷ୍ୟେ କରିବାଲାଗି ସେ ପରିପାଟୀ ରୂପେ ବେଶଭୂଷା ପିନ୍ଧି ଅନେକ ସମୟରେ ଝରକା ପାଖରେ ଦେଖା ଦେଉଥିଲା; କିନ୍ତୁ ଯେଉଁଦିନ ସେ ଦେଖିଲା ଯେ ପ୍ରଦୋଷର ଚାଲିଚାରେ ଝଲାପରଦା ଦଅ ତକ୍ ଠଙ୍ଗା ହେଲା, ସେହିଦିନୁ ସ୍ୱଂବାଦ ବିଷୟରେ ସେ ହତାଶ ହୋଇ ପଡ଼ିଲା । ନାୟକ ନାୟିକା ଦେଖି ନିଜ ଘରେ ପରଦା ଟାଙ୍ଗି ଦେବା କଥାଟି ସେ କୌଣସି ଉପନ୍ୟାସରେ କେବେ ପଢ଼ି ନାହିଁ ।

କୃଷ୍ଣଭକ୍ତର ପ୍ରଦୋଷଙ୍କ ଉପ୍ରେ ଦେଖିଲା ପରେ ତାର ଘଣ୍ଟାଏର ଯେଉଁ ଚିନ୍ତା ତା ଆହାର ପାଖରେ ଉଠିଥିଲା, ମୁହୂର୍ତ୍ତ ଲୁଚି ରହି ସେ ସବୁ ଶୁଣିଛି, ଝରକା ପଛପଟେ, କୃଷ୍ଣଭକ୍ତରଙ୍କୁ ତାଙ୍କ ଘରେ ଦେଖିଛି ଓ ପ୍ରଦୋଷର ଅନୁଭୂତିମୂଳକ ଚାହାଁରେ ସେ ବିରକ୍ତ ହୋଇ ଉଠିଛି; କିନ୍ତୁ ସିଦ୍ଧେଶ୍ୱର ବାବୁ ଏ ସବୁ ପାଇଁରେ ବିଚଳିତ ହୋଇ ନାହାନ୍ତି, ନିଜର ପ୍ଲାନ୍‌ରେ ଏ ସବୁ ଯୋଗୁଁ କିଛି ଅଦଳବଦଳ କରି ନାହାନ୍ତି ।

କୃଷ୍ଣଭକ୍ତର କହୁଥିଲା, 'ମାତାଲ—ଅର୍ଥାତ୍ ପୁରା ମାତାଲ !'

ସିଦ୍ଧେଶ୍ୱର ବାବୁ ବିରକ୍ତ ହୋଇ ଉତ୍ତର ଦେଲେ, 'ମଦ ପିଇଲେ ତ ମାତାଲ ହୁଅନ୍ତି, ତମେ ପିଅ ......'

କୃଷ୍ଣଭକ୍ତର ମୂର୍ଚ୍ଛାରୁ ବାହାରି ପଡ଼ିଲା, 'କୃଷ୍ଣଚୈତନ୍ୟ...'

Digitized by srujanika@gmail.com

—'ଦୁଃଖେର କୃଷ୍ଣଦେବ ଭାଷ୍ୟ ! ମୁଁ କହୁଥିଲି କଅଣ କି, ତମେ ମଦ ପିଇଲେ ମାତାଲ ହେବ; ମୁଁ ମଦ ପିଇଲେ ମାତାଲ ହେବି । ଆମେ ତ ଆଗରୁ ଶୁଣିଛୁ ଯେ ପ୍ରଦୋଷ ଅଳ୍ପ ଅଳ୍ପ ମଦ ପିଏ, ମାତାଲ ହେଲେ ସେଥିରେ ଆଶ୍ଚର୍ଯ୍ୟ ହେବାର କଅଣ ଅଛି ?'

—'କିନ୍ତୁ ସେ ଯେମିତି ବଡ଼ାବଡ଼ା କଥା, ସେକ୍ସପିୟରର ଟୀକା ଆବୃତ୍ତି ଆଉସବୁ କହୁଥିଲା ...! ରସ୍ମାନନ୍ଦ, ଅତି ରସ୍ମାନନ୍ଦ !'

—'କଅଣ ରସ୍ମାନନ୍ଦ ? ଏଇ ଆବୃତ୍ତି ? ସେକ୍ସପିୟରର ଟୀକାର ଆବୃତ୍ତି ରସ୍ମାନନ୍ଦ ?

ତମେ ସବୁ ଓଲଟ; ଏତକ ବୁଝିପାର ନାହିଁ । ପ୍ରଦୋଷ ବି. ଏ. ପାସ କରିଛି, ବଡ଼ଲୋକ; ସେ ଆବୃତ୍ତି କରିବ ନାହିଁ, ଆବୃତ୍ତି କରିବେ କଅଣ ଗୋବରାବାଲା, ଗାଈବାଲା !'

—'ଆଉ ନା, ତା... !'

—'ପୁଣି ନା କଅଣ ? ତମ ନଥାଉ ତ ସେଇଠୁ କିଛି ଜଣା ଯାଉଛି ଯେ ପ୍ରଦୋଷର ଅଗାଧ ପାଣ୍ଡିତ୍ୟ । ମାତାଲ ଅବସ୍ଥାରେ ଯାହା ମୁହଁରୁ ସେକ୍ସପିୟର ଗୀତା ବାହାରେ, ସେ ପଣ୍ଡିତ ନୁହେଁ ଏହା ପଣ୍ଡିତ ତମେ...ଆଉ ପଣ୍ଡିତ ମୁଁ ।'

ତାକୁ ଅପମାନିତ କରିଗଲା ଭଳି କୃଷ୍ଣଚନ୍ଦ୍ରଙ୍କର ମନେ ହେଲା । ତାର ମଧ୍ୟବିତ୍ତାଙ୍କୁ ସେ ଦୁଇପାଟ ଧାରଥିବା ତରବାରି ପରି ବ୍ୟବହାର କରୁଥିଲା—ଏକ ଦିଗରେ ନିଜର ଲାଭ, ଅନ୍ୟ ଦିଗରେ ପ୍ରଦୋଷର କ୍ଷତି । ତାର ନିଜର ଲାଭ ତ ସେ କ୍ରମେ କ୍ରମେ ପାଉଥିଲା କପୋତି ବାବୁଙ୍କ ସହିତ ସମ୍ପର୍କ ସ୍ଥାପିତ ହେବା ଦ୍ୱାରା । ତାହାର ମହୁରେଇ ସଂଖ୍ୟା ବଢ଼ୁଥିଲେ, ଆଉ ସର୍ବେଶ୍ୱର ବାବୁଙ୍କ କୋର୍ଟରେ ଥିବା ମକଦ୍ଦମାରେ ସେ ଯେଉଁ ପକ୍ଷର ଓକିଲ ହେଉଥିଲା ସେ ପକ୍ଷର ସାଧାରଣତଃ ଜିତ ହେଉଥିଲା । ପ୍ରଦୋଷ ସମ୍ବନ୍ଧରେ ସେ କ୍ଷୀଣକଣ୍ଠ ସ୍ଥିର କରିଥିଲା ଯେ, ଏ ବିବାହ ହେଲେ ସେ ଲାଗିବେ; କାରଣ ସର୍ବେଶ୍ୱର ବାବୁଙ୍କ ପରି ମୂରବି ପାଇଲେ, କୃଷ୍ଣଚନ୍ଦ୍ରଙ୍କର ସବୁ ସ୍ୱପ୍ନ—ଭବେ ନା ହେଲେ ପ୍ରଦୋଷର ଜମିଦାରୀରେ ମାଲିକ ହେବା

କଳନା—ସ୍ୱପ୍ନ ଓ କଳ୍ପନାରେଧୂ ରହିବ । ସେଥିପାଇଁ ମଧ୍ୟସ୍ଥତା କାର୍ଯ୍ୟରେ ପ୍ରଦୋଷ ଘରୁ ଫେରିଆସି ସିଦ୍ଧେଶ୍ୱର ବାବୁଙ୍କ ନିକଟରେ ସେ ତାର କାଉଁଗାଥାର ଶବ୍ଦବ୍ୟାଖ୍ୟା ଆରମ୍ଭ କରିଥିଲା । ସେ ଦେଖିଲା, ସିଦ୍ଧେଶ୍ୱର ବାବୁ ମୂଳରୁ ପ୍ରଦୋଷକୁ ସମର୍ଥନ କରୁଛନ୍ତି । ସେ ବିରକ୍ତ ହୋଇ ପଡ଼ିଲା; କିନ୍ତୁ ଜଣେ ସିନିୟର ଡେପୁଟି ମାଜିଷ୍ଟ୍ରେଟ-ଠାରେ ଜଣେ ଜୁନିୟର ଓକିଲର ବିରକ୍ତି ପ୍ରକାଶ କରିବା ଚଳେ ନାହିଁ ।

ସେ ଯେତେବେଳେ ମନେକଲା ଯେ, ସିଦ୍ଧେଶ୍ୱର ବାବୁ ତାକୁ ଅପମାନିତ କରୁଛନ୍ତି, ସେ କହିଲା, 'ଆପଣ ଜାଣି ନାହାନ୍ତି, ପ୍ରଦୋଷ ପଣ୍ଡିତ ନୁହେଁ—ମୂର୍ଖ, ନିତାନ୍ତ ମୂର୍ଖ, ଏକାନ୍ତ ପାଷଣ୍ଡ । ସେ କୃଷ୍ଣଚୈତନ୍ୟଙ୍କୁ ଚୈତନ୍ୟ ମିଶ୍ର, ଜଗନ୍ନାଥ ମିଶ୍ରର ପୁଅ, ଯାଜପୁରିଆ ଜଗନ୍ନାଥ ମିଶ୍ରର ପୁଅ ବୋଲି କହିଲା । ଏଇଟା କଅଣ...।'

—'ସେଇଟା ମଧ୍ୟ ତାର ପାଣ୍ଡିତ୍ୟର ପରିଚୟ । ସେ ଇତିହାସ ପଢ଼ିଛି, ସେ ଚୈତନ୍ୟର ବଂଶାବଳୀ ଜାଣେ; ସେ ଜାଣେ ଜଗନ୍ନାଥ ମିଶ୍ରର ପୂର୍ବପୁରୁଷମାନେ ଯାଜପୁରରୁ ଯାଇ ବୃନ୍ଦାବନରେ...।'

—'ନବଦ୍ୱୀପରେ ।'

—'ହଁ ହୋ ସେଇ ନବଦ୍ୱୀପ ବା ବୃନ୍ଦାବନରେ ଘର କରିଥିଲେ । ସେ ଚୈତନ୍ୟଙ୍କୁ ଚୈତନ୍ୟ ମିଶ୍ର କହିଲେ ଦୋଷ କଅଣ ? ତମେ ଚୈତନ୍ୟଙ୍କୁ ମହାପ୍ରଭୁ କହ, ସେଇଟା ତମର ଭୁଲ—ମସ୍ତ ଭୁଲ । ତମେ ସେପରି ଭୁଲ କର ବୋଲି କଅଣ ତୁନିଆଘାତ କରିବେ ? ତାପରି ବୁଦ୍ଧିଲୋକ ଯେତେବେଳେ ଏଠାରେ ଉପସ୍ଥିତ ନାହାନ୍ତି, ତାଙ୍କ ପଛରେ ତାଙ୍କୁ ମୂର୍ଖ ପାଷଣ୍ଡ କହିବା କେବଳ ଅନୁଚିତ ନୁହେଁ ଦୋଷାବହ; ଭାରତୀୟ ଦଣ୍ଡବିଧି ଆଇନର ୫୦୦ ଧାରା ଅନୁସାରେ ଦଣ୍ଡନୀୟ ।'

କୃଷ୍ଣକଙ୍କର ବାବୁ ଇତସ୍ତତଃ ହୋଇ ପଡ଼ିଲେ, କଅଣ କହିବେ କିଛି ଠିକ୍ କରିପାରିଲେ ନାହିଁ । ଟିକିଏ ଭାବିଚିନ୍ତି ଶେଷ ପଦେ ଛାଡ଼ିଲେ, 'ଆଜ୍ଞା, ପ୍ରଦୋଷ ଘରେ ବେଶ୍ୟା...।'

Digitized by srujanika@gmail.com

—'କି ବେଶ୍ୟା ? ସାଂଘାତିକ କଥା ! ତମେ ତାର ଭଉଣୀକୁ ବେଶ୍ୟା ବୋଲି କହୁଛ ? ମୁଁ ଜାଣେ, ସବୁ ଜାଣେ । ନ ହେଲେକ ତୋଟିଏ ନର୍ଦ୍ଦମାକ ଡେପୁଟି ମାଜିଷ୍ଟ୍ରେଟ ଏଣ୍ଡ ଡେପୁଟି କଲେକ୍ଟରର କାମ ଚଳାଇ ଥାଆନ୍ତି ? ତମେ ସିବାଦେବ ଜଣେ (...) ସୁନ୍ଦରୀ ଯୁବତୀ ହୋଇଲେକ ତାଙ୍କ ଘରେ ନ ଥିବ ?'

—'ଠିକ୍ ସେଇ...!'

—'ତୁମକୁ ମୋତେ ଠିକ୍ କହୁଛି, ସେତେବେଳେ ତାଙ୍କ ବାରଣ୍ଡାର ଫରଦାଟା ଉଠା ହୋଇଥିଲା, ପ୍ରତ୍ୟକ୍ଷ ଠିକ୍ ଦେଖିଛି ।'

—'ଆଛା, ସେ ବେଶ୍ୟା ।'

—'ସାବଧାନ ! ବୁଝିସୁଝି କଥା କହ । I know you are enimical to Pradosh, but you have no right to call his sister a prostitute—ମୁଁ ଜାଣେ ପ୍ରଦୋଷ ସହିତ ତମର ଶତ୍ରୁତା ଅଛି; କିନ୍ତୁ ବୁଝିଛ, ତା ଭଉଣୀକୁ ବେଶ୍ୟା ବୋଲି କହିବାର ତମର କୌଣସି ଅଧିକାର ନାହିଁ । ତା ପରି ତମର ଝିଅଏ ମଧ୍ୟ ଭାଗ୍ୟବାନ ନାହିଁ । ଆଜି ଯଦି ତୁମକୁ ସହିତ ପ୍ରଦୋଷର ଶତ୍ରୁତା ହୁଏ, କାଲି ତାର ଭଉଣୀ ପ୍ରତ୍ୟକ୍ଷର ନଷ୍ଟ, ମୋର ଝିଅ ହେବ । ତାକୁ ତମେ ବେଶ୍ୟା ବୋଲି କହୁଛ ?'

—'ଆଛା ମୁଁ ଠିକ୍ ବୁଝିଛି...!'

—'ତମେ କିଛି ବୁଝିନାହଁ, ବୁଝିବା ଶକ୍ତି ସେଦିଠାରେ ବନ୍ଦ ହୋଇଥିଲା ପୂର୍ବଜନ୍ମରେ ମଧ୍ୟ ତମେ ମୋ କାନ୍ଧ ଦେଇ ଯାଇ ନାହିଁ !'

—'କିନ୍ତୁ ସ୍ୱପନ...!'

—'ସ୍ୱପନ ତମର କଣ କଲା ? ମୁଁ ଖବର ପାଇଛି, ସ୍ୱପନ ପ୍ରଦୋଷର ଅନ୍ତରଙ୍ଗ ବନ୍ଧୁ—ଠିକ୍ ଖବର ପାଇଛି । ପ୍ରଦୋଷକୁ ମାରିଲ, ତାର ଭଉଣୀକୁ ବେଶ୍ୟା କହ, ତାର ବନ୍ଧୁକୁ କଅଣ ଉଦ୍ଧାସ୍ତୁ ବୋଲି କହିବ ?'

—'ଆଛା ନା, ସେ...!'

—'ମୁଁ ଜଳ ଶୁଣିବାକୁ ଚାହେଁ ନାହିଁ'। ତମେ ଏ ସବୁ କଥା ଛାଡ଼ି ଯାହା କହିବ ଶୁଣିବି; କିନ୍ତୁ ଏ ସବୁ ନୁହେଁ। ହୁଁ, ହୁଁ, କୋଉଠି ବର୍ତ୍ତମାନ ଦେଖୁଛି ସ୍ୱର୍ଗର କରି ମୁଁ ମଣିଷ ହେଉନା ଆଉ ଜଣେ ତମେ?'

କୃଷ୍ଣକାନ୍ତର ନିଶ୍ୱାସ ହେଲା, ଭାରତ ହେଲା, ମନେ ମନେ ଭାବିଲା, ତାକୁ ସିଦ୍ଧେଶ୍ୱର ବାବୁଙ୍କ ପାଖରେ ଅପ୍ରସ୍ତୁତ କରିବା ପାଇଁ ସ୍ୱପନ ପ୍ରଦୋଷର ଜନନୀକୁ ମିଛରେ ବେଶ୍ୟା ବୋଲି ପରିଚୟ ଦେଇ ନାହିଁ ତ। ସବୁ ସମ୍ଭବ; ମାତାଲର ସାଙ୍ଗ ମାତାଲ—ତା ପକ୍ଷରେ ସବୁ ସମ୍ଭବ।

ସିଦ୍ଧେଶ୍ୱର ବାବୁ ଡାକିଲେ, 'ତପସ୍ୱୀ, ତପସ୍ୱୀ!'

କୃଷ୍ଣକାନ୍ତର ଏ ଇଙ୍ଗିତ ବୁଝି ପାରି ନମସ୍କାର କରି ବିଦାୟ ହୋଇ ଯାଇଥିଲା।

ପ୍ରଭାତ୍ ଏସବୁ ଶୁଣିଛି, ତାର ବାପା ଯେ ପ୍ରଦୋଷ ସହିତ ତାକୁ ମୋହି ଦେବାପାଇଁ ଏକପ୍ରକାର ଦୃଢ଼ ସଂକଳ୍ପ କରି ବସାଇଛନ୍ତି। ଏକଥା ଜାଣିପାରି ପ୍ରଦୋଷ ବିଷୟରେ ସେ ଖୁଣି ଥରେ ବିଚାର କରିବା ଠିକ୍ ମନେକଲା। ଯେତେ ଉପନ୍ୟାସ ସେ ପଢ଼ିଛି—ଏବଂ ତାର ସଂଖ୍ୟା କମ୍ ନୁହେଁ—ସବୁ ଉପନ୍ୟାସର ନାୟକମାନେ ତାର ମନ ଭିତରେ ଗୋଟିକ ପରେ ଗୋଟିଏ ପଟୁଆର କରି ଗଲେ; ସେ ଦେଖିଲା, ସମସ୍ତଙ୍କ ଚେହେରା ଏକା ଢଙ୍ଗର, ଆଉ ସେମାନଙ୍କ ପାଖରେ ଆଉ କିଛି ଥାଉ ବା ନ ଥାଉ ପ୍ରେମିକ ହେବାର ବଡ଼ ଗୁଣଟା ନିଶ୍ଚୟ ଅଛି। ନା, ପ୍ରଦୋଷ କୌଣସି କମେ ଏମାନଙ୍କ ଭିତରକୁ ଆସି ପାରୁନାହିଁ; କିନ୍ତୁ ତାର ଚେହେରା ବି ମନ୍ଦ ନୁହେଁ, ପଢ଼ାପଢ଼ି ବି ଅଛି।

ଅନ୍ଧାର ଭିତରେ ବିଜୁଳି ଚମକିଲା ପରି ତା ମନ ଭିତରେ ଗୋଟାଏ ସୂଚନା ଝଲକି ଗଲା। ପ୍ରଦୋଷ ଉପନ୍ୟାସର ନାୟକ ଶ୍ରେଣୀରେ ନ ପଡ଼ିପାରେ, ସେ ତ କିନ୍ତୁ ପ୍ରକୃତ ଔପନ୍ୟାସିକ

Digitized by srujanika@gmail.com

ନାସ୍ତିକା । ଏହାରୁ ପରେ ସେ କୁଏବ ପ୍ରଦୋଷଙ୍କୁ ଗୋଟାଏ ନାଟକ କର୍ ଶଅର୍ କରିନେବ । ତାପରେ ଏସବୁ କଥା ନେଇ ସେ ଗୋଟାଏ ଉପନ୍ୟାସ ଲେଖିବ । ପ୍ଲଟ୍‌ଟା ହେବ ଚମତ୍କାର ।

—ପନ୍ଦର—

ବନର୍ଜି ବାବୁଙ୍କ ଘରେ ଟି ପାର୍ଟି ।

ସହରର ଅଧିକାଂଶ ନାମଜାଦା ସରକାରୀ କର୍ମଚାରୀ ପାର୍ଟିରେ ଉପସ୍ଥିତ ଅଛନ୍ତି; ସେମାନଙ୍କ ଭିତରୁ ଯେଉଁମାନଙ୍କର ସେ ବିଷୟରେ ବାଧା ନାହିଁ, ସେମାନଙ୍କର ସହଧର୍ମିଣୀମାନେ ମଧ୍ୟ ଆସିଛନ୍ତି । ସିଦ୍ଧେଶ୍ୱର ବାବୁ ଆସିଛନ୍ତି, ତାଙ୍କ ସହିତ ଆସିଛି ପ୍ରଭା; ପ୍ରଭା ଅରୁଣା ସହିତ ସବୁଆଡ଼େ ବୁଲି ବୁଲି ମିଷ୍ଟାଳାପଦ୍ୱାରା ଅଭ୍ୟର୍ଥନା ଜଣାଉଛି । ପ୍ରଭା ଅରୁଣାର କ୍ଲାସ୍ ଏବଂ ଫାଷ୍ଟ ଫ୍ରେଣ୍ଡ ଓ ନା—ଦୁହେଁ ଏକ ଶରୀର ନ ହେଲେହେଁ ଏକାତ୍ମ ବୋଲି ଲେଡି ପ୍ରିନ୍‌ସିପାଲ ମିସ୍ ସାନ୍ୟାଲଙ୍କ ମତ ।

ଆଉ ଆସିଛନ୍ତି—ପ୍ରଦୋଷ ଏବଂ ଭୁବନ ।

ଏ ଦୁହେଁ କୌଣସି ଦିନ କୌଣସି ସାମାଜିକ ଅନୁଷ୍ଠାନ, କୌଣସି ଭୋଜ ବା ପାର୍ଟିରେ ଦେଖାଯାଆନ୍ତି ନାହିଁ; ତେଣୁ ଉଚ୍ଚସମାଜରେ ସେମାନେ ପରିଚିତ ନ ହେବାହିଁ ସ୍ୱାଭାବିକ । ଏ ଦୁହିଁଙ୍କୁ ଦେଖି ଅନେକ ଟୋକା ଡେପୁଟି ଓ ପ୍ରଫେସର—ଏପରି କି ଅଣ୍ଡର ସେକ୍ରେଟେରୀ ରାୟବାହାଦୁର ସୁଦ୍ଧା ମଧ୍ୟ ଏମାନଙ୍କ ପରିଚୟ ପାଇଁ କୌତୂହଳୀ ହୋଇ ପଡ଼ିଥିଲେ । ତାହାର ଫଳ ଏତିକି ହେଲା ଯେ, ବନର୍ଜି ବାବୁ ଜଣେ ଜଣଙ୍କୁ ତାଙ୍କର ପରିଚୟ ଦେଇ କହୁଥିଲେ—'ସିଦ୍ଧେଶ୍ୱର ବାବୁଙ୍କ ଭାବୀ ଜାମାତା ଓ ତାଙ୍କର ବନ୍ଧୁ ।' କ୍ରମେ କ୍ରମେ ପାର୍ଟିର ଉପସ୍ଥିତ ସମସ୍ତେ ଏ ଖବର ଜାଣି ପାରିଲେ; ପ୍ରଦୋଷଙ୍କୁ ଅଜାଣରେ ଅନେକ କରପୀଡ଼ନ ଅନୁଭବ କରିବାକୁ ପଡ଼ିଲା । କନ୍‌ଗ୍ରାଚୁଲେସନ, ହାଉ-ଡୁ-ୟୁ-ଡୁ ଶୁଣିବାକୁ ପଡ଼ିଲା ଏବଂ ଭୁବନ ଭାଗ୍ୟରେ ସେଥିରୁ କଥଞ୍ଚିତ୍ ଲାଭ ମଧ୍ୟ ହେଲା ।

Digitized by srujanika@gmail.com

ଏ ଦୁହିଁଙ୍କର ବେଶଭୂଷା ଓ ସାଜସଜ୍ଜା ହିଁ ପାର୍ଟି ଭିତରେ ଏମାନେ ଅଲଗା ବାରି ହୋଇ ପଡ଼ୁଥିଲେ ଏବଂ ସେମାନଙ୍କ ପ୍ରତି ସଭିଙ୍କ ଦୃଷ୍ଟି ପଡ଼ିବାର ଏହା ଅନ୍ୟତମ କାରଣ । ପ୍ରଦୋଷ ପିନ୍ଧି ଆସିଥିଲା ଖଦଡ଼ର ଧୋତି, ପଞ୍ଜାବୀ, ତା ଉପରେ ଜହରଲାଲ୍ ଫତେଇ, ମୁଣ୍ଡରେ ଗାନ୍ଧୀଟୋପି ଓ ଗୋଡ଼ରେ ଚପଲ । ଅତି ସୁନ୍ଦର ଭାବରେ ଏ ପୋଷାକ ତାକୁ ସାଜୁଥିଲା; ଭୁବନ ଗାନ୍ଧୀଜୀଙ୍କ ପଟ୍ଟଶିଷ୍ୟ ପରି କେବଳ ଖଦଡ଼ ଲୁଗା ଓ ଚଦରରେ ଭୂଷିତ ହୋଇ ଆସିଥିଲା; ତାହା ମଧ୍ୟ ତାକୁ ପାର୍ଟିର ଟ୍ୟାଣ୍ଡକୋଟ ଟାଇକଲର ଜଙ୍ଗଲ ଭିତରେ ମହର୍ଷି ବୋଲି ପ୍ରକଟ କରୁଥିଲା ।

ଦୂରରୁ ଏମାନଙ୍କୁ ଦେଖି ପ୍ରଶାନ୍ତଙ୍କୁ ଅରୁଣା କହିଲା, 'ପ୍ରଦୋଷ ବାବୁ ତ ଆଜି ଦେଖୁଁଛି ଜହରଲାଲଙ୍କ ବଡ଼ ଭକ୍ତ ହୋଇ ପଡ଼ିଛନ୍ତି ?'

ପ୍ରଶାନ୍ତ କହିଲା, 'ଦୂର; ସିନେମାର ସେହି ହିରୋର ପୋଷାକ ତ ଠିକ୍ ଏହିପରି ଥିଲା । ଜହରଲାଲଙ୍କର ଏ ପୋଷାକ ତ ଖାସ ତାଙ୍କର ସାଜ ନୁହେଁ ।'

ଅରୁଣା ହସି ହସି କହିଲା, 'ତୋର ତ ଖୁବ ପସନ୍ଦ ହୋଇଛି ! ଆଗରୁ ଭଲ ପାଇବା ଜମିଗଲାଣି ପରା । ସେ ଖବର ତ ମୋତେ ଦେଇନାହୁଁ !'

ପ୍ରଶାନ୍ତ ସ୍ୱରକୁ ଅଭିନୟ ଢଙ୍ଗ କରି କହିଲା, 'ତୁ ଭଲପାଇବାରେ ପଡ଼ିନାହୁଁ । ମୁଁ ଭଲ-ପାଇବା ନା ଅଉ କଣ !'

ବନପ୍ରିୟ ବାବୁ ଖୁବ ବଡ଼ ଓକିଲ; ସେ ଅନେକ ଦିନ ଗଭର୍ଣ୍ଣମେଣ୍ଟ ପ୍ଲିଡ଼ର ଥିଲେ । ସିଦ୍ଧେଶ୍ୱର ବାବୁଙ୍କ ସହିତ ତାଙ୍କର ଏକାନ୍ତ ବନ୍ଧୁତା—ଆଜିର ନୁହେଁ ବହୁଦିନର । ଦୁହିଁଙ୍କ ପରାମର୍ଶରେ ଏ ପାର୍ଟିକୁ ପ୍ରଦୋଷ ଓ ତାଙ୍କ ବନ୍ଧୁ ଭୁବନର ନିମନ୍ତ୍ରଣ । ପ୍ରଶାନ୍ତ ସହିତ ପ୍ରଦୋଷର ମୁହାଁମୁହିଁ ପରିଚୟ କରାଇ ଦେବା ଏମାନଙ୍କ ଏ ନିମନ୍ତ୍ରଣର ଏକମାତ୍ର ଉଦ୍ଦେଶ୍ୟ ।

Digitized by srujanika@gmail.com

ପାର୍ଟିର ଭୁବନ ଆଗରୁ ନିଜେ ବଳଜିତ୍ ବାବୁ ପ୍ରଦୋଷଙ୍କ ଘରେ ପହଞ୍ଚିଲେ । ପ୍ରଦୋଷ ଉଠିଲା ବଳଜିତ୍ ବାବୁଙ୍କୁ ଚିହ୍ନିଛି, ତାଙ୍କୁ ଦେଖିଛି ।

ବଳଜିତ୍ ବାବୁ ଆସନ ଗ୍ରହଣ କରି କହିଲେ, 'ତମେ ମୋତେ ଚିହ୍ନିପାରୁ ନାହଁ, ବାବୁ ! ନ ଚିହ୍ନିବା କଥା ତ । ତମର ବାପା ଥିଲେ ମୋର ଘନିଷ୍ଠ ବନ୍ଧୁ । ସେ ଏଠାକୁ ଆସିଲେ ଘଣ୍ଟା ପରେ ଘଣ୍ଟା ଆମେମାନେ ଏଇଠି କଟାଉଥିଲୁ । ତାଙ୍କର ଯେତେ ମନକଥା ସବୁ ମୋର ଜଣାଥିଲା । ତମେ ସେତେବେଳେ ପିଲା ।'

ଏ ଉପକ୍ରମ ଯେ କେଉଁ ଆଡ଼କୁ ଯିବ ପ୍ରଦୋଷ କିଛି ଠିକ୍ କରି ନ ପାରି ଚୁପ୍ ରହିଲା ।

ବଳଜିତ୍ ବାବୁ କହିବାରେ ଲାଗିଲେ, 'ପିଲାଦିନେ ତମେ ଏ ସହରକୁ ଆସିଲେ, କେତେଥର ଆମ ଘରକୁ ଯାଇଥିବ; ହୁଏତ ତମର ମନେ ନାହିଁ । ତମେ କଲେଜରେ ପଢ଼ୁଥିଲ, ସେ ପର୍ଯ୍ୟନ୍ତ ଖବର ରଖିଛି । ତା ପରେ ତମ ବାପାଙ୍କର କାଳ ହୋଇଗଲା; ସବୁ ଯୋଗାଯୋଗ ତୁଟିଗଲା । ଆଉ ତମର ଖବର କିଛି ରଖି ପାରିଲି ନାହିଁ । ତମର ବାପା ଥିଲେ ମୋର ବନ୍ଧୁ—ଏପରି ବନ୍ଧୁ, ଆଜି ଜୀବନରେ ମିଳିବ ନାହିଁ । ସେ ଥିଲେ ଋଷିଙ୍କ ଭଳିଆ ସରଳ, ମଧୁର ବ୍ୟବହାର, ବୟସ୍କ ସମ୍ପତ୍ତି ସବୁ ଥିଲେ ଥିଲେ ସାଦା ପରି !

ସେ କିଛିକ୍ଷଣ ନୀରବ ରହି କହିଲେ, 'ଭୁବନ ତରଫେ ହଠାତ୍ ତମ ଖବର ପାଇଲି, ସିଦ୍ଧେଶ୍ୱର ବାବୁଙ୍କଠାରୁ । ତମ ମାଉସୀ ସେ ଖବର ପାଇ ତମକୁ ଦେଖିବାପାଇଁ ବଡ଼ ଉତ୍କଣ୍ଠିତ । ଶନିବାର ସନ୍ଧ୍ୟାବେଳେ ଆମ ଘରେ ଗୋଟାଏ ଟି ପାର୍ଟି ହେଉଛି, ତମେ ନିଶ୍ଚୟ ଯିବ ।'

ଭୁବନକୁ ଦେଖି ପ୍ରଦୋଷକୁ ପଚାରିଲେ, 'ଏ ବାବୁଙ୍କୁ ତ ଚିହ୍ନି ପାରୁ ନାହିଁ ।'

—'ମୋର ବନ୍ଧୁ ଶ୍ରୀ ଭୁବନମୋହନ ଦାସ ।'

Digitized by srujanika@gmail.com

—'ସେ ମଧ୍ୟ ଯିବେ । ତାଙ୍କୁ ମଧ୍ୟ ମୋର ନିମନ୍ତ୍ରଣ । ନିଶ୍ଚୟ ଯିବ ବାବୁ !'

ତା ପରେ ବନପ୍ରିୟ ବାବୁ ଏମାନଙ୍କୁ ଗୋଟାଏ ସୂଚନା ଦେବା ଉଦ୍ଦେଶ୍ୟରେ କହିଲେ, 'ପାର୍ଟିକୁ ସିଦ୍ଧେଶ୍ୱର ବାବୁ ଓ ପ୍ରଶାନ୍ତ ମଧ୍ୟ ଯିବେ । ପ୍ରଶାନ୍ତ ଆଉ ଆମ ଅରୁଣାର ଭିତରେ ଖୁବ୍ ଘନିଷ୍ଠତା କି ନା !'

ବନପ୍ରିୟ ବାବୁ ବିଶିଷ୍ଟ ସମାଜଭକ୍ତ ବୋଲି ପ୍ରସିଦ୍ଧ । ପାର୍ଟି ଦେଇ ସରକାରୀ କର୍ମଚାରୀମାନଙ୍କର ଚର୍ଚ୍ଚା କରିବାଠାରୁ ଜଣ ସମାଜଭକ୍ତର ଆଉ କି ଅଧିକ କାର୍ଯ୍ୟ ଥାଇପାରେ ? ତେଣୁ ତାଙ୍କ ଘରେ ସାଧାରଣତଃ ନାନାପ୍ରକାର ପାର୍ଟି—ଗାର୍ଡେନ ପାର୍ଟି, ଟି ପାର୍ଟି, ଡିନର ପାର୍ଟି, ଫେୟାର-ୱେଲ ପାର୍ଟି, ୱେଲ୍‌କମ୍ ପାର୍ଟି ହୋଇଥାଏ ।

ବନପ୍ରିୟ ବାବୁ ଯିବାପରେ ଭୁବନ କହୁଥିଲା, 'ନେ—ଏ ଆଉ ଗୋଟାଏ ଭୂତ । ମୁଁ କହୁଛି, ସିଧା ସଳଖ ତୁ ସିଦ୍ଧେଶ୍ୱର ବାବୁଙ୍କ ଝିଅକୁ ବାହା ହେବାପାଇଁ ରାଜି ହୋଇଯା, ନ ହେଲେ ନିସ୍ତାର ନାହିଁ କି ନିଷ୍କୃତି ନାହିଁ । ବସୁସ କୁଷ୍ଟଳଙ୍କରକୁ ସିନା ମଦ ବୋତଲ ଭୁଲାଇ ହୁଗୁଡ଼ାଇ ଦେଲୁ; ଲୁଚିଥିଲୁ, ତାର ଶକ୍ତ ନାହିଁ ଏ କଥାରେ ପୂର୍ଣ୍ଣଚ୍ଛେଦ ଦେବାପାଇଁ ଯଥେଷ୍ଟ ହେବ । ଫଳତ ଫଳିବ ଓଲଟା । ନେ ବାବୁ, ସମ୍ଭାଳ; ନିଶ୍ଚିତ କରୁଛୁ କର । ମୁଁ ଏ ପାର୍ଟିଫାର୍ଟିକୁ ଯାଉନାହିଁ ! ମୋତେ ତୋର ଗୁମାସ୍ତା ବା ମ୍ୟୁନିସିପାଲିଟିର ଟିକସ ଆଦାୟିଆ ବୋଲି ପରିଚୟ ଦେଇଥିଲେ ତ ମୁଁ ଅବ୍ୟାହତି ପାଇ ଥାଆନ୍ତି । ଏ ବିଷୟରେ ସବ୍ୟସାଚୀ ନ ହେଲେ ପୃଥିବୀ ପ୍ରଳୟ ହୋଇଯାଇ ଥାଆନ୍ତା ପରା !'

ପ୍ରଦୋଷ କହିଲା, 'ତୁ ଡରିଯାଅ ନାହିଁ, ଭୁବନ । କଥାଟାକୁ ଭଲେଇ ଦେଖ । ବିପଦ ଯେତେବେଳେ ଆସିଲାଣି, ତା ଆଗକୁ ଯାଇ ତା ସହିତ ଲଢ଼ିବା ଠିକ୍, ପଳାଇ ଗଲେ ବିପଦ ପଳାଇ ଯିବନାହିଁ, ମୁଁ ନିଷ୍ପତ୍ତି କରୁଛି ତାଙ୍କୁ , ଆମେ ଦୁହେଁ ପାର୍ଟିକୁ ଯିବା, ଝିଅଙ୍କ ସହିତ ପରିଚୟ ମଧ୍ୟ କରିବା । ତା ପରେ କାମଟା ସୁବିଧା ସମାନ ସମାନ ଭୁଲ ପଥ ଭିତରେ ।'

Digitized by srujanika@gmail.com

ଭୁବନ ବିରକ୍ତ ହୋଇ କହିଲା, 'ତୁଅ ବାବୁ, କୃପଣ କରୁଛୁ କର। ମୁଁ କହୁ ରଖୁଛୁ, ସରକାରୀ ଚାକିରିଆ ଆଉ ରାଜଭକ୍ତସ୍ତମାନଙ୍କ ଗହଳରେ ମୋତେ ଅଦୌ ଭଲ ଲାଗେନା ନାହିଁ। ସେମାନଙ୍କ ରଙ୍ଗଢଙ୍ଗ ସହିବା ପରି ଧୈର୍ଯ୍ୟ ମୋର ନାହିଁ। ତୁ ଏକ କୃପଣ ହେଉ ହେଉ କୃପଣ ହୋଇ ବସିବ—ମୁଁ ଜାଣେ।'

ପାର୍ଟିରେ ତୁମ୍ଭେ ଯେ ଅଦୌ ସୁଖ ଅନୁଭବ କରୁ ନ ଥିଲେ, ସେମାନଙ୍କ ମନ ଭିତରେ ଯେ ଗୋଟାଏ ଧୂମାଳ ବିରକ୍ତି କାହାରର କୁଣ୍ଡଳୀ କରି ବୁଲୁଥିଲା, ସେମାନଙ୍କ ବସିବା ଭଙ୍ଗୀରୁ ତାହା ଜଣା ପଡ଼ୁଥିଲା। ସେମାନେ ଯେଉଁ ପୋଷାକ ପିନ୍ଧି ଆସିଥିଲେ ସରକାରୀ କର୍ମଚାରୀମାନଙ୍କୁ ତୁଳନାରେ ଦୂରରେ ରଖିବା ଉପରେ ତାହା ଅନ୍ନାନୁ-କୂଳ ଭାବ ଦେଉଥିଲା। ସେମାନେ କଡ଼ଗୋଷ୍ଠୀ ଭିତରେ ତୁଂଗ ଭୂଇଁ ପରି ବସି ରହିଲେ।

ଜନାର୍ଦ୍ଦନ ବାବୁ ଅସ୍ତବ୍ୟସ୍ତ ହୋଇ ଆସି କହିଲେ, 'ପ୍ରଦୋଷ! ତୁମ୍ଭେମାନେ ଏଠି ଚୁପ ହୋଇ ବସିଛ କାହିଁକି? ଆସ, ଆସ!' ଏଇ ଅରୁଣା...'ତାଙ୍କୁ ତାଙ୍କୁ ପ୍ରଦୋଷ ଓ ଭୁବନଙ୍କୁ ସାଙ୍ଗରେ ଧରି ସିଦ୍ଧେଶ୍ୱର ବାବୁଙ୍କ ପାଖକୁ ଚାଲିଲେ।

—'ସିଦ୍ଧେଶ୍ୱର ବାବୁ, ସିନିୟର ଡେପୁଟି ମାଜିଷ୍ଟ୍ରେଟ; ଆଉ ଏ ଚଞ୍ଚଳ! ଅରୁଣା, ତୋର ପ୍ରଦୋଷ ଭାଇ ନୂଆ ହୋଇ ଆମ ଘରକୁ ଆସିଛନ୍ତି, ତୁ ଟିକିଏ ତାଙ୍କ ପାଖେ ପାଖେ ରହି ଆମ ଘରଟା ଦେଖାଇ ଦେ।

ସେ ପୁଣି ଅସ୍ତବ୍ୟସ୍ତ ହୋଇ ଚାଲିଗଲେ।

ସିଦ୍ଧେଶ୍ୱର ବାବୁ କହିଲେ, 'ବସ ବାବା ବସ! ତମ ବାପାଙ୍କ ସହିତ ମୋର ଖୁବ ପରିଚୟ ଥିଲା। ବର୍ଷକୁ ପାଞ୍ଚ ସାତ ନମ୍ବର ମାଲି ମକଦ୍ଦମା ଲାଗେ କଟା, ତାଙ୍କ ସହିତ ମୋର ପରିଚୟ ହେବାଟା ସ୍ୱାଭାବିକ। ମୁଁ ତାଙ୍କର ଅନେକ ମକଦ୍ଦମା ବିଚାର କରିଛି। ସେତେବେଳେ ମୁଁ ଜୁନିୟର ଡେପୁଟି।'

ସିଦ୍ଧେଶ୍ୱର ବାବୁଙ୍କ କଥାର ପାଣ୍ଠି ପ୍ରାୟ ସରି ଆସିଥିଲା, ଅଥଚ ପ୍ରଦୋଷ ତା ଜବାବ କିଛି କହିଲେ ନାହିଁ ।

ସେ କଅଣ କହିବେ, କଅଣ କହିଲେ କଅଣ ହେବ, କଅଣ ବା ନ କହିଲେ କିଛି ଠିକ୍ କରି ନ ପାରି କହିଲେ, "ଏଇ ଆମର ପ୍ରତିଭା—ମେଡ଼ାଲ ପାଇଥିଲା ଗାର୍ଲ୍ସ ସ୍କୁଲରେ । ଲେଡ଼ି ପ୍ରିନ୍ସିପାଲ ମିସ୍ ସାନ୍ୟାଲ କହିଥିଲେ, 'Prativa is a very brilliant girl'—ଅର୍ଥାତ୍ ପ୍ରତିଭା ଖୁବ୍ ଭଲ ପିଲା ।"

ଦୁଇବନ୍ଧୁ ଗମ୍ଭୀର ହୋଇ ବସି ରହିଲେ । ସିଦ୍ଧେଶ୍ୱର ବାବୁଙ୍କ କଥାରେ ପ୍ରତିଭା ବିରକ୍ତ ହେଲା, ଅରୁଣା ମୁହଁରେ ଦେଖାଦେଇ ଲୁଚିଗଲା ମୃଦୁହାସ୍ୟର ରେଖା !

ସିଦ୍ଧେଶ୍ୱର ବାବୁ ଏମାନଙ୍କୁ କହିବା ପାଇଁ ଆଉ କଥା ଖୋଜି ପାଇଲେ ନାହିଁ । କିଛିକ୍ଷଣ ଚୁପି ରହି କହିଲେ, 'ବସ ବାବା, ବସ; ମୁଁ ଟିକିଏ ରଘୁବାହାଦୁର ସୁବୁଦ୍ଧିଙ୍କ ସହିତ କଥାବାର୍ତ୍ତା କରି ଆସେ । ଅରୁଣା-ମା-ତମେ ସବୁ ଏଇଠି ଥାଅ । ମୁଁ ଆସୁଛି ।'

ସିଦ୍ଧେଶ୍ୱର ବାବୁ ତ ଚାଲିଗଲେ, ଅଡୁଆରେ ପଡ଼ିଲା ପ୍ରତିଭା ଆଉ ଅରୁଣା । ଏ ଧରଣର ଅବସ୍ଥାରେ ଚପଳ ସ୍ୱରରେ କଥା ଆରମ୍ଭ କରିବାକୁ ହୁଏ, ତାହା ବୁଝେତ ଅନେକ ଉପନ୍ୟାସରେ ଅଛି, କିନ୍ତୁ ସେଥିରୁ କୌଣସି ଗୋଟାଏ ହଠାତ୍ ମନେପଡ଼ିଲା ନାହିଁ । ସେ ଯେତିକି ଭାବିଲା ସେତିକି ସବୁ ଗୋଳମାଳ ହୋଇଗଲା । ଚୁପ୍ ହୋଇ ବସି ରହିବା ଛଡ଼ା ତାର ଗତ୍ୟନ୍ତର ନ ଥିଲା; କିନ୍ତୁ ଅରୁଣା ତ ଚୁପ୍ ହୋଇ ବସିଲେ ଚଳିବ ନାହିଁ । ତାଙ୍କର ଯେ ଏ ଘର—ଏମାନଙ୍କୁ ଚଳାଇବା ଭାର ତେ ତା ଉପରେ । ଚୁପ୍ ହୋଇ ବସି ରହିଲେ ପ୍ରଦୋଷ ବାବୁ ଆଉ ତାଙ୍କ ବନ୍ଧୁ କଅଣ ଭାବିବେ ତାଙ୍କୁ !

ଅରୁଣା ହଠାତ୍ ଆରମ୍ଭ କରିଦେଲା, 'ଆଚ୍ଛା, ଆପଣମାନେ ଖଦଡ଼ ପିନ୍ଧନ୍ତି ନାହିଁକି ?'

ପ୍ରଦୋଷ ମୃଦୁ ସ୍ୱରରେ କହିଲା, 'ଲୁଗା ବୋଲି ।'

—'ଏତେ ମୋଟା ଲୁଗା ! ଏକଦମ ଅସୁନ୍ଦର ! ! ଶୁଣି ଗାନ୍ଧି ଏଇ ଲୁଗା ପିନ୍ଧିବାକୁ କହୁଛି । ଆଚ୍ଛା, ଗାନ୍ଧିଟାତ ରାଜଦ୍ରୋହୀ !'

Digitized by srujanika@gmail.com

—'ହଁ, ସେ ଦେଶଦ୍ରୋହୀ ନୁହନ୍ତି ।'

—'ରାଜଦ୍ରୋହୀଠାରୁ ଦେଶଦ୍ରୋହୀ କଅଣ ଖରାପ ?'

—'ଏ କଥା କେବେ ଆପଣ ଏଡ଼ି ଜାଣନ୍ତି ?'

—'ଆମେ ତ ଏ ସବୁ ବହି ପଢ଼ିନାହୁଁ । କଲେଜରେ ତ ପଢ଼ା ହୁଏ ନାହିଁ ।'

—'ତେବେ ଗାନ୍ଧି ରାଜଦ୍ରୋହୀ ଏ କଥା ଜାଣିଲେ କେଉଁଠୁ ?'

—'ଲେଡ଼ି ପ୍ରିନ୍‌ସିପାଲ କହୁଥିଲେ ।'

—'ମିସ୍ ସାଲ୍ଲସ୍ ? ଯେ ଶ୍ରୀମତୀ ପ୍ରଣବ ଦେବୀଙ୍କୁ ଖୁବ୍ ଭଲ ପିଲା ବୋଲି ସାର୍ଟିଫିକେଟ୍ ଦେଇଥିଲେ ।'

—'ହଁ ସେ । ସେ କଅଣ ଠିକ୍ କହୁନାହାନ୍ତି ?'

—'ମୁଁ ତ ତାଙ୍କ ମତାମତର କୌଣସି ମୂଲ୍ୟ ନାହିଁ ବୋଲି କହୁଛି ।'

ତାକୁ ଅପମାନ କରାହେଲା ବୋଲି ପ୍ରଣବ ମନେକଲା । ସେ କହି ଉଠିଲା; 'ଗାନ୍ଧି ନିଶ୍ଚୟ ରାଜଦ୍ରୋହୀ ।'

—'ଆଉ ଆପଣ ଖୁବ୍ ଭଲପିଲା ?'

ଅରୁଣା ହସି ପକାଇଲା ।

ପ୍ରଣବ ନିଜକୁ ଏକ ଉପନ୍ୟାସର ନାୟିକା ଶ୍ରେଣୀରେ ସେତେବେଳକୁ ଭର୍ତ୍ତି କରି ନେଲାଣି । ସେ ପ୍ରଦୋଷର କଥାରେ ମଧ୍ୟ ବିରକ୍ତ ହୋଇ ଉଠିଲା, ତେଣୁ ଅଣ୍ଡା ଭଣ୍ଡ ତର୍କ କରିବା ପାଇଁ ପ୍ରସ୍ତୁତ ହେଲା ।

ସେ କହିଲା, 'ଏଇଟା ବ୍ୟକ୍ତିଗତ ଅପମାନ । ଭଦ୍ର ସମାଜରେ ଏହା ଚଳେ ନାହିଁ ।'

ପ୍ରଦୋଷ ଗମ୍ଭୀର ସ୍ୱରରେ କହିଲା, 'ଭଦ୍ର ସମାଜ ଆପଣ କାହାକୁ କହନ୍ତି ?'

—'ଏଇ ଭଦ୍ର ସମାଜକୁ ।'

—'ଏଇ ଘରଦ୍ୱାରକୁ ! ଏଇ ଟେବୁଲ ଚୌକିକୁ ?'

ଅରୁଣା ହସି ପକାଇଲା ପୁଣି ।

ପ୍ରଣବ ଚିଡ଼ିଗଲା; କହିଲା 'ତୁ ହସୁଛୁ ଅରୁ, ଭଦ୍ରସମାଜ ଜିନିଷଟା କଅଣ ପ୍ରଦୋଷବାବୁ ବୁଝିପାରୁ ନାହାନ୍ତି ?'

Digitized by srujanika@gmail.com

ପ୍ରବୋଧ ଗମ୍ଭୀର ସ୍ୱରରେ ପୁଣି କହିଲା, 'ଭଦ୍ର ସମାଜ କାହାକୁ କହନ୍ତି ମୁଁ ମୋ ଅନୁସାରେ ବୁଝୁଛି; ଆପଣ ତାହାର ଅର୍ଥ କ'ଣ ବୁଝୁଛନ୍ତି ଜାଣିବାକୁ ଚାହୁଁଛି ।

ପ୍ରଶାନ୍ତ ବିରକ୍ତ ହୋଇ କହିଲା, 'ଭଦ୍ର ସମାଜ ଅର୍ଥ ଭଦ୍ର ସମାଜ ।'

ପ୍ରକୃତରେ ଏହାର ଅର୍ଥ କ'ଣ ତାର କୌଣସି ଧାରଣା ତା' ମନରେ ନ ଥିଲା, କଥାର କଥା ରୂପେ ଏତକ କହିଦେଇ ସେ ଯେ କି ବିଡ଼ମ୍ବନାରେ ପଡ଼ିଛି, ତାହା ବୁଝିପାରିଲା । ଏହାହିଁ ତାର ବିରକ୍ତିର ବଡ଼ କାରଣ ।

ପ୍ରବୋଧ ହସି ହସି କହିଲା, 'ଲେଡି ପ୍ରିନ୍ସିପାଲ ଗାନ୍ଧିଙ୍କୁ ରାଜ-ଦ୍ରୋହୀ କହିଦେଇ ପାରନ୍ତି, ଆପଣଙ୍କୁ ଏତେବଡ଼ ମୌଖିକ ସାର୍ଟିଫିକେଟ ଦେଇପାରନ୍ତି, ଆଉ ଯେଉଁ ସମାଜର ଲୋକ ବୋଲି ଆପଣମାନେ ଗର୍ବ କରନ୍ତି, ତାର ପ୍ରକୃତ ଅର୍ଥଟା କ'ଣ କହିଦେଇ ନାହାନ୍ତି ? ଛାଡ଼ନ୍ତୁ । ମୁଁ ଅରୁଣା ଦେବୀଙ୍କ ପ୍ରଶ୍ନର ଉତ୍ତର ଦେଉଛି । ପରାଧୀନ ଦେଶରେ ସବୁ ଧର୍ମ ମଧ୍ୟରେ ଶ୍ରେଷ୍ଠଧର୍ମ ରାଜଦ୍ରୋହ; କିନ୍ତୁ ପୃଥିବୀର ସବୁ ଦେଶରେ, ସବୁ ଜାତିରେ, ସବୁ ଅବସ୍ଥାରେ ଦେଶଦ୍ରୋହିତାଠାରୁ ବଳି ଜଘନ୍ୟ କଦର୍ଯ୍ୟ ଘୃଣାର୍ହ ପାପ ଆଉ ବିଶ୍ୱବ୍ରହ୍ମାଣ୍ଡରେ ନାହିଁ । ଗାନ୍ଧିଜୀ ତୁମେ ନୁହଁ, ଅମେ ନୁହଁ — ଏ ହରଂଜାଗ ସ୍ୱତନ୍ତ୍ର ଆମମାନେ ମଧ୍ୟ ନୁହନ୍ତି, ଏ ଦେଶର ସାଧାରଣ ମନୁଷ୍ୟ ଶ୍ରେଣୀଠାରୁ ସେ ଢେର ଉପରେ ଅବସ୍ଥିତ । ସେ ନିଜକୁ ରାଜଦ୍ରୋହୀ ବୋଲି ଘୋଷଣା କରିଛନ୍ତି । ଶ୍ରେଷ୍ଠ ମାନବ ଯାହାକୁ ସ୍ୱୀକାର କରି ନେଇଛି, ଆମମାନଙ୍କ ପରି ନଗଣ୍ୟ ପକ୍ଷରେ ସେ ପ୍ରଶ୍ନହିଁ ତ ଉଠିପାରେ ନା; କିନ୍ତୁ ଦେଶ-ଦ୍ରୋହୀକୁ ଦେଶର ଘୃଣ୍ୟତମ ମନୁଷ୍ୟ ମଧ୍ୟ ଘୃଣାକରେ । ଏହାହିଁ ତାର ଉପଯୁକ୍ତ ପୁରସ୍କାର ।'

ଅରୁଣା କହିଲା, 'ତେବେ ଆପଣମାନେ କ'ଣ ଗାନ୍ଧିଙ୍କ ଭକ୍ତ !'

—'ଭକ୍ତ ବୋଲି ଆପଣ କ'ଣ ମନେ କରୁଛନ୍ତି, ସେ କଥା ଜାଣେନା; କିନ୍ତୁ ତାଙ୍କୁ ହୃଦୟର ସହିତ ସମ୍ମାନ କରିବା କଥା ଯଦି ଆପଣ ମନେକରି ଥାଆନ୍ତି, ତେବେ ମୁଁ ନିଜେ ଓ ମୋ ବନ୍ଧୁଙ୍କ ପକ୍ଷରୁ

Digitized by srujanika@gmail.com

ମୁଁ ଜାଣିପାରେ ଯେ, ଆମେମାନେ ଗାନ୍ଧିଜୀଙ୍କର ପୂର୍ଣ୍ଣପ୍ରାଣ ଭକ୍ତ; କିନ୍ତୁ ତାଙ୍କ ନୀତି ଅନୁସାରେ କାମ କରିବା, ଜୀବନଗଠନ କରିବା କଥା ଯିଏ ମନେକରନ୍ତି,—ଅନ୍ତତଃ ମୁଁ ତାହା ନୁହେଁ । ଆପଣମାନେ ନିଶ୍ଚୟ ଶୁଣିଥିବେ ମୁଁ ମଦ ପିଏ !'

ଅରୁଣା କହି ଉଠିଲା, 'ସେ ସବୁ ବ୍ୟକ୍ତିଗତ କଥା !'

—'ଭୁଲ କରୁଛନ୍ତି ଆପଣ; ସବୁ କଥାହିଁ କାହାରି ନା କାହାରି ବ୍ୟକ୍ତିଗତ କଥା—ଭଲ ହେଉ ବା ମନ୍ଦ ହେଉ । ମୁଁ ନିଜକୁ ନକଲି ମାଲ ପରି ଆପଣମାନଙ୍କ ସାମନାରେ ଛିଡ଼ା କରିବାକୁ ଚାହେଁ ନା । ଶ୍ରୀମତୀ ପ୍ରଶାନ୍ତ ଦେବୀ ନିଶ୍ଚୟ ଜାଣନ୍ତି, ମୁଁ ମଦ ପିଏ; ଆପଣ ତାଙ୍କଠାରୁ ସେକଥା ଜାଣିଥିବା ଖୁବ୍ ସମ୍ଭବ । ଅଥଚ ମୁଁ ନିଜକୁ ଗାନ୍ଧୀଜୀଙ୍କ ପ୍ରକୃତ ଭକ୍ତ ରୂପରେ ଦେଖାଇ ଆପଣମାନଙ୍କ ମନରେ ଗୋଟାଏ ଭୁଲ ଧାରଣା ଦେବି, ଏହା ମୋଦ୍ୱାରା ସମ୍ଭବ ନୁହେଁ । ମୁଁ ଖଦଡ଼ ପିନ୍ଧିଛି, ଏ ପାର୍ଟିରେ ଉପସ୍ଥିତ ଥିବା ସରକାରୀ କର୍ମଚାରୀ ଓ ସରକାରଙ୍କ ଅନ୍ୟ ଗ୍ରାହକମାନଙ୍କଠାରୁ ଅଲଗା ରହିବା ଉଦ୍ଦେଶ୍ୟରେ । କିନ୍ତୁ ମୋର ନିଜ୍ ଜୀବନର କଥା ସ୍ୱତନ୍ତ୍ର ।

ପ୍ରଥମର କଥା ମନେ ହେଲା, ପ୍ରଦୋଷକୁ ସେ ଯାହା ମନେ କରିଥିଲା ସେ ତାହା ନୁହେଁ । ପରିଚୟ ଯେତିକି ବଢ଼ୁଛି ତା ଦୃଷ୍ଟିରେ ପ୍ରଦୋଷ ଯେପରି ସେତିକି ବଡ଼ ହୋଇ ଯାଉଛି ।

ପ୍ରଦୋଷ କହିଲା, 'ମୋର କୌଣସି ଦୋଷ ଦୁନିଆର କାହାରିଠାରୁ କଦାପି ଲୁଚାଇବ ଏପରି ଭୀରୁତା ମୋ ଭିତରେ ବୋଧହୁଏ ନାହିଁ । ଅବଶ୍ୟ ଶ୍ରୀମତୀ ପ୍ରଶାନ୍ତ ଦେବୀଙ୍କୁ ମିଛ କହିବାର ଅଧିକାର ମୋର ନାହିଁ; କିନ୍ତୁ ଆପଣ ଯଦି ମୋତେ ଭଲ ବୋଲି ସ୍ୱୀକାର କରିବେ ଅରୁଣା ଦେବୀ, ମୁଁ ଆପଣଙ୍କୁ ଗୋଟାଏ କଥା କହିବି ।'

ଅରୁଣା କହି ଉଠିଲା, 'ଅଣେ ଏତ ଭଲ ପାଇଲେ ମୋର ଗର୍ବର ସୀମା ରହିବ ନାହିଁ ତ !'

—'ମଦୁଆ ଭଲ !'

Digitized by srujanika@gmail.com

—'ହୁଁ, ମଜୁଆ ହେଉ—କିନ୍ତୁ ଆପଣଙ୍କ ସବୁ ଭଲ !'

—'ତେବେ ଶୁଣ; ଥରେ ଏଇ ଦେଶଟା ଆଡ଼କୁ ଦୃଷ୍ଟି ଦେବାକୁ ଚେଷ୍ଟାକର ତମେ । ଏଇ ଦେଶଟା ଯେ ପରାଧୀନ ତାହା ତମ ଦୃଷ୍ଟିରେ ପଡ଼େ ନାହିଁ—ଏ ଦେଶର ଗରିବ ଦୁଃଖୀଲୋକଙ୍କ ତ ପଡ଼ନ୍ତି । ତାଙ୍କ କଥା କେବେ ଭାବଛ ?'

—'ସେମାନେ ତ ଗରିବ; ତାଙ୍କ କଥା ଭାବିବ କଅଣ ?'

—'କେବେ କଅଣ ଭାବ ନାହିଁ, ସେମାନେ ଗରିବ କାହିଁକି ? ତାଙ୍କ ଘରେ ତ ତମରି ପରି ଝିଅ ଅଛନ୍ତି; ତମେ ତମ ଇଚ୍ଛା ଅନୁସାରେ ଶାଢ଼ୀ ଖଣ୍ଡେ ନ ପାଇଲେ ଦୁଃଖୀ ହୋଇପଡ଼—ଆଉ ସେମାନେ ଯେ ଖଣ୍ଡେ ନୂଆଲୁଗାର ଚେହେରା ଦେଖି ପାରନ୍ତି ନାହିଁ, ସେଥିରେ ତାଙ୍କର ଦୁଃଖ ହୁଏ ନାହିଁ କି ? ଖାଇବାକୁ ନ ପାଇଲେ ସେମାନଙ୍କୁ କଷ୍ଟ ହୁଏ ନାହିଁକି ? ରୋଗରେ ପଡ଼ିଲେ ସେମାନଙ୍କୁ ଔଷଧ ମିଳେ ନାହିଁ, ସେମାନେ ମରନ୍ତି—ସେଇଟା ଠିକ କି ?

—ଏସବୁ ଥରେ ଭାବି ଦେଖିଲ ?

ବଳପ୍ରିୟ ବାବୁ ଝଡ଼ ପରି ଆସି ପହଞ୍ଚି କହିଲେ, 'କଅଣ ଭାବି ଦେଖିବ ?—ଓଃ, ଖୁବ ଆଳାପ ଜମି ଯାଇଛି । ବାଃ, ବେଶ୍, ବେଶ୍ ।

ସିଦ୍ଧେଶ୍ୱର ବାବୁ ଦୂରରୁ ଏମାନଙ୍କର କଥାବାର୍ତ୍ତା ଲକ୍ଷ୍ୟ କରୁଥିଲେ; ଏମାନଙ୍କ ଭିତରେ ଯେ ଏତେ ଶୀଘ୍ର ଏପରି ଘନିଷ୍ଠତା ଜମି ଉଠିଛି ତାହା ଦେଖି ସେ ଆନନ୍ଦିତ ହୋଇ ଉଠିଲେ । ମନକୁ ମନ ସେ କହୁଥିଲେ, 'ଠିକ୍ ପ୍ଲାନ ! ଠିକ୍ ପ୍ଲାନ ଅନୁସାରେ କାମ ଚାଲୁଛି ।'

ପାର୍ଟି ଶେଷରେ ପ୍ରଦୋଷ ଓ ଭୁବନ ପଦାକୁ ବାହାରି ଆସିଲେ ।

ଭୁବନ କହିଲା, 'ବାବା ୧୪୪ ଧାରା ଫିଟିଲା । ମୋର ଦମ୍ ବନ୍ଦ ହେବାର ଆଶଙ୍କା ହୋଇଥିଲା, ପ୍ରଦୋଷ !'

Digitized by srujanika@gmail.com

—ଶୋଷଣ—

ବସ୍ତୀର୍ଣ୍ଣ ଷ୍ଟାଗର ଭୂଇଁ କଙ୍କାଳ ଦେହରେ ମିଶି ଯାଇଛି; ମଝିରେ ମଝିରେ ଖଣ୍ଡେ ଖଣ୍ଡେ ଗାଆଁ ଛୋଟା ଲହୁଧାରକୁ ଅବସୃଷ୍ଟୋଡା ପଲ୍ଲୀ-ବାଳା ପରି ଦେଖାଯାଉଛି।

ସାନ ନଈ ଖଣ୍ଡେ; ଦୁଇକୂଳରେ ଦୁଇ ବଡ଼ ବଡ଼ ଅଡ଼ା; ବାଲି ଶେଯ ଉପରେ ତାର କ୍ଷୀଣସ୍ରୋତ ସ୍ୱରର ଝରବଚ୍ଛିନ୍ନ ମୂର୍ଚ୍ଛନା ପରି ସ୍ୱଳ୍ପ ନିରବଚ୍ଛିନ୍ନ ଗତିରେ।

କୂଳର ଅଡ଼ା ଉପରେ ଗାଆଁ ଖଣ୍ଡେ; ତା ଭିତରୁ ଗୋଟାଏ ବଡ଼ କୋଠା ଛୋଟା ଗାଁର ସାଧାରଣ ଘରଗୁଡ଼ାକୁ ବ୍ୟଙ୍ଗ କଲାପରି ଆକାଶ ଦେହକୁ ଉଠି ଯାଇଛି। ସ୍ୱର୍ଣ୍ଣକୋଣ ଅକ୍ଷରର ଲେଟେର ଏ ସୌଧ ପ୍ରତି ଅଙ୍ଗୁଳି ଦେଖାଇ କହୁଛି—'ସାଆନ୍ତଙ୍କ ଉଆସ।' ନଈ-କୂଳ ଉପରେ ଉଆସ; ତାର ଦୁଇ ପଟରେ ଯେତେଦୂର ଆଖି ଯାଏ ଆମ୍ବ ପଣସର ତୋଟା।

ବୁଢ଼ା ନାଏବ ବାବୁ ଅଭ୍ୟାଗତମାନଙ୍କୁ କହୁଥାଆନ୍ତି, 'ସାଆନ୍ତାଣୀ ଯାଉଥିଲେ, ଉଆସରୁ ଆନନ୍ଦ ଉତ୍ସବ ସବୁ ଗଲା; ସାଆନ୍ତେ ଗଲେ ତା ସହିତ ଉଆସର ଉଆସପଣିଆ ଗଲା; ପୋଇଲି ପରିବାରୀ ଗଲେ, ଭିତର ଉଆସରେ ଆଉ କେଉଁଠି ଚୁଆଁ ଟିଏଁ ମଧ୍ୟ ନାହିଁ।'

ଟିକିଏ ରହି ହୁଏତ ବୁଢ଼ା ପୁଣି କହନ୍ତି, "ସାନ ବାବୁ—ମଣିଷ ନୁହଁ, ଦେବତା—ସ୍ୱର୍ଗର ଦେବତା। କି ଝିଙ୍କ ଧରିଛି ତାଙ୍କୁ, କହନ୍ତି 'ଦାଦା, ଗରିବର ରକ୍ତରେ ଏ ସବୁ ତିଆରି। ଏତେବଡ଼ ଘର ତିଆରି କରିବାପାଇଁ କେତେ ଗରିବର ଝାଳର ରକ୍ତ ଖରଚ ହୋଇଥିବ, କେତେ ଗରିବ ମୁଠାଏ ଖାଇବାକୁ ନ ପାଇ ମରିଥିବେ, କେତେ ଗରିବର ପିଲାଛୁଆ ଦାଣ୍ଡରେ ଛଡ଼ା ହୋଇଥିବେ। ହୁଏତ ବୁଢ଼ା ସାଆନ୍ତେ ଏ ସବୁ ଜାଣି ନ ଥିଲେ, ବୁଝି ନ ଥିଲେ। ଏ ଘରେ ରହିଲେ ମୋତେତ ବାଘୁଆପରି ଲାଗୁଛି, ଦାଦା!' ଦୂରେ ପଡ଼ିଛନ୍ତି, ବଡ଼ ପାପ କରିଛନ୍ତି, ଯେଉଁ ବାଟରେ ଏ ସବୁ ଲେଖାଥିବ—ତାଙ୍କ ମୁଣ୍ଡରୁ

Digitized by srujanika@gmail.com

ଧରିଛି । ଘରକୁ ଗୋଟିଏ ବୋହୂ, ସାଆନ୍ତାଣୀ ଆସନ୍ତେ, ପୁଣି ସବୁ ବଦଳି ଯାଆନ୍ତା, ପୁଣି ଦୂରଅଡ଼େ ଗୀତ ଭଳି ଉଠନ୍ତା ।’

ଶୋଭା ଭିତରେ ନଈକୁ ବାଟ । ଏ ବାଟରେ ଗାଆଁର ଲୋକେ ଗାଧୋଇ ଯାଆନ୍ତି, ଗାଆଁର ସ୍ତ୍ରୀଲୋକମାନେ ପାଣି ଆଣନ୍ତି ।

ପ୍ରଦୋଷ ତିନିଦିନ ହେଲା ଗାଆଁକୁ ଆସିଛି । ତାର ବିଷୟ ସମ୍ପତ୍ତିର ଭାର ନାଏବ ବାବୁଙ୍କ ଉପରେ । ସେ କହନ୍ତି, ‘ବାବୁ, ଏ ସମ୍ପତ୍ତି ମୋର ନୁହେଁ–ଗରିବମାନଙ୍କର, ତାଙ୍କର କାମରେ ଲଗାଇବା ପାଇଁ ଏହା କେବଳ ମୋ ପାଖରେ ରଖାହୋଇଛି । ମୋର ଯାହା ଖରଚ ତାହା ସେଥିରୁ ନେବ—ଏଇଟା ହେଲା ମୋର ମତଲବ, ତା ଛଡ଼ା ବାକିତକ ସବୁ ତାଙ୍କର । ସେଇଥିପାଇଁତ କହୁଛି, ଯାହା ନ୍ୟାଯ୍ୟ, ଯାହା ଠିକ୍ ସେହି ଅନୁସାରେ ଆମେ ଚଳିବୁ; ତାହାର ଉପରେ ଅନ୍ୟାୟ ବା ଜୁଲମ କରିବା କାହିଁକି ?’

ସେ ଯେ ଜମିଦାରୀ ବିଷୟ ବୁଝିବାକୁ ଆସିଛି, କେବଳ ତାହା ନୁହେଁ; ନଗରଠାରୁ ଥରେ ଟିକିଏ ଛୁଟି ନେବା ତାର ପ୍ରଧାନ ଉଦ୍ଦେଶ୍ୟ । ଏଇ ଦୁଇ ତିନିଦିନ ଭିତରେ ସେ ବୁଝିପାରିଛି, ସହରର କୋଳାହଳ ଭିତରେ ନିଜକୁ ହଜାଇ ଦେଇ ଭୁଲି ରହିବା ସହଜ; କିନ୍ତୁ ଗାଆଁର ଶାନ୍ତି ଭିତରେ ନିଜେ ନିଜକୁ ନେଇ ଚଳିବା, ନିଜ ପାଖରେ ନିଜେ ସବୁବେଳେ ହାଜର ରହିବା ଅତି ଭୀଷଣ କଥା । ନିଜର ସ୍ୱର ନିଜ କାନକୁ ଯେ ଏତେ ବେଶୀ ପୀଡ଼ାଦିଏ, ତାହା ଏହି ତିନିଦିନ ଭିତରେ ସେ ମର୍ମେ ମର୍ମେ ବୁଝିପାରିଛି । ଅନ୍ଧାର ରାତି, ଦୁଇପହର । ଗାଆଁ ଆରପାଖ ବୁଦ୍‌ବୁଦ୍‌କିଆ ଜଙ୍ଗଲ ଭିତରୁ ବିଲୁଆ ଡାକ ଉଠିଲେ । ଦୂରଅଡ଼ ନିଶୂନ, ନିସ୍ତବ୍ଧ, ନିଦ୍ରାମଗ୍ନ । ହଠାତ୍ ପ୍ରଦୋଷ ନିଦରୁ ଉଠି ସୀତାର ବଜାଇବା ଆରମ୍ଭ କରିଦେଲା; ତାହାର ଝଙ୍କାର ଗ୍ରାମର ଘରେ ଘରେ ଖେଳି ବୁଲିଲା । ସେତେବେଳେ ଯେଉଁମାନେ ନିଦରୁ ଉଠିଥିଲେ କହିଲେ, ‘ପଦ୍ମା ଉପରେ ସାଆନ୍ତ ଘର ସାନ ବାବୁ ଯନ୍ତ୍ର ବଜାଉଛନ୍ତି ।’ ପୂର୍ବଦିଗରେ ସୁଜସ୍ତ ଫାଟିବା ଉପରେ, ଗାଆଁର ବୂଆସୁଣୀମାନେ ନଈକୁ ଗାଧୋଇ ଯାଉ ଯାଉ ଦେଖିଲେ,

Digitized by srujanika@gmail.com

ସାନବାବୁ ତୋଟା ଭିତ ଧରି କୁଆଡ଼େ ବୁଲନ୍ତି । ଯେଉଁଦିନ ପାଳା ଖାଣର ଓ ଲୁଅ ପୁଅକୁ ସେ ଡାକେଇ ନିଜ ଘରକୁ ନେଇ ଆସିଲେ, ସେ ଦିନ ଗାଁ ର ଏ ମୂଣ୍ଡ ସେମୁଣ୍ଡ ଗୋଟାଏ ଚହଳ ପଡିଗଲା । ଗାଁ ର ବୁଢ଼ା ପୁରୋହିତ କହିଲେ 'ସାନ ବାବୁ ସାହେବ ଜାତିରେ ମିଶି ଗଲେଣି ।'

ସକାଳୁ ଦେବେଇ ଘଣ୍ଟା ଜମିଦାରୀ କଚେରୀରେ ନାଏବ ବାବୁଙ୍କ ସହିତ ମିଶିରେ କାଗଜପତ୍ର ଘାଣ୍ଟି, ଉପଦେଶ ବାଣ୍ଟି କଟିଯାଏ ସେ କୌଣସି ମତେ; ତାପରେ ସାରାଦିନର ନିଃସଙ୍ଗ ନୀରବତା ଜେଲଖାନାର ଉଞ୍ଚା ପାଚେରୀପରି ତାକୁ ଘେରିଆସି ଚାପିଧରେ । ତାର ଅବସରର ଅଖଣ୍ଡତା ନାଗପାଶ ପରି ତାକୁ ଅଷ୍ଟେପୃଷ୍ଠେ ଭିଡି ବାନ୍ଧି ପକାଏ । ତାର ନିଜ ଜୀବନର ଓଜନ ହିମାଳୟ ବୋଝ ପରି ତାକୁ ମାଡି ବସେ । ସେ ଜାଣେ, ପୃଥିବୀରେ ହଠାତ୍ ଯେବେ ବାୟୁମଣ୍ଡଳ ଚଳେଇଯାଏ, ତେବେ ପ୍ରତି ମଣିଷର ଓଜନ ତା କାନ୍ଧରେ ଦଶ ମହଣ ବୋଝପରି ମାଡି ବସିବ; ଠିକ୍ ସେହିପରି ମଣିଷ ମନ ଭିତରର ବାୟୁମଣ୍ଡଳ କମିଗଲେ ଆଲ୍ଲାଉଦ୍ଦିନ ଗଲ୍ପର ସିନ୍ଦବାଦ ଭୂତପରି ଜୀବନର ବୋଝଟା ଅନ୍ତ୍ରୁ କାନ୍ଧରେ ଚଢ଼ି ବସେ । ମନେହୁଏ ପୁଣି ସେ ସହରକୁ ଫେରିଯିବ; କିନ୍ତୁ ଯେଉଁ କାରଣରୁ ସେ ସହରରୁ ଚାଲି ଆସିଛି ତାହାତ ଅଛିଯାଏ ପୂର୍ଣ ହୋଇ ନାହିଁ । ସେ ଫେରିବ କେମିତି ?

ଜନ ଗହଳି ଭିତରେ—ଏହି ଗହଳିଠାରୁ ନିଜକୁ ଦୂରରେ ରଖିବାପାଇଁ ସେ ମଦ୍ୟପାନର ଚୋରୁମୁଣ୍ଡି ସ୍ଥାପନ କରିଥିଲା; ନିଜର କ୍ଷତବିକ୍ଷତ ଆତ୍ମାର ଯନ୍ତ୍ରଣାଟାକୁ ବୁଡ଼ାଇଦେବା ପାଇଁ ସେ ସୁରାର ଆଶ୍ରୟ ନେଇଥିଲା—ଠିକ୍ ଯେପରି ଶାରୀରିକ ଯନ୍ତ୍ରଣାରେ ଛଟପଟ ହେଉଥିବା ରୋଗୀକୁ ମରଫିଆ ଇଞ୍ଜେକ୍ସନ ଦିଆଯାଏ, ସେହି ଭାବରେ । ସେ କୌଣସି ଦିନ କୌଣସି ଈଶ୍ୱର ବା ଦେବତା ବିଶ୍ୱାସ କରୁ ନ ଥିଲା । ଏହି ଦୁନିଆର ବାସ୍ତବ ଯାହା ତାହାହିଁ ଥିଲା ତା ପକ୍ଷରେ ଯଥେଷ୍ଟ—ଦୁନିଆ ବାହାରେ ଥିବା ଅପାର୍ଥିବ ବସ୍ତୁକୁ ଖୋଜିବା, ତାକୁ ନେଇ ସମୟ କଟାଇବାର ଇଚ୍ଛା ତାର ନ ଥିଲା, ନ

Digitized by srujanika@gmail.com

ଥିଲି ସମସ୍ତ । ସେ କହନ୍ତି, ଲକ୍ଷ କୋଟି ମାଇଲ ଦୂରରେ ମହା-ବ୍ୟୋମରେ ସେଇ ଯେ ଜ୍ୱାଳାମୟ ନୀହାରିକା ମଣ୍ଡଳ ଅଗଣିତ ସୌର ଜଗତର ମହାକର୍ଷଣ ପରି ଉଡି ବୁଲୁଛି, ତାହାର କି ରହସ୍ୟ ଜାଣୁ ଆମେମାନେ ? ସେଇ ଯେ ଶୁକ୍ର—ଆମର ଏ ପୃଥିବୀର ନିକଟତମ ପ୍ରତିବେଶୀ—ନିତି ସଞ୍ଜ ସରକବାଳର ଶେଷ ସୀମାର କୁହାଁ ତାରା ହୋଇ ଆମର ଆଖିରେ ସ୍ୱପ୍ନସୃଷ୍ଟିର କାହିଁକି ମନ୍ତ୍ର ଦୁଆଇଁ ଦିଏ; ତା ବିଷୟରେ କଅଣ ଆମେ ଜାଣୁ ? ଅଥଚ ଆମେ ସମସ୍ତେ ଏଇ ଗୋଟାଏ ବିଶ୍ୱର ଲୋକ, ଅଥଚ ସେହି ମାଟିର ପୃଥିବୀ ସହିତ ସେମାନଙ୍କର ସମ୍ପର୍କ ରହିଛି । ଏଇ ଯେ ନୈଶ ଆକାଶରେ ଅଗଣିତ ତାରା ଦେଖାଯାଆନ୍ତି, ସେମାନେ ତ କଳ୍ପନାତୀତ ବେଗରେ ଧାଇଁଛନ୍ତି ମହାଶୂନ୍ୟରେ; ସେମାନଙ୍କର କିଛି ଖବର ଆମେ ଜାଣୁ କି ? ସେ ସବୁ ଛାଡି ଦିଅ । ଏଇ ମନୁଷ୍ୟ; ବାର ହଜାର ବର୍ଷ ପୂର୍ବେ ଏମାନେ କେଉଁ ଜାତିର ଜୀବ ଥିଲେ—ବାର ହଜାର ବର୍ଷ ପୂର୍ବେ ଆମ ପୂର୍ବପୁରୁଷ କଅଣ ଥିଲେ ସେ ଯୁଗର ଦୁନିଆରେ ? ବାଦ୍ ଦିଅ ସେ କଥା । ଆମ ଗୋଡ଼ତଳର ଘାସ ଖଣ୍ଡେ: ତାର ରଙ୍ଗ କେଉଁଆ ଆସିଲା ? ଘାସଟା ପଥର ନ ହୋଇ ଘାସ ହେଲା କେମିତି ? ରହସ୍ୟ—ଅନନ୍ତ ରହସ୍ୟର ଅସୀମ ଭଣ୍ଡାର ଆମ ଚାରିଆଡ଼େ ପୂରି ରହିଛି; ଆଉ ଏ ସବୁକୁ ଛାଡି ଆମେ ଯାଉଛୁ ଈଶ୍ୱର, ସ୍ୱର୍ଗ, ତପ, ଜପ କରିବାକୁ । ବାଦେ—ଯେତେ କିଛି ବାଜେ କଥା । ସେ କହନ୍ତି, 'ଅରେ ତୋ ମନ ଭିତରେ ଯେତେ ଗଳି କନ୍ଦି ଅଛି, ସେ ସବୁର ଖବର ତୁ ରଖିଛୁ ? ତୋ ମନର ସବୁ କାମର କାର୍ଯ୍ୟକାରଣ ତୁ ବୁଝିପାରୁ ? ମନୁଷ୍ୟ ଜୀବନଟା କଅଣ, ସେ ବିଷୟରେ ତୋର ଧାରଣା ଅଛି ? ସେଇଥିପାଇଁ ତ ମୁଁ ଅଣିକାନ ଭୁଜ ଧରି ନେଇଛି, ମଣିଷଠାରୁଁ ମୋର ଅନୁସନ୍ଧାନର ବିଷୟ । ମୁଁ ମଣିଷ, ମୁଁ ମୋତେ ନେଇ ପରୀକ୍ଷା କରି ପାରିବି, ତୁ ମଣିଷ ତୋତେ ନେଇ ପରୀକ୍ଷା କରି ପାରିବୁ । ମୋର ଏ ପରୀକ୍ଷାର ଲକ୍ଷ୍ୟ, ସାରା ମନୁଷ୍ୟ ଜାତି ପାଇଁ ଅସରନ୍ତି ଆନନ୍ଦ, ଅଖଣ୍ଡ ସ୍ୱାଧୀନତା, ଅସୀମ ମୁକ୍ତିର ବ୍ୟବସ୍ଥା ।'

Digitized by srujanika@gmail.com

ଏହାହିଁ ପ୍ରଦୋଷର ଜୀବନର ଦର୍ଶନ ଜଣ; ଏହାରି ଉପରେ ସେ ତାର ସାରା ଅସ୍ତିତ୍ୱଟାକୁ ପ୍ରତିଷ୍ଠିତ କରିଛି।

ସେଦିନ ସେ ତାଙ୍କ ଗାଆଁର ଛୋଟା ନଈତୀରର ଗୋଟାଏ ଗଛମୂଳେ ବସିଥିଲା। ବଡ଼ ଛୋଟା; ଗଛ ପରେ ଗଛରେ ଛୋଟା ନଈଟା ଘୁରି ହୋଇ ରହିଥିଲା। ଅବଶ୍ୟ ଲାଗି ପାଖର ଗଛମୂଳେ ବସି ସେ ବହି ଯାଉଥିବା ସ୍ରୋତ ଆଡ଼କୁ ଚାହିଁ ରହି ଅନ୍ଧାରରେ ସ୍ରୋତର ଗତି ଲକ୍ଷ୍ୟ କରୁଥିଲା।

ଦୁଇଟି ସ୍ତ୍ରୀ ଲୋକ ନଈକୁ ଗାଧୋଇ ସେ ବାଟେ ଫେରୁଥିଲେ, ତା ଭିତରୁ ଗୋଟିଏ ନିତାନ୍ତ ଛିଣ୍ଡା ଲୁଗାରେ ଲଜ୍ଜା ନିବାରଣ କରିବା ଚେଷ୍ଟା କରୁଥିଲା।

ପ୍ରଦୋଷ ସେ ଆଡ଼କୁ ଚାହିଁ ରହିଲା—ସ୍ତ୍ରୀ ଲୋକ ଆଡ଼କୁ ନୁହେଁ, ସ୍ତ୍ରୀଲୋକ ଦେହରେ ଥିବା ଛିଣ୍ଡା ଲୁଗା ଓ ତା ଭିତରୁ ଫୁଟି ଦିଶୁଥିବା ଦେହର ଅଂଶ ପ୍ରତି। ସଙ୍ଗେ ସଙ୍ଗେ ଦୁଏ ତ ଅନ୍ଧାରରେ ମନେ ପଡ଼ିଗଲା ଓ ପାର୍ଟି ଦିନ ପ୍ରତିଷ୍ଠା, ଅନୁଷ୍ଠା ଆଉ ରାଣୀଆଣୀମାନଙ୍କ ସାଜ-ବେଶ। ସାଉଁଟ୍ଟ ତାର ରକ୍ତକୁ ଆଲୋଡ଼ିତ କରି ଚାଲିଗଲା।

ଗୋଟିଏ ଗାଈଆଳ ଦୂରରେ ଛିଡ଼ା ହୋଇ ତାକୁ ଲକ୍ଷ୍ୟ କରୁଥିଲା। ପ୍ରଦୋଷ ତାକୁ ଡାକି ପଚାରିଲେ, ସେ ସ୍ତ୍ରୀଲୋକଟି କିଏ ?

ଗାଈଆଳ ପିଲା କହିଲା,'ମାଳତୀ—ଜଗନ୍ନାଥଙ୍କ ଘର ମାଳତୀ।'

ପ୍ରଦୋଷ ପୁଣି ସେଇ ନଦୀର କ୍ଷୀଣସ୍ରୋତ ଆଡ଼କୁ ଚାହିଁ ରହିଲେ।

ସେ ଦିନ ସନ୍ଧ୍ୟା ସମୟରେ ଗାଈଆଳ ପିଲା ଜଗନ୍ନାଥଙ୍କ ଘରକୁ ଯାଇ ମାଳତୀକୁ କହିଲା, 'ମାଳ ଅପା, ସାନ ବାବୁ ତୋ ନାଆଁ ପଚାରୁଥିଲେ—ତୁ ଯେତେବେଳେ ନଈରୁ ଆସୁଥିଲୁ।'

ମାଳତୀ କହିଲା, ବାହୁଡ଼ରେ !'

—ସହର—

—'ଧରଣୀ ଜଗନ୍ନାଥ ଜନ୍ମ ହେବା ଦିନ ଗୋଳ ପଞ୍ଚା ପାଲି ହୋଇଥିଲା—ଏଇ ମଧ୍ୟ ଲୋକେ କହନ୍ତି। ତାଙ୍କ ଘର ଗୋଷ୍ଠୀଭୁକ୍ତ

ଗୋଠକୁ ବାହାରିଲେ ଗାଁ ଚାଣ୍ଡରେ ବାଟ ବହୁ ନ ଥିଲା । ଆଜି ତାର ଅବସ୍ଥା ଏମିତି ଯେ ଦି ଓଳିରେ ଓଳିଏ ମୁଠେ ନାହିଁ ।'

—'ତାର ଜମି କେତେ ?' ଉତ୍କଣ୍ଠ ସ୍ୱରରେ ପ୍ରଦୋଷ କହିଲା ।

—'ଜମି ଆଉ ଦୁଇ ମାଣେ ଖଣ୍ଡେ ଅଛି । ବାପ ଜେଜର ସ୍ମୃତିମାତ୍ର ରହିଲେ ।' ନାଏବ ବାବୁ କହିଲେ ।

—'ଅଚ୍ଛା ବାବୁ, ଆମ ନିଜ ସ୍ୱତ୍ୱକୁ ଛାଡ଼ି ତାଙ୍କୁ ଛାଡ଼ି ଦେଲେ ଚଳନ୍ତା ନାହିଁ ?'

—'ବୁଢ଼ାର ନିଜ ସ୍ୱତ୍ୱ ତ ନିଜେ ଭୋଗ କରି ପାରୁ ନାହିଁ ବୋଲି ଛାଡ଼ି ଦେଉଛି, ଆମ ଜମି ସ୍ୱତ୍ୱ ଛାଡ଼ିବ କିଏ ?'

ପ୍ରଦୋଷ ଗମ୍ଭୀର ସ୍ୱରରେ ତର୍କ ଛାଡ଼ିଲା ।

ସକାଳର ସୂର୍ଯ୍ୟ ସେତେବେଳକୁ ମୁଣ୍ଡ ଉପରକୁ ଉଠି ନ ଥିଲେ । କଚେରି ଘରେ ନାଏବ ଓ ପ୍ରଦୋଷ ଭିତରେ କଥାବାର୍ତ୍ତା ଚାଲିଥିଲା ।

ଚୋଟା ଭିତରେ ନାଲିବୁ ପେଟୁଆ ମାଲିଶି ଓ ତା ଦେହର ଛିଣ୍ଡା ଲୁଗାକୁ ଦେଖିଲାବେଳକୁ ପ୍ରଦୋଷ ଭିତରେ ଗୋଟାଏ ପ୍ରଶ୍ନ ଭସ୍ୱର ଚେଇଁ ଉଠୁଛି—ଏମାନଙ୍କୁ କିପରି ସାହାଯ୍ୟ କରାଯାଇ ପାରେ । ପ୍ରଶ୍ନଟା ନାନା ଭାବରେ ଘୂରି ଫେରି ପୁଣି ଉପସ୍ଥିତ ହେଉଛି ତାର ଆଗରେ ଏବଂ ସବୁଥର ଗୋଟାଏ ଲେଖା ନୂଆ ଉତ୍ତର ପ୍ରଦୋଷ ଠିକ୍ କରି ନେଉଛି ତା ପାଇଁ; କିନ୍ତୁ କୌଣସିଟାରେ ତାର ମନ ସମ୍ପୂର୍ଣ୍ଣ ଭାବରେ ମାନୁ ନାହିଁ; ସବୁବେଳେ ମନେ ହେଉଛି—ଏହା ଯେପରି ଯଥେଷ୍ଟ ନୁହେଁ । ମାଲିଶି ଦେହର ଛିଣ୍ଡା ଲୁଗା ତା ନିକଟରେ, ବୁଢ଼ା ନିକଟରେ ଯେଉଁ ନ୍ୟାଯ୍ୟ ଦାବୀ କରୁଥିଲା, ତାହାର ସମାଧାନ ତ କେବଳ ଦାନଦ୍ୱାରା ସମ୍ଭବ ନୁହେଁ—ଧନୀ-ଦରିଦ୍ର ପ୍ରଶ୍ନର ସମାଧାନ ଭିତରେ ତାର ସମାଧାନ ରହିଛି । ପ୍ରଦୋଷ ଇଚ୍ଛା କଲେ ତ ଏହା କରି ପାରିବ ନାହିଁ; କରି ପାରିବ କେବଳ ସାରା ପୃଥିବୀର ପ୍ରଦୋଷ ପରି ଲୋକର ବୈପ୍ଳବିକ ଶକ୍ତି । ମାର୍କସ୍, ଲେନିନ ପ୍ରଭୃତି, ଅର୍ଥନୀତି ବିଷୟରେ ଯଥେଷ୍ଟ ଧାରଣା ରଖି ସେ ଏ କଥା ଜାଣେ । ପ୍ରଶ୍ନ ହେଉଛି, ଜଣେ ମନୁଷ୍ୟ ହିସାବରେ, ଜଣେ ବ୍ୟକ୍ତି ଭାବରେ, ଧନୀର ପୁଅ ହିସାବରେ

Digitized by srujanika@gmail.com

ସେ ତାର କି ଉତ୍ତର ଦେବ ? ଏ ପୃଥିବୀରେ ଅନେକ କଷ୍ଟ କରିବ ବୋଲି ସେ ମନେ ମନେ ଠିକ୍ କରିଥିଲା, ଅନେକ କଷ୍ଟ କରିବାଦ୍ୱାରା ସେ ଆନନ୍ଦ ଲାଭ କରିବ, ଅନ୍ୟକୁ ଆନନ୍ଦ ବିତରଣ କରିବ, ଏହାହିଁ ଥିଲା ତାର ଜୀବନର ଲକ୍ଷ୍ୟ, ଏହାରି ପ୍ରତି ଅନୁରକ୍ତି ଥିଲା ତା ଜୀବନର ମେରୁଦଣ୍ଡ—ଏବଂ ସେଥିପାଇଁ ସେ ନିଜକୁ ନେଇ ବ୍ୟସ୍ତ ରହୁଥିଲା, ଅପରକୁ ମଧ୍ୟ ନିଜର ପରୀକ୍ଷା ଅନୁସାରେ ପ୍ରତି ପରୀକ୍ଷା କରୁଥିଲା । ମାଳଣୀର ଛିଣ୍ଡା ଲୁଗା ଏ ସବୁ ପନ୍ଥା ଏକ ବିରାଟ ପ୍ରଶ୍ନ । ତାର ଜୀବନ ସୃଜନର ମୂଳମନ୍ତ୍ର ପ୍ରତି ମୂକ ଆହ୍ୱାନର ସୂଚନା । ପ୍ରତ୍ୟେକ ଏହି ଭାବରେହିଁ ସମ୍ପ୍ରଦାୟ ପଣ୍ଟାକୁ ଗ୍ରହଣ କରିଥିଲା ।

କୋଠାରେ ବସି ସେ ନିଜ ସହିତ ନାନା ଅନେକ ମୁକ୍ତ କଥା ଦେଖିଥିଲା, ମାଳଣୀ ନିକଟରେ ଗୋଟାଏ ଦୋକାନର ଲୁଗା ଥୋଇ ଦେଲେ ତ ତାର ଛିଣ୍ଡା ଲୁଗାର ଦୁଃଖ ମେଣ୍ଟିବ ନାହିଁ, ଏ ଦୁଃଖଟା ତ ଦୁନିଆ ଭିତରେ ଏକା ମାଳଣୀର ନୁହେଁ—ମାଳଣୀ ପରି କୋଟି କୋଟି ମନୁଷ୍ୟର; ସେ କଥା ବାଦ୍ ଦେଲେ ମଧ୍ୟ ମାଳଣୀର ନେବାର କ୍ଷମତା ଥିବା ଦରକାର ତ । ଆଜି ତ ପୃଥିବୀରେ ଲୁଗାର ଅଭାବ ନାହିଁ; ତଥାପି ମାଳଣୀ ପାଇ ନାହିଁ କାହିଁକି, ଅଥଚ ପ୍ରତ୍ୟେକ ତ କୌଣସି ଦିନ ଛିଣ୍ଡା ପିନ୍ଧି ନାହିଁ । ମାଳଣୀର ନେବାର କ୍ଷମତା ନାହିଁ, ତାର ଅର୍ଥ ଏହି ମାତ୍ର ପ୍ରଭେଦ । ଯାହାର ଯାହା ଦରକାର ସେ ତା ନେବ, ସେ ତା ପାଇବ—ଏହାହିଁ ହେଉଛି ମୂଳକଥା; ଅଥଚ ନେବା ଓ ପାଇବାକୁ ଅର୍ଥନୀତି ଦ୍ୱାରା ଯୋଡ଼ିଦେଇ ସବୁ ଗଣ୍ଡଗୋଳ ସୃଷ୍ଟି କରାଯାଇଛି । ଯାହାର ନେବାର କ୍ଷମତା ଯେତେ ବେଶୀ ସେ ସେତେ ଧନୀ, ଯାର ନେବାର କ୍ଷମତା ଯେତେ କମ ସେ ସେତେ ଗରିବ । କାଳକ୍ରମେ ଏ ବ୍ୟବଧାନ ଏତେ ବେଶୀ ହୋଇଛି ଯେ ଧନୀଶ୍ରେଣୀ ଠିକ୍ କରି ଦେଉଛନ୍ତି ଗରିବ ଶ୍ରେଣୀର ନେବାର କ୍ଷମତା କେତେ ରହିବ । ଫଳ ଏହାହିଁ ହୋଇଛି ଯେ, ଧନୀର ଦରକାର ଉପରେ ସମୁଦାୟ ଗରିବର ଅସ୍ତିତ୍ୱ ନିର୍ଭର କରୁଛି । ଧନୀ ସଂଖ୍ୟା ପୃଥିବୀରେ ଖୁବ କମ୍; ଦରିଦ୍ର ସଂଖ୍ୟା ତାର ବହୁଗୁଣ, କେଣ୍ଟ ଧନୀ

Digitized by srujanika@gmail.com

ବାହ୍ୟର ଜୋରପୂର୍ବକ କାଢ଼ିନେବା ମୁହଁରୁ ଅନ୍ୟାୟ ଭାବରେ ନିଜକୁ ରକ୍ଷା କରିବାପାଇଁ ରଖିଛି ପୁଲିସ, କଏଦଖାନା, ଜେଲ — ଆଉ ସୈନ୍ୟ । ଆଜି ଦୁନିଆରେ ସେଥିପାଇଁ ଯାହାର ଯାହା ଦରକାର ସେ ତାହା ନେଇ ପାରୁନାହିଁ, ପ୍ରତ୍ୟେକ ନେବା ପଥରେ ରହିଛି ଦୁର୍ଲଙ୍ଘ୍ୟ ଅର୍ଥନୈତିକ ବାଧା । ଏହି ନେବା କ୍ଷମତା, ପାଇବା ଅଧିକାର ଭିତରେ ପ୍ରତ୍ୟେକ ମନୁଷ୍ୟ ମଧ୍ୟରେ ସାମଞ୍ଜସ୍ୟ ସ୍ଥାପନ କରିବାହିଁ ବର୍ତ୍ତମାନ ପୃଥିବୀର ସବୁଠାରୁ ବଡ଼ ପ୍ରଶ୍ନ ।

କିନ୍ତୁ ସବୁ ମୂଳ କଥାରୁ ଅନେକ ବାଟ ଘୂରିଆସି ସେ ଭାବେ, ବ୍ୟକ୍ତି ହିସାବରେ ମାଳତୀ ପ୍ରତି ତାର କର୍ତ୍ତବ୍ୟ କଅଣ ? ଖଣ୍ଡେ ଲୁଗା, ଦୁଇଖଣ୍ଡ ଲୁଗା ଦେଲେ ତ ତାର ଛିଣ୍ଡା ଲୁଗା ସମସ୍ୟାର ସମାଧାନ ହେବ ନାହିଁ — ଏ ଲୁଗା ପରିବା ସଙ୍ଗେ ସଙ୍ଗେ ପୁଣି ତା ଦେହରେ ଛିଣ୍ଡାଲୁଗା ଦେଖାଦେବ । ତେବେ ?

ଏଇଠାରେହିଁ ସବୁ ଗଣ୍ଡଗୋଳ । ଆଉ ଗୋଟାଏ ପ୍ରଶ୍ନ ଉଠୁଛି; ସେ ଧନୀ, ମାଳତୀକୁ ଦେବାର କ୍ଷମତା ତାର ଅଛି, କିନ୍ତୁ ତାର ଏହି କ୍ଷମତା ସମ୍ପୂର୍ଣ୍ଣ ଭାବରେ ମାଳତୀ ନେବା ଉପରେ ନିର୍ଭର କରୁଛି । ଗ୍ରହଣର କଥା ଯେଉଁଠାରେ ନାହିଁ, ଦାନର କଥା ସେଠାରେ ଉଠିହିଁ ପାରେ ନା । ସେ ଦେବାକୁ ପ୍ରସ୍ତୁତ; କିନ୍ତୁ ମାଳତୀର ନେବା ପ୍ରଶ୍ନ ତ ଅଲଗା କଥା ।

ତାର ଚିନ୍ତାର ଅନ୍ତ ରହିଲା ନାହିଁ । ଏଥିରୁ ଆତ୍ମରକ୍ଷା କରିବା ପାଇଁ ସନ୍ଧ୍ୟା ପରେ ପରେ ସେ ସୀତାର ଧରି ବସିଲା; ଘଡ଼ିଏ ପରେ ଘଡ଼ିଏ ଆଳାପ କରି ସେ କ୍ଳାନ୍ତ ହୋଇ ପଡ଼ିଲା । ସୀତାର ରଖି ଦେଇ ଉଠି ସେ ନିଜ ପାଖରେ ଗୋଟାଏ କୈଫିୟତ ଦେବାପାଇଁ ସେ ଠିକ୍ କରି ନେଲା ଯେ, ମାଳତୀ ପାଖକୁ ସେ ଯୋଡ଼ାଏ ଲୁଗା ପଠାଇ ଦେବ ।

ତହିଁ ଆରଦିନ ସାଆନ୍ତଘର ଚାକର ଯାଇ ମାଳତୀକୁ ଦୁଇଖଣ୍ଡ ଖୁବ୍ ଭଲ ଶାଢ଼ୀ ଦେଇ ଆସିଥିଲା । ସେତେବେଳେ ଜଗବନ୍ଧୁ ବୁଣା ବିଲଅଡ଼େ ବୁଲି ଯାଇଥିଲା ।

Digitized by srujanika@gmail.com

କିନ୍ତୁ ପ୍ରଦୋଷ ପକ୍ଷରେ ତ ଏହା ଏଇଠାରେ ଶେଷ ନୁହେଁ, ସେ ଏ ପ୍ରଶ୍ନ ମୁହୂର୍ତ୍ତକୁ କୌଣସି ଜନେ ଅବ୍ୟାହତି ପାଇ ନାହିଁ । ସେ ଠିକ୍ କଲା, ନାଏବ ବାବୁ ସହିତ କଥାବାର୍ତ୍ତା ହେବା ପରେ ସେ ଏ ବିଷୟରେ ଯାହାକିଛି ହେଉ ଗୋଟାଏ ସ୍ଥିର କରି ନେବ ।

ବୁଢ଼ାର ସ୍ପଷ୍ଟ କହିବାରେ ଅକ୍ଷମତା କଥା ଶୁଣି ସେ ଗମ୍ଭୀର ଭାବରେ ବସି ରହିଲା କିଛିକ୍ଷଣ ।

ତା ପରେ ଗୋଟାଏ ସମ୍ଭାବନା ତା ମନ ଭିତରେ ଚମକି ଗଲା, 'ଅଚ୍ଛା, ବୁଢ଼ା ତା ଝିଅକୁ ବାହା ଦେଉ ନାହିଁ କାହିଁକି ? ତାର ବାହା ବୟସ କ'ଣ ହୋଇନାହିଁ ?'

ନାଏବ ବାବୁ ଖଣ୍ଡେ ଖାତା ଅଡ଼କୁ ଦୃଷ୍ଟି ଦେଇ କହିଲେ, 'କିଏ ବାହା ହେବ, ବୁଢ଼ାର କ'ଣ ଅଛି ଯେ, କିଏ ବାହା ହେବାକୁ ଆସିବ ? ମାଳଣୀ ବୟସର ଝିଅ ଆମ ଗାଆଁରେ ଆଉ ବେଶୀ ନାହାନ୍ତି, କିନ୍ତୁ ଆଉରି ଗୋଟାଏ କଥା ଅଛି,—ମାଳଣୀ ଗଲେ ବୁଢ଼ା ଚଳିବ କିମିତି ?

ପ୍ରଦୋଷ ଗମ୍ଭୀର ଭାବରେ ବସି ରହିଲା ।

—'ବୁଢ଼ାକୁ ଆଜିକାଲି ବସ୍ୱଦର ରୋଗ ହେଉଛି । ବୁଢ଼ା ଶରୀର, ଏସବୁ ତ ହେବ । ତା ଉପରେ ଆଜିକାଲି ଦିନକାଳ ଯେମିତି, ବୁଢ଼ାର ଚଳିବା ଖୁବ କଷ୍ଟ ହେଉଛି ।' ନାଏବ ବାବୁ ଖାତା ଅଡ଼କୁ ଦୃଷ୍ଟି ଦେଇ କହି ଯିବାରେ ଲାଗିଲା ।

ସ୍ୱର୍ଗଅଡ଼େ ଦୁର୍ଭିକ୍ଷର ପ୍ରେତମୂର୍ତ୍ତି ଯେତେବେଳେ ନାଚୁଛି ସେତେବେଳେ ଧରଣୀ ଜଗଦେବ ବୁଢ଼ା ଯେ କେଉଁ ଅବସ୍ଥାରେ ଅଛି ତାହା ଅନୁମାନ କରିବା ପ୍ରଦୋଷ ପକ୍ଷରେ କଷ୍ଟକର ହେଲା ନାହିଁ ।

ସେ କହିଲା, 'ଅଚ୍ଛା ବାବୁ, ବୁଢ଼ା ଘରକୁ କିଛି ଧାନ ଆଉ ଟଙ୍କା ପଠାଇଦେଲେ ହୁଅନ୍ତା ନାହିଁ ?'

—'ହେବନାହିଁ କାହିଁକି ? ତୁମର ଚିଠି ଅନୁସାରେ ବଡ଼ ଧାନଘର ଫିଟାଇ ଗାଆଁର ସବୁ ଲୋକଙ୍କୁ ଧାନ କରଜ ଦେଲି । ଯାହାର ଯାହା ଦରକାର, ସେ ତାହା ନେଲେ; କିନ୍ତୁ ଜଗଦେବ

Digitized by srujanika@gmail.com

ବୁଢା ଆସିଲା   ନାହିଁ କି ନେଲା ନାହିଁ ।   ଗାଁଅର ସୁଧ ସାହୁ ତାକୁ କହିବାକୁ କହିଲା, ଦେଇ ତ ପାରିବ ନାହିଁ, ନେବ କାହିଁକି ? ପରଧନ କଉଣ ଶୁଙ୍ଗୁମୁଆଁ ଛୋଇଛି ଯେ ନେଇ ଖାଇଦେବ ?'

ଅଶ୍ୱର ନିରବଚ୍ଛିନ୍ନ ତାଡ଼ନା, କ୍ଷୁଧାର କ୍ରୁଦ୍ଧ ଦୃଷ୍ଟି ସତ୍ତ୍ୱେ ଜଗଦେବ ବୁଢ଼ା ସାଧୁତାର ଧାରଣା ବିଷୟରେ ଯେ ନିଷ୍ଠା ଦେଖାଇଲା, ତାହା ତଥାକଥିତ ଭଦ୍ର ସମାଜରେ କେତେ ଜଣଙ୍କର ଅଛି ? ପ୍ରତିଦୋଷ ଭାବିଲି ।

ସେ ସ୍ଥିର କଲି, ତାର ସାଧ ଅନୁସାରେ ସେ ଜଗଦେବ ବୁଢାକୁ ସାହାଯ୍ୟ କରିବ — ଆଉ ଚନ୍ଦ୍ରକାର ଜୀବନକୁ ଯେପରି ଭାବରେ ଚେନା କରି ଏକ ଅନନ୍ତତର ବାଟରେ ପରିଚାଳିତ କରିଛି, ମାଲଣୀକୁ ସେଇପରି ଭାବରେ ସେ ଗଢି ନେବ । ଏହାହିଁ ହେବ ତାର ବ୍ୟକ୍ତିଗତ ସାମର୍ଥ୍ୟଦ୍ୱାରା ମାଲଣୀର ସବୁ ପ୍ରଶ୍ନର ସମାଧାନ ।

ନାଏବ ବାବୁ ଖାତା ରଖିଦେଇ ଡାକିଲେ, 'ଜମାଦାର, ଜମାଦାର ।'

ଜମାଦାର ଆସି ଛିଡ଼ା ହେଲା ।

ସେ ହୁକୁମ ଦେଲେ, 'ଛମୁକରଣକୁ କହ, ସୁଳଶ ଗୌଣୀ ଧାନ ଓ ୧୦ଟା ଟଙ୍କା ଆଜ ଧରଣୀ ଜଗଦେବ ଘରକୁ ପଠାଇ ଦେଇ ସେବକଞ୍ଚରେ ଲେଖି ରଖିବ । ରସିଦ୍ ଲେଖି ମୋ ପାଖକୁ ପଠାଇ ଦେଲେ ମୁଁ ଦସ୍ତଖତ୍ କରିଦେବି । ହୁକୁମନାମା ବହିରେ ବାବୁଙ୍କ ଏ ହୁକୁମ ଲେଖି ତାଙ୍କ ଦସ୍ତଖତ୍ ପାଇଁ ପଠାଇ ଦେବ ।'

ଜମାଦାର ଚାଲିଗଲା ।

— ଅଠର —

ସେ ଦିନ ମାଲଣୀ ସାନବାବୁ ପଠାଇଥିବା ଶାଢୀ ଦୁଇଖଣ୍ଡ କମ୍ପିତ ହସ୍ତରେ ଧରିଲା, କିନ୍ତୁ ଏହାକୁ ନେଇ କେଉଁ କଉଣ କରିବାକୁ ହେବ ସେ ବୁଝିପାରିଲା ନାହିଁ — ଲୁଚାଇ ରଖିଲା । ତାର ଦେହରେ ରହିଲା ସେଇ ଛିଣ୍ଡା ଲୁଗାଖଣ୍ଡ ।

Digitized by srujanika@gmail.com

ଏତକରେ ଯଦି ସବୁ କଥା ଛିଣ୍ଡି ଯାଇଥାଆନ୍ତା, ତେବେ କୌଣସି କଥାହିଁ ନ ଥିଲା । ମଣିଙ୍କର ଜୀବନଟା ଏପରି ଅଦ୍ଭୁତ ସୂ ପରି ଯେ କୌଣସି ଗୋଟାଏ ସୂତା ଛିଣ୍ଡିଲେ ସବୁ ଶେଷର ସବୁ ଅନ୍ତ ହୋଇଯାଏ ନାହିଁ । ସବୁବେଳେ ତା ମନ ଭିତରେ ଜଡ଼ି ରହିଲା ସେ ଶାଢ଼ୀ ଦୁଇଖଣ୍ଡ । ସାନବାବୁ ଏଥିଲାଗି କାହିଁକି ପଠାଇଲେ ? ସେ ସାନ ବାବୁଙ୍କୁ କୌଣସି ଦିନ ଚିହ୍ନି ନାହିଁ । ସେ ଦିନ ନଈକୂଳେ ଯେଉଁ ବେଳେ ଓଢ଼ଣା ଅବରଣରୁ ମୁହଁ ଉକିଦେଇ ତାଙ୍କୁ ଦେଖିବା ଛଡ଼ା କୌଣସି ଦିନ ସେ ତାଙ୍କୁ ଦେଖିନାହିଁ ; ସାନବାବୁ ମଧ୍ୟ କୌଣସି ଦି ତାକୁ ଦେଖିବା କଥା ତା ମନେ ପଡ଼ିଲା ନାହିଁ—ଦେଖିବା ସମ୍ଭବ ନୁହେଁ । ତାର ଲୁଗା ଅଛି କି ନା, ସେ କଥା ସେ ଜାଣିଲେ କିମିତି ? ତାର ଲୁଗା ନାହିଁ ବୋଲି କିଏ ଯେ ଏ ଶାଢ଼ୀ ଦୁଇଖଣ୍ଡକୁ ନେଲା ? —ସେତ ଭିଖାରି ନୁହେଁ । ସାନ ବାବୁ ଏ ଲୁଗା ଦୁଇଖଣ୍ଡ ପଠାଇ ତାକୁ କଅଣ ଅପମାନ ଦେଇଛନ୍ତି ? କାହିଁକି ଦେବେ ? ସେ ତାଙ୍କର କଅଣ ଦୋଷ କରିଛି ? ସେ ଏତେବଡ଼ ଲୋକ, ଆଉ ମଣି ଏତେ ଗରିବ ଘର ଝିଅ, ସାନବାବୁଙ୍କ ମନରେ ତା ଉପରେ କାହିଁକି ରାଗ ହେବ ଯେ ସେ ତାକୁ ଅପମାନ ଦେବେ ? ନା ତା ନୁହେଁ, ତେବେ ? ସେ ସେମିତି ଦେଇଛନ୍ତି ? ଗାଆଁରେ ତ ଆଉ ବହୁତ ଝିଅ ଅଛନ୍ତି, ଆଉ କାହାରିକୁ ଦେଉନାହାନ୍ତି, ଏକା ତାକୁ ଦେଲେ କାହିଁକି ? ସେ କିଛି ବୁଝିପାରିଲା ନାହିଁ ।

ହଠାତ୍ ତା ମନେପଡ଼ିଲା, ଗାଧୁଆଳ ଟୋକୀ କଥା । ଟୋକୀଟା କହୁଥିଲା, ସାନବାବୁ ତାର ନାଆଁ ପଚାରୁଥିଲେ । କାହିଁକି ? ସେ ପୁଣି ତା ଆସିବା ପରେ ପରେ ?

ମାଲତୀ କିଛି ବୁଝିପାରିଲା ନାହିଁ ; ଏତକ ଠିକ୍ କରି ନେଲା, ଏ ଶାଢ଼ୀ ଦୁଇଖଣ୍ଡ ସେ ପିନ୍ଧିବ ନାହିଁ ; ପିନ୍ଧି ପାରିବ ନାହିଁ—ତା ବାପା, ଗାଆଁର ଆଉ କେତେ ଲୋକ କେତେ କଅଣ ପଚାରିବେ । ସେତ ଏ ସବୁର କିଛି ଜବାବ ଦେଇପାରିବ ନାହିଁ । ଲୋକେ କଅଣ ମନେ କରିବେନି ? ଏତିକି ଭାବିବାକୁ ଯାଇ ଲଜ୍ଜାରେ ତାର ମୁଖମଣ୍ଡଳ

Digitized by srujanika@gmail.com

ଆରକ୍ତ ହୋଇଗଲା । ସେ ଲୁଗା ଦୁଇଖଣ୍ଡ ପେଡ଼ି ତଳେ ଲୁଚାଇ ରଖିଲା ।

ଚୁଲ୍ଲିରେ ଭାତହାଣ୍ଡି ବସାଇ ଜାଳ ଦେଉଛି, ତା ବାପା ବିଲରୁ ଫେରିଲେ ଖାଇବ । ମନେ ପଡ଼ିଲା ସେଇ ଶାଢ଼ୀ କଥା — ସାନବାବୁ କଥା । ସେ ତାଙ୍କୁ କି ପଠାଇଲେ ଏ ଶାଢ଼ୀ ? ସେ କାହିଁକି ତାର ନାଆଁ ପଚାରୁଥିଲେ ? ସେ କେଉଁଣ କେବେ ତାକୁ ଦେଖିଛନ୍ତି ? ପୁଣି ଲଜ୍ଜ୍ୟାର ଖଣ୍ଡେ ରକ୍ତିମ ମେଘ ତାର ମୁହଁ ଉପରେ ଭାସିଗଲା । ସେ ଏକ ଦୃଷ୍ଟିରେ ଚାହିଁ ରହିଲା, ଚୁଲ୍ଲିରେ ଜଳୁଥିବା ଲଡ଼ି ଫଡ଼ାଫଡ଼ାଙ୍କ-ଅଙ୍ଗକୁ !

ସବୁ ଦିନ ସେ ନଈକୁ ପାଣି ଯାଏ, ସାନବାବୁ ଯେଉଁ ଗଛଟା ତଳେ ବସିଥିଲେ ସେଆଡ଼କୁ ଚାହିଁବା ପାଇଁ ତାର ଅନ୍ତରାତ୍ମା ଅସ୍ଥିର ହୋଇପଡ଼େ, କିନ୍ତୁ ସାହସ ହୁଏ ନାହିଁ — କାଳେ କିଏ ଦେଖିବ କାଳେ କିଏ କଅଣ ମନେକରିବ । ଥରେ ଥରେ ଘାଟରେ ପଦଶାରେ ଧୀବର ବାଲ୍ଲି ଉଠେ, ସେ ଅନ୍ଧାର ଭିତରେ ଶଙ୍କାରେ ପଡ଼ି ପଡ଼ି ଶୁଣେ, ଏଇ ଗୀତ, ସାନବାବୁ ଗୀତ୍ ଗଲ ଲୋକ ।

ମାଆନ୍ତ ଘର ଶୁଭର ଯେତେବେଳେ ଶାଢ଼ୀ ଦୁଇଖଣ୍ଡ ମାଳତୀକୁ ଦେଇଗଲା, ସେତେବେଳେ ସେ ଗାଆଁରେ କେହି ନ ଥିଲେ, ଏପରି ହୁଏ ନାହିଁ; ସାହିର ଯେଉଁ ଜଣେ ଦୁଇଜଣ ସ୍ତ୍ରୀ ଲୋକଙ୍କ ଆଖିରେ ତାହା ପଡ଼ିଥିଲା; ତାଙ୍କଠାରୁ ଗାଆଁରେ ପ୍ରଚାରିତ ହୋଇ ଗଲା ଯେ ସାନବାବୁ ମାଳତୀକୁ ଶାଢ଼ୀ ଦୁଇଖଣ୍ଡ ପଠାଇଛନ୍ତି । ଏହା ନେଇ ଗ୍ରାମରେ ଗୋପନରେ ଏକ ଆନ୍ଦୋଳନ ସୃଷ୍ଟି ହୋଇଛି । ପଲ୍ଲୀର ଜନ-ସାଧାରଣଙ୍କ ପକ୍ଷରେ ଏହା ଏକ ଅତି ସାଧାରଣ କଥା ଯେ, କୌଣସି କଥାର ପ୍ରକୃତ କାରଣ ସେମାନେ ଖୋଜନ୍ତି ନାହିଁ, କାରଣଟା ନିଜ ଇଚ୍ଛାନୁରୂପ କଳ୍ପନା ଅନୁସାରେ ଖୋଜାଇ ନିଅନ୍ତି, ସେଇଟାହିଁ ସେମାନଙ୍କ ପକ୍ଷରେ ଅକାଟ୍ୟ ପ୍ରମାଣ ହୋଇପଡ଼େ । କୌଣସି ବସ୍ତୁର ଭିତର ସ୍ତର ପୃଷ୍ଠଭାଗ ବା ପୃଷ୍ଠା ବାହାରର କେହି ସେମାନଙ୍କ ଉପରେ ଦେଇ ନ ଥିଲେ ମଧ୍ୟ ସେମାନେ ନିଜେ ନିଜେ ବସ୍ତୁର

କରିବାକୁ ବସି ଯାଆନ୍ତି—ଯେଉଁ କଷ୍ଟସୃଷ୍ଟ ବସ୍ତୁର ଭୋଗ କରିବାରେ ସେମାନଙ୍କର ଅଧିକାର ଯେତିକି ଅଳ୍ପ ସେମାନେ ସେ ବସ୍ତୁ ଉପରେ ସ୍ୱତ୍ୱ ଦେବା ପାଇଁ ସେତିକି ତତ୍ପର ହୋଇ ପଡନ୍ତି—ଆଉ ସବୁ କ୍ଷେତ୍ରରେ ବାଧା ସୃଷ୍ଟିକାରୀ ଦୁଇପକ୍ଷକୁ ବାଦ ଦେଇ ବସ୍ତୁର ହୁଏ ଏବଂ ସେ ବସ୍ତୁରର ନିଷ୍ପତ୍ତି ମଧ୍ୟ ତୃତୀୟ ପକ୍ଷଙ୍କଠାରୁ ଅତି ଯତ୍ନରେ ଲୁଚାଇ ରଖାଯାଏ । ପଲ୍ଲୀର ଅନ୍ଧକାରମୟ ଶିକ୍ଷାଲୋକ ଭିତରେ ଏହାଠାରୁ ଅଧିକ ଉନ୍ନତ ଆଶା କରାଯାଇ ପାରେନା ।

ଗ୍ରାମର ଯେଉଁମାନଙ୍କ କାନରେ ମାଲତୀକୁ ଧାନ ବାବୁ ଶାଢ଼ୀ ପଠାଇଥିବା ଖବର ପଡିଲା ସେମାନେ ଏକ ମତ ହୋଇ ଏକତରଫା ନିଷ୍ପତ୍ତି କଲେ ଯେ, ଏହାର ଗୋଟାଏ ଉଚିତ କାରଣ ରହିଛି । 'ହୁଁ, କଲେଜ ପିଲା !

ଏହି କୁତ୍ସିତ ଧାରଣା ଦୃଢ଼ତର ହୋଇ ଉଠିଲା ଗାଆଁ ପୁରୋହିତ ମଦନ ମିଶ୍ରଙ୍କ ପାଣ୍ଡିତ୍ୟ ଫଳରେ ।

ଗାଆଁ ଭାଗବତ ଘରେ ଗାଧ ଗୋପେଇ ଅଛନ୍ତି କି ନା, ପ୍ରତି ଦିନ ସନ୍ଧ୍ୟା ସମୟରେ ମଦନ ମିଶ୍ରେ ଅଧ୍ୟାୟେ ଭାଗବତ ପଢ଼ନ୍ତି ଆଉ ପିଡାରେ ଠିଆ ହୋଇଥିବା ହାଣ୍ଡିରୁ ଦୁଇମୁଠା ଖଇ ଖଣ୍ଡେ ପିତଳ ଥାଳିଆରେ ରଖି ଭୋଜ ମାରି ଦିଅନ୍ତି । ଏହି ମହୋତ୍ସବରେ ଗାଆଁର ବୁଢ଼ାଳିଆ ଲୋକମାନେ ବିଶେଷତଃ ଯେଉଁଦିନ ଯାହାର ଯେଉଁ କଥା ପଚାରିବାର ଥାଏ ବା ତାକୁ ନେଇ ଭଜ କରିବାର ଥାଏ, ସେପରି ମାତବର ଲୋକମାନେ ସନ୍ଧ୍ୟାମତ ଉପସ୍ଥିତ ହୋଇ ଥାଆନ୍ତି । କଣ୍ଟେଲ କାଣ୍ଡ ଯୋଗୁଁ ତ ଗାଆଁ ତଣ୍ଡାରେ ବିଜ୍ଞାପନ ଦେଖିବା ସ୍ୱପ୍ନ, କିରାସିନି ତେଲର ଦାମ ମଧ୍ୟ ଛଅଗୁଣ, ଭାଗବତ ଅଧ୍ୟାୟକୁ ଗଡ଼େଇ ଦେବା ପର୍ଯ୍ୟନ୍ତ ମିଛ ମିଛ ହୋଇ ଯାଉଥିଲେ, ମଦନ ମିଶ୍ରେ ଶୁଦ୍ଧ ଅଶୁଦ୍ଧ ପୁରାଇ ଗାଇ ଦିଅନ୍ତି, ତା ପରେ ଦୀପ ଲିଭେ, ଅନ୍ଧାର ଭିତରେ ବୈଠକ ବସେ—ସମସ୍ତ ସମୟରେ ତାହା ଅଂଶିକ ଭାବେ ଆଲୋଚିତ ହୋଇଥାଏ ଗଞ୍ଜେଇ ଚିଲମ ଟାଣିବା ଅବସରରେ । ମଦନ ମିଶ୍ରେ ଏକେ ଗାଆଁ ପୁରୋହିତ, ତା ଉପରେ ଭାଗବତର ପାଠକ, ତାଙ୍କର

ମତରେଁ ଏ ସବୁ ବିଷୟରେ ଚୂଡ଼ାନ୍ତ ହେବାକୁ ବାଧ୍ୟ । ତାହା ନ ହୋଇବା ଉପାୟ ନାହିଁ । ତାଙ୍କ ମତର ଅନ୍ୟଥା କଲେ ବା ତାହାର ପ୍ରତିବାଦ କଲେ ତାକୁ ଜବତ କରିବାପାଇଁ ମିଶ୍ରଙ୍କ ହାତରେ ଅନେକ ଅସ୍ତ୍ର ଅଛି । ସେ ଲୋକ ଘରେ ଷଠୀଚଉଠୀ ମଙ୍ଗଳବାରଠାରୁ ପିଣ୍ଡ ପକାଇବା, ବାଳ ଚୂଡ଼ା ପର୍ଯ୍ୟନ୍ତ ସବୁ ବନ୍ଦ—ଏକାଏକ ଏକା ହାତରେ ସେ ବସ୍ତିରର ଅଧିଦୈବିକ ବ୍ୟାପାରରେ ଅଟଳ ଅବସ୍ଥା ସୃଷ୍ଟି କରନ୍ତି । ଲୋକଟା ଯଦି ଏତେ ପାଷଣ୍ଡ ହୁଏ ଯେ, ଏଥିରେ ମଧ୍ୟ ତାର ଜ୍ଞାନ ଜନ୍ମେ ନାହିଁ—ତେବେ ଧୋବା ଭଣ୍ଡାରି ବନ୍ଦ, ଗାଆଁ କୂଅ ବାସନ୍ଦ, ଗାଆଁ ଲୋକଙ୍କ ଦ୍ୱାରା ବାସନ୍ଦ, ଏ ସବୁ ବ୍ୟବସ୍ଥା ପୁରୋହିତ ପଣ୍ଡିତେ କରିଥାଆନ୍ତି । ଠିକ୍ ହେଉ ଭୁଲ ହେଉ, ଗାଆଁ ଲୋକଙ୍କ ପକ୍ଷରେ ପୁରୋହିତଙ୍କ କଥାକୁ ଅମାନ୍ୟ କରିବାର ଉପାୟ ନାହିଁ । ସେ ସେମାନଙ୍କ ଘରେ ଭଜେଇବା ମଧ୍ୟ ବନ୍ଦ କରି ଦେଇପାରନ୍ତି ଏ ଭୟ ସେମାନଙ୍କର ସବୁବେଳେ ଥାଏ । ତେଣୁ ରୋମାନ୍‌କ୍ୟାଥଲିକ୍ ଜଗତରେ ପୋପଙ୍କ ପରି ଗାଆଁ ପୁରୋହିତମାନଙ୍କର ସବୁବେଳେ ଅପ୍ରତିମ ପ୍ରଭାବ ।

ସେ ଦିନ ଭାଗବତ ଘର ବୈଠକରେ ଗାଆଁର ଅନେକ ଲୋକ ଯୋଗ ଦେଇଥିଲେ, ଆଗତ ବିଷୟଟା ଖୁବ୍ ମୁଖରୋଚକ ହେବ କି ନା, କେତେ ଲୋକ ତାହା ଉପଭୋଗ କରିବା ଲୋଭ ସମ୍ବରଣ କରି ପାରନ୍ତି ?

ନାରାୟଣଂ ନମସ୍କୃତ୍ୟଂଠାରୁ ଏକ ଅଧ୍ୟାୟ ଶ୍ରୀମଦ୍ଭାଗବତ ଏକା-ଦଶ ସ୍କନ୍ଧ ପାଞ୍ଚ ମିନିଟ ଭିତରେ ସମାପ୍ତ ହୋଇ ମୁନରପି ମତିଭ୍ରମଃ ; ଯଦ ଦୃଷ୍ଟମଦୃଷ୍ଟଂ ବା ମମଦୋଷ ନ କଥ୍ୟତେ ହୋଇଗଲା !

ପଦନ ମିଶ୍ରେ ଚଳମ ସଙ୍ଗାତ୍ ସଙ୍ଗାତ ଆରମ୍ଭ କରିଦେଲେ, ଆଉ କାଳ ହେବ ନାହିଁ—ଆଉ ହେବ ନାହିଁ ! ସେଇଥିପାଇଁ ପଦ୍ମ ମାଳିକା ଡାକୁଛି—ତରଙ୍ଗ ଥିବ ତେଏରକୁ, ଚଉଦ ପଦର ଦେହୁ ନ ରହିବେ ସତ ଉତ୍କଳ ସତରକୁ ।'

Digitized by srujanika@gmail.com

ପଧାନେ ସେଇଥିରେ ମୂର୍ଚ୍ଛନା ଦେଲେ, 'ମାଳିଢ଼ା—ତେବେ ଭୁଲ ହେବ !'

ପବନ ମିଶ୍ରେ କଥାଟା ଠିକ୍ ଶୁଣି ପାରିଲେ ନାହିଁ, ଚଢ଼ିଯାଇ କହିଲେ, 'କଅଣ କହିଲ ପଧାନେ ? ଭୁଲ ? ମାଳିଢ଼ା ଲେଖିବା ଲୋକ କିଛି ଗଞ୍ଜେଇ ଖାଇ ଲେଖି ନ ଥିଲେ । ତଉଲ ଥିବ ବେଦବ୍ୟାସ—ମହି, ଏ କଥା ମିଛ ? ଭରେ ଆମରି ଆଖି ଆଗରେ ପଞ୍ଚସଖା ଅଚ୍ୟୁତ ସାନ ବାବୁ ପାଣ ପିଲାଟାକୁ ଦାଣ୍ଡ କଡ ଭଆସରେ ପଶିଲେ । ଅଉ ବାକୀ ରହିଲା କଅଣ ? କଅଣ ରହିଲା କହ ?'

ଗୋଖେଇ ହାଇ ପାଣି ଧରନ୍ତପତ୍ର କହିଲା, 'ହଁ, କଅଣ ରହିଲା ଆଉ ? ଜାତି ପାଠକ, କର୍ମଧର୍ମ ସବୁ ବୁଡ଼ନ୍ତ, ଆଉ ରହିଲା କଅଣ ?'

ମିଶ୍ରେ କାନ ଡେରିଲେ; 'ଭରେ ବୁଝିବ ନାହିଁ ? ଛତିଶ ବର୍ଣ୍ଣରେ ରଜା ବ୍ରାହ୍ମଣ ତାଙ୍କୁ ପଚାରିବ ନାହିଁ, ତାଙ୍କୁ ପାଦକୁ ଡାକିବ ନାହିଁ, ଆଉ ଧର୍ମକର୍ମ କଅଣ ରହିବ ? ବୁଢ଼ା ମ ଅନେ ଯେତେବେଳେ ଥିଲେ, ନାଡ଼ି ଭଆସକୁ ଯାଇ ସିଗାରେଟ ପଢ଼େ, ଭାଗିଭ ମାମଲେ କାହିଁକି ମାତ୍ରାଖ୍ୟ ପଢ଼େ, ଭଲମନ ହେଲେ ସେ ପସ୍ତରନ୍ତି । ସେ ସବୁ ଗଲା । ନାଏବ ବାବୁ ଅଛନ୍ତି ବୋଲି ତଉ ସେନାଟା ଲଜାଏ ରହୁଛି, ମଧୁ ଓବଠୀ ମଙ୍ଗଳବାରରେ ମୁଁ ଯାଇ ଭଆସର ଛିଣ୍ଡାନରେ ବଢ଼ିଟାଏ କାଢ଼ ଦେଇ ଆସୁଛି, ବାଳିଟାଏ ମାରୁଛି । ତାଙ୍କ ଅନ୍ତେ ସବୁ ବୁଡ଼ିବ ସବୁ ଯିବ । ବଂଶ ବୁଡ଼ିଲ ବେଳକୁ......!'

କଥଟା କହୁ କହୁ ଅନେକଦୂର ବାହାର ଆସି ସେ ଅଟକିଗଲେ ।

ପଧାନେ ବାମେ ହାଣି ଦେଇ ଟିକିଏ ଆଖି ବୁଜି ଦେଇଥିଲେ, ଠିକ୍ କହୁଛନ୍ତି ମିଶ୍ରେ ଅପଣେ, ବଂଶ ବୁଡ଼ିଲା ବେଳକୁ ଏଁଠାଏ, ତାଙ୍କୁ ମଧ୍ୟ ବଢ଼ା......

ମିଶ୍ରେ ଡେଇଁ ଉଠିଲେ, 'ଆରେ କାହା କଥା କହୁଛ ?'

ପଧାନେ ହସିଗଲେ; କହିଲେ, 'ଯାହିଁକି ଭଦ୍ରଲୋକର ଘର କଥା ! ହୁଁ; ମନେ କରୁଛ; ମୋତେ ନିଶା ଧରୁଛି—ନା; ଚାଲନ୍ତୁ ହୁଚେଁ, ଏଡ଼ାଳମ ହୁତେଁ—ବଣ ବଣ ଚାଲମ......'

Digitized by srujanika@gmail.com

ମିଶ୍ରେ ବକ୍ରୁଡ ହୋଇ ପଚାରିଲେ—'ଅରେ ଜଗଦେବ ଘରକଥା କିଏ କହୁଥିଲା ?'

ପଧାନେ ଅଳ୍ପକୁ ସୁରିଗଲେ—'ମାର ମାର ଭଣ୍ଡାବୁଆକୁ ମାର । କହୋ ଆଜି ଦୁପହର ସାସ୍ ମଣିଷକୁ ଟିକିଏ ଶୋଇବାକୁ ଦେଲ ନାହିଁ । 'ଜଗଦେବ କଥା ପଡ଼ିବ, ଜଗଦେବ କଥା ପଡ଼ିବ, କହ କଣ୍ଢିମାନ କହୁଛ ସେ କଥା କିଏ କହୁଥିଲା ? ଯାଆଁ ଲେଟେ ପଣସ ଖାଇଲେ ବାହକ ମୁଣ୍ଡରେ ଅଠା । କଥା ପକାଇଲ ତମେ, ଦୋଷ ହେଲା ମୋର ! ଭାଲ୍ ଯେତେବେଳେ କଟାହିକୁ ଉତ୍ତର ହେବ, ଧର ଲୁଇସ ପଧାନକୁ—ଆଉ ନଜେ ସଫା ଭଲ ଲୋକ ।'

ମିଶ୍ରେ ଅଗ୍ନିଶର୍ମା ହୋଇଉଠିଲେ—'ଶୁଣ ଏ ମୂର୍ଖଟା କଥା ! କହୋ ସାନବାବୁ ବଡ଼ଲୋକ ପିଲା; ଜଗଦେବର ଝିଅ ତାଙ୍କ ଆଖିକୁ ଭଲ ଲାଗିଲା, ସେ ତାଙ୍କୁ ଯୋଡ଼ାଏ ଶାଢ଼ୀ ପଠାଇ ଦେଲେ—ସେଥିରେ ତମର କଅଣ ଗଲା, ମୋର କଅଣ ଗଲା ? ଯା ବୋଝ ତା ମୁଣ୍ଡକୁ । ସିଏ ଯାହା କରୁଛି, ସିଏ ତାହା ସମ୍ଭାଳିବ । ସେଥିରେ ମୋର କଅଣ ଗଲା ? ଶୁଣୁ ଛନା ଝଗଡ଼ା କଥା । ମୋ ମୁଣ୍ଡରେ ଅଠା ବୋଳୁଛି । ଆଉ ଜାଣିଥା, ମୋ ଗୋଡ଼ ଯେଉଁଠି ପଡ଼ିବ ତୋ ମୁଣ୍ଡ ସେଠି ଥାଇବ ନାହିଁ ।'

ପଧାନେ ମଧ୍ୟ ଋଡ଼ି ଉଠିଲେ । ଅଗାଧୁ ପୁହାଣେ ବାଧା ଦେଇ କହିଲେ, 'ରହ, ରହ, କଥାଟା କଅଣ କୁହ ବା । ଆମେ ପଞ୍ଚପରମେଶ୍ୱର ଏଠି ବସିଛୁଁ । କଥାଟା କୁଆ ହେବା ଆଗରୁ ସବୁ ଜାଣୁଁ ନା ? କଥାଟା କଅଣ ମିଶ୍ରେଅପଣେ କହିବା ହେଉନ୍ତୁ ।'

ମିଶ୍ରେ ସେତେବେଳକୁ ମଧ୍ୟ ପଞ୍ଚମରୁ ଓହ୍ଲାଇ ନ ଥିଲେ; କହିଲେ, 'କିଏ ଜାଣେ ହୋ କଥା କଅଣ ? ଝଗଡ଼ାରତ ମୁହିଁ ଉପରକୁ ହୋଇଗଲାଣି ! ହଉ ଶୁଣ—ସାଆନ୍ତ ଘର ସାନବାବୁ ଧରଣୀ ଜଗଦେବ ଝିଅ ମାଳତୀ ପାଖକୁ ଦୂତର ହାତରେ ଶାଢ଼ୀ ଯୋଡ଼ାଏ ପଠାଇ ଥିଲେ । ଗାଈଅଳ ପିଲା କହୁଥିଲା, ସେମାନେ ଦଣ୍ଡରର ବୋଠା ଭିତରେ ଦେଖା ଶୁଣା କଥାବାର୍ତ୍ତା କରନ୍ତି । ଗୁରୁବାସ ସ୍ଥାନ

Digitized by srujanika@gmail.com

ଝିଅ କରୁଥିଲି, ସାନବାବୁ ଜଗଦେବ ବୁଢ଼ା ଘରକୁ ଆସିବା ସେ ଦେଖିଛି । ନିଶା ସ୍ୱରରେ ସାନବାବୁ ତମ୍ବୁସ ବଜାଇଲେ ଜଗଦେବର ଝିଅ କୁଆଡ଼େ ଲୁଚି ଲୁଚି ଉଆସ ଭିତରକୁ ଯାଏ, ଏ କଥା ଗାଆଁ ମାଇପେ କହୁଥିଲେ ମୁଁ ଶୁଣିଛି । ପଧାନଙ୍କୁ କହୁଛି, ଏ କଥା ସ୍ୱପବନ ଘରେ ପଶାଇବା ! କିରେ କଳାମୁହିଁଆ ନୁହେଁ କଳଙ୍କ ମୁହିଁଆ ! ଆମେମାନେତ ବୁଝି ପିଲିଛୁଆ ନେଇ ଘର କରୁଛୁ ! ହେଲେ ବା ସେ ବଡ଼ ଲୋକ ! ଏଥିରେ ମୋର ଦୋଷ କଅଣ କହ ?'

ଅଗାଧୁ ବେହେରା ତାଙ୍କ ଜୀବନରେ ୮।୧୦ ଥର କଟକ ଦେଖି-ଛନ୍ତି, ଥରେ ହାଇକୋର୍ଟର ଦ୍ୱାର ପର୍ଯ୍ୟନ୍ତ ଯାଇ ଅଙ୍କିଲୀଙ୍କୁ ଦେଖି ଭୟରେ ପଳାଇ ମଧ୍ୟ ଆସିଛନ୍ତି । ସେ ନିଜକୁ ବଡ଼ ମାମଲତକାର ମନେକରନ୍ତି, ଗାଆଁ ଭିତରେ ସେ ସବୁଠୁଁ ବୁଦ୍ଧିଆ ବୋଲି ମଧ୍ୟ ପରିଚିତ । ସେ କହିଲେ, 'ଏଥିରେ ଦୋଷ କଅଣ ? ଆପଣ ଯେତେ ହେଲେ ଗାଆଁର ପୁରୋହିତ । ଆପଣ ଏ ସବୁ କଥା ନ ବୁଝିଲେ ବୁଝିବ କିଏ ? ପଧାନେ, ତମର ଷୋଳଅଣା ଭୁଲ !'

ପଧାନେ ଗର୍ଜି ଉଠିଲେ, 'କଅଣ ମୋର ଭୁଲ, ହେଉ ଏ କଷ୍ଟରେ ଗରେଇ ନିଶାପ ! ମୋର ଭୁଲ ? ପଦନା ମିଶ୍ର କେତେ ଟିକି ଲୋକ ବୁଝିବ !'

ପଦନ ମିଶ୍ର ଆଉ ସମ୍ଭାଳି ହୋଇ ପାରିଲେ ନାହିଁ, ଚିତ୍କାର କଲେ 'କିରେ ଚଷା ଟୋକା ତୋର ଏଡ଼େ ବଡ଼ ମୁହଁ ! କିରେ ତୁ ମୋତେ ପଦନା କହୁ !! ହଇରେ ମୁଁ ପଦନା !!'

ପଧାନ ମଧ୍ୟ ଚେହୁପର ତାର ସ୍ୱରରେ ଚିତ୍କାର ଆରମ୍ଭ କରି ଦେଲେ । ଆଉ ସମସ୍ତେ ମଧ୍ୟ ସଙ୍ଗେ ସଙ୍ଗେ ଏ ପକ୍ଷ ସେ ପକ୍ଷ ନେଇ ବା ଦୁହିଁଙ୍କୁ ବୁଝାଶୁଝା କରିବାପାଇଁ ପାଲୁପର୍ଯ୍ୟନ୍ତ ବଡ଼ ପାଟି କରିବାରେ ଲାଗିଲେ ।

ସ୍ୱପବନ ଘରର ଅନ୍ଧାର ଭିତରଟାରେ ଗୋଟାଏ ଭୀଷଣ ଲୁରୁ-ଶେଜ ଆରମ୍ଭ ହୋଇଗଲା ବୋଲି ଲୋକେ ଭାବିଲେ, ସେ ଘରୁ ଯେ ଯୁଆଡ଼େ ପଳାଇଲେ । ଏତେବେଳ ଅନ୍ଧାର ଭିତରେ ମୁଣ୍ଡ ଫାଟିବା ଭୟ,

Digitized by srujanika@gmail.com

ସେଥିରୁ ପୂର୍ବପୁରୁଷଙ୍କ ସୁକୃତକୁ ରକ୍ଷା ପାଇଲେ ସାକ୍ଷୀ ହୋଇ ବଡ଼ଶକୁ ଶୋଷଣ ହେବା ଲାଗି । ଏଥିରେ କି ଗାଆଁର ଅସୀମ ସାହସୀ ଲୋକେ ରହିପାରନ୍ତି—ପଳାଇବା ଛଡ଼ା ଆଉ ସେମାନେ କଅଣ କରନ୍ତେ ?'

ତହୁଁ ଆଉ ଦିନ ଗାଁଅ ଭିତରେ ପ୍ରଚାରିତ ହୋଇପଡ଼ିଲା ଯେ, ଗତ ସପ୍ତାହରେ ଲୁଗାକାଚ ଘରେ ପଞ୍ଚାୟତ ହୋଇଥିଲା; ଜଗଦେବ ଝିଅ ମାଳଣୀ କଥା ପଡ଼ିଲା, ତାଆଁ ଲୋକେ ଆଉ ତାକୁ ଦେହୁ କଣ୍ଠ କଥା କହିବେ ନାହିଁ ବୋଲି ସାବ୍ୟସ୍ତ ହେଲା ।

ମାଳଣୀ ଯାହା ଆଡ଼କୁ ଗଲେ, ଦେହ ତାକୁ କଥା କହନ୍ତି ନାହିଁ । ଗାଧୋଇ ଗଲାବେଳେ ସେ ଓ ଚମ୍ପା ଦୁହେଁ ସାଙ୍ଗ ହୋଇ ଯାଆନ୍ତି; ସବୁ ଦିନ ପରି ସେ ଦିନ ସେ ଚମ୍ପା ଘରକୁ ଗଲା । ଚମ୍ପା କିଛି କହିଲା ନାହିଁ ତା ବଡ଼ଉ କହିଲା, 'ଝିଅ, ତୋ ଲାଗି କଅଣ ଆମଘର ଧୋବା ଜାତ୍ରାଶ ବନ୍ଦ ହେବେ ? ତୁ ଆଉ ଆମ ଘରକୁ ଆସିବୁ ନାହିଁ ।'

ମାଳଣୀ କିଛି ବୁଝି ପାରିଲା ନାହିଁ; ସ୍ତମ୍ଭୀଭୂତ ହୋଇ ଗଲା; କିଛି ପଚାରିବା ଏତକ ସାହସ ତାର ହେଲା ନାହିଁ । ଏକୁଟିଆ ନଈକୁ ଯାଇ ଏକୁଟିଆ ଫେରିଲା ।

ବିଲ ଆଡ଼େ ଜଗଦେବଙ୍କ ସହିତ ମିଶ୍ରଙ୍କର ଦେଖା ହେଲା ।

ମିଶ୍ରେ କହିଲେ, 'ସାନ ବାବୁ ଆସି ଥିଲେ ତମ ଘର ଆଡ଼କୁ ?'

ଜଗଦେବ ଆଶ୍ଚର୍ଯ୍ୟ ହେଲା; କହିଲା, 'କଉ ସାନ ବାବୁ ? ସାଆନ୍ତ ଘର ସାନ ବାବୁ ? ସେ ଆମ ଗରିବ ଘରକୁ ଆସିବେ କାହିଁକି ?

—'ଆରେ ହଁ ଆସିଥିଲେ, ମୁଁ ନିଜେ ଜାଣେ, ମାଳଣୀକୁ ସେ ଯୋଡ଼ାଏ ଶାଢ଼ୀ ଦେଇଛନ୍ତି ।'

ଏ ଇଙ୍ଗିତରେ ଜଗଦେବ ବୁଢ଼ାର ଧମନୀର ରକ୍ତ ତାତି ଉଠିଲା; କହିଲା, 'ମିଶ୍ରେ ମୁହଁ ସମ୍ଭାଳି କଥା କହ । ବୁଢ଼ା ବୋଲି ଏବେ ଏତେ ଦେଖାଉଚ ।'

—'ହଁ, ହଁ, ସତ୍ୟତ କାହିଁକି ? ଅଗେ ଘର ବୁଝ, ଅଗେ ଘର ବୁଝ ।'

Digitized by srujanika@gmail.com

ଊଣେଇଶ—

ଧରଣୀ ଜଗଦ୍ଦେବର ସବୁ ଯାଇଛି—ସମ୍ପତ୍ତି ବାଡ଼ି, ଘର ବସ୍ତ୍ର, ସ୍ତ୍ରୀ ପୁଅ—ସବୁ, ରହିଛି କେବଳ କଙ୍କାଳସାର ଶରୀର, ମାଣ ଦୁଇ ଜମି, ମାଳଞ୍ଚ, ଅଭାବ ଅନଟନର ନିରବଚ୍ଛିନ୍ନ ହାହାକାର—ଆଉ ଯନ୍ତ୍ରକୁଟର ଅଶ୍ରୁମାନ। ବାଡ଼ି ମାହାତ୍ମ୍ୟ ନ ନେଇ ଛିଡ଼ା ହେବା ଶକ୍ତି ତାର ନାହିଁ, କିନ୍ତୁ ତାର ଧମନୀରେ ସେ ଯଦୁପୁର ବୀରର ଧାଉଁଛି ଏଣୁ ସେ ଜୀବନର କୌଣସି ମୁହୂର୍ତ୍ତ ଭୁଲି ପାରୁ ନାହିଁ, ଦେହର ମାଂସପେଶୀ ଏପରି ଦୁର୍ବଳ ହୋଇ ପଡ଼ିଛି ଯେ, ସବୁବେଳେ ନିଜ ମୁଣ୍ଡକୁ ଟେକି ରଖିବା ଶକ୍ତି ନାହିଁ ବୁଢ଼ାର, କିନ୍ତୁ ମୁଣ୍ଡ ନୋଇଁ ନୀ ମଣ୍ଡି ଦେବା ମନୋଭାବ ଦରଯାଦେଶୀ ସ୍ୱପ୍ନ ପରି ତା ଭିତରେ ଚେଇଁ ରହିଛି।

ଦୁନିଆର ଶାଶ୍ୱତ ମନୁଷ୍ୟ ଭିତରେ ଅବଶିଷ୍ଟ ରହିଛି ତାର ଏକମାତ୍ର ଆକାଂକ୍ଷା—ତାର ନିଜ ମାଳଞ୍ଚ। ଅନ୍ଧାର ରାତିରେ ଝଡ଼ର ପ୍ରଳୟ ନୃତ୍ୟର ଧ୍ୱଂସ ସ୍ତୂପ ଭିତରେ ଯେଉଁ ଦୀପଶିଖାଟିଏ ଚେଇଁ ରହିଥାଏ, ମନୁଷ୍ୟ ତାର ସମୁଦାୟ ହୃଦୟ ଦେଇ ସେଇଟିକୁ ଧରି ରଖିବାକୁ ଚାହେଁ। ସେହିପରି ବୁଢ଼ା ତାର ସମୁଦାୟ ହୃଦୟ ଦେଇ ମାଳଞ୍ଚକୁ ଦେଖି ପାରେ। କ୍ଷୁଧା ଓ ଅଭାବର ହାହାକାର ପୂର୍ଣ୍ଣ କୋଳାହଳ ଭିତରେ ଧରଣୀ ଜଗଦ୍ଦେବ ମାଳଞ୍ଚର ମୁହଁକୁ ଚାହେଁ, ତାର ହୃଦୟରେ ଶାନ୍ତିର ଛାୟା ଓହ୍ଲାଇ ଆସେ, ସେ ମନେ କରେ ଏ ପର୍ଯ୍ୟନ୍ତ ଏ ଦୁନିଆରେ ଖାସ ନିଜର ସାମଗ୍ରୀ ରହିଛି ରହିଛି—ସବୁ ସରି ଯାଇ ନାହିଁ। ସମୟସମୟରେ ତାର ଦୁର୍ବଳ ଚକ୍ଷୁ ମାଳଞ୍ଚ ଉପରେ ପଡ଼େ—ଆଉ ତା ମନ ଭିତରେ ଗୋଟି ଗୋଟି ହୋଇ ଜାଗି ଉଠେ ଅନେକ ଦିନର ପାଶୋରା ପୂର୍ବ ସ୍ମୃତି—ତାର ସ୍ତ୍ରୀ, ତାର ପୁଅ, ତାର ଗୋରୁ, ତାର ସମ୍ପତ୍ତି—ସେ ସବୁରି ସୁଖର ଆଲୋକରେ ଅଲଙ୍କୃତ।

Digitized by srujanika@gmail.com

ମାଳଣ୍ଟି ଏ ସବୁ ଜାଣେ—ସେ ବୁଢାଠାରୁ ଅନେକ ଥର ଏ କଥା ଶୁଣିଛି; ସେଥିପାଇଁ ସେ କୌଣସି ଦିନ ତାର ବାପ ମନରେ କଷ୍ଟ ଦିଏ ନାହିଁ । ଦୁଇ ଓଳି ଉପାସ—ବୁଢା ଆଗରେ ତା ମୁହଁରେ ହସ ଥାଏ; ଲୁଗା ନାହିଁ—ସେ ବୁଢା ଆଖିରୁ ଲୁଗାର ଛିଣ୍ଡା ଅଂଶତକ ଲୁଚାଇ ରଖେ । ଘରେ ତେଲ ନାହିଁ, ବୁଢା ବ୍ୟସ୍ତ ହୋଇ ପଡ଼େ; ମାଳଣ୍ଟି କହେ, 'ଟିକିଏ ତେଲ ଥିଲା, ତରକାରୀରେ ଦେଇଛି; ଆଉ କଅଣ ହେବ ? ମୁଁ ତ ସେମିତି ଗାଧୋଇ ପଡ଼ିବି । ଭାରି ଗରମ !'

ସମାଜ ବହିଷ୍କୃତ ଯୋଗୁଁ ଜଗଦେବ ଗାଁ ଭିତରେ ଥାଇ ମଧ୍ୟ ସମସ୍ତଙ୍କଠାରୁ ଅଲଗା । ସେ କାହାର ପାଖରେ ବସେ ନାହିଁ, ବଡ଼ ଦରକାରରେ କାହାର ସହିତ କଥା କହେ ନାହିଁ, ଗାଁର ଭଲ ମନ୍ଦ କଥାରେ ସେ ନ ଥାଏ । ସେଥିପାଇଁ ଗାଁର ଲୋକେ ତାକୁ ଦେଖି ପାରନ୍ତି ନାହିଁ ।

ସେ ଦିନ ହାଟରୁ ଫେରୁ ଫେରୁ ପଦନ ମିଶ୍ରଙ୍କଠାରୁ ମାଳଣ୍ଟି ବିଷୟରେ ଏକ କୁତ୍ସିତ ଇଙ୍ଗିତ ପାଇ ବୁଢା ଜଳି ଉଠିଲା—ମାଳଣ୍ଟି ଉପରେ ନୁହେଁ, ମିଶ୍ର ଉପରେ । ମାଳଣ୍ଟି ତାର ଝିଅ; ସେ ତାକୁ ଜାଣେ ନା । ସେ ଜଗଦେବର ଝିଅ, କୌଣସି ଦିନ ସେ ଏପରି କାମ କରିବ ନାହିଁ, ଯାହାଦ୍ୱାରା ତା ନିଜ ମୁଣ୍ଡ ବା ତା ବାପ ମୁଣ୍ଡ ତଳକୁ ହେବ । ପଦନ ମିଶ୍ରକୁ ସେ ଆଜି ଚିହ୍ନି ନାହିଁ—ଚିହ୍ନିଛି ପିଲା ଦିନୁଁ । ମିଥ୍ୟାବାଦୀ—ସମ୍ପୂର୍ଣ୍ଣ ମିଥ୍ୟାବାଦୀ ଲୋକଟା । ଘରକୁ ଫେରି ବୁଢ଼ା ମାଳଣ୍ଟିକୁ କିଛି କହିଲା ନାହିଁ । କହିବା ପରି କଥା ଯେ, ସେ କହନ୍ତା ! ମାଳଣ୍ଟି ଉପରେ ତାର ଅଖଣ୍ଡ ବିଶ୍ୱାସ । ସେ ଯଦି ତା ମନରେ କଷ୍ଟ ଦିଏ, ତେବେ ତାର ଦୋଷ ଅଧିକ ତାକୁ ବୁଝାଇବ ? ଅଳ୍ପ ପିଲାଟା ! ଜଗଦେବର ଶୁଷ୍କ ଛାତି ଭିତରୁ ଉଠିଲା ଗୋଟାଏ ଦୀର୍ଘଶ୍ୱାସ ।

ସେ ଦିନ ଘରେ ସେରେ ଚାଉଳ ମଧ୍ୟ ନ ଥିଲା । ମାଳଣ୍ଟି ଅନ୍ୟ ସାଇପଡ଼ିଶା ଘରକୁ ଯାଏ ନାହିଁ । ଯାହା ବା ଚାଉଳ ଉଧାର କରି

ଅଣନ୍ତା, ସେ ରାତି ବନ୍ଦ। ସକାଳେ ବୁଢ଼ା ଜମିର ଖୁଣ୍ଟି ଘରକୁ ଯାଇଥିଲା; ଅଗତା ଫସଲ ମୁଣ୍ଡକୁ ସେମାନେ ସନ୍ଧ୍ୟାବେଳକୁ ଗୋଟିଏ ଗୁଡ଼ଳ ନେଇ ଆସିବେ ବୋଲି କହିଛନ୍ତି। ବୁଢ଼ା ଘରେ ହେଁସ ଖଣ୍ଡେ ପାରି ଶୋଇ ପଡ଼ିଲା, ମାଳଙ୍ଗ ପିଣ୍ଡାରେ ବସି ମଧ୍ୟାହ୍ନ ଅଦାଣକୁ ଚାହିଁ ରହିଲା।

ସାଆନ୍ତଙ୍କ ଭଡ଼ସର ଜମାଦାର ଆସି ଡାକିଲା।

ବୁଢ଼ା ଦାଣ୍ଡପିଣ୍ଡାକୁ ଗଲା।

ଜମାଦାର ସାଙ୍ଗରେ ଆସିଥିଲା ଦୁଇଜଣ ଭରୁଆ, ଭାରରେ ଗୁରଗୁର ଧାନ।

ବୁଢ଼ାକୁ କହିଲା, 'ସାନବାବୁ ପଠାଇଛନ୍ତି, ୪୦ ଗୋଟି ଧାନ ଆଉ ୧୦ଟା ଟଙ୍କା। ନିଅ'।

ବୁଢ଼ାର ନିସ୍ତେଜ ଆଖି ଦୁଇଟା ହିଂସ୍ରପଶୁର ଆଖି ପରି ଜଳି ଉଠି ପୁଣି ନିସ୍ତେଜ ହୋଇଗଲା। ସେ ବ୍ୟଙ୍ଗ ସ୍ୱରରେ କହିଲା, 'ତମର ସାନବାବୁ ଖୁବ୍ ଭଲ ଲୋକ। ତାଙ୍କର ଏ ଅନୁଗ୍ରହଟା କେବଳ ମୋ ଉପରେ ନା ଗାଆଁର ଆଉ ସମସ୍ତଙ୍କ ଉପରେ ?'

ଜମାଦାର ଚମକିଲା, କହିଲା, 'ହେ ବୁଢ଼ା'

ବୁଢ଼ା ସେ ଆଡ଼କୁ ଦୃଷ୍ଟି ନ ଦେଇ କହିଲା, 'ବଡ଼ ଲୋକ କି ନା, ଖିଆଲ ଯାହା ଇଚ୍ଛା ତାହା କରିପାରିବ! ଏ ବୁଢ଼ା ଏ ପର୍ଯ୍ୟନ୍ତ ଜୀଇଛି, ଏପର୍ଯ୍ୟନ୍ତ ଏହା ଶିରାରେ ରକ୍ତ ଅଛି।'

ଜମାଦାର କିଛି ବୁଝି ପାରିଲା ନାହିଁ।

ଉତ୍ତେଜିତ ନିଜ ଉତ୍ତେଜନାରେ ନିଜେ ସଚେତ ହୋଇ ଉଠିଲା। କିଛିକ୍ଷଣ ରହି କହିଲା, 'ଜମାଦାରେ, ଏସବୁ ଜିନିଷ ଫେରାଇ ନିଅ; ସାନବାବୁଙ୍କୁ କହିବ, ସେ ବଡ଼ଲୋକ; ଏହା ବୋଲି କଅଣ ସେ ତାଙ୍କର ଧାନ ଧନ ଦେଖାଇ ଗରିବଙ୍କୁ ଅପମାନ ଦେବେ ? ଆମେ ଗରିବ, ଆମେ ଖାଇବାକୁ ପାଉ ନା—ସତ, କିନ୍ତୁ ଆମେ ତ ଭିକାରି ନୋହୁ ଯେ ତାଙ୍କର ଦାନ ନେଇ ପେଟ ପୋଷିବୁ। ଗରିବଙ୍କୁ ଏପରି ଅପମାନ ଦେଲେ, ଗରିବ ତ ନିଃସହାୟ ସେ ସହିବ, ଧର୍ମ ସହିଲେ ହୁଏ।'

Digitized by srujanika@gmail.com

ଜମାଦାର ସ୍ତମ୍ଭୀଭୂତ ହୋଇ ଛିଡ଼ାହୋଇ କହିଲା, 'ତେବେ ତମେ ନେବ ନାହିଁ !'

ବୁଢ଼ା ଧୀରେ ଧୀରେ ପୁଣି କହିଲା, 'ତୁମେ ଜାଣ ନା ଜମାଦାରେ, ଛିଦ୍ର ବେଳେ କାହାର ହାତଟେକା ଦାନ ନିଏ !'

ମାଳତୀ ପିଣ୍ଡାରେ ବସି ଅକାଶକୁ ଚାହିଁ ଚାହିଁ ସବୁ ଶୁଣୁଥିଲା, ତାର ମନେ ହେଉଥିଲା, ଏ ପୃଥିବୀଟା ଯଦି ଶୂନ୍ୟରେ ମିଳାଇ ଆକାଶର ସେହି ନୀଳ ଶୂନ୍ୟତା ସହିତ ମିଶି ଯାଆନ୍ତା, ତେବେ ଭଲ ହୁଅନ୍ତା ।

ଜମାଦାର ବରୁଆମାନଙ୍କୁ ସାଙ୍ଗରେ ନେଇ ଫେରିଗଲା ।

ଜଗକେବ ବୁଢ଼ା ଘର ଭିତରୁ ଫେରିଲା, ତାର ମୁହଁ ଅଷାଢ଼ ଆକାଶ ପରି ଗମ୍ଭୀର ।

ମାଳତୀ ପାଖରେ ଛିଡ଼ା ହୋଇ ଗମ୍ଭୀର ସ୍ୱରରେ କହିଲା, 'ମାଳ, ବାଆନ୍ତ ଘର ବାଳବାବୁ ଯେଉଁ ଲୁଗା ଦେଇଥିଲେ ତତେ, କାହିଁ ?'

ମାଳତୀ ନିସ୍ତବ୍ଧ ହୋଇ ବସି ରହିଲା । ଚମ୍ପା ଯେ କାହିଁକି ତା ସହିତ ପାଖୋଇ ନ ଯାଏ, କେହି ଯେ କାହିଁକି ତା ସହିତ କଥା କହନ୍ତି ନାହିଁ, ବିଜୁଳି ଚମକ ପରି ତା ଆଖି ଆଗରେ ସେ ସବୁ ସ୍ପଷ୍ଟ ହୋଇଗଲା ।

ସେ ଧୀରେ ଧୀରେ ଉଠିଯାଇ ପେଡ଼ି ଭିତରୁ ଶାଢ଼ୀ ଦୁଇଖଣ୍ଡ ଆଣି ବୁଢ଼ା ଆଗରେ ଧରିଲା ।

ବୁଢ଼ାର ଆଖି ଦୁଇଟା ହିଂସ୍ର ଜନ୍ତୁ ପରି ପୁଣି ଜଳି ଉଠିଲା । ସେ କହିଲା, 'ତୁ କହି ନ ଥିଲୁ କାହିଁକି ? ସେ କେବେ ଆମ ଘରକୁ ଆସିଥିଲା ?'

ମାଳତୀ ବଜ୍ରାହତ ପରି ସ୍ତମ୍ଭିତ ହୋଇ ରହିଲା; ବୁଢ଼ା ମୁହଁର ଏଇ କଥାଗୁଡ଼ାକ ତୀର ପରି ତାର ଛାତିକୁ ଭେଦ କଲା । ସେ କିଛି କହି ପାରିଲା ନାହିଁ ।

ବୁଢ଼ା କ୍ଷୁଧାରେ, ଘୃଣାରେ, ଅପମାନରେ ଉନ୍ମତ୍ତ ପରି ହୋଇ-ଗଲା । ତାର ମୁଣ୍ଡ ଦୁଇ କଡ଼ର ଶିରା ଦୁଇଟା ଛିଡ଼ା ହୋଇ ରହିଲା ।

Digitized by srujanika@gmail.com

ସେ ଭଜି ନ ହୁଣ୍ଡ ଖପହରିଆ ଖଣ୍ଡ ଭିତରକୁ ଚାହିଁବ ପଡ଼ିଲା ସବୁ ।

ମାଳତୀ ସେଇଠାରେ କେତେବେଳ ଠିଆ ହୋଇ ରହିଲା । ତାର ବୁଢ଼ିଆବେଳେ ଘରଦ୍ୱାର, ରକ୍ତଘଟବନ୍ଧାକ ଧୂଆଁ ଭୁଲିଲେ; ମନେହେଲା, ତାର ମୁଣ୍ଡ ଭିତରେ ଯନ୍ତ୍ରଣାଜାଳର ସବୁଯାକ ଝଡ଼ ଏକାଠି ମିଶି ନାଚ ଲଗାଇ ଦେଇଛନ୍ତି ।

ତାର ଛିଡ଼ା ହେବାର କ୍ଷମତା ରହିଲା ନାହିଁ । ସେ ସେଇଠାରେ ବସି ପଡ଼ିଲା ।

ଦ୍ୱିପହରର ସୂର୍ଯ୍ୟ ପଶ୍ଚିମଆଡ଼କୁ ଅନେକ ଦୂର ଖସି ଯାଇଥିଲେ ସେ ଯେ କେତେବେଳ ସେହିପରି ବସିଥିଲା ତାର ମନେ ନାହିଁ ।

'ମାଳ !' ଦ୍ୱାର ପାଖରୁ ବୁଢ଼ା ଡାକିଲା ।

ନୂଆ ଶାଢ଼ୀ ଦୁଇଖଣ୍ଡ ସେତେବେଳଯାଏ ସେମିତି ପିଣ୍ଡାରେ ପଡ଼ିଥିଲା ।

ମାଳତୀ ବୁଢ଼ା ଆଡ଼କୁ ନିଃସହାୟ ଦୃଷ୍ଟିରେ ଚାହିଁ ପିନ୍ଧିଥିବା ଛିଣ୍ଡା ଲୁଗା କାନିରେ ଆଖି ପୋଛିଲା ।

ଦୋଷଏ

ବୈଶାଖର ଉତ୍ତପ୍ତ ମଧ୍ୟାହ୍ନରେ ଦକ୍ଷିଣା ବାୟୁର ଶୀତଳ ସ୍ପର୍ଶର ସୁଖ ପରି ସବୁ ଦୁଃଖ ଦୁର୍ଦ୍ଦଶା ଭିତରେ ମାଳତୀ ମନରେ ଜାଗି ରହିଲା ଗୋଟାଏ କଥା—ସାନବାବୁ ତାର ଏସବୁ ପାଇଁ ଦାୟୀ । ସାନବାବୁଙ୍କ ଯୋଗୁଁ ଗାଆଁର ସମସ୍ତେ ତା ମୁହଁକୁ ଚାହୁଁ ନାହାନ୍ତି, ସାନବାବୁଙ୍କ ଯୋଗୁଁ ତାର ବାପାର ମୁଣ୍ଡ ଅପବାଦରେ କଳଙ୍କ ହୋଇଛି, ସେହି ସାନବାବୁଙ୍କ ଯୋଗୁଁ ସେମାନଙ୍କ ଜୀବନ ଅଭିଶପ୍ତ ହୋଇ ପଡ଼ିଛି । ସେ ତ ତାଙ୍କ ସହିତ କେବେ କଥା କହି ନାହିଁ, ତାଙ୍କୁ କେବେ ପାଖରେ ପାଇନାହିଁ, ସ୍ୱପ୍ନରେ କୁହେଳି ଭିତରେ ମୁହୂର୍ତ୍ତିକ ପାଇଁ ଦେଖିଲା ପରି ସେଇ ସେଦିନ ନଈରୁ ଫେରିବାବେଳେ ଓଢ଼ଣାର

Digitized by srujanika@gmail.com

ଆବରଣ ଉହ୍ଲାଡ଼ରୁ ସେ ତାଙ୍କ ସେଥିକି ଦେଖିଛି ସେଇଠି; କିନ୍ତୁ ସେଇତକ ଦେଖିବାହିଁ ତା ପକ୍ଷରେ ଯଥେଷ୍ଟ, ସେହିତକହିଁ ଏ ଦୁଃଖଦୁର୍ଦ୍ଦଶା ଭିତରେ ତାର ସାନ୍ତ୍ୱନା, ସମାଜର ଏ ଅତ୍ୟାଚାର ଭିତରେ ଆଶା ଓ ଆଶ୍ୱାସନାର ସ୍ଥଳ ।

ଘରର ଅଖଣ୍ଡ ନିସ୍ତବ୍ଧ ଭିତରେ ସେ ତାଙ୍କର ସ୍ପର୍ଶ ପାଏ; ସାଇର ଲୋକେ ଯେତେବେଳେ ତା ଆଡ଼କୁ ହାସ୍ୟଭରା ଦୃଷ୍ଟିରେ ଚାହାନ୍ତି, ସେ ତାଙ୍କର ସାନ୍ନିଧ୍ୟ ଲାଭକରେ; ସବୁ ଅଭାବ ଅନାଟନ ଭିତରେ ଦେବତାର ଅବର୍ତ୍ତିତ ପଦ ଫୁଟିଉଠେ ସାନ ବାବୁର ଆଖି ଦୁଇଟି—ଅବଶ୍ୟ ସେ କେବେ ତାଙ୍କର ଆଖି ଦେଖିଛି ବା ଆଖିକୁ ଚୁହିଁଛି, ତାହାନୁହେଁ; ତାର କଳ୍ପନା ତା ମନ ଭିତରେ ଦୁଇଟି ଦୟା ଓ ପ୍ରେମପୂର୍ଣ୍ଣ ଆଖି ଦୁଇଟି ଗଢ଼ିଦିଏ । ତାର ସବୁ ଯନ୍ତ୍ରଣା ଆନନ୍ଦର ସ୍ପର୍ଶରେ ଆନନ୍ଦମୟ ହୋଇଯାଏ । ଦୁଃଖ ଭିତରେ ମାଲତୀ ତାଙ୍କୁ ପାଏ ବୋଲି, ସେ ତାର ମନପ୍ରାଣ ଦେଇ ତାଙ୍କୁ ଧରି ରଖିବାକୁ ଚାହେଁ ।

ଯେଉଁଦିନ ତାର ବାପା ସାନବାବୁଙ୍କ ପଠାଇଥିବା ଧାନ ଓ ଟଙ୍କା ଫେରାଇ ଦେଲା, ସେଦିନ ତା ଛୋଟ ଭିତରଟାରେ ଅଭିମାନ ଫୁଲି ଫୁଲି ଉଠିଲା । ଯେଉଁ କଥାଟା ଅନ୍ତରର ଗୋପନତମ ପ୍ରଦେଶରେ ରହିଥାଏ ଗୋପନୀୟ, ତାକୁ ସେ କାହିଁକି ଏପରି ଭାବରେ ପଦାରେ ପକାଇ ଦେଲା ? ଘରର ଗମ୍ଭୀର ଭିତରେ ଯେଉଁ ଦେବତାର ସିଂହାସନ ସ୍ଥାପିତ; ତାକୁ ବାହାରର ଧୂଳିରେ ପକାଇ ଦେବା ଠିକ କି ? ଯେଉଁ କଥାଟି ଅକୁହା ରହିବା ଠିକ ତାକୁ ସଙ୍ଗୀତର ମଧୁରତମ ସ୍ୱରରେ କହିଲେ ମଧ୍ୟ ତ ତାହା ଠିକ ରହେନାହିଁ; ଯେଉଁ ଛବିଟିର ମହିମା ଅଦେଖାରେହିଁ ପ୍ରକାଶ ପାଏ, ଦେବତାର ପୂଜା ଫୁଲରେ ସଜାଇ ତାକୁ ଦେଖିଲେ ମଧ୍ୟ ତାର ମହିମା ତ ରହେ ନାହିଁ । ପାଞ୍ଚ ଜଣଙ୍କ ଆଗରେ ପ୍ରକାଶିତ ହୋଇ ପଡ଼ିବାରୁ ମାଲତୀର ଯେଉଁ ବସ୍ତୁଟି ତାର ଖାସ ନିଜସ୍ୱର ଜିନିଷ, ତାର ଜାଗରଣର ସ୍ୱପ୍ନ, ସୁଷୁପ୍ତିର ସାଥୀ ହୋଇ

Digitized by srujanika@gmail.com

ଥିଲା, ଆଜି ତ ତାହା ରହିଲା ନାହିଁ । ମାଳତୀର ହୃଦୟ ଅଭିମାନରେ ଲୁଣ୍ଠିତ ହୋଇ ପଡ଼ିଲା ।

ସେ ଯେତିକି ଭାବିଲା, ତାର ଅଭିମାନ ସେତିକି ବଢ଼ିଗଲା । ସେ କାହିଁକି ତାଙ୍କ ଘରକୁ ଏ ଧାନ ଆଉ ଟଙ୍କା ପଠାଇଲେ ? ସେମାନେ ଗରିବ, ଏକଥାତ ତାଙ୍କୁ ଅଜଣା ନୁହେଁ; କିନ୍ତୁ ଗରିବ ବୋଲି ହାତ ଟେକା ଦାନ ଦେଇ ତାଙ୍କୁ ଅପମାନିତ କରିବା ଠିକ ! ସେମାନେ ତ କୌଣସି ଦିନ ସ୍ୱାର୍ଥପର ଭିକ୍ଷାଝୁଲି ଧରି ତାଙ୍କ ଦ୍ୱାର ପାଖରେ ପହଞ୍ଚି ନାହାନ୍ତି, ସେମାନେ କୌଣସି ଦିନତ ଗରିବ ବୋଲି ଭିକ୍ଷାରୂପେ କାହାରି ସାହାଯ୍ୟ ଗ୍ରହଣ କରି ନାହାନ୍ତି । ସେମାନେ ଉପାସ ରହୁଛନ୍ତି, ଛିଣ୍ଡା ପିନ୍ଧୁଛନ୍ତି , ଶତ ସହସ୍ର ଅଭାବର ତାଡ଼ନାରେ ବ୍ୟତିବ୍ୟସ୍ତ ହୋଇଛନ୍ତି; କିନ୍ତୁ କୌଣସି ଦିନତ କାହାରି ପାଖରେ ମୁଣ୍ଡ ନୁଆଁଇ ନାହାନ୍ତି । ଧନରେ ଯଦି ଗର୍ବ କରିବାର କିଛି ଥାଏ, ଦାରିଦ୍ର୍ୟରେ ଗର୍ବ କରିବାର କଅଣ କିଛି ନାହିଁ ? ଧନ ବାହ୍ୟ ପ୍ରକାଶରେ ସମ୍ମାନ ଥାଏ ବୋଲି ଦାରିଦ୍ର୍ୟର ଅନ୍ତର୍ନିହିତ ସଂଯମରେ କଅଣ କିଛି ସମ୍ମାନ ନାହିଁ ? ଧନୀର ଧନ ବିଷୟରେ ଅଭିମାନ ଥାଏ ବୋଲି, ଦରିଦ୍ରର ଦାରିଦ୍ର୍ୟରେ ନ୍ୟାଯ୍ୟସଙ୍ଗତ ଅଭିମାନ ରହିବା କଅଣ ଅନୁଚିତ ? ସେମାନେ ଗରିବ କିନ୍ତୁ ସେମାନେ ତ ମନୁଷ୍ୟ— ମନୁଷ୍ୟର ମନ, ମନୁଷ୍ୟର ଚିନ୍ତାଶକ୍ତି ତ ସେମାନଙ୍କର ଅଛି; ସେମାନେ ମଧ୍ୟ ମାନ ଅପମାନ ଅନୁଭବ କରି ପାରନ୍ତି ତ ! ସେମାନେ ଅନ୍ନର କାଙ୍ଗାଳ, ବସ୍ତ୍ରର କାଙ୍ଗାଳ ବୋଲି ମନର କାଙ୍ଗାଳତ ନୁହନ୍ତି ! ସେମାନେ ଦୁଃଖରେ ଥିଲେ ଭଲ; କିନ୍ତୁ ତାହାତ ଦେହର ଦୁଃଖ ପେଟର ଦୁଃଖ— ଆଉ ସେ ବିଷୟରେ ମନର ଦୁଃଖ; କିନ୍ତୁ ସେ ହାତଟେକା ଦାନ ପଠାଇ ଦେଇ ତାଙ୍କ ମନ ଉପରେ ଆଘାତ କଲେ କାହିଁକି ? ଦେହଟା ଆଖିକୁ ଦିଶେ ବୋଲି ସତ; ମନଟା ଦିଶେ ନାହିଁ ବୋଲି କଅଣ ତାର ଅସ୍ତିତ୍ୱ ନାହିଁ ? ମାଳତୀର ହୃଦୟରେ ଅଭିମାନର ଅଭିଯୋଗ ପୁଞ୍ଜିଭୂତ ହୋଇ ଉଠିଲା । ସେ ପ୍ରସ୍ତରମୂର୍ତ୍ତି ପରି ବସି ରହିଲା । ପଡ଼ି ରହିଲା ତାପାଖରେ ସାନବାବୁ ପଠାଇଥିବା ଶାଢ଼ୀ ଯୋଡ଼ାକ ।

Digitized by srujanika@gmail.com

ତାର ଭାବନାର ଅନ୍ତ ନାହିଁ; ନିଜ ସହିତ ନିଜେ ଯୁଦ୍ଧ କରି ଅତି ବିଷନ୍ନ ହୋଇ ସେ କ୍ଲାନ୍ତ ହୋଇ ପଡ଼ିଲା । ସେମିତି ଶୂନ୍ୟ ପଟକୁ ଚାହିଁ ବସି ରହିଲା ।

ଗୋଟାଏ ଅସ୍ୱସ୍ତି ଅସହ୍ୟ ଯାତନା ଜମିଗଲା ପରି ତାର ସାରା ଶରୀରରେ ମାଡ଼ି ଯିବାରେ ଲାଗିଲା । ସେ ଯେ ସାନବାବୁ ପ୍ରତି ନ୍ୟାୟ କରି ନାହିଁ, ତାଙ୍କ ପ୍ରତି ଅଭିମାନର ଅଭିଯୋଗକୁ ମନରେ ସ୍ଥାନ ଦେଇ ନିଜ ପ୍ରତି ଅନ୍ୟାୟ କରିଛି, ତାହା ସେ ଅନୁଭବ କଲା । ତାର ସମୁଦାୟ ଦୃଷ୍ଟିର ଭଙ୍ଗି ଫେରିଗଲା ଆଉ ଗୋଟାଏ ଦିଗକୁ, ଆଉ ଗୋଟାଏ ଚକ୍ରବାଳ ତାର ଦୃଷ୍ଟି ଆଗରେ ଜାଗି ଉଠିଲା । ସେ ଭାବିଲା, ସାନବାବୁ ତ ସେମାନଙ୍କୁ ଅପମାନିତ କରିନାହାନ୍ତି । ତାଙ୍କଠାରୁ ମାଳତୀର ବେଶୀ ମଙ୍ଗଳାକାଂକ୍ଷୀ କିଏ ଯେ, ସେ ମାଳତୀ ଓ ତାର ବାପାକୁ ଅପମାନିତ କରିବେ, ମନରେ କଷ୍ଟ ଦେବେ ? ନା, ତାହା ନୁହେଁ । ସିଏ ତ ସିଏ ସେମାନଙ୍କର ଖବର ବରାବର ରଖୁଛନ୍ତି, ସିଏ ତ ଅତି ଆପଣାର ଲୋକ ପରି ସେ ଆତ୍ମୀୟତାର ହାତ ବଢ଼ାଇ ଦେଇଥିଲେ ମାଳତୀ ଆଡ଼କୁ; ସିଏ ତ ସେମାନଙ୍କ ପ୍ରତି ଅସୀମ ସହାନୁଭୂତିରେ ତାଙ୍କ ହୃଦୟ ପୂର୍ଣ୍ଣ; ସିଏ ତ ଆତ୍ମୀୟତାର ଅଧିକାରରେ ସେ ସବୁ ତାଙ୍କ ପାଖକୁ ପଠାଇ ଥିଲେ । ତାଙ୍କର କଅଣ ସେ ଅଧିକାର ନାହିଁ ? ମାଳତୀ କଅଣ ତାଙ୍କୁ ସେ ଅଧିକାରରୁ ବଞ୍ଚିତ କରିବାକୁ ଚାହେଁ? — ତାର ଅନ୍ତରାତ୍ମା ଚିତ୍କାର କରି ଉଠିଲା — ନା, ନା !

ମାଳତୀ ଭାବୁଛି; ଅତି ଅସ୍ଥିର ତାର ଭାବନା; କିନ୍ତୁ ତାର ଅଭିମୁଖ୍ୟ ତ ସେଇ ଗୋଟାଏ ଦିଗରେ । ସେ ଶତବାର, ସହସ୍ର ବାର ନିଜକୁ କହୁଛି, ହଁ, ସାନବାବୁ ତାର ଆତ୍ମୀୟ, ନିକଟ ଆତ୍ମୀୟ; ହୃଦୟର ପ୍ରତି ସ୍ତର, ଜୀବନର ପ୍ରତି ମୁହୂର୍ତ୍ତକୁ ଯେ ଅଭିଭୂତ କରି ରଖିଛି, ସେ ଆତ୍ମୀୟ ନୁହେଁ ତ ଆତ୍ମୀୟ କିଏ; ସେ ଆପଣାର ନୁହେଁ ତ ଆପଣାର କିଏ ? ନା, ସେ ତାଙ୍କ ପ୍ରତି ଅନ୍ୟାୟ କରିଛି — ଘୋର

Digitized by srujanika@gmail.com

ଅନ୍ୟାୟ; ଜୀବନରେ ହୁଏତ ମରଣରେ ମଧ୍ୟ ଏ ଅନ୍ୟାୟର ଶେଷ ନାହିଁ ।

ଫେର ଭାବିଲା, ଲୋକେ କଅଣ ଏଡ଼ା ତାକୁହିଁ ବ୍ୟଙ୍ଗ ବିଦ୍ରୂପ-ପୂର୍ଣ୍ଣ ଦୃଷ୍ଟିରେ ଚାହୁଁଛନ୍ତି ? ଏଡ଼ା କଅଣ ତାକୁ ଘୃଣାଦୃଷ୍ଟିରେ ଦେଖୁ-ଛନ୍ତି ? ଏଥିରେ କଅଣ ତାଙ୍କର କିଛି ଯାଉ ନାହିଁ ? ଏଥିରେ କଅଣ ତାଙ୍କ ମନରେ ଆଘାତ ହେଉ ନାହିଁ, ସେ ଦୁଃଖ ଅନୁଭବ କରୁ ନାହାନ୍ତି ? ସେ ଯେତିକି ଭାବିଲା, ତାର ଅନ୍ତରାତ୍ମା ସେତିକି ହାହାକାର କରି ଉଠିଲା । ସେତ ବଡ଼ଲୋକର ପିଲା; ମାଳତୀ ତ ତାଙ୍କର ପୋଇଲୀ-ପତ୍ନୀ ହେବାର ଉପଯୁକ୍ତ ନୁହେଁ; ତଥାପି ତାହାରି ଯୋଗୁଁ ତାଙ୍କୁ ତ ସବୁ ସହିବାକୁ ପଡ଼ୁଛି: ତାହାରି ଯୋଗୁଁ ତ ତାଙ୍କର ମୁଣ୍ଡ ତଳକୁ ନୋଇଁ ପଡ଼ିଛି । ମାଳତୀର ଅନ୍ତରର ଅନନ୍ତ ସହାନୁଭୂତି ପ୍ରଦୋଷ ଉଦ୍ଦେଶ୍ୟରେ ଅମୃତଧାରା ବର୍ଷଣ କରିଗଲା ।

ପୁଣି ତାର ଆଖିଆଗେ ଖେଳି ବୁଲିଲା ଅନନ୍ତ ମଳୟ, ପୁଣି ତାର ଆଖିଆଗେ ଫିଟିଗଲା ସୁନେଲୀ ସ୍ୱପ୍ନର ଅସରନ୍ତି ଭରା, ପୁଣି ତା ଦୃଷ୍ଟିରେ ସୁଅଗୀତ ନୂତନ ସୃଷ୍ଟିରେ ବସନ୍ତିତ ହୋଇ ଉଠିଲା । ସେ ଭୁଲିଗଲା ତାର କ୍ଷୁଧା, ତାର ଅପମାନ, ତାର ବର୍ତ୍ତମାନ, ଅତୀତ ଓ ଭବିଷ୍ୟତ କଳ୍ପନାର ଅସୀମ ରାଜ୍ୟରେ ନିଜର ଅସ୍ତିତ୍ୱକୁ ହଜାଇ ଦେଇ ସେ ବସି ରହିଲା ।

ଉଗ୍ରସେନ ବୁଢ଼ା ଯେତେବେଳେ ଚୈତ୍ରର ଜଳନ୍ତ ଛାୟା-ହୀନ ଖରା ଭିତରେ ବୁଲି ବୁଲି ନିଜ ଅଦୃଷ୍ଟ ଯୁଦ୍ଧ କରୁଥିଲା; ତାର ଝିଅ ମାଳତୀ କଦାପି ତାର ମୁଣ୍ଡ ତଳକୁ କରିବାରେ ନା ବୋଲି ଯେତେବେଳେ ତାର ବିଶ୍ୱାସକୁ ଦୃଢ଼କରିବା ପାଇଁ ସବୁ ସପକ୍ଷ ଯୁକ୍ତି ବାଛି ନେଉଥିଲା; ଏସବୁ ଗ୍ରାମବାସୀଙ୍କ ଚକ୍ରାନ୍ତ ବୋଲି ଯେତେ-ବେଳେ ସେ ସ୍ଥିର କରୁଥିଲା, ସେତେବେଳେ ମାଳତୀ ନିଜର ସ୍ୱପ୍ନରେ ନିଜେ ବିଭୋର ହୋଇ ରହୁଥିଲା । ସାଆନ୍ତ ଘର ସାନବାବୁ ବିଷୟ ସେ ବେଶୀ ଜାଣି ନଥିଲା; କିନ୍ତୁ ତାଙ୍କର ଅନ୍ତର କଅଣ ଯେ ବୁଢ଼ାଟାର ଖଟାଖଟି ଉପରେ ସେ ବୁଝିବ ପାହାର ଦେବେ ?

Digitized by srujanika@gmail.com

ନା, ନା, ଏସବୁ ମିଛ, ଏସବୁ ପଦନ ମିଶ୍ରର ଭାବସାଦ, ଏସବୁ ଗ୍ରାମବାସୀଙ୍କର ଦୁର୍ବୁଦ୍ଧି ।

ହଠାତ୍ ତାର ମନେ ପଡ଼ିଲା ତାର ଝିଅଟା । ଏତେବେଳ ଯାଏ ଅବ୍ୟକ୍ତ ରହିଛି; ସେ ତା ମନରେ ଆଘାତ ଦେଇ ଆସିଛି । ହୁଏ ତ ଭୋକିଲା ପେଟରେ ସେ ସେଠୁ ପିଣ୍ଡାରେ ପଡ଼ି କାନ୍ଦୁଥିବ; ହୁଏତ ସେ ପେଟର ଭୋକ ମନର ଦୁଃଖରେ ଭୁଲି ଯାଉଥିବ ! ଏପରି କେହି ନାହିଁ ଯେ, ତାର ଲୁହ ପୋଛିଦେବ, ତାକୁ ସାନ୍ତ୍ୱନା ଦେବ ।

ବୁଢ଼ା ଫେରିଲା ।

ଦ୍ୱାରମୁହଁରେ ସ୍ନେହ ସହାନୁଭୂତି-ବୋଳା ସ୍ୱରରେ ସେ ଡାକିଲା —'ମାଳ ।' ସ୍ୱପ୍ନୋତ୍‌ଥିତାପରି ମାଳତୀ ତା ଆଡ଼କୁ ଚାହିଁଲା ।

ଏକୋଇଶ

କୃଷ୍ଣକାନ୍ତଙ୍କ ଗ୍ରାମରେ ଚନ୍ଦନ ଉତ୍ସବ । ମାରବାଡ଼ିଙ୍କ ଘରେ କୀର୍ତ୍ତନ ଲାଗିଛି—ତା ସାଙ୍ଗେ ସାଙ୍ଗେ ଲାଗିଛି ପାଖରେ କାଣ୍ଟିଘେରା ହୋଇ ତିଆରି ହୋଇଥିବା ପୋଖରୀ ଘରେ ନରବଳିକ୍ଷିନ୍ନ ପ୍ରୋଷେଇ । ଗୋଟାଏ ନଡ଼ାଇଁଘୋଡ଼ିର ଡଙ୍ଗାପଟକୁ ଫୁଲ ପତ୍ର, ପତାକା ଆଦିରେ ସଜ୍ଜିତ କରି ରଖାଯାଇଛି । କୀର୍ତ୍ତନବାଲାମାନେ ଗାଉଛନ୍ତି ଆଉ ସେ ଘଣ୍ଟ ଘର ପାଖରେ ଲୁଇଲୁଇ ପ୍ରଚଣ୍ଡ ଝଙ୍କାର ଧ୍ୱନି ସହିତ ଝାଞ୍ଜ ମୃଦଙ୍ଗ ପିଟୁଛନ୍ତି । କି ଧନ କି ସ୍ୱର କି ସଙ୍ଗୀତ କି ପ୍ରଞ୍ଜ ଏକ ବ୍ୟାପାର ଚାଲିଛି ।

କୃଷ୍ଣକାନ୍ତର ଗାଁକୁ ଆସିଛନ୍ତି, ସେ ଏ ଚନ୍ଦନ ଉତ୍ସବର ମହତ୍ତ୍ୱ ଆସନ ମାଡ଼ି ବସିଛନ୍ତି କହିଲେ ଚଳେ । ତାଙ୍କର ଭିତର—ଏ ଉତ୍ସବରେ କପାଳ ସହିତ ପେଟ ଛାତି ଓ ବାହୁ ଯୁଗଳକୁ ମଧ୍ୟ ଅଳଙ୍କୃତ କରିଛି; ବେକରେ କୁକୁରପଣ୍ଡିଆ ମାଳା ଛଡ଼ି ବୋର ଲୁଗା ଘେରରେ ପରିଣତ ହୋଇଛି । ସେ ବେଳେବେଳେ ଦୁଇବାହୁ ଟେକି ସ୍ୱରଭଙ୍ଗହୁତ ସ୍ୱରରେ ଶବ୍ଦାର କରି ଗାଇଁକ ସଙ୍ଗେ ସଙ୍ଗେ

Digitized by srujanika@gmail.com

ବୁଲୁଛନ୍ତି, କେତେବେଳେ ସେହି ଘରେ ଚକ୍ଷୁ ବୁଜୁଛନ୍ତି, କେତେ-ବେଳେ ଆଗନ୍ତୁକ କୀର୍ତ୍ତନଦଳସହିତ କଥାବାର୍ତ୍ତା ହେଉଛନ୍ତି । ଏପରି ଅଖଣ୍ଡ ଶାନ୍ତି ଓ ଉତ୍ତେଜନା,ଉତ୍ତେଜନା ଆଉ ଶାନ୍ତିର ହୈହୈ ରୈରୈ ବ୍ୟାପାରରେ ସେ ଗାଁର ଲୋକ ମାତି ଉଠିଛନ୍ତି; କୃଷ୍ଣକିଙ୍କରଙ୍କ ଶିଷ୍ୟ ଭକ୍ତଙ୍କର ଜଣେ ଓକିଲଙ୍କୁ ପାଇ ସେମାନଙ୍କ ଉତ୍ସାହ ଦ୍ୱିଗୁଣ ବଢି ଯାଇଛି । ଏ ଚଣ୍ଡୀମଣ୍ଡପ କଥା ଏପରି ଭାବରେ ପ୍ରଚାରିତ ହୋଇପଡିଛି ଯେ, ଦୂରକୋଣ ଅଞ୍ଚଳର ଭକ୍ତମାନେ । ନୈଷ୍ଠିକ, ଉତ୍ସବପ୍ରିୟ ଲୋକେ କେହି ବା କୀର୍ତ୍ତନଶ୍ରବଣ କେହି ବା ପ୍ରସାଦ ସେବନ ଲୋଭରେ ଆକୃଷ୍ଟ ହୋଇ ସେଠାରେ ଉପସ୍ଥିତ ହେଉଛନ୍ତି, ସେ ଗାଁର ଲୋକେ ଗର୍ବର ସହିତ ଓକିଲ ବାବୁଙ୍କୁ ଦେଖାଇ କହୁଛନ୍ତି, 'ଗତ ଆଠ ପ୍ରହର ଭିତରେ ତାଙ୍କ ଠାରେ ତିନିବାର 'ଆବେଶ ହୋଇ ଗଲାଣି'—ଅର୍ଥାତ୍ କୀର୍ତ୍ତନ ଭିତରେ ସେ ତିନିଥର ମୂର୍ଚ୍ଛିତ ହୋଇ ପଡିଲେଣି । ଆଗନ୍ତୁକ ଲୋକେ ଓକିଲଙ୍କ ଧାର୍ମିକତାରେ ଏ ଅବ୍ୟର୍ଥ ପ୍ରମାଣ ପାଇଁ ଧନ୍ୟ ଧନ୍ୟ କରୁଛନ୍ତି । ଆଉ କୃଷ୍ଣକିଙ୍କର ଠିକ ବୁଝି ପାରୁଛି, ଏହା ପରୋକ୍ଷରେ ତାଙ୍କର ବ୍ୟବସାୟର ଚମତ୍କାର ବିଜ୍ଞାପନ ହେଉଛି, ତାଙ୍କ ମହକେଲ ସଂଖ୍ୟା ବଢୁଛନ୍ତି । 'ଜୟ ଶ୍ରୀକୃଷ୍ଣ ଚୈତନ୍ୟ ପ୍ରଭୁ ନିତ୍ୟାନନ୍ଦ !'

ପ୍ରଦୋଷର ଗାଁ ନିକଟରେ ତ କୃଷ୍ଣକିଙ୍କରଙ୍କର ଗ୍ରାମ—ମଝିରେ ଅଧ ମାଇଲ ବାଟର ବ୍ୟବଧାନ । ରାତି ବାରଟା ହେବ, ଚାରିଆଡ଼ ନୀରବ ନିସ୍ତବ୍ଧ; ଉପର ମହଲରେ ଥିବା ତାର ଶୋଇବା ଘରେ ବିଛଣାରେ ବସିରହି ସ୍କିମ୍‌କୁ ଭିନ୍ନ ଭିନ୍ନ ଦିଗ ଆଲୋଚନା କରୁଥିଲା, ଆଉ ବୁଝୁଥିଲା ଯୁଦ୍ଧପରେ ଇଂଲଣ୍ଡକୁ ଅବଶ୍ୟମ୍ଭାବୀ ସାମ୍ୟ-ବାଦ ମୁଖରୁ ରକ୍ଷାକରିବା ପାଇଁ ପୁଞ୍ଜିବାଦୀମାନେ କିପରି କୁଟ ବ୍ୟବସ୍ଥା କରି ପାରନ୍ତି । ଏ ସ୍କିମ୍‌ର ଅର୍ଥନୈତିକ ମାରପେଞ୍ଚ ଦେହରେ କସରତ କରିବା ପରେ ସେ ଉଠି ଦୁଇ ଶୋଇବାର ଚେଷ୍ଟାକଲା । ସେତେ-ବେଳେ ଚଣ୍ଡୀମଣ୍ଡପଠାରେ ଖୁବ୍ ଉଦ୍ଦଣ୍ଡ କୀର୍ତ୍ତନ । ସେଠାରୁ ଏପରି ଶବ୍ଦ ପବନରୁ ତରଙ୍ଗକୁ ସଞ୍ଚାରିତ ହେଉଥିଲା ଯେ, ପ୍ରଦୋଷର

Digitized by srujanika@gmail.com

ମନେହେଲା, କେଉଁଠାରେ ବୋଧହୁଏ ଘର ପୋଡ଼ିଯାଉଛି । ଝରକାକୁ ଦୃଷ୍ଟି ଦେଇ ଦେଖିଲା ଦୂରରେ ଦୁଇ ତିନିଟା ଆଲୁଅ ଦେଖା ଯାଉଛି । ଆଉ ଯାହା କିଛି ହେଉ ଏହା ଘରପୋଡ଼ା ନୁହେଁ ବୋଲି ସେ ସ୍ଥିର କରି ଶୋଇବାର ଚେଷ୍ଟାକଲା; କିନ୍ତୁ ଏ ଶଙ୍ଖ-ନାଦ ଏପରି ଭାବରେ ତାର ମସ୍ତିଷ୍କକୁ ଆକ୍ରମଣ କରିବାରେ ଲାଗିଲା ଯେ, ସୁପ୍ତି ଓ ଜାଗରଣ ଭିତରେ ଦ୍ୱନ୍ଦ୍ୱ ଯୁଦ୍ଧ ଲାଗିଗଲା । ପ୍ରଦୋଷ କିଂକର୍ତ୍ତବ୍ୟ ହୋଇ ତାରି ଭିତରେ ପଡ଼ି ରହିଲା ।

ସକାଳେ ସେ ତରୁଣ ପ୍ରହରୀ କଥା ସଙ୍ଗେ ସଙ୍ଗେ କୃଷ୍ଣଚନ୍ଦ୍ରଙ୍କ ନିଜ ଗ୍ରାମକୁ ଆଗମନବାର୍ତ୍ତା ଶୁଣିଥିଲା । ତରୁଣ ପ୍ରହରୀ ଭିତରେ ତାଙ୍କର ଅନୁନୟ ଦର୍ଶନ ଓ ତାଙ୍କ ସହିତ ବାକ୍ୟାଳାପ କରିବା ଲୋଭ ସେ ସମ୍ବରଣ କରି ପାରିଲା ନାହିଁ । ବେଣୁ ଶଙ୍ଖ କମିବା ସଙ୍ଗେ ସଙ୍ଗେ ସେ ବାଡ଼ି ଖଣ୍ଡେ ହାତରେ ନେଇ କୃଷ୍ଣଚନ୍ଦ୍ରଙ୍କ ଗ୍ରାମ ଅଡ଼କୁ ବୁଲି ବାହାରିଲା ।

ଅଦମ୍ୟ କାହିଁକି ଲୁଚିଛି । ସାଙ୍ଗୋପାଙ୍ଗପରିବୃତ୍ତ ହୋଇ କୃଷ୍ଣଚନ୍ଦ୍ରଙ୍କର ଖଣ୍ଡେ ସତରଞ୍ଜି ଉପରେ ଜହରର ସର୍ବଶ୍ରେଷ୍ଠ ମନୁଷ୍ୟ ରୂପେ ବିରାଜିତ ହୋଇଛନ୍ତି; ପ୍ରଦୋଷ ଯାଇ ପହଞ୍ଚିଗଲା । ସେ ଗାଁର ମୁଖିଆ ଲୋକ କେତେଜଣ ସାନଦାକୁ ଆସିଛନ୍ତି ବୋଲି ବ୍ୟସ୍ତ ହୋଇ ପଡ଼ିଲେ । ସେ ସେମାନଙ୍କର ଜମିଦାର । ସେ ଯେତେବେଳେ ଆସିଛନ୍ତି, ତାଙ୍କୁ ଯଥାଯୋଗ୍ୟ ଅଭ୍ୟର୍ଥନା କରିବାକୁ ହେବ । ଦଣ୍ଡବତ ଓ ଅଭ୍ୟର୍ଥନାର ଗୋଟାଏ ଜୁଆର ଉଠିଗଲା । କୃଷ୍ଣଚନ୍ଦ୍ରର ମନେକଲା ପ୍ରଦୋଷ ନିକଟରେ ସେ ଋଣୀ ହୋଇ ପଡ଼ିଛି—ମନେ ମନେ ବିରକ୍ତ ହେଲା; କିନ୍ତୁ ବିରକ୍ତି ପ୍ରକାଶ କରିବାର ଉପାୟ ନାହିଁ —'ଆସନ୍ତୁ ଆସନ୍ତୁ', ବୋଲି ଅଭ୍ୟର୍ଥନା କଲା । ପୁଣି ଜୋରରେ ସାହିନ ଖୁଲିଲା ।

ତରୁଣ ଯୁବକର ପ୍ରଥମରେ ପ୍ରଦୋଷର କପାଳରେ ଚନ୍ଦନ ବୋଳି ଫୁଲମାଳ ଦେବାପାଇଁ ଯେତେବେଳେ ଜଣେ ଲୋକ ଆସେ ସେତେବେଳେ ସେ କହିଲା, 'କୃଷ୍ଣଚନ୍ଦ୍ରବାବୁଙ୍କୁ ପରିଚିତ ?'

Digitized by srujanika@gmail.com

ଲୋକଟା ବୋକା ପରି ତାଙ୍କୁ ଚାହିଁ ରହିଲା ।

କୃଷ୍ଣଚନ୍ଦ୍ରଙ୍କର ମନେ ହେଲା, ଏ ବୋଧହୁଏ ମଦ ପିଇଛି । କଂକର ସେ ଦିନର ଘଟଣା ପରେ ପ୍ରଦୋଷ ଯେ ଚବିଶ ଘଣ୍ଟା ମଦ୍ୟରେ ବୁଡ଼ି ରହୁଥାଏ ବୋଲି ଗୋଟାଏ ଧାରଣା ତାଙ୍କ ମନରେ ହୋଇଯାଇଥିଲା ।

ପ୍ରଦୋଷ ତାଙ୍କୁ କହିଲା, 'ଆସନ୍ତୁ ଟିକିଏ କଥାବାର୍ତ୍ତା ହେବା; ମୁଁ କୀର୍ତ୍ତନ ଦେଖିବାକୁ ଆସିନାହିଁ, ଆପଣଙ୍କ ସହିତ ଟିକିଏ କଥାବାର୍ତ୍ତା ହେବାକୁ ଆସିଛି ।'

କୃଷ୍ଣଚନ୍ଦ୍ରଙ୍କର ମନେ ହେଲା ଏ ଏକ ଆପଦ; ଖୋଦ୍ ଜମିଦାରଙ୍କ ସହିତ ବନ୍ଧୁ ଭାବରେ ଆଳାପ କରିବାରେ ତ ପଲ୍ଲୀର ଲୋକଙ୍କ ଦୃଷ୍ଟିରେ କମ୍ ଗୌରବର କଥା ନୁହେଁ ! ସେ ଦୁହେଁ ସାମନାରେ ଥିବା ଗୋଟାଏ ଚଉତରା ଉପରେ ଯାଇ ବସିଲେ ।

ପ୍ରଦୋଷ କହିଲା, 'ଏଇ ଯେଉଁ ବ୍ୟାପାର ଲାଗିଛି, ଏହାର ଅର୍ଥଟା କଅଣ କହନ୍ତୁ ତ । ଏତେ ପରିଶ୍ରମ, ଏତେ ଶକ୍ତି ମିଛରେ ବ୍ୟୟ କରି ଲାଭ କଅଣ ? ଅର୍ଥର କଥା ମୁଁ ବାଦ୍ ଦେଲି ।'

କୃଷ୍ଣଚନ୍ଦ୍ରଙ୍କର ଧାରଣା ହେଲା, ନିଶ୍ଚୟ ଏ ମଦ ପିଇଛି । ସଂକ୍ଷେପରେ କହିଲା, 'ଧର୍ମ !'

—'ଝାଞ୍ଜ ମୃଦଙ୍ଗ ବଜାଇ ଚିତ୍କାର କଲେ ଧର୍ମ ।'

କୃଷ୍ଣଚନ୍ଦ୍ରଙ୍କର ବିରକ୍ତ ହୋଇ ଉଠିଲେ, 'ଚିତ୍କାର ନୁହେଁ— ନାମ କୀର୍ତ୍ତନ ।'

—'ନାମ କୀର୍ତ୍ତନ ବା ଗୁଣକୀର୍ତ୍ତନ ଯାହାହେଉ, ଏଥିରେ କି ଲାଭ ଅଛି ? ଏଥିରେ କାହାର କି ଉପକାର ହେବ ? ଚବିଶ ପ୍ରହର ଧରି ଚବିଶ ବର୍ଷ ନିରବଚ୍ଛିନ୍ନ ଭାବରେ ନାମ କୀର୍ତ୍ତନ କଲେ ଗୋଟାଏ କଣ ମଧ୍ୟ ଅର୍ଜି ପାରିବ ନାହିଁ ।'

କୃଷ୍ଣଚନ୍ଦ୍ରଙ୍କର ବଡ଼ ସଙ୍କଟରେ ପଡ଼ିଲେ । ସେ ଏ ଉତ୍ସବର ମହନ୍ତରୂପେ ନିଜକୁ ଧରି ନେଇଛି । ଏହି ନାସ୍ତିକ ଲୋକଟାକୁ ଯଦି ଏହାର କାରଣ କିଛି ବୁଝାଇ ନ ପାରେ ତେବେ ତାର ମହନ୍ତପଣ

Digitized by srujanika@gmail.com

ବୃଥା; କିନ୍ତୁ ଏହାର ସେ କି ଉତ୍ତର ଦେବ ? କଥା ପଡ଼ାଇଲା, ଅର୍ଥାତ୍ —ତେବେ ଏ ସବୁର ବ୍ୟବସ୍ଥା ଅଛି କାହିଁକି ?

—'ମୁଁ ଠିକ୍ ସେଇ କଥାହିଁ ପଚାରୁଛି । ଏସବୁର ବ୍ୟବସ୍ଥା ଅଛି କାହିଁକି ? କୃଷ୍ଣଚନ୍ଦ୍ରଙ୍କୁ କିଛି ଉତ୍ତର ମିଳିଲା ନାହିଁ; କହିଲା, 'ଆପଣ ବୁଝି ପାରୁ ନାହାନ୍ତି ।'

ପ୍ରଦୋଷ ହସି ହସି କହିଲା, 'ଠିକ୍, ମୁଁ ବୁଝିପାରୁ ନାହିଁ ।'

କୃଷ୍ଣଚନ୍ଦ୍ର ଆରମ୍ଭ କଲା, 'ଧର୍ମ ଶାସ୍ତ୍ର……… ।'

—'ଦେଖନ୍ତୁ ଧର୍ମଶାସ୍ତ୍ର ମୁଁ ପଢ଼ିନାହିଁ; ନିଜ ଶକ୍ତିର ବୁଦ୍ଧିରେ ଯାହା ଠିକ୍ ନ ହେବ ଧର୍ମଶାସ୍ତ୍ର ଯାଜ୍ଞ ବେଦ କହିଲେ ମଧ୍ୟ ମନୁଷ୍ୟ ହିସାବରେ ତାହା ମୁଁ ମାନିବାକୁ ରାଜି ନୁହେଁ । ସେପରି କଲେ ମନୁଷ୍ୟର ମନୁଷ୍ୟତା ପ୍ରତି, ମନୁଷ୍ୟର ବୁଦ୍ଧିବୃତ୍ତି ପ୍ରତି ଅପମାନ କରାଯିବ । ମୁଁ ଗୋଟାଏ କଥା କହୁଛି, ଧର ଦେଖନ୍ତୁ କି—ଧରନ୍ତୁ, ଏଇ ଯେତେ ଲୋକ ଅନ୍ଧାରରେ ସେ ଛୁଆଟା ଶବ ପାଖରେ ବୋଲିଲା ଶବ ପାଖର ନଡ଼ିଆ ପତ୍ର ଘୁଅ ବୁଲୁଛନ୍ତି, ସେମାନେ ସେ ଭଜ ଚକ୍ରାର କରିବା ସଙ୍ଗେ ସଙ୍ଗେ ଯଦି ଅଦୃଶ୍ୟ ଏଥି ତିନି ଦିନ ସତ୍ତା କାଟନ୍ତେ, ତେବେ ଧାନ ପଇସାରେ ଅନ୍ତତଃ ଦଶ ଜଣ ଗରିବ ଲୋକ ବର୍ଷକର ଲୁଗା ପାଆନ୍ତା କି ? କିମ୍ବା ମୁହୂର୍ତ୍ତରେ ଜାଳିନ ଯାଇବା ସଙ୍ଗେ ସଙ୍ଗେ ସେମାନେ ଯଦି ଗାଆଁର ସେଇ ଭଙ୍ଗା ଚାଳଟାରେ ଛୋଟେଇ ଲେଖା ମାଟି ପଚାନ୍ତେ, ତେବେ ଅନ୍ତତଃ ଶହେ ଭରଣ ଧାନ ବଢ଼ି ମୁହଁକୁ ରକ୍ଷା ପାଆନ୍ତା । ଶହେ ଜଣ ଲୋକର ବର୍ଷକର ଅନ୍ନର ଯୁଟନ୍ତା ନାହିଁକି ? ମୁଁ ଏଇ ଭାବରେ ପ୍ରଶ୍ନଟା ପଚାରୁଛି । ମୋର ଆପତ୍ତି ହେଉଛି, ଏତେ ଗୁଡ଼ାଏ ମାନବ ଶକ୍ତି—human energyକୁ ବୃଥାରେ ଖରଚ କରିବା ଉଚିତ କି ?'

କୃଷ୍ଣଚନ୍ଦ୍ରର ବୈଷ୍ଣବ ମସ୍ତିଷ୍କରେ ପ୍ରଶ୍ନଟା ଏହିପରି ଭାବରେ କେବେ ପ୍ରବେଶ କରି ନଥିଲା । ସେ କିଛି ଉତ୍ତର ଦେଇ ନ ପାରି କହିଲା, 'ଏ ଗୁଡ଼ା ପାର୍ଥିବ କଥା ।'

—'ଠିକ୍ । ମନୁଷ୍ୟ ବି ତ ପାର୍ଥିବ ଜୀବ ।'

Digitized by srujanika@gmail.com

ଏହି ସମୟରେ କୃଷ୍ଣଚନ୍ଦ୍ରଙ୍କର ଘର ଚାକର ଟୋକା ଆସି ଡାକିଲା, 'ଆପଣଙ୍କୁ ସାଆନ୍ତାଣୀ ଡାକୁଛନ୍ତି ।'

କୃଷ୍ଣଚନ୍ଦ୍ରଙ୍କର ଆଗ୍ରହର ସହିତ କହି ଉଠିଲା, 'ମତେ ?'

ଚାକର ଟୋକା କହିଲା, 'ଜମିଦାର ବାବୁଙ୍କୁ ସାଆନ୍ତାଣୀ ଡାକି ଦେବାକୁ କହିଲେ ।'

ହୈମବତୀ ଦୂରରୁ ପ୍ରଦୋଷକୁ ଦେଖିଥିଲା ।

ଚାକର ଟୋକାର କଥାରେ କୃଷ୍ଣଚନ୍ଦ୍ରଙ୍କର ଭ୍ରୂ କୁଞ୍ଚିତ ହୋଇଗଲା । ହେବା କଥା ମଧ୍ୟ । ଇଞ୍ଜିନ ପଛରେ ରେଲଗାଡ଼ି ଯେପରି ଟାଣି ହୋଇ ଆସେ, ହୈମବତୀ ପଛେ ପଛେ ସେ ସେହିପରି ଟାଣି ହୋଇ ଆସିଛନ୍ତି ଗାଁ ପର୍ଯ୍ୟନ୍ତ । ସେ ଦିନ ରାତିସାରୁ ଫେରି ସେ ଦେଖେ, ହୈମବତୀ ଗାଁକୁ ଯିବା ପାଇଁ ସବୁ ଠିକ କରି ବାହାରି ବସିଛି । କୌଣସି ଦିନ ସ୍ତ୍ରୀକୁ କିଛି ପଚାରି କୃଷ୍ଣଚନ୍ଦ୍ରଙ୍କର ନିଷ୍କୃତି ପାଏ ନାହିଁ; ତେଣୁ ତାଙ୍କୁ ପ୍ରଶ୍ନ କରିବା ସାହସ ମଧ୍ୟ ଅନେକ ଦିନ ହେଲା କୃଷ୍ଣଚନ୍ଦ୍ରଙ୍କରଠାରୁ ଲୁପ୍ତ ହୋଇଛି । ସେ ଅନୁମାନରେ ବୁଝିଲା, କେବଳ ଚାକର ଟୋକାହିଁ ତାଙ୍କ ସାଙ୍ଗରେ ଯିବାର ବ୍ୟବସ୍ଥା ହୈମବତୀ କରିଛି । ୍

ଟୋଟ ରୋଗୀମ ଫିଟାଇ ଫିଟାଇ କୃଷ୍ଣଚନ୍ଦ୍ରଙ୍କର ନିଜ ମନକୁ ମନ କହିଲା, 'ଆଜିକାଲି ରେଳରେ ଯେପରି ମିଳିଟାରି ଭିଡ଼, ସେଥିରେ ସ୍ତ୍ରୀଲୋକମାନଙ୍କ ଯିବା ମୁସ୍କିଲ—ହଁ ଏକଦମ, ମୁସ୍କିଲ । ମୋତେ ଯିବାକୁ ପଡ଼ିଲା—ଗାଁକୁ ଯାଏ । ହଁ, ସବୁ କୃଷ୍ଣଚୈତନ୍ୟଙ୍କ ଇଚ୍ଛା ।'

କଚେରୀ ବନ୍ଦ ହେବାରୁ ଯେ କ୍ଷତି ହେବ ତାହା ସ୍ୱତଃ ପ୍ରତ୍ୟକ୍ଷ ହେଲେ; କିନ୍ତୁ ହୈମବତୀର ଇଚ୍ଛା ଅନୁସାରେ କାମକଲେ କୁଏତ ତାଙ୍କର କିଛିଏ ଅନୁଗ୍ରହ ଲାଭ ହେବ, ଏତିକି ଆଶା ପୋଷି ସେ ବାହାରି ପଡ଼ିଥିଲେ ।

ଚାକର ଟୋକାର କଥା ଶୁଣି ପ୍ରଦୋଷ କହିଲା, 'ମତେ ? ହଉ ! ଚାଲନ୍ତୁ କୃଷ୍ଣଚନ୍ଦ୍ର ବାବୁ ।'

କୃଷ୍ଣଚନ୍ଦ୍ର ବାବୁଙ୍କ ମସ୍ତିଷ୍କରେ ବିଭ୍ରମ ଭାବ ହୋଇଗଲା । ହୈମବତୀଙ୍କ କନା ଅହ୍ଲାଦରେ ଯଦି ସେ ଯାଆନ୍ତି ତ, ପ୍ରଦୋଷ

Digitized by srujanika@gmail.com

ସମ୍ମୁଖରେ ଏକ ଲଜ୍ଜାଜନକ ଘଟଣାର ଆଶଙ୍କା, ଯଦି ନ ଯାଆନ୍ତି ତେବେ ଭଦ୍ରଲୋକ ସମ୍ମୁଖରେ ମାନ ରହିବ ନାହିଁ। ତା ଉପରେ ଯେତେହେଲେ ହୈମବତୀ ତାଙ୍କର ସ୍ତ୍ରୀ, ଏବ ପ୍ରଦୋଷ ···। ସେ ଆଉ କିଛି ଭାବି ପାରିଲେ ନାହିଁ; କହିଲେ, 'ଅର୍ଥାତ୍ ଆପଣ ବୁଝନ୍ତୁ; ମୁଁ ଏଆଡ଼ର ଟିକିଏ ବ୍ୟବସ୍ଥା ଦେଖି ଯାଉଛି।'

ପ୍ରଦୋଷ କୃଷ୍ଣଭଙ୍କର ଘରେ ପହଞ୍ଚିବା ସଙ୍ଗେ ସଙ୍ଗେ, ହୈମବତୀ ଆସି ତାଙ୍କୁ ଭୂମିଷ୍ଠ ଦଣ୍ଡବତ୍ କଲା। ପ୍ରଦୋଷ ପିଣ୍ଡାରେ ବିଛା ହୋଇଥିବା ଖଣ୍ଡେ ଆସନରେ ବସିବା ପରେ, ହୈମବତୀ କହିଲା, 'ଚିହ୍ନି ପାରୁ ନା ମତେ, ପଦୁ ଭାଇ?'

ପ୍ରଦୋଷ ତା ଆଡ଼କୁ ଚାହିଁ ରହିଲା।

ହୈମବତୀ କହିଲା, 'ପିଲାଦିନେ ତମେ ଯେତେବେଳେ ମାଉସୀ ଘରକୁ ଯାଉଥିଲ······ସେଇ ଜାମସେଲ ଗଛ······।'

ସ୍ୱପ୍ନରାଜ୍ୟରୁ ଖସି ଆସିଲା ପରି ଗୋଟିଏ ବାଳିକାର ଚେହେରା ତା ସ୍ମୃତି ଭିତରକୁ ଖସି ଆସିଲା। ସେ ହଠାତ୍ କହି ପକାଇଲା, 'ହେମ—ଲୁ! ଆରେ ତୁ ଏତେ ବଡ଼ କେବେ ହେଲୁ! ଆରେ ମୁସ୍କିଲ କଥା! ମୁଁ ତ ତୋତେ ଆଦୌ ଚିହ୍ନି ପାରୁ ନାହିଁ!'

—'ମୁଁ କଅଣ ତମକୁ ଚିହ୍ନି ପାରୁ ଥିଲି? ତମେ ତ ବଡ଼ ହୋଇ ଯାଇଛ? ଶୁଣେ ପ୍ରଦୋଷ ବାବୁ, ପ୍ରଦୋଷ ବାବୁ; ଭାବେ, କିଏ ମଦୁଆଟାଏ ହୋଇଥିବ? ତମେ ଯେ ପଦୁ ଭାଇ, ଆଜି କେଣି ଜାଣିଲି ସିନା!'

—'ତେବେ ମୁଁ ମଦୁଆ ବୋଲି ଜାଣିଛୁ। ନା'ରେ ହେମ?' ହସି ହସି ପ୍ରଦୋଷ କହିଲା। ହେମ ଗମ୍ଭୀର ସ୍ୱରରେ କହିଲା, 'ଖାଲି ସେଣିକି? ଆହୁରି ଅନେକ କଥା।'

—'ଓଃ, ତା ହେଲେ ସବୁ ଶୁଣିଛୁ।'—ସେ ପିଲାଦିନର ହେମଟାକୁ ହୈମବତୀ ଭିତରୁ ଖୋଜି ବାହାର କରୁଥିଲା। ତାର ମାଉସୀ ଘରକୁ ଲାଗି ହେମର ବାପ ଘର। ମାଉସୀ ଘରକୁ ଗଲେ ହେମ ତାର ବଡ଼ ସାଙ୍ଗ। ଅନେକ ଦିନ ତଳେ ସେ ଯେବେ ମାଉସୀ ଘରକୁ

Digitized by srujanika@gmail.com

ଥରେ ଯାଉଥିଲା, ସେତେବେଳେ ପିଲା ଦିନର ହେମ ସନ୍ଧ୍ୟା ପ୍ରସ୍ଫୁଟିତ ଫୁଲ ପରି ଲଜ୍ଜା ଗର୍ବରେ ନିଜେ ସଙ୍କୁଚିତ ହୋଇ ରହୁଥିଲା । ଅନ୍ତରର କେଉଁ ଏକ ବାସନ୍ତୀ ସନ୍ଧ୍ୟାର ଅସ୍ତରାଗ ଭିତରେ ଶୁଣିଥିବା ବଂଶୀ-ସ୍ୱର ପରି ତାର ମନ ଭିତରେ ପଶି ବୁଲୁଥିଲା । ଏହି ହେମକୁ ନେଇ ଯୌବନର ପ୍ରଥମ ପ୍ରଭାତରେ ସେ କଳ୍ପନାର ସ୍ୱପ୍ନମୟ ରାଜ୍ୟ ସୃଷ୍ଟି କରିଥିଲା । ସେ ସବୁ ଆଜି କେଉଁଆଡ଼େ ଉଡ଼ିଯାଇଛି ! ବିସ୍ତୀର୍ଣ୍ଣ ସମୁଦ୍ରର ଆରପାରିରେ ଥିବା ବେଳାଭୂମି ପରି, ତାହା ଚକ୍ରବାଳ ବକ୍ଷରେ ଲୁପ୍ତହୋଇ ଯାଇଛି; ରହିଛି ବ୍ୟର୍ଥତାର ଦୀର୍ଘଶ୍ୱାସ ପରି ଗୋଟାଏ ମ୍ଳାନିର ଗୋଟାଏ କ୍ଷୀଣରେଖା ।

ପ୍ରବୋଧ ଅନ୍ୟମନସ୍କ ହୋଇ ପଡ଼ିଥିଲା ।

'ତେବେ ପଢ଼ ଭଲ, ତମେ ମଦ ଖାଅ'—ହେମ ମୁହଁରେ ସେହି ପିଲା ଦିନର ସରଳ ହାସ୍ୟ ।

—'ମଦ ଖାଏ କାହିଁରେ ପିଏ—ଏଇ ଗ୍ଲାସ୍ ଗ୍ଲାସ୍, ବୋତଲ ବୋତଲ ।'

—'କାହିଁକି ପିଅ ସେ ସବୁ ? ଦେହ ଖରାପ ହେବ !'

ଏତେ ଦିନ ଏମିତି ଦୂରରେ ତ କେହି ତାକୁ କଥା କହିନାହାନ୍ତି, ତା ପାଇଁ କାହାରି କଥାରେ ତ ଚିନ୍ତାର ସାମାନ୍ୟ ପ୍ରକାଶ ପାଇ ନାହିଁ, ତା ଉପରେ ଅଭିଯୋଗର ହୁକୁମ ଜାରି କରିବା ସାହସ ତ କାହାରି ହୋଇନାହିଁ । ପ୍ରବୋଧର ମନ ଭିତରେ ଶୈଶବର ଖଣ୍ଡେ କଳା ମେଘର ଭଗ୍ନ ଛବି ପଶି ବୁଲିଲା । ସେ କହିଲା, 'ଏ ଦେହ ଖରାପ ହେବାର ନୁହେଁ ରେ ! ଖରାପ ହେଲେ ବା କାହାର କଅଣ ଯାଏ ? ମୋ ଜୀବନ ଏହା ଉପରେ କାହାରି ଅଧିକାର ନାହିଁ ।'

ହେମର ଆଖି ସଜଳ ହୋଇ ଆସିଲା ।

ସେ ନିଜର ଆବେଗ ସମ୍ବରଣ କରି ଟିକିଏ ହସିଦେଇ କହିଲା, 'ସିଦ୍ଧେଶ୍ୱର ବାବୁଙ୍କ ଝିଅ ସାଙ୍ଗରେ ତ..........।'

ପ୍ରବୋଧ ହସି ପକାଇଲା ଉଚ୍ଚ ସ୍ୱରରେ; କହିଲା,'ତେବେ ତ ତୋ ପାଖକୁ ବାଟ ଭଲ ନାହିଁ ।'

Digitized by srujanika@gmail.com

ଏ ମାତାଲଟା ଆଉ ତା ସ୍ତ୍ରୀ ଭିତରେ କ' କଥାବାର୍ତ୍ତା ହେଉଛି ବୋଲି କୃଷ୍ଣକାନ୍ତର କାଣ୍ଡଘରେ ଛିଡ଼ା ହୋଇ କାନପାରି ଶୁଣୁଥିଲା । ପ୍ରଥମ କଥାବାର୍ତ୍ତା ପରେ ଆସି ତହୁଁ ତ, ଏମାନଙ୍କ ଭିତରେ ଯେ ଏତେ ଆତ୍ମୀୟତା କେମିତି ହୋଇଗଲା, ତାହା ଭାବି ସେ ଆଶ୍ଚର୍ଯ୍ୟ ହେଲା । ହଠାତ୍ ତାଙ୍କର ମନେ ପଡ଼ିଲା—ଓଃ ମଁ ଭାଇ ! ମଦ୍ୟପାୟୀ-ମାନେ ସହଜରେ ମହିଳାମାନଙ୍କ ସହିତ ମିଶି ପାରନ୍ତି । ଏ ନୂତନ ତଥ୍ୟ ସେ ଛିଡ଼ା ହୋଇ ହୋଇ ଆବିଷ୍କାର କରି ପକାଇଲେ; କିନ୍ତୁ ଏମାନଙ୍କ ଘନିଷ୍ଠତା ର ତା ଗ୍ରନ୍ଥିତରେ ଈର୍ଷାର କୃଷାନଳ ଜଳି ଉଠିଲା । ସେ କାନ ପାରି ଶୁଣିବାରେ ଲାଗିଲା ।

ଅନେକ କଥାବାର୍ତ୍ତା ପଡ଼ିଲା । ପ୍ରଦୋଷ ଉଠିବାକୁ ଯିବାରୁ ହେମ କହିଲା, 'ଫେର ଆସିବ ତମେ, ପଦ୍ମଭ ?'

—'ବେଳହେଲେ ନିଶ୍ଚୟ ଆସିବରେ । ତୋତେ କହୁଛି ସବୁ । ଏ କୁହକିନୀ ଜୀବନରେ କାହାକୁ ଜବାବ ଦେବାର ସାହାସ ତ ମୋର ନାହିଁ । ଭଲ କଥା—ସେ ଗଧଟା ଏତେବେଳଯାଏ କୁଆଡ଼େ ରହିଲା ।'

କୃଷ୍ଣକାନ୍ତର ମନେହେଲା, ତାର ଘରେ, ତାର ସ୍ତ୍ରୀ ସମ୍ମୁଖରେ, ପ୍ରଦୋଷ ତାକୁ ଏହି ମୁହୂର୍ତ୍ତରେ ଅପମାନ ଦେଲା । ସେ ବାରଣ୍ଡା ରେ ଅଗଣା ଭିତରକୁ ପଶି ଆସିଲା ।

ପ୍ରଦୋଷ ହସି ହସି କହିଲା, 'ଏଇ ଆସିଲେ ସ୍ୱସତ୍ତ୍ୱ ସ୍ୱଜ ।'

ହେମଲତାର ମୁହଁ ଆଷାଢ଼ ଆକାଶ ପରି ଗମ୍ଭୀର ହୋଇଗଲା ।

କୃଷ୍ଣକାନ୍ତର ଟିକିଏ ତୀକ୍ଷ୍ଣ ସ୍ୱରରେ କହିଲା, 'ଅର୍ଥାତ୍ ସ୍ୱସତ୍ତ୍ୱ ସ୍ୱଜ ଅର୍ଥ ?'

—'ଅର୍ଥ ଗର୍ଦ୍ଦଭସ୍ୱଜ, ଲମ୍ବକର୍ଣ୍ଣ ପ୍ରବର'; ପ୍ରଦୋଷ ହସି ହସି କହି ହେମ ଆଡ଼କୁ ଇଙ୍ଗିତ କଲା ।

କୃଷ୍ଣକାନ୍ତର ଅପାଦମସ୍ତକ ଜଳିଗଲା; କହିଲା, 'ମୋ ଘରେ...!'

—'ସାବଧାନ, ହେମ ଘରେ ।'

Digitized by srujanika@gmail.com

କୃଷ୍ଣବଙ୍କର ମନେହେଲା ହେମନ୍ତଙ୍କର ଉଷ୍ଣ ଦୁଇଟାକୁ ନାଶି ବାହାର କରିବାର ଉପକ୍ରମ ହେଉଛି । ମୁଣ୍ଡରୁ ଦେଇ ପଳାଇବା ଡାକଣ ପ୍ରବୃତ୍ତି ଆସୁଛି ।

ପ୍ରଦୋଷ ବାବାଜୀ ନେଇ ଯିବା ପରେ କୃଷ୍ଣବଙ୍କର ମସ୍ତିଷ୍କ ଦ୍ରୁତତର ଭାବିବାରେ ଆରମ୍ଭ କରି ଦେଲା—'ଏଇ ପ୍ରଦୋଷ ବାବୁ ! ଟୋଟାଏ ବୁଢ଼ା ମଣିଷ—ମାତାଲ, ମାତାଲ; ତାର ଟୋଟାଏ ବେଶ୍ୟା ଅଛି—କୁତ୍ସିତ ବେଶ୍ୟା ଅଥାତ୍ ସ୍ତ୍ରୀଲୋକ । ସେ କାହିଁକି ଧର୍ମକର୍ମ ମାନିବ ? ନାସ୍ତିକ—ତାହା ନାସ୍ତିକ । କହୁଛି ଆସିବ ଭବୁଛ କାହିଁକି, ସୁବିଧାବାଦ ମାତି ବୁଝୁ । ମୁଁ ତ ଠିକ୍ କଥା ଦେଉଛି—ଆଉ ଜନେ ଲୋକଙ୍କ ଚଣ୍ଡୀରପି ମଦ୍ୟପିଅ, ବେଶ୍ୟା ରଖ ।

ସୁଦୂର ଆଡ଼େ ବସିଥିବା ଶିଷ୍ୟବୃନ୍ଦଙ୍କ ସମ୍ମିଳିତ ସ୍ୱର ଶୁଣାଯାଉଥିଲା ।

ଘରେ ପହଞ୍ଚି ଦାଣ୍ଡ ଘରେ ସେ ପ୍ରଦୋଷ ବନ୍ଧୁଙ୍କରେ ଶପୋଦ୍ଧାର ଆରମ୍ଭ କରିଦେଲା ହେମନ୍ତଙ୍କୁ ଶୁଣାଇ—'ମାତାଲ ! ବେଶ୍ୟାସକ୍ତ ! ମୋ ଘରେ ମତେ ଅପମାନ ! ମୋ ଘରେ ମଣିଷ ପଣ……'

ଭିତରୁ ହେମନ୍ତଙ୍କର ତୀକ୍ଷ୍ଣକଣ୍ଠରେ ଶୁଣିଲା, 'ଆରେ, ଖାଇବା ପହଞ୍ଚିଲା କେଉଁଠି ରହିଲୁ ?'

କୃଷ୍ଣବଙ୍କର ନୀରବ ହୋଇଗଲେ; ଦୀର୍ଘଶ୍ୱାସଟାଏ ଛାଡ଼ି କହିଲେ—'କୃଷ୍ଣଚୈତନ୍ୟ ।'

—ବାଉଣି—

ସିଦ୍ଧେଶ୍ୱର ବାବୁ ଗୃହିଣୀଙ୍କ ପାଖରେ ସେ ଦିନ ଘୋଷଣା କଲେ, 'ଭୁଟ୍ଟିକା, ଠିକ୍ ପ୍ଲାନ ଅନୁସାରେ କାମ ଚାଲିଛି ।'

ଜନପ୍ରିୟ ବାବୁଙ୍କ ଡିପାର୍ଟରେ ପ୍ରଦୋଷ ଓ ପ୍ରଭାକର ଆଳାପ ପରିଚୟ ପରେ ସେ ମନେ କରିଥିଲେ ଯେ, ଏ ଦୁହିଁଙ୍କ ବନ୍ଧୁ

Digitized by srujanika@gmail.com

କ୍ରମଶ ଦେଶ୍ୱର ଗାର୍ଡେନ ଅବର୍ଣ୍ଣିତ ସୁଗନ୍ଧ ହୋଇଗଲା । ଏ ବଗିଚାକୁ ଉନ୍ନତି ପାଇଁ ଦେଶୀୟ ପ୍ରଚେଷ୍ଟା ଚମ୍ପା, ନାଗେଶ୍ୱର, ମଲ୍ଲିକା, ଯୂଥୀ ଓ ସୁନ୍ଦର ମିଳନ ଦେଖି ଦେଶରେ ଉଦ୍ୟାନ ଅଦ୍ଭୁତ ଶିଳ୍ପ ଚେଷ୍ଟାସୂତ୍ର କୃଷ୍ଣ ବେଳେ—ଆଉ ପ୍ରକାରର ସେମାନଙ୍କ ଦେଶ ଓ ପ୍ରାନ୍ତର ଉଚ୍ଚ ଭୂମିରୁ ମନୋହର ସ୍ଥାନରେ ଲକ୍ଷ କରାଯାଇ ପାରେ । ସେ ଦେଖିଲେ, ପ୍ରକାଶ ଗୋଲାପର ସୌରଭ ଅନ୍ତର ଅଧିକାଂଶ ସମସ୍ତେ ଖୋଲି ଥାଏ—ସମସ୍ତ ସମୟରେ ପରିବେଶ ମଧ୍ୟ ସେହି ସୌରଭ ଢାଳି ଦେଉଥାଏ । 'ଗର୍ଜିଲା ମେଘ [illegible]'—ଏଣୁ, ସେ ଠିକ୍ ବୁଝିଥିଲେ ଯେ, ତାଙ୍କ ସ୍ଥାନ [illegible]—ଆଉ ଦୃଷ୍ଟି ସହଜରେ ସେ [illegible] । [illegible] ସେ ଦେବାକୁ ଘୋଷଣା କରିଥିଲେ ।

ସୁବୋଧର ଘରେ ସେ ନ ଥିଲେ ମଧ୍ୟ ସେ ଦିନର ଅଧିକାଂଶ ସମୟ ସେ ଅଦ୍ଭୁତ ସୌରଭ ଭୋଗ କରି, ଏ ନ୍ୟାୟରେ ସିଦ୍ଧେଶ୍ୱର ବାବୁଙ୍କ ମନରେ ସ୍ଥାନ ପାଇ ନ ଥିଲା । ଅଥଚ କଥାଟା ଠିକ୍ ତାକୁ ଛୁଇଁ ଯାଇଥିଲା । ସେ ପଡ଼ି ପରେ ଦେଖେ ସୁବୋଧ ଗାମଛା ବୁଲି ଯାଇଥିଲା, ତା ଘରର ଉପର ମହଲଟାରେ ଜଣେ ମନୁଷ୍ୟର ଦର୍ଶନ ମିଳିବା କଠିନ ହୋଇ ଦେଖିଲେ; ସେ ସବୁ ଘରେ ଦେଖିଲେ ବୃଦ୍ଧ—ଆଉ ଅଧିକ ସବାରେ ଭଉଣୀ [illegible] ଘରଭିତରୁ ସୌରଭ ଦେଉଥିଲା । [illegible] ସେ ପାଖରେ ସୌରଭକୁ [illegible] ଖୋଲି ଦେବା ଅନେକ ଓ [illegible] ଅବାଧ [illegible] । ସମସ୍ତ ସମୟରେ ଯେ ସେଥିପାଇଁ [illegible] ସୁବୋଧର କଥା ତା ମନେ ନ ପଡ଼େ ତାହା ନୁହେଁ, କିନ୍ତୁ [illegible] ଦେବତାମାନଙ୍କର ଅଭିନୟର ଘୋଷଣା [illegible] ହେଲେ ଦର୍ଶକମାନଙ୍କ ମନରେ ଯେପରି ସୁଖ ଅଭିନୟ କଥା ପଡ଼େ—ଏହା ଠିକ୍ ସେଇ ଧରଣର ମନେ ପଡ଼ିବା ।

[illegible]ଙ୍କ ମନରେ ସୁବୋଧର [illegible] ରେଖାପାତ କରିନାହିଁ, ତାହା ନୁହେଁ; କିନ୍ତୁ ତାହା ଚୈତନ୍ୟର [illegible] ରଙ୍ଗରେ ରଞ୍ଜିତ

Digitized by srujanika@gmail.com

ନ୍ଦର୍ଭ—ସେଥିରେ ଥିଲା ସୁରକ୍ଷାର ବନ୍ଦୋବସ୍ତ । ପ୍ରଦୋଷ ସତ ହେଉଥିବା ସ୍ଥାନ; ତାର ବ୍ୟକ୍ତିତ୍ୱ ଜଗତରେ ଯେଉଁ ମର୍ଯ୍ୟାଦା ବୋଲି ଅନୁଭବ କରୁଥିଲା; ସେଠାରେ ନ ଥିଲା ସମାନତାର ଦାବି, ସାମଞ୍ଜସ୍ୟର ଆକର୍ଷଣ, ଅନୁଭୂତିର ଆବେଗ । ସ୍ତରର ଦୂରତାରୁ ଥିଲା, ପ୍ରଦୋଷକୁ ଘୃଣା କରାଯାଇପାରେ, ଦେବତା ପରି ପୂଜା କରାଯାଇ ପାରେ; କିନ୍ତୁ ତାକୁ ନେଇ ଘର କରାଯାଇ ପାରେ ନା । ଉପନ୍ୟାସର ନାୟକ ନାୟିକାର ଯେଉଁ ଧାରଣା ତା ମନରେ ସଦା ଜାଗ୍ରତ ରହୁଥିଲା, ପ୍ରଦୋଷ ବିଷୟରେ ସବୁ କ୍ଷେତ୍ରରେ ତାହା ସତେ ସତେ ବାଧା ହେଉଥିଲା । କେଣୁ ପ୍ରଦୋଷ ତାର ମନରେ ଯେ ଶ୍ରଦ୍ଧା ସମ୍ମାନର ସ୍ଥାନ ପାଇଥିଲା, ତାହା ନୁହେଁ ।

ତାର ବାପା ତାକୁ ପ୍ରଦୋଷ ସହିତ ବାହା ଦେବାପାଇଁ ସ୍ଥିର କରିଥିଲେ, ଏହା ସେ ଜାଣେ ଏବଂ ମା'ଙ୍କଠୁ ଶୁଣେ । ଅଧିକାଂଶ ଉପନ୍ୟାସରେ ଯେପରି ହୋଇଥାଏ, ହଠାତ୍ ଘଟନା ଚକ୍ରର ପରି-ବର୍ତ୍ତନ ହୋଇଗଲା—ଆଉ ସେ ତାର କଳ୍ପନାର ମୂର୍ତ୍ତିମନ୍ତ ରୂପ ସେଇ ତାର ଅପ୍ରତ୍ୟାଶିତ ସ୍ୱାମୀ ଲାଭ କଲା ।

ସେଉଁଦିନ ଶିବେଶ୍ୱର ବାବୁ ବାହାରୁ ଖବର ପାଇଲେ ଯେ, ପ୍ରଦୋଷ ସ୍ଥାନକୁ ବଦଳିଯାଇଛି, ସେଦିନ ଦେଖାଗଲା ବାହ୍ୟତଃ ତାଙ୍କ ମନେହେଉଥିଲା ଯେ ତାଙ୍କ ସ୍ଥାନରେ ଗୋଟାଏ ଗୋଳମାଳ ହୋଇଗଲା । ସବୁ ବିଷୟ ଜାଣିବାପାଇଁ ସେ ଦ୍ରୁତ ଗତିରେ ଉପସ୍ଥିତ ହୋଇ-ଥାଇଥିଲେ । ସେ ଜାଣନ୍ତି ନୂତନ ପ୍ରଦୋଷର ଅନୁରାଗ ବଦ୍ଧ, ତାଙ୍କ ସହିତ ଘନିଷ୍ଠ ସମ୍ପର୍କ ରକ୍ଷା କରିବାକୁ ସେ ପ୍ରଦୋଷ ସହିତ ସମ୍ପର୍କ ଅତୁଟ ରଖିଥାନ୍ତେ । ତାହାହେଲେ ସ୍ଥାନ ଅନୁସାରେ ବଦଳାଇବାରେ କିଛି ଅସୁବିଧା ହେବ ନାହିଁ । କଲେକ୍ଟର ଅଫିସରେ କାମ କରିବାର ପରମିଟ ପାଇଁ ବ୍ୟବସ୍ଥା କରାଯାଇଥିଲା ପରେ ଏ ପ୍ରସଙ୍ଗ ଧରି ବସିଯାଏ କେତେ ଦରଖାସ୍ତ ଏଥରେ ମୁହିଁ ଦେଖାଇବାର ଅଳ୍ପ ସ୍ଥାନ ରହିବ ନାହିଁ—ସେ ଜଣେ ସିନିୟର ଡେପୁଟି ମାଜିଷ୍ଟ୍ରେଟ ଏଣୁ ଡେପୁଟି କଲେକ୍ଟର ତ ନା ।

Digitized by srujanika@gmail.com

କେମିତି ସେ ଭୁବନ କ୍ରମେ କ୍ରମେ ସିଦ୍ଧେଶ୍ୱର ବାବୁଙ୍କ କୁଟୁମ୍ବର ଅନେକାଂଶ ଅଧିକାର କରି ବସିଲା, ସେ କଥା ଭୁବନ ଜାଣେ ନାହିଁ, ସିଦ୍ଧେଶ୍ୱର ବାବୁଙ୍କୁ ମଧ୍ୟ ଅଗୋଚର—ଏପରିକି କଠୋର ଗୃହିଣୀ ମଧ୍ୟ ଭୁବନକୁ ନିଜ ପୁଅପରି ମନେ କରିବାରେ ଆନନ୍ଦ ଲାଭ କଲେ । ଏତ ଭୁବନର ସାରଲ୍ୟ, ବିନୟ, ସତ୍ୟନିଷ୍ଠା ଏଥିପାଇଁ କେତେକାଂଶରେ ଦାୟୀ ହୋଇ ପାରନ୍ତି, କିନ୍ତୁ ଅଳ୍ପ ଦିନ ଭିତରେ ଅଭ୍ୟାସ ଯେ ଏହାର ଅନ୍ୟତମ କାରଣ ନୁହେଁ; ତାହା ମଧ୍ୟ କୁହା ହେବ ନାହିଁ । ଭୁବନ ଯେ କେମିତି ବା କେତେବେଳେ ସିଦ୍ଧେଶ୍ୱର ବାବୁଙ୍କ ପରିବାରରେ ଅସ୍ଥାୟୀଭାବ ଆସନ ପାଇ ଯାଇଥିଲା ତାହା ସିଦ୍ଧେଶ୍ୱର ବାବୁ, ତାଙ୍କ ଗୃହିଣୀ, [illegible] ବା ନିଜେ ଭୁବନ ମଧ୍ୟ ଜାଣି ପାରି ନ ଥିଲେ ।

ସେଦିନ ସନ୍ଧ୍ୟାବେଳେ ଘର ଆଗରେ ସିଦ୍ଧେଶ୍ୱର ବାବୁ ଓ ଭୁବନ କଥାବାର୍ତ୍ତା ହେଉଥିଲେ, କଠୋର ଗୃହିଣୀ ମଧ୍ୟ ଖଣ୍ଡେ ଦୂରରେ ବସି ସେ ସବୁ ଶୁଣୁଥିଲେ, ମଝିରେ ମଝିରେ ମଧ୍ୟ ସେଥିରେ ଯୋଗ ଦେଉଥିଲେ ।

ସିଦ୍ଧେଶ୍ୱର ବାବୁ କହୁଥିଲେ, 'ଦେଖ—ଅର୍ଥାତ୍ ଭାରତ ଆପଣଙ୍କ ଜୀବନଟା···'

ଭୁବନ କହିଲା, 'ଭାରତ ସ୍ୱପ୍ନ ନାହିଁ । ସାଧା ମନୁଷ୍ୟ ଭାରତୀର ଦୁଃଖ ଦୁର୍ଦ୍ଦଶାର ବୋଝ ଯେପରି ସମାଜ ଉପରେ ଚାପି ବସିଛି, ସେପରି ଏହାର ପ୍ରତିକାର ଭାବିବାକୁ ପଡ଼ିବ, ଏହା ଅନ୍ତ ଶାନ୍ତ ଭାବରେ ସେ ଅନୁଭବ କରେ । ଏଥିପାଇଁ ସେ ନିଜକୁ ଯୋଗ୍ୟ ଦୃଷ୍ଟାନ୍ତ ଭାବେ ନାହିଁ । ଜୀବନର ଅଧିକାଂଶ ସମୟ ସେ ପଢ଼େ, ପଢ଼େ ସେ ସବୁ ବହି ଯେଉଁଥିରେ ମନୁଷ୍ୟର ଦୁଃଖ ଦୁର୍ଦ୍ଦଶା ଦୂର କରିବାର କୌଣସି ବ୍ୟବସ୍ଥା—କୌଣସି ଯୋଜନା···'

ସିଦ୍ଧେଶ୍ୱର ବାବୁ ଉତ୍ସାହର ସହିତ କଥା କାଟିଲେ, '—କୌଣସି ପ୍ଲାନ୍ । ଠିକ୍, ଏକଦମ ଠିକ୍ ! କଥା ହେଉଛି, ଏପରି ଭାବରେ ବେଶୀ ଦିନ ଚଳି ହେବ ନାହିଁ । ତାର ଉପାୟ କଣ କଣ ?'

—'ତଏ ଯତ୍ନ ନେବାକୁ ଅଛି କାର ? ତାର ବଉଙ୍କର ଯେତେ-ବେଳେ ତାଳ ଛୁଏ, ପ୍ରଦୋଷ ସୁ ଇରେ ପଡନ୍ତି । ତାର ବାପା ବାବୁ ସମ୍ପ୍ରଦାୟ ଜୀବନ କେଉ ଲଭି ପାଉଥିଲେ, କିନ୍ତୁ ଏବ ବଂଶର ସମ୍ପତ୍ତି ଲୋଉଥିଲେ ସେ ଏବା ହାତରେ; ପ୍ରଦୋଷ ବଉଙ୍କର ମୃତ୍ୟୁ ପରେ ସେଥିରୁ ନିଶା ତାଙ୍କୁ ଧରିଲା ବେଶୀ । ସେ ବା ପ୍ରଦୋଷର ଯତ୍ନ ନେଉଛନ୍ତି କଅଣ ? ତାଙ୍କୁ ଦେଖ ଅସ୍ୱବ ନାହିଁ; ପୁଅ ହେଲେ ଚଣ୍ଡା ପଣ୍ଡା ଭଳିର ଉଶୀ ବୁଢ଼ା ସାଅନ୍ତେ ସନ୍ତୁଷ୍ଟ ହୋଇଥିଲେ । ପ୍ରଦୋଷ ତାଙ୍କ ନିଜ ଯତ୍ନରେ ନିଜ ଇଚ୍ଛା ଅନୁସାରେ ବଢ଼ି ଉଠିଲା ।'

ଅଶୋକ ଗୃହିଣୀ ଦୀର୍ଘଶ୍ୱାସ ପକାଇ କହିଲେ, 'ହଁ, ମାଆ ନ ଥିଲେ ପିଲାସ୍ୱଭାବ ଏମିତି ଅନାଥ ହୁଅନ୍ତି । ବାପ ଯେତେ ଧନୀ ହେଲେ କଅଣ ହେବ, ପୁରୁଷ ମଣିଷଟ...'

ସିଦ୍ଧେଶ୍ୱର ବାବୁ ମନେ କଲେ ତାଙ୍କର ପିଲାଙ୍କ ପ୍ରତି କଟାକ୍ଷ କରା ହେଉଛି; ହସି ପକାଇଲେ, 'ଆଉ ମାଆମାନେ ଯେତେ ସ୍ନେହ-ଶୀଳା ହେଲେ କଅଣ ହେବ, ସ୍ତ୍ରୀଲୋକତ, ସେମାନେ ପିଲାଙ୍କୁ ଚଳାଇ ଜାଣନ୍ତି ? ଆମର ସମ୍ପର୍କ··· ।'

ଗୃହିଣୀ ବିରକ୍ତ ହୋଇ କହିଲେ, 'ଛୁଆଙ୍କ ସ୍ୱଭାବ, ବାପଙ୍କ କଥା ଶୁଣୁଛ । ଅଶୋକ ହେଲେ···!'

ସିଦ୍ଧେଶ୍ୱର ବାବୁ ଦେଖିଲେ ସାଙ୍ଗମାନେ ପୋଷାଏ ଚାହିଁବାରେ ଲାଗି ଆରମ୍ଭ ହେବା ଉପରେ; ଅଶୋକଙ୍କୁ ପେସର ଦେଖାଇ ପଚାରିଲେ, 'ସେ ମଦ ପିଏ ନାହିଁ ତ ? ମାତାଲ ହୁଏ ନାହିଁ ତ ?'

ଅଶୋକ ହସିଲା, କହିଲା; 'ମଦ ପିଏ କିଏ ? ପ୍ରଦୋଷ ? ସେ ଯେଉଁଦିନ ମାତାଲ ହୁଏ ସେଦିନ ମାତାଲ । ମଦତ ସେ ପିଏ ନାହିଁ—ଛାଡ଼ିବାର ପରେ ତାର ଇଚ୍ଛାରେ ମଦ ବୋତଲ ରଖେ । ବୃନ୍ଦାବନର ବାବୁଙ୍କଠାରୁ ଯାହା ଶୁଣିଛନ୍ତି ! ସେ ଦିନ ସେ ଯେଉଁଠି ମାତାଲ ଥିଲା, ମୁଁ ବର୍ତ୍ତମାନ ସେପରି ମାତାଲ । ବୃନ୍ଦାବନର ବାବୁଙ୍କ ଦୁହିତାଙ୍କ ଏ କବାଟ ଛାଡ଼ି ସଙ୍ଗ ଦେବାପାଇଁ ସେ ମାତାଲର ଅଭିନୟ କରିଥିଲା ।'

Digitized by srujanika@gmail.com

—'ଆରେ ମୁଁ ତ ଠିକ୍ ବୁଝିଲି ନାହିଁ । ଯେଉଁଠି ମନେ କରୁଥିଲି ସେମିତି କଥା କୃଷ୍ଣଚନ୍ଦ୍ରଙ୍କୁ କହୁଥିଲ । ତାଙ୍କୁ ମାତାଇ ଦେବେ ବୋଲି ଭାବିଥିଲ, ଗୀତା ଆବୃତ୍ତି କରୁଥିଲେ ? ଅସମ୍ଭବ—ଏକଦମ୍ ଅସମ୍ଭବ, ସିନ୍ଧୁର୍...।' କହି କହି ସିଦ୍ଧେଶ୍ୱର ବାବୁ ସମ୍ଭାଳି ସାରି କହିଲେ, 'ତା ପର '

ମୁନ୍ସୀ ଉତ୍ତରିଲେ, 'ଖାଲି କେତୋଟି ଆଉ କେତୋଟି—ସେଥିରେ କେତୋଟି କଥାରେ କି...।'

—'ଅଚଳ ଭୁଲମତ ଶୁଣିବ ନାହିଁ, ଖାଲି ଯୋଜନାକୁ ବୁଝିବ । ହଁ ଭୁବନ ବାବୁ, ତା ପରେ ?'

ଭୁବନ କହି ଚାଲିଲେ, 'ମୁଁ ତ ଆଗରୁ କହିଛି, ମନୁଷ୍ୟର ସବୁ ଦୁଃଖ ଦୁର୍ଦ୍ଦଶା ପାଇଁ ସେ ସମାଜର ବଡ଼ଲୋକ, ଧନୀ—ଉପର ସ୍ତରର ଲୋକମାନଙ୍କୁ ଦାୟୀ କରନ୍ତି ମନେ ମନେ । ସେତ ନିଜେ ଧନୀ, ନିଜେ ବଡ଼ଲୋକ, ନିଜେ ଉପର ସ୍ତରର ଲୋକ । ଏମାନେ ଚାଲେ ତାଙ୍କୁ ନିଜ ଭିତରକୁ ଟାଣିବେ, ଏଥିପାଇଁ ସେ ମତ ବୋଲାଇବୁ ଗୋବ୍ରମୁଣ୍ଡ ଆପଣା କଲ । ସେ କହନ୍ତି, ଏ ବଡ଼ଲୋକସ୍ପୃହା, ସମାଜର ଉପର ସ୍ତରର ଲୋକସ୍ପୃହାର ଅସ୍ଥିର ବ୍ୟବହାର, ସତ ମିଛ—ଜୀବନର ସମୁଦାୟ ସବୁ ଭଣ୍ଡାମୀରେ ଭରା । ଏମାନେ ମତ ଦିଅନ୍ତି, ସଲ୍ଲୁପଙ୍କାର ଅପକର୍ମ କରନ୍ତି, କିନ୍ତୁ ତାକୁ ଢାଙ୍କି ରଖି ନିଜକୁ ବଡ଼ବୋଲି ଦେଖାନ୍ତି । ଆଉ ସମାଜର ନିମ୍ନସ୍ତରର ଲୋକେ ମତ ଦିଅନ୍ତି, ତା ସେଥିପାଇଁ ଅଭାବ ସବୁ ଦାମ କରନ୍ତି ସ୍ୱାର୍ଥପରତାରେ । ବଡ଼ ସମାଜ ନିଜର ସ୍ୱାତନ୍ତ୍ର୍ୟ ରକ୍ଷା କରିବାପାଇଁ ସ୍ୱାର୍ଥ ବୁଦ୍ଧିକୁ ବଡ଼ପଣର ଧର୍ମ ବୋଲି ଧରିନେଇଛି । କମେ କମ ଘରେ ସ୍ୱାର୍ଥରେ ମତ ବୋଲକ୍ ରଖି ସେମାନେ ତୁମକୁ ପାଷଣ୍ଡ ବୋଲି କହିବେ, ତୁମର ଜିନିଷ ମାଗିବେ ନାହିଁ । ଅଭ୍ୟଯୋଗନର ଏ ଯୋଗ୍ୟ ଉପାୟ ଦେବେନ୍ଦ୍ରର ଦାମ ଦେଇଛି, ତାଙ୍କ ଘରେ ଅଙ୍କମାନେ ଜାଣନ୍ତି ।'

—'ଠିକ୍, ଠିକ୍ ସେହି କଥା । ମୁଁ ଆଗରୁ ଜାଣେ । ସିନ୍ଧୁର...। ଦେଖ ସେ ଅଦୌ ମତ ଦିଏ ନାହିଁ, ଅଥଚ ଲୋକେ ତାକୁ ମହୀୟ

Digitized by srujanika@gmail.com

ବୋଲି ଭାବନ୍ତି ! କେତେ ପ୍ରମାଣରେ ଦେବଦୂତ ଓଳ୍‌ସ ହେବା ଭଳି, ହେଲୁ ଜିଜ୍ଞାସୁ ଡେପୁଟି ମାଜିଷ୍ଟ୍ରେଟ ନ ହେଲେ ଏ ସବୁର ଠିକ୍ ଖବର ହୁଏ ନାହିଁ ।' କଥାଟା କହି ସିଦ୍ଧେଶ୍ୱର ବାବୁ ସୁହାସିନୀଙ୍କ ଆଡ଼କୁ ଚାହିଁଲେ ।

ସୁହାସିନୀ ଆରମ୍ଭ କରିଦେଲେ, 'କାହିଁ ଯେ ହେଲେ ହେଉ ବୃଥା ଶୀରରେ ନାହିଁ ? ଆଜ ମୁଁ ! ମୁଁ କଅଣ···!'

ସିଦ୍ଧେଶ୍ୱର ବାବୁ ବାଧା ଦେଇ କହିଲେ, 'ତା ପର—ତୁ ଯୁବକ ଭାବୁ, ତା ପର !'

ଯୁବକ ନମ୍ରତ ସ୍ୱରରେ କହିଲା, ''ଆପଣମାନଙ୍କ ମନରେ ବୋଧ-ହୁଏ ଧାରଣା ହେଉଛି ଯେ ପ୍ରତ୍ୟେକ ଲୋକ ଜୀବନରେ କଦାପି ମଦ ପିଇ ନାହିଁ । ତାହା ମଧ୍ୟ ଠିକ୍ ନୁହେଁ । ଆପଣଙ୍କୁ କହୁଛି, ତାର ଜୀବନର ଏକମାତ୍ର ଉଦ୍ଦେଶ୍ୟ ଆନନ୍ଦ ଉପଭୋଗ କରିବା—ସମୁଦାୟ ମନୁଷ୍ୟ ସମାଜରେ ଆନନ୍ଦ ବିତରଣ କରିବା । ଏ ଆନନ୍ଦଟା ଯେ କଅଣ, ତାହା ସେ ବହୁତ ଠିକ ବୁଝି ପାରିଲା । ସେ ବୁଝିଲା, ଯେଉଁ ଆନନ୍ଦ ମଦ୍ୟରେ ମିଳି ଥାଏ, ସେ ଆନନ୍ଦ ଆନନ୍ଦ ନୁହେଁ, ସେ ବୁଝିଲା ଭଗବାନ ଉପଭୋଗରୁ ପ୍ରକୃତ ଆନନ୍ଦ ଉପଲବ୍ଧ । ତଳ ଉପରେ ପରୀକ୍ଷା କରି ସେ ଏ ସବୁ ଠିକ୍ କଲା, କୌଣସି ବହିପତ୍ର, ଶାସ୍ତ୍ରପୁରାଣ, ତାହାରିକୁ ଏଭଳି ପରୀକ୍ଷାରେ ସେ ଦେଖେ ଶିକ୍ଷଣ କରେ ନାହିଁ । ଆରେ ଓମର ଖୟ୍ୟାମ ଆଦି, ପଢ଼, ହାଫେଜଙ୍କ ଯେ ମଦ୍ୟପାନରେ ଆନନ୍ଦ ଅଛି । ଲୋକଙ୍କୁ ଆରତ ଅଗାଧ ପାଣ୍ଡିତ୍ୟ; ବୈଦିକ ଯୁଗରେ ଆର୍ଯ୍ୟମାନେ ସୋମରସ ପାନ କରୁଥିଲେ, ପୌରାଣିକ ଯୁଗରେ ତାଦମ୍ବରୀ ପାନ କରୁଥିଲେ ଠାରୁ ଆରମ୍ଭ କରି ପୃଥିବୀର ଇତିହାସର ସମୁଦାୟ ଅଧ୍ୟାୟ ସେ ମନେ ମନେ ଖେଳାଇଗଲା, କହିଲା—'ମିଶରର ଲୋକେ ପିରାମିଡ ଯୁଗରେ, ଚୀନର ଲୋକେ ଚୀନର ସଭ୍ୟତା ଯୁଗରେ, ପାରସ୍ୟ, ଗ୍ରୀସ, ରୋମ ଏ ସବୁ ସଭ୍ୟ ଦେଶରେ ଲୋକେ ମଦ୍ୟପାନ କରୁଥିଲେ । ଆର୍ଯ୍ୟମାନେ ଆସିବା ପୂର୍ବରୁ ଏହି ଭାରତବର୍ଷର ମହେଞ୍ଜୋଦାରୋ, ହରପ୍ପାର ଲୋକେ ମଦ୍ୟପାନ କରୁ-

ଥିଲେ । ଏ ସବୁ ସ୍ଥାନର ମହତ୍ତ୍ୱ ଜାଣି ସବୁରେ ମଦ୍ୟପାନ ସବୁ ମିଳୁଛି । ଅପର ଏଇ ଭାରତବର୍ଷର ଇତିହାସ ଦେଖ । ବୈଦିକ ଯୁଗରେ ମଦ, ପୁରାଣ ଯୁଗରେ ମଦ, ହିନ୍ଦୁ ଯୁଗରେ ମଦ, ମୁସଲମାନ ଯୁଗରେ ମଦ, ଆଉ ଏଇ ପରାଧୀନତା ଯୁଗରେ ମଦ ରହିଛି ।’ ଏ ସବୁ ଗବେଷଣା ମୋ ଆଗରେ ପ୍ରକାଶ କରି ଓମର ଖୟାମ ସାଧନା ପାଇଁ ଟିକିଏ ମଦ ଢାଳିଦେଇ ବେହେଶ୍ ହୋଇ ପଡ଼ିଲା । ତା ପରଦିନ କହିଲା—‘ମଦ୍ୟପାନରେ ଦେହକୁ ଯେ ଦିଏ ଆନନ୍ଦ ଉପଭୋଗ କରୁଥିଲେ ବୁଝିପାରୁ ନାହିଁ, ମୁଁ ତ ଏଥିରୁ କିଛି ଆନନ୍ଦ ପାଉନାହିଁ, ବରଂ ମୋ ଅନ୍ତରାତ୍ମାକୁ ବର୍ତ୍ତମାନ ଯେଉଁ ଗ୍ଲାନି ମାଡ଼ ବସିଛି, ନରହତ୍ୟା କଲେ ବୋଧହୁଏ ଏପରି ଗ୍ଲାନି ହୁଏ ନାହିଁ । କହନ୍ତୁ କାରଣ କାଣ୍ଡ ? ଅସ୍ପୃଶ୍ୟତା କରିବା ଯାହାର ଦରବାର, କେବଳ ସେହି ଲୋକ ମଦ ପିଇପାରେ । ମଦ୍ୟପାନ କରିବା ମାନେ ଅସ୍ପୃଶ୍ୟ ସ୍ପର୍ଶ କରିବା, ତାର ଅର୍ଥ ତ ସାମାଜିକ ଅସ୍ପୃଶ୍ୟତା ।’ ଏ କଥା ଠିକ୍ କରିନେଲା ସେ ନିଜ ଅନ୍ତରାତ୍ମାକୁ । ତା ପର ଦିନେ ଦୁଇଟି ଏପରି ଘଟଣା ଘଟିଛି ଯେତେବେଳେ ଅସ୍ପୃଶ୍ୟ ସ୍ପୃଷ୍ଟ ନୈବେଦ୍ୟରେ କେବଳ ସେ ମଦ ପିଇଛି । ସେ କହେ, ‘ମୋରତ ଆଉ ଉପାୟ ନାହିଁ । ଆଖି ଆଗରେ ଦେଖୁଛି, ସ୍ୱାର୍ଥ, ନିଷ୍ଠୁର, ଅହଂକ, ସ୍ୱାଧୀନତାର ଜପ ସବୁମାନଙ୍କୁ ସ୍ୱାଭ କରି ମସ୍‌ଗୁଲ୍, ଜନସ୍ୱାର୍ଥର ସଦସ୍ୟର ମେଣ୍ଟ ଦୋଷରେ ଯୋଗ ଦିଆଗଲି । ମନୁଷ୍ୟ ଭାବରେ ମୋର କର୍ତ୍ତବ୍ୟ ହେଉଛି, ଏ ଅଭ୍ୟାସରେ ବାଧା ଦେଇ ଅନ୍ୟା-ୟମାନଙ୍କୁ ପ୍ରତିରୋଧ କରିବା ତା ନଲେ ଦେଶ ହୋଇଯିବ । ଏହା ଭିତରୁ କୌଣସିଟା ପାଇଁ ମୋର ସାଧନା ନାହିଁ—ଯୋଗ୍ୟତା ମଧ୍ୟ ନାହିଁ । କିନ୍ତୁ ଏ ସବୁ ଦେଖିବା ଅସହ୍ୟ, ନିତାନ୍ତ ଅସହ୍ୟ । ମନେହେଉଛି ମୁଁ ପାଗଳ ହୋଇଯିବି ।’ ସେ ଅବସ୍ଥାରେ ସେ ମଦ ପିଇ ନିଜକୁ ବେହୋସ କରି ଦେଉଛି, ପାଗଳ ହୋଇଯିବା ଭୟରେ ନିଜର ଚେତନାକୁ ଆହ୍ୱାନ କରି ଆସିଛି । ଏହାକୁ କଅଣ ମଦ୍ୟପାନ କହିବା ? ଦୁନିଆର କୌଣସି କଳିଷ ଶାସ୍ତ୍ର ଦୋଷ ଦେବ ତା ଉପରେ

Digitized by srujanika@gmail.com

ଛଡା ମାରିବେଇ ହେବ ନାହିଁ—ବ୍ୟକ୍ତିର ଯୋଗ୍ୟ ଜୀବନ ରଖି ତା ଦେଖିବ ହୁଏ।"

ଝିଅଟି ଏ ସବୁ କଥା ଅରୁନ୍ଧତୀ ଘରର ଲୁଚି ରହି ଶୁଣୁଥିଲା।

ସିଦ୍ଧେଶ୍ୱର ବାବୁ କହିଲେ, 'ଲୋକଙ୍କୁ ତ ବୁଝିବା ମୁସ୍କିଲ, ଚିହ୍ନିବା କଷ୍ଟ।'

ଭୁବନ କହିଲା, 'ପ୍ରଥମେ ଦେଖିଲେ ଯୋଗୀଏ ଲୋକ ଏପରି ସବୁ କାମ କରନ୍ତି ଯେ, ତାର ଉଦ୍ଦେଶ୍ୟ ସୋଜା ତାକୁ ଚିହ୍ନି ନ ପାରନ୍ତି; ସେତେବେଳେ ତାକୁ ଚିହ୍ନିବା ନିଶ୍ଚୟ କଷ୍ଟକର। କିନ୍ତୁ ସାଧାରଣ ଜନ ସରଳ, ଉଦାର, ଅମାୟିକ ଆଉ ସହଜ ଲୋକ ଏ ଦୁନିଆରେ କେଉଁଠି ମିଳନ୍ତି ବୋଲି ମନେହୁଏ।'

—'ଉଷା, ତର ରଙ୍ଗିଣୀଟି କେଉଁଠି ଚାଲି ଯାଇଛି।'

ଭୁବନର ଭ୍ରୂକୁଞ୍ଚିତ ହୋଇଗଲା; ସେ ଜବାବ ଦେଇ ପାରିଲା ନାହିଁ—'ତାର ତ କେହୁ ରଙ୍ଗିଣୀ ନାହାନ୍ତି? ଓଃ ମନେ ପଡ଼ିଲା, ସେ ଦିନ ତାଙ୍କ ଘରକୁ ଯେଉଁ ଝିଅଟି ଆସିଥିଲା ସେହି ତ? ହଁ ସେ ଚନ୍ଦ୍ରା—ଦୋଷର ବୋଝ-ଭାର ସାଙ୍ଗରେ ଆଣିଥିବା ଝିଅ।'

ସିଦ୍ଧେଶ୍ୱର ବାବୁ ଗମ୍ଭୀର ସ୍ୱରରେ କହିଲେ, 'ତେବେ ସେ ବେଶ୍ୟା?'

ଭୁବନ ଧୀର ସ୍ୱରରେ କହିଲା, 'ବେଶ୍ୟା ଘରର ସେ ଜନ୍ମିଛି; କିନ୍ତୁ ସେ ବେଶ୍ୟା ନୁହେଁ। ସେ ଭୁବନେଶ୍ୱରର ରଙ୍ଗିଣୀ, ମୋର ପ୍ରଥମ ରଙ୍ଗିଣୀ। ଆଉ ଦୁଇଁ ଜଣ ତାହାର ରଙ୍ଗିଣୀ ନାହାନ୍ତି; ଥିଲେ ଚନ୍ଦ୍ରା-ଠାରୁ ସେ ସେ ଅଧିକ ହୁଅନ୍ତା, ତାହା ନୁହେଁ।'

ତା ପରେ ଶାନ୍ତ ସ୍ୱରରେ ସେ କହିଲା, 'ଚନ୍ଦ୍ରା ମଧ୍ୟ ଭୁବନେଶ୍ୱର ଏକ ପଣ୍ଡାର ଝିଅ। ଯେଉଁ ଘରେ ଜନ୍ମ ସେପରି କାମ କରିବ ବୋଲି ଆମର ଲୋକଙ୍କ ଧାରଣା ଅଛି। ଚାଷୀଘର ଲୋକ ଚାଷ କରୁ, ବ୍ରାହ୍ମଣ ଘର ଲୋକ ବ୍ରାହ୍ମଣ ଏବଂ ବ୍ୟବହାର କରନ୍ତୁ; ତାର ଶିକ୍ଷା, ଦୀକ୍ଷା, ଜୀବନ ଅଭିରୁଚି କଥା ପ୍ରଣାଳୀ ସେ ଅନୁସାରେ ଗଢ଼ିବ ବୋଲି ଆମର ବିଶ୍ୱାସ। ମନୁଷ୍ୟ ଜୀବନରେ ଏହି ଯେଉଁ ଜନ୍ମ ଅଧିକାର

ଶ୍ରେଣୀ ବନ୍ଧନ ଅଛି, ତାକୁ ଆମେ ସ୍ୱାଭାବିକ ବୋଲି ମନେ କରୁ—ଏହି ପ୍ରକୃତ ଶ୍ରେଣୀ ବନ୍ଧନରେ ଯୋଗ୍ୟ ବଳିଷ୍ଠ ସଚ୍ଛଳ ପ୍ରକୃତି ଦେଖାଯାଏ, ମନୁଷ୍ୟ ଗୋଟାଏ ଶ୍ରେଣୀର ଲୋକ ହେଲେହେଁ ସେମାନଙ୍କ ଭିତରେ ଅର୍ଜ୍ଜିତ ଗୁଣର ମୂଲ୍ୟ ହୋଇଥାଏ ଏବଂ ଅପ୍ରାକୃତିକ ଶ୍ରେଣୀ ବନ୍ଧନରେ ସବୁ ଅକର୍ମମାନେ ପ୍ରକୃତ ଜନ୍ମକୁ ଅବହେଳିତ କରି ନେଇଥିବା ସ୍ଥାନରେ ଶ୍ରେଣୀଗୁଣକୁ ଧରି ନେଇଥାନ୍ତି। ପୁଣି ଜନ୍ମରୁ ନାହାଁନ୍ତି ଯେଉଁ ସବୁ ପାରିବେ ଉନ୍ନତ ପାରେ, ସେଥିପାଇଁ ଜନ୍ମ ହେବା ଯେଉଁ ଘରେ ଥାଉଁ ନାହିଁ, ଆଉ ପିଲେ ଚାଲେଇ ପୁଣି ସାନ ସାନ ଶିକ୍ଷା ଧରି ପାରେ, ଏ ସବୁ ସେମାନଙ୍କ ଶିକ୍ଷାକୁ ହୁଏ ନାହିଁ। ଏ ସବୁ ସେମାନଙ୍କର ସଂସ୍କାର ପ୍ରକୃତି; ଅଥଚ ଆମେମାନେ ଚିହ୍ନ ଦେଇ ଜନ୍ମଗତକୁ ମନୁଷ୍ୟର ଅପ୍ରାକୃତିକ ଶ୍ରେଣୀ ଭିତରକୁ ଆଣି ଦେବା ଅର୍ଥ—ବ୍ରାହ୍ମଣ ପିଲା କେବଳ ବ୍ରାହ୍ମଣର କାମ କରି ପାରିବ, ଭଲ ଲେଖାପଢ଼ି ପାରିବ ନାହିଁ। ବାରଣ ପିଲା ଭଲ ଲେଖିପାରିବ, କିନ୍ତୁ ଭଲ ପୂଜାପୂଜି କରି ପାରିବ ନାହିଁ; ବ୍ରାହ୍ମଣ ପିଲା ଭଲ ପୂଜାପୂଜି କରିପାରିବ; କିନ୍ତୁ ଭଲ ମେହେନ୍ତରର କାମ କରି ପାରିବ ନାହିଁ।—ଅର୍ଥାତ୍ ଗୁଣ ଓ କର୍ମରେ ପାର୍ଥକ୍ୟ ଲୋକର ଜାତିଗତ ଶ୍ରେଣୀରେ ଜନ୍ମ ହେବା ଯୋଗୁଁ ଘଟିଥାଏ। ଏହି ମତଟାକୁ ସ୍ୱୀକାର କରିନେଲେ ସବୁ ମଣିଷ ଯେ ସମାନ—ଅର୍ଥାତ୍ ସବୁ ମନୁଷ୍ୟ ଏକ ଶ୍ରେଣୀର ଜୀବ; ସମସ୍ତ, ଶିକ୍ଷା ଓ ସୁବିଧା ପାଇଲେ ସବୁ ମନୁଷ୍ୟ ଏକ-ପ୍ରକାର ସାଧାରଣ ଉନ୍ନତିର ସ୍ତର ପାଏ ବଢ଼ିପାରନ୍ତି,—ଏହା ଅସ୍ୱୀକାର କରିବାକୁ ହେବ ଏବଂ ଏହା ଅସ୍ୱୀକାର କଲେ ପ୍ରତି ମନୁଷ୍ୟ ପାଇଁ ସମାନ ସୁଯୋଗ, ସୁବିଧା ସମାନ ଉନ୍ନତିର ବ୍ୟବସ୍ଥା—ସମାଜ ଭିତରେ ଗଠନ କରିବା ଯଥା ଏ ସବୁରହିଁ ମୂଲ୍ୟ କମିଯିବ। ଯେତେବେଳେ ଧାରଣା ସବୁ ମନୁଷ୍ୟ ସମାନ, ସବୁ ମନୁଷ୍ୟ ଏକ ସ୍ତରର ଅଧିକାରୀ; ତେଣୁ ପ୍ରକୃତ ଉଚ୍ଚ ନୀଚ ବଡ଼ ବା ସାନ ନାହାନ୍ତି। ଯେଉଁମାନଙ୍କୁ ଉପରସ୍ତରର ଲୋକ ସାନ ବୋଲି କହନ୍ତି, ସେମାନଙ୍କଠାରୁ ବଡ଼ ହେବାକୁ ସବୁ ସୁବିଧା ଦେଇ ତାଙ୍କୁ

ଖାଇ ପିଇ ବଞ୍ଚନ୍ତି ଓ ତାପରେ ଖାଇ ବୋଲି ବଞ୍ଚନ୍ତି । ଏହା ଘୋର ଅନ୍ୟାୟ, ମନୁଷ୍ୟତା ପ୍ରତି ଘୋର ଅବମାନନା । ପ୍ରଦୋଷ ସେଥିପାଇଁ ଏ ବିଷୟରେ ସବୁଠୁ ଅଧିକ ଦୋଷ ଦେଉଛି ଚନ୍ଦ୍ରଭାଗା ନେଇ । ବେଶ୍ୟା ଗୃହର ପାପପଙ୍କିଳ ବାତାବରଣ, ଲଜ୍ଜା ଶରମର ଜଳା-ଞ୍ଜଳିମାନଙ୍କ ଅର୍ପଣ । ମନୁଷ୍ୟତା ପ୍ରତି ଅବମାନନାର ବ୍ୟବସାୟ ଭିତରେ ସେହି ବ୍ୟବସାୟ କରିବା ଉଦ୍ଦେଶ୍ୟରେ ଅବାରିତ ଶିକ୍ଷା ଲାଭ କରିଥିବା ଲୋକଙ୍କୁ ମଧ୍ୟ ଯଥେଷ୍ଟ ସୁଯୋଗ, ସୁବିଧା ଯୋଗାଇ ଦେଲେ ସେ ସମାଜର ଶୀର୍ଷସ୍ଥାନକୁ ଉଠିବାର ଯୋଗ୍ୟତା ଲାଭ କରି ପାରେ, ଚନ୍ଦ୍ରଭାଗାଙ୍କ ପ୍ରଦୋଷ ଏହାହିଁ ଦେଖାଇବାର ଚେଷ୍ଟା କରୁଛି । ଅବଶ୍ୟ ଶରତ୍‌ବାବୁଙ୍କର ଚନ୍ଦ୍ରା ଯେପରି ଭାବରେ ଲଢ଼େଇ କରୁଛି, କରି ପାରୁଛି, କରିପାରେ, ଦେବେଇଣ ଇନ୍ଦ୍ରଘରର ଝିଅ ତାହା ପାରନ୍ତି, ତାହାହିଁ ମୁଁ କହୁଛି । ପ୍ରଦୋଷର ଚରିତ୍ର ମତ ମୁଁ କହି ପାରିବି ନାହିଁ; କିନ୍ତୁ ମୋର ଏ ମତ ଦୃଢ଼ ଧାରଣାରେ ପରେ ପରିଣତ ହୋଇଛି ଯେ, ଯେଉଁମାନଙ୍କୁ ସମାଜର ଯେତେ ନିମ୍ନସ୍ତରରେ ଯେତେ ଅବହେଳିତ ଭାବରେ ରଖାଯାଇଛି, ସୁଯୋଗ ଓ ସୁବିଧା ପାଇଲେ ସେମାନେ ସେତେ ଉଚ୍ଚସ୍ତରକୁ ଯାଇପାରିବେ ।'

କଥାଟା ସିଦ୍ଧେଶ୍ୱର ବାବୁ ଓ ତାଙ୍କ ଗୃହିଣୀଙ୍କୁ ଭଲ ଲାଗିଲା ନାହିଁ, କେଉଁଠାରେ ପ୍ରତିବାଦ ବି ଜବାବ ଦରକାର ହୋଇପଡ଼ିଲା ।

ସିଦ୍ଧେଶ୍ୱର ବାବୁ ଗମ୍ଭୀର ଭାବରେ କହିଲେ, 'ତେବେ ପ୍ରଦୋଷର ଜୀବନର ଲକ୍ଷ୍ୟ କଣ ବୋଲି ମନେକର ?'

—'ସେ କହେ, ତା ଜୀବନର କି ଲକ୍ଷ୍ୟ ଥାଇପାରେ ? ବାସନ୍ତୀ ସନ୍ଧ୍ୟାରେ ଫୁଲକୁ ଝରି ପଡ଼ୁଥିବା ଦେଖିଲେ ଯଦି ସେ ତାର ଜୀବନକୁ ମନେପକାଏ, ସ୍ୱାଭାବିକ ସେ ତାକୁ ଶରଣ କରିବାକୁ ଚାହେଁ । ତେଣୁ ସେ ଯାହାକୁ ଭଲ ପାଏ ତାର ସମ୍ମାନ ପ୍ରତିଷ୍ଠା ଉତ୍ସର୍ଗ କରି ଦେଇ ପାରେ । ସବୁଠାରୁ ଭଲପାଏ ସେ ଯାହାକୁ ଜାଣନ୍ତି ? ସେ ତାର ଭଲ ପାଇବା ଫେରାଇ ଦେଇ ପାରିବ ନାହିଁ, ଅଥଚ ତାହା ଉଦ୍ଦେଶ୍ୟରେ ଅସୀମ ପ୍ରେମର ପୁଷ୍ପାଞ୍ଜଳି ଦେଇଦେବ ।

Digitized by srujanika@gmail.com

ଏହିପରି ଗୋଟିଏ ଶାଶ୍ୱତ ଦେଶକୁ ସେ ଖୋଜି ପାଉନ୍ତି—ଅମର ଏଇ ଜନନୀ ଭାରତବର୍ଷ। ପ୍ରଦୋଷ ତାକୁ ନିଜର ଜୀବନଠାରୁ ଭଲପାଏ। ଭାରତବର୍ଷ ତା ପକ୍ଷରେ ଗୋଟାଏ ଦେଶ ନୁହେଁ—ତାହା ତାର ଜୀଅନ୍ତା ମାଆ—ତାର ନିଜର ଜନନୀ—ତାର ଦେବୀ। ତାହାର ଚରଣ ଉଦ୍ଦେଶ୍ୟରେ ପ୍ରଦୋଷର ସବୁ ସ୍ନେହ, ସବୁ ପ୍ରେମ, ସବୁ ସାଧନା, ସବୁ ତପସ୍ୟା ଉତ୍ସର୍ଗିତ। ପ୍ରଦୋଷତ ଖୁବ୍ ବଡ ପଣ୍ଡିତ ଲୋକ, ବଡ଼ ଦାର୍ଶନିକ ଧରଣର; ସେ ଯେ ଏ ଦେଶଟାକୁ ଏତେ ଅନ୍ଧ ଭାବରେ କପରି ଭଲ ପାଏ, ତାହା ମୁଁ ଅନେକ ସମୟରେ ବୁଝି ପାରେ ନାହିଁ, ତଥାପି ମୋର ମୁଣ୍ଡ ନଇଁ ପଡ଼େ ତାର ଏହି ସାଧନା ପାଖରେ।'

ଏ ସବୁ ବଡ଼ ବଡ଼ କଥାର ସୀମାନ୍ତ ବାଟେ କଦାପି ପିନ୍ଧେଶ୍ୱର ବାବୁ ଯାଇନାହାନ୍ତି, ସେ ଜିଲ୍ଲାର ଡେପୁଟି ମାଜିଷ୍ଟ୍ରେଟ ଓ ଡେପୁଟି କଲେକ୍ଟର ବି ନା, ପେନସନ୍ ନେଇ, ଓ I have the honour to be, Sir, Your most obedient servant ହେଲେ ଧାମ ସରିଲା। ଅବଶ୍ୟ ସେ ବେଳେ ବି ଇଂରେଜ-ଭାରତର ବହୁତ ବଡ଼ ପୁଲିସ ସାହେବଙ୍କ ଇସାରା ମୁତାବକ ସେମାନଙ୍କୁ ଜେଲକୁ ଟେକି ଥିଲେ। ସେଇମାନେହିଁ ଦେଶ ଜନକୁ ଭଲ ପାଇବା ଅପରାଧ କରୁଥିଲେ। ତା ଛଡ଼ା ଦେଶଟା ଯେ କେବେ ପୂଜା ବା ଭକ୍ତିର ଯୋଗ୍ୟ ଏ କଥା ସେ କେବେ ସ୍ୱପ୍ନ ମଧ୍ୟ ଦେଖି ନାହାନ୍ତି। ସେ ଏକ ବୁଝି ପାରିଲେ ନାହିଁ।

ତଥାପି ବୃଦ୍ଧଟି ଗୋଟାଏ ଦୀର୍ଘନିଶ୍ୱାସ ଛାଡ଼ି କହିଲେ, 'ହଁ, ମାଆ ଯାର ନାହିଁ ତାର ଭାବ ନାହିଁ।'

ଭିତରୁ ଏଇଥର ଉତ୍ତରକୁ ବୃଦ୍ଧ ଅଡ଼କୁ ସୁହାଁଇ ଦିଏ ।

—ତେଇଶ—

'ବୁଢ଼ା ହେଲଣି, ତାହାର କଥା ଧରି ବସିବାକୁ ମୁଁ ଚାହେଁ ନାହିଁ। କିନ୍ତୁ ମୋର ଆଶ୍ରିତର ପୁଅ, ମୋ ମୁନସବ ନାମରେ ଯେ ଦିନରେ ବଦନାମ ଦେଲା, ସେ ମୋ ମୁହଁକୁ ଚାହିଁବ ନାହିଁ। ଏ କଥା ତମେମାନେ ଭଲରୂପେ ଜାଣି ରଖ'—ନାଏବ ବାବୁ ଧୀର ଗମ୍ଭୀର ସ୍ୱରରେ କହିଲେ।

ମଦନ ମିଶ୍ରେ କହିଲେ, 'ଉଚିତ କଥା। ସାନ ବାବୁଙ୍କ ପର ଲୋକ, ତାଙ୍କ ଆଖିରେ ଧୂଳି ଦେବେ! ଧର୍ମ ସହିବ? ଛତା ପାଇଁ ଗିଲ, ଜଳ ଓପି ଦେଲା। ତେବେ ସେ ଗାଁର ଜମିଦାରୀ ପସନ୍ଦ ହେଉନାହିଁକି? ବୁଝିଲେ ନାଏବ ବାବୁ, ଏ ସବୁ ଯେତେବେଳେ ବୁଢ଼ାମୁଣ୍ଡା ଜପିବାର କାମ!'

ଉପସ୍ଥିତ ଥିବା ଗାଁର ମୁଖିଆ ମୁଖିଆ ଲୋକେ ଏ କଥା ମୁଣ୍ଡ ହଲାଇ ସେ କଥା ମାନିନେଲେ।

ଗୁରେଇ ପଧାନ ମନେକଲା, ମଦନ ମିଶ୍ର ଯେବେ ଖସିଯାଇ, ନାଏବ ବାବୁଙ୍କ ପାଖରେ ଉଭେଇ ହୋଇ ତାଙ୍କ ପାଦରେ ପଡ଼ାଇ-ଲାକୁ ଚେଷ୍ଟା କଲେ। ସେ କହିଲା, 'ଧୋବଧାଉଳିଆ ଲୋକ ଦରକୁ, ଲକ୍ଷଣୀ ଦେଖିଲେ ମାଲ ଚୋରାନ୍ତୁ। ଜନ୍ତୁନା ସ୍ୱାର୍ଥ ଏ, କହୁନା କେତେହେବ ଏ। ସତକଥା କହିବାକୁ ଡରୁଛ ଭାଇଁକି? କହୋ ଆମେ ଏ ସବୁ କଥା ଜାଣୁନାହୁଁ? କେମେ ସାପ ହୋଇ ଦଂଶିଲ, ଓଝା ଗୁଣିଆ ହୋଇ ଝାଡ଼ୁଛ? କହୋ କେତେହେବ ଏ।'

ଅଗାଧୁ ଭେକେନ୍ଦ୍ରସ୍ୱ ମନେକଲା, ଏଥର ସବୁ କଥା ବାହାରି ପଡ଼ିବ ଆଉ ରକ୍ଷା ନାହିଁ, କହିଲା, 'ହଁ, ସେଇଟା ତୁମେ ଆଉ କହିବ? ଆମେ କହିଣ କାଣୁ? ଏବେକେ ବହିବତ ଘରେ ତମେତ ସବୁ କହିଲ!'

ଗାଁ ଆର ଆଉ ଯେଉଁମାନେ ଉପସ୍ଥିତ ଥିଲେ, ସେମାନେ ଅନୁଭବ କଲେ ଯେ ଏଥର ନାଏବ ବାବୁଙ୍କ କୋପଦୃଷ୍ଟି ସେମାନଙ୍କ ଉପରେ ପଡ଼ିବ, ଆଜି ନାଟକ ସେମାନଙ୍କୁ ଶେଷ ଅବସ୍ଥା ନ ଦେଇ

ଛାଡ଼ନ୍ତେ ନାହିଁ । ପାଣିରେ ଘର ବାନ୍ଧି କୁମ୍ଭୀର ସହିତ ବାଦ କରି କେତେଦିନ ରହି ହେବ ? ସେମାନେ ଦିନା ଜଗିଦେବ ଆଉ ତାଙ୍କ ଉପରେ ଦାଉ ସାଧୁଥିଲେ, ସେମାନଙ୍କର ଲୁଚିକରି ବଢ଼ିଆକୁ ନେଇ ହିଁକୁ ଏ ଅମୋଦ ଉପଭୋଗ କରୁଥିଲେ; କିନ୍ତୁ ମାତ୍ରା ଉପରେ ଯେ ମାତ୍ରା ଅଛି, ସେ କଥା ତାଙ୍କୁ ଜଣା ନାହିଁ; ଅଳ୍ପ ଖୋଜୁଁ ଖୋଜୁଁ ଯେ ମନ୍ଦଃ ହେବ ବାହାରିଲେ, ସେମାନେ ତାଙ୍କୁ ନେଇ କରିବେ କଅଣ ? ପଦନ ମିଶ୍ର ଯେ ଏ ସବୁର ମୂଳ ଏଥିରେତ ସେମାନଙ୍କର ସନ୍ଦେହ ନାହିଁ । ଉଜଗେବ ବୁଢ଼ା ନାଗ ବାପାର ଶ୍ରାଦ୍ଧ ଦିନ ମିଶ୍ରଙ୍କୁ ଫେଣ୍ଟେ ଲୁଗା ଦେଇ ପାରି ନ ଥିଲା । ସେଥିପାଇଁ ମିଶ୍ରେ ଶ୍ରାଦ୍ଧ ଉପରୁ ଉଠି ଚାଲିଥିଲେ । ଅଜକାଳିକା ଦିନରାଇ ଯେମିତି ବୁଢ଼ା ଲୁଗା ଖଣ୍ଡେ ପାଇବା କୁଆଡୁ ? ସେ ଛିଣ୍ଡା ପିନ୍ଧୁଛି, ତାଂ ଝିଅ ଛିଣ୍ଡା ପିନ୍ଧୁଛି, ସମସ୍ତେ ଆଖିରେ ଦେଖୁଛନ୍ତି; ସେ କଅଣ ଘରଭିତ୍ରୁ ଶଢ଼ ମିଶ୍ରଙ୍କୁ ଲୁଗା ଖଣ୍ଡେ ଦଅନ୍ତା ? ହେଲା, ତାଙ୍କ ଉପରେ ବମର ସ୍ୱର ହେଲା, ତା ବୋଲି ଗାଆଁ ଲୋକଙ୍କୁ ସାଙ୍ଗରେ ବାନ୍ଧି ତାଙ୍କ ଉପରେ ଦାଉ ସାଧିବ ? ବର୍ତ୍ତମାନ ଏ ଚପଟି ପଡ଼ିଲା, ସମ୍ଭାଳିବ କିଏ ? ଗ୍ରାମବାସୀଙ୍କର ସବୁ କ୍ରୋଧ ପଡ଼ିବ ମିଶ୍ରଙ୍କ ଉପରେ । ସେମାନେ ମନେ ମନେ ଠିକ୍ କରି ନେଲେ; ଜମିଦାରର ସାହାଯ୍ୟ ପାଇ ସେମାନେ ପଦନ ମିଶ୍ରଙ୍କୁ ଉଚିତ ଦଣ୍ଡ ଦେବେ । ସେମାନେ ମନେ ମନେ ସ୍ୱଗେରଲ ପଧାନଙ୍କୁ ସମର୍ଥନ କଲେ ।

ନାଏବ ବାବୁ ଗମ୍ଭୀର ସ୍ୱରରେ ବସି ବସି ସବୁ ଲକ୍ଷ୍ୟ କରୁଥିଲେ ।

ପଦନ ମିଶ୍ରେ ଛକ ଉଠିଲେ ପଧାନ ଉପରେ । ସେ ତାଙ୍କୁ ଧସ୍ ପକାଇଲୁ ବୋଲି ମନେକଲେ । ନାଏବ ବାବୁଙ୍କୁ କହିଲା, 'ବୁଝିଲେ ବାବୁ, ଏକୁଡ଼ିଆ ଗଣ୍ଡଢ଼—ଦୁଷ୍ଟ ଗଣ୍ଡଢ଼ । ଏଇ ଲୁଚଠା ବଡ଼ ମେକଣ ହୋଇ ବାହାରିଛି, ପ୍ରଜାଙ୍କୁ ମତାଉଛି, ଖଜଣା ଦିଅନା ବୋଲି କହୁଛି । ଏଇଟାକୁ ଉଚିତ୍ ନ କଲେ ଗାଁର ମଙ୍ଗଳ ନାହିଁ । ତେଲେ, ରଜା ପ୍ରଜା ସମ୍ପର୍କ; ଚନ୍ଦ୍ର ସୂର୍ଯ୍ୟ ଯେତେଦିନ ଅଛନ୍ତି, ଏ ସମ୍ପର୍କ ରହିବ । ତମେ ଏଥିରେ ହାତ ଦେଉଛ, ବଂଶରେ ବତି ଦେବାପାଇଁ କେହି ରହିବ ନାହିଁ—ବତି ଦେବାକୁ କେହି ରହିବ ନାହିଁ ।'

ନାଏବ ବାବୁ ଟିକିଏ ମାତ୍ର ହସିଲେ ।

ସୁରେନ୍ଦ୍ର ପଧାନର ଚକ୍ଷୁ ଲାଲଟକ୍‌ଟକ୍ ହୋଇ ଗଲା । ସେ କହି ଉଠିଲା, 'ଏ ଘଟଣା, ଘଟଣା—ଏହା ଗପ ନୁହେଁ, ମିଛ ଗପ ନୁହେଁ । ତେବେ ମୁଁ କେଉଁଠି ? ମୁଁ ମୋ ବାପା, ମା ଭାଇର କଥା କହୁଚି—ମୁଁ କେଉଁଠି ? କେଉଁଠି ମୁଁ ଯା ଏ । ସେଦିନ ଦଳପତି ମତେ ପଚାରିଲେ—'ଆଉ ଜଗତ୍‌ଜ୍ୟୋତି କଥା ଲେଖ, ଭଗବାନଙ୍କ କଥା ଲେଖ ।' ସ୍କୁଲରେ ସେ କଥା ମୁଁ କହି ପାରିଲି । ଜମିଦାରର ବଡ଼ ପୁଅ ଯିଏ ବୋଲି କହିଲି । ଭଗବାନ ଯିଏ ମୋ ଘର ବାବୁ ଲୁଚା ଦେଲେ ବୋଲି କହିଲି, ସ୍କୁଲ ଛାଡ଼ିଲେ ଭଗବାନ ଯିଏ ଲେଖା ସ୍କୁଲରେ ଲେଖକ ଯେ ଏ ବୋଲି କହିଲି; ଆମେ ଏସବୁ କଥା ଜାଣିଥିଲୁ, ବୁଝିଲୁ । କହ ନା ବାବୁ, କେଉଁଟି ଠିକ ?'

ଅଚାନକ କେଉଁଠି କଥାରେ ସାକ୍ଷୀ ଦେବା ଭଳିଆରେ ନାଏବ ବାବୁଙ୍କୁ ସେ ପୁଣି କହି ବସିଲା, 'ହଜୁର, ସରକାର ଘରେ, ସବୁ ସାକ୍ଷୀ-ବାଲାଙ୍କ ଆଗରେ ଯଦିଓ ମିଛ ଏ ସବୁ କହିଛି, ଏ କଥା ସତ । ତେବେ ମୁଁ ଦୋଷୀ କହୁ ନାହିଁ ।'

ନାଏବ ବାବୁଙ୍କ ଆଖି ଦୁଇଟା କଅଁଳ ହୋଇଗଲା । ସେ ଗମ୍ଭୀର ସ୍ୱରରେ କହିଲେ, 'ମୁଁ ସବୁ ଦେଖିଛି, ସବୁ ଜାଣିଛି । ସେଇଥି ପାଇଁ ସମସ୍ତଙ୍କ ଚରିତ୍ର ଦେଖାଇ ଆସିଥିଲି । ମୁଁ ତମମାନଙ୍କୁ କହୁଛି, ଏ ବିଷୟରେ ଦୋଷୀ ଯେ, ସେ ମୋ ହାତରୁ ଖସିବାର ପାଇବ ନାହିଁ । ଲୁହା ସାଙ୍ଗରେ ନାହାନ୍ତି, ତନୁ ତାଙ୍କ ଉପର ମୋ ପାଖରେ ମଧ୍ୟ ଅଛି ବହି ବହି । ପାଞ୍ଚର ବାହାରୁ ଉଚ୍ଚ ଭାବର, ସେତିକି ତମ ବନ୍ଧାନ୍ତ ହୋଇ ପାରିବ ନାହିଁ, ତମେ ଭାବିବ ଯେତେ ଖୁସି । ଧରଣୀ ଜଗତେଶ୍ୱର ଦୁଲାରୀ, ତା ସାଙ୍ଗରେ ସାଥି ତମେ ତ ଯାଇ ଆଇଲ । ତା ଯିଏଟି ବାଡ଼ୁଅ, ତମେ ଘରେ ବସିଣ ଯିଏ ନାହିଁ, ବାପୁ ଦେଖି ତମର ଦୟା ହେଲା ନାହିଁ, ତା ନାଁରେ ତମେ ମିଛ କହୁଛ ? ଲୁଚିଥାଅ ! ୧୪ଥର ଦଣ୍ଡ ଦେବାର ସ୍ୱର ମୁଁ ଠାକୁରଙ୍କ

ଛାତକୁ ଖଣ୍ଡ କେଉଛ, ଆଉ ଅବେ ଯେପରି ଏସବୁ ପଥ ମୋ ତାଳକୁ ନ ପାରେ ।'

ଘାଈଁ ଲେଖେ ବତଷଙ୍କୁ ପେଇଲେ । ଘାନ ବାବୁ ନରମାଳ ଉପରେ ଚୁପ୍ ଚୁପ୍ ଦେଖୁ ଥିଲେ, ତାଙ୍କୁ ଦେଖି ଏମାନେ 'ନମସ୍କାର' କଲେ ।

ବଡ଼ାଠା ବଟଣ କରିବା ପାଇଁ ପ୍ରଦୋଷ ତଳେ ଘର ଭିତରକୁ ଗଲା । ବାହାର କୋଠରୀ ଫେରିବା ପରେ ସମସ୍ତ ଯେପରି ନିସ୍ତବ୍ଧ, ଶାନ୍ତ, ଗମ୍ଭୀର ହୋଇଯାଏ, ନାଏବ ବାବୁ ସେହିପରି ବସି ଥିଲେ ।

ପ୍ରଦୋଷ ପଚାରିଲା, 'ଏମାନେ କୁଆଡ଼େ ଆସି ଥିଲେ, ବାପା ?'

ନାଏବ ବାବୁ ହସିବାର ଚେଷ୍ଟା କରି କହିଲେ, 'ଏଇ ଜମିଦାରର ଧାନ ଯୋଗୁଁ କେତେ କେତେ ଲୋକମାନେ ବଡ଼ଘରୁ ଆସନ୍ତି, ସେମିତି ଆସିଥିଲେ । ଏ ସ୍ୱଭାବ ଅଛି ତ ନା, କେତେବେଳେ ଏମାନଙ୍କୁ ଦୁଇଟା ଧମକାଇ, କେତେବେଳେ ନାଲି ଆଖି ଦେଖାଇ ଏମାନଙ୍କଠାରୁ ଧାନ ଆଦାୟ କରିବାକୁ ହୁଏ । ଯାଅ, ବାବା !'

ପ୍ରଦୋଷ ଖଣ୍ଡେ ଚୌକିରେ ବସିଲା ।

ନାଏବ ବାବୁ କହିଲେ, ଏମାନେ ଚାଷୀ, କିନ୍ତୁ ଏମାନଙ୍କୁ ଚାଷୀ କହିଲେ ଭୁଲ ହେବ । ଚାଷୀ ଶବ୍ଦକୁ ନେଇ ଯାହା—ହୃଦୟ, ବୁଦ୍ଧି ବୃତ୍ତି, ଦୟା, କ୍ଷମା—ଏ ସ୍ୱଭାବ ଯେମିତି କେଉଁ ପିଶାଚ ଅଲକ୍ଷିତରେ ଶୋଷି ପିଇ ଯାଉଛି । ଏମାନେ ଅଧିକାଂଶ ଗରିବ; କିନ୍ତୁ ଦାରିଦ୍ର୍ୟର ଗୌରବ ନାହିଁ ଏମାନଙ୍କ ପାଖରେ—ଅଛି ଦାରିଦ୍ର୍ୟର ସମସ୍ତ ଦୋଷ, ସମସ୍ତ ହୀନତା, ସମସ୍ତ ଆବର୍ଜନା । ଏବେ ଘୃଣା ଏମାନଙ୍କ ଉପରେ ଖୁବ୍ ବଢ଼ୁଛି ଯେ, ଦେଖିଲେ ତମର ନିଜ ଉପରୁ ମଧ୍ୟ ବିଶ୍ୱାସ ତୁଟି ଯିବ । ଏମାନେ ଦୟା, କ୍ଷମା, ସ୍ନେହ, ସହାନୁଭୂତିକୁ ଅତି ଦୁର୍ବଳ ଭାବରେ ବୁଝନ୍ତି ବା ଆଦୌ ବୁଝି ପାରନ୍ତି ନାହିଁ; ସେମାନେ ବୁଝନ୍ତି—ଚାବୁକ, ଲାଠି ପାଇଁକ ଚଳନ୍ତି—

ଚିତ୍ତର ବଳ, ଧନର ବଳ । ତାଙ୍କ ସ୍ତ୍ରୀ ଯେ ଯେତେ ଭଲ ହୋଇ ଥାଉନ୍ତୁ, ସେମାନଙ୍କ ଦୃଷ୍ଟିରେ ସେ ସେତେ ତୁଚ୍ଛ; କିନ୍ତୁ ସେମାନଙ୍କ ଉପରେ ଯାହାର ଯେତେ ଅତ୍ୟାଚାର ଚଳିବା କଷ୍ଟ ଅଛି, ଜବରଦସ୍ତି ଚଳେଇବା କ୍ଷମତା ଅଛି, ସେମାନେ ତାକୁ ସେତେ ମାନନ୍ତି ସେତେ ଡରନ୍ତି ।'

ସେତେବେଳେ ମନୋରମା ବାବୁ ଓଡ଼ିଆ ଜାତୀୟ ଯେଉଁ ସମୁଦାୟ ମାଛି ସ୍ୱଭାବ ଯା ଅଛି; ଯେଉଁ ଦେଶ ଉପରେ ଲଢ଼ି ଜଗି ସେ ଜୀବନ ଉତ୍ସର୍ଗ କରନ୍ତି, ନାଏବ ବାବୁଙ୍କ କଥାରୁ ଯଦି ସ୍ୱୀକାର କରାଯାଏ, ତେବେ ତାହାର କୌଣସି ଅସ୍ତିତ୍ୱ ରହିବ ନାହିଁ । ସେ ଅବଶ୍ୟ ପଚାରି କହିଲ, 'ଠିକ୍ ତ !'

ନାଏବ ବାବୁ ହସି ହସି କହିଲେ, 'ଠିକ୍ ନ; କିନ୍ତୁ ଏହାହିଁ ଅଭିଜ୍ଞ ଲୋକ କଥା । ତ୍ରିଶ ବର୍ଷ ଧରି ଏମାନଙ୍କ ସହିତ ମିଶି ମୁଁ ଏଇ କଥା ଭଲ ଭାବରେ ବୁଝିଛି ।'

ସେ ଦିନ ଜଗବନ୍ଧୁ ଯାଉ ଓ ହଙ୍କା ଫେରାଇ ଦେବା ସମୟ ନାଏବ ବାବୁ ପ୍ରଦୋଷଙ୍କୁ ଦେଖାଇ କହିଲେ, 'ବାବା ଦେଖିଲ, ବାବୁଙ୍କ ଘରେ ଥିଲେ ଯାହା ମୋ ଘରେ ଥିଲେ ସେହିତା । ବର୍ତ୍ତମାନ ଚାଲି ଯାଉଛି । ଏସବୁ ରହିଲେ ଖରଚ ହୋଇଯିବ ।'

—ଚଉଦ—

ନଈ କୂଳରେ ବୁଲୁ ବୁଲୁ ପ୍ରଦୋଷ ଯୋଡ଼ାଏ ଗଛ ମୂଳରେ ଯେ ଛିଡ଼ା ହୋଇ ଅଛନ୍ତି, ତାହା ତାଙ୍କୁ ଜଣା ନାହିଁ ।

ନିଜ ମନ ଭିତରେ ଦ୍ୱନ୍ଦ୍ୱ ଚାଲିଛି ଯୁଦ୍ଧ । ନା, ନାଏବବାବୁଙ୍କ ମତକୁ ସେ ଗ୍ରହଣୀୟ ବୋଲି ମାନି ପାରିବେ ନାହିଁ । ଏଇ ପଲ୍ଲୀର ଲୋକେ—ଏମାନେ ତ ଭାରତର ସାତ ଲକ୍ଷ ଗାଁରେ ଭରି ରହିଛନ୍ତି; ଏମାନେ ତ ପ୍ରକୃତ ଭାରତର ଅଧିବାସୀ । ଏମାନେ ମନୁଷ୍ୟ-ତାକୁ ବୁଝନ୍ତି ନାହିଁ ? ଏମାନେ ଦୟା, କ୍ଷମା ଆଦି ମନୁଷ୍ୟର ଉଚ୍ଚତର

Digitized by srujanika@gmail.com

ପ୍ରବୃତ୍ତି ଗୁଡ଼ିକ ଟଳି ପାରନ୍ତି ନାହିଁ ? ଏମାନଙ୍କ ଭିତରେ ହୀନତା ପୂରି ରହିଛି ? ଏ କଥା ସତ ବୋଲି ମାନିବାକୁ ପଡ଼ିବ; କିନ୍ତୁ ଏହା ସତ ହେଲେ ଏହାର କାରଣ କଅଣ, ଏହାର ପ୍ରତିକାର କଅଣ ? ମନୁଷ୍ୟ ସ୍ୱଭାବତ ଚିରକାଳ ଉନ୍ନତର ପ୍ରବୃତ୍ତିର ଉପାସକ; ସତ୍ୟତାର ପନ୍ଥାର ଅନ୍ୱେଷଣ କରିବା, ଉନ୍ନତରୁ ଉନ୍ନତତର ହେବାର ଚେଷ୍ଟା କରିବା ତ ମନୁଷ୍ୟର ସହଜାତ ପ୍ରବୃତ୍ତି । ଏଇଥିପାଇଁ ତ ତା ଭିତରେ ନୈସର୍ଗିକ ଅସନ୍ତୋଷର ଅଗ୍ନି ଜୀବନର ଉତ୍ତାପ ପରି ସବୁବେଳେ ଜଳୁଛି । ତେବେ ସେ ଏତେ ହୀନ, ଏତେ ନୀଚ କାହିଁକି ? ବିଜୁଳିର ଚମକ ପରି ତା ଆଗରେ ଗୋଟାଏ କଥା ଖେଳିଗଲା—ଏ ସବୁର କାରଣ ପରାଧୀନତା । ପରାଧୀନତାର ଦୁର୍ଭେଦ୍ୟ ପ୍ରାଚୀର ଦେହରେ ମୁଣ୍ଡ ପିଟି ପିଟି ଯେତେବେଳେ ମନୁଷ୍ୟର ସମସ୍ତ ଆଶା, ଆକାଙ୍କ୍ଷା, ଅଗ୍ରଗମନର ଚେଷ୍ଟା ରକ୍ତାକ୍ତ ହୋଇପଡ଼େ, କ୍ଳାନ୍ତ ଅବସନ୍ନ ହୋଇ ପଡ଼େ, ଯେତେବେଳେ ସେ ଲେଉଟି ପଡ଼େ ସେହି ପ୍ରାଚୀର ମୂଳରେ ଅକ୍ଷମତାର ସମସ୍ତ ଅବସାଦକୁ ଛାତିରେ ଚାପିଧରି । ତା ଭିତରେ ଜାତ ହୁଏ ହତାଶା; ତା ଭିତରେ ଜଳୁଥିବା ଆକାଙ୍କ୍ଷାର ଦୀପ ଶିଖା ଲିଭିଯାଏ, ଅକ୍ଷମତା ଗ୍ଲାନିରେ ତାହାର ଚତୁର୍ଦ୍ଦିଗ ଅନ୍ଧକାରମୟ ହୋଇଯାଏ । ସେ ପରାଧୀନତାକୁ ଦୁର୍ଭେଦ୍ୟ, ଦୁଶ୍ଛେଦ୍ୟ, ଅଦମ୍ୟ ପ୍ରାକୃତିକ ଅବସ୍ଥା ବୋଲି ମାନି ନିଏ । ତାହାର ଫଳରେ ତାର ସମସ୍ତ ଦୃଷ୍ଟିଶକ୍ତି ଫେରି ଯାଏ ଅବନତିର ଅନ୍ଧକାରମୟ ଗଭୀର ଗହ୍ୱର ଆଡ଼କୁ । ତା ଭିତରେ ସହଜାତ ପ୍ରବୃତ୍ତି ରୂପେ ଜାଗ୍ରତ ଥିବା ଉନ୍ନତର ପ୍ରବୃତ୍ତି ଗୁଡ଼ିକ ଅନୁଶୀଳନ ଅଭାବରେ ଅକର୍ମଣ୍ୟ ହୋଇ କ୍ରମେ କ୍ରମେ ମରି ଯାଏ—ସେ ହୋଇପଡ଼େ ହୀନ, ନୀଚ, ଅକର୍ମଣ୍ୟ — କେଣ୍ଟୁ ଈର୍ଷାନ୍ୱିତ, ପରଶ୍ରୀକାତର, ଘୃଣାଜନକ ଭାବରେ ସ୍ୱାର୍ଥପର । ପ୍ରଦୋଷ ସ୍ତମ୍ଭୀଭୂତ ହୋଇ ଠିଆ ହୋଇ ରହିଲା । ତାର ଚିନ୍ତାର ଧାରା ସହଜ ପଥରେ ଗତି କଲା ।

ସେ ଦେଖିଲା, ପରାଧୀନତାର ଏକମାତ୍ର ପ୍ରତିକାର ସ୍ୱାଧୀନତା । ସ୍ୱାଧୀନତାର ସୂର୍ଯ୍ୟ ଉଦୟାଚଳରେ ଦେଖା ଦେବା ମାତ୍ରେ ଶତାବ୍ଦୀ

Digitized by srujanika@gmail.com

ବ୍ୟାପୀ ସୂଚିଭେଦ୍ୟ ଅନ୍ଧକାର ଦୂରୀଭୂତ ହୋଇଯିବ; ଆସିବ ଆଶା, ଆକାଂକ୍ଷା, କର୍ମମୟ ଦିନ । ଆସିବ ଉତ୍ସବ, ଆନନ୍ଦର ସମୟ । ପୁଣି ମଳୟ ବହିବ, ପୁଣି ବୃନ୍ଦାବନେ ଫୁଲ ଫୁଟିବ, ପୁଣି ଜନ୍ମଭୂମିର କୁଞ୍ଜେ କୁଞ୍ଜେ ପକ୍ଷୀ ଗୀତ ଗାଇବେ । ଆଉ କି ହୀନତା, ଦୀନତା ରହିପାରେ ? ଆଉ କି ମନୁଷ୍ୟର ମନୁଷ୍ୟତା ପ୍ରତି ଚରମ ଅପମାନ ମୁଣ୍ଡ ଟେକି ପାରେ ? ସ୍ୱାଧୀନ ଭାରତର ଗରିମାମୟ ଛବି ପ୍ରଦୋଷର ଆଖିଆଗରେ ନାଚି ଉଠିଲା । ସେହିପରି ନିସ୍ତବ୍ଧ ଭାବରେ ଛିଡ଼ା ହୋଇ ସେ ତାହା ଉପଭୋଗ କରିବାରେ ଲାଗିଲା ।

ଧୀରେ ଧୀରେ ସେ ଘର ଅଡ଼କୁ ଫେରିଲା । ଡୋହା ଉପର ସେଇ ବାଟ । ସେଠାରେ ଛିଡ଼ା ହୋଇ ରହିଥିଲା ଜଣେ ସ୍ତ୍ରୀ ଲୋକ; ତା ଦେହରେ ଖଣ୍ଡେ ଛିଣ୍ଡା ଲୁଗା । ପ୍ରଦୋଷର ଦୃଷ୍ଟି ସେ ଆଡ଼କୁ ଗଲା; କିନ୍ତୁ ପର ମୁହୂର୍ତ୍ତରେ ତାର ଉଦ୍ଧତ ଅନ୍ତଃକରଣ ତାର ଦୃଷ୍ଟିକୁ ଅନ୍ୟ ଅଡ଼କୁ ଫେରାଇ ଦେଲା । ସେ ବାଟ କଟାଇ ଆଗକୁ ଚାଲିଲା ।

ତାର ମନେ ହେଲା, ସ୍ତ୍ରୀ ଲୋକଟି ଯେପରି ତାକୁହିଁ ଅପେକ୍ଷା କରି ଛିଡ଼ା ହୋଇଛି । ସେ ପଛ ଫେରି ଚାହିଁଲା, ଦେଖିଲା ସେ ବାଟ କଡ଼ରେ ସେହିପରି ଭାବରେ ଛିଡ଼ା ହୋଇଛି ।

ପ୍ରଦୋଷ ଫେରିଲା, ତା ପାଖରୁ ଖଣ୍ଡେ ଦୂରରେ ଛିଡ଼ା ହୋଇ କହିଲା, 'ତମେ ମତେ ଅପେକ୍ଷା କରିଛ ?'

ସ୍ତ୍ରୀଲୋକଟି ମୁଣ୍ଡ ହଲାଇ ସମ୍ମତି ଜଣାଇଲା ।

—'ତମେ କଅଣ କହିବାକୁ ଚାହଁ ? ତମେ କିଏ ?'

ସ୍ତ୍ରୀଲୋକଟିର ସର୍ବାଙ୍ଗ କମ୍ପି ଉଠିଲା ବୋଲି ପ୍ରଦୋଷର ମନେ ହେଲା । ସେ ଧୀରେ ଧୀରେ କହିଲା, 'ମୁଁ ମାଳତୀ—ଜଗବନ୍ଧୁଙ୍କ ଝିଅ ।'

ନିଃସ୍ପୃହ ଭାବରେ ପ୍ରଦୋଷ କହିଲା, 'କଅଣ କହୁଛ ତମେ ?'

ତାର ଦୃଷ୍ଟି ମାଳତୀର ମଳିନ ମୁଖର କେତେକାଂଶ ଉପରେ ବୁଲୁଥିଲା ।

Digitized by srujanika@gmail.com

ମାଳଞ୍ଚ ତା ଅଡ଼କୁ ଚାହିଁଲା; ସମୁଦାୟ ବିଶ୍ୱବ୍ରହ୍ମାଣ୍ଡର ଅଭିଯୋଗ ସେ ଚାହାଣୀ ଭିତରୁ ଫୁଟି ବାହାରୁଥିଲା । ସେ କହିଲା, 'ମୁଁ ଆପଣଙ୍କୁ ଗୋଟାଏ କଥା ପଚାରୁଛି । ଆମେ ଗରିବ ବୋଲି ଆମକୁ ଅପମାନ ଦେଇ ଆପଣ କି ଲାଭ ପାଇଲେ ? ଆମକୁ ଦୁଃଖ ଦୁର୍ଦ୍ଦଶାରୁ ଉଦ୍ଧାର ନକରି ଭିତରକୁ ଠେଲି ଦେଇ ଆପଣଙ୍କର କି ଉପକାର ହେଲା ? ଗାଆଁରେ ସମସ୍ତେ ଆମକୁ ଛି, ଛି, କରୁଛନ୍ତି, ଆମ ମୁହଁ କେହି ଚାହୁଁ ନାହାନ୍ତି । ମୋର ବାପାଙ୍କ ମୁହଁକୁ ଚାହିଁ ମୋ ଛାତି ଫାଟି ଯାଉଛି । ଆପଣ ଏସବୁ ଖବର ରଖି ଥିବେ ତ । ଆପଣ ବଡ଼ ଲୋକ ବୋଲି ଆମେ ନିରୀହ ଗରିବ ଦୁଇଟାକୁ ଏ ଅବସ୍ଥା ଭିତରକୁ ଠେଲି ଦେଇ କି ସୁଖ ପାଉଛନ୍ତି, କହିଲେ ?'

ଗୋଟାଏ ଜ୍ୱାଳାମୟ ଅଗ୍ନିଶିଖା ହାବେଳୀ ବାଣକୁ ଯେପରି ଉର୍ଦ୍ଧ୍ୱଶ୍ୱାସରେ ଉପରକୁ ଉଠାଇ ନେଇ ଯାଏ, ଏହା ନିଃଶ୍ୱାସରେ ମାଳଞ୍ଚ ତାର ରକ୍ତାକ୍ତ ଅଭିଯୋଗ ଗୁଡ଼ାକ କହି ପକାଇ ସ୍ତବ୍ଧ ହୋଇଗଲା । ତା ଆଖିରୁ ବୋହି ପଡ଼ିଲା ଦୁଇଧାର ଅଶ୍ରୁ ।

କେତେ ଦୁଃଖ, କେତେ ଯନ୍ତ୍ରଣା ଯେ ତାର ଏହି ଅଭିଯୋଗ ଭିତରେ ପୂରି ରହିଛି, ତା ଅନ୍ତର୍ଯ୍ୟାମୀ ଜାଣନ୍ତି । ସେ ଯେଉଁ ଦେବତାଙ୍କୁ ସିଂହାସନରେ ସ୍ଥାପନ କରି, ତାଙ୍କ ଉଦ୍ଦେଶ୍ୟରେ ନିଜର ସର୍ବସ୍ୱ ଉତ୍ସର୍ଗ କରି ଦେଇଥିଲା, ତା ଉପରେ ପ୍ରଚଣ୍ଡ ଆଘାତ ପରେ ପ୍ରଚଣ୍ଡ ଆଘାତ ପଡ଼ୁଛି; କିନ୍ତୁ ମାଳଞ୍ଚ ନିଜର ବକ୍ଷ ପତାଇ ଆଘାତର ସେ ସବୁ ପ୍ରଚଣ୍ଡତା ଟାଣି ନେଉଛି, ରଖୁଛି ଦେବତା ଉଦ୍ଦେଶ୍ୟରେ ଅଞ୍ଜଳିବଦ୍ଧ ନମସ୍କାର । ତାର ସୃଷ୍ଟି ଯେତେବେଳେ ବାସ୍ତବତାର କ୍ରୂର ଆଘାତରେ ଚୂର୍ଣ୍ଣୀଭୂତ ହୋଇଯିବାକୁ ବସିଛି, ସେତେବେଳେ ତାର ହୃଦୟ ଧୂଳିରେ ଲୁଣ୍ଠିତ ହୋଇ ପଡ଼ୁଛି; କିନ୍ତୁ ସେହି ଧୂଳି ମୁଠାକୁ ଧରି ସେ ଗଠନ କରୁଛି ନୂତନ ସ୍ୱପ୍ନର ଦୁର୍ଭେଦ୍ୟ ଆବରଣ । କ୍ଷୁଧା ଓ ଅବିଶ୍ୱାସର ଝଞ୍ଜା ଯେତେବେଳେ ପ୍ରଳୟଙ୍କର ବେଗରେ ବହି ଯାଉଛି ତା ମନ ଭିତରେ, ସେତେବେଳେ ତାର ସମୁଦାୟ ଅସ୍ତିତ୍ୱରେ ସେ ନିଜର ଅଶାନ୍ତିକୁ ଆବୃତ କରି ରଖାଉଛି ତାକୁ

ଝଡ଼ର ଅକ୍ରୋଶ ମୁଖରୁ । ଯାତନାର ମହାଶ୍ମଶାନ ଭିତରେ ସେ ଆସନ ପକାଇ ରଖିଛି, ପ୍ରକାଣ୍ଡାଳି ସଜାଡି ରଖିଛି ତାର ଦେବତାଙ୍କିତ ଆଗମନ ଅପେକ୍ଷାରେ । ଗହ୍ୱର ଶଙ୍କିତାପୂର୍ଣ୍ଣ ଅନ୍ଧକାର ଭିତରେ ସେ ଦୀପଟିଏ ଜାଳି ମନ୍ଦିରଦ୍ୱାର ଖୋଲି ରଖିଛି । ସେ ସହୁ ଯାଉଛି—ମୁହଁବୁଜି ସବୁ ସହି ଯାଉଛି । ସମାଜର ବଦ୍ରୂପ ହାସ୍ୟ, କୁତ୍ସାର ଇଙ୍ଗିତ, ମନ୍ତେଙ୍ଗ, ପ୍ରତିକୂଳ ଅବସ୍ଥାରେ ନିଜସ୍ୱ ନିଷ୍ପୀଡନ ତ ତାକୁ ବ୍ୟଥିତ କରୁ ନାହିଁ, ତାକୁ ବିକୃତ କରି ପାରୁ ନାହିଁ; ତାର ଦେବତାଙ୍କୁ ସେ ଦୁଃଖର ବେଶରେ, ଯାତନାର ନିପୀଡନ ଭିତରେ ପାଉଛି ବୋଲି ତ ଅତି ନିବିଡ଼ କରି ପାଉଛି, ଅତି ଆପଣାର କରି ପାଉଛି । ଏହି ପାଇବା ଯେ କେବେ ଉଡ଼ି ଯାଇବ, ତାହା ମାଳତୀ ନିଜର ଅସ୍ତିତ୍ୱ ସହିତ ଅନୁଭବ କରୁଥିଲା । ସେଥିପାଇଁ ବେଳେ ବେଳେ ତାର ମନେ ହେଉଥିଲା, ଏହି ପାଇବାର ଭାରରେ ସେ ଭାଙ୍ଗି ପଡ଼ିବ, ଏହି ଯାତନାର ସ୍ତୂପରେ ସେ ଚୂର୍ଣ୍ଣୀଭୂତ ହୋଇଯିବ । ତା ଭିତରେ ସଞ୍ଚିତ ହୋଇଥିବା ଯୁଗ ଯୁଗର ମୂକ ଭାଷା ମୁଖର ହୋଇ ଉଠିଲା, ଚଞ୍ଚଳ ହୋଇ ଉଠିଲା, ବାଣୀରୂପେ ଆତ୍ମପ୍ରକାଶ କରିବା ପାଇଁ ତାହାର ବକ୍ଷର ରୁଦ୍ଧ ଦ୍ୱାରରେ ଅନବରତ କରାଘାତ କରୁଛି । ସେ ଅପେକ୍ଷା କରି ରହୁଛି ।

କିନ୍ତୁ ଆଉ ତ ସେ ଅପେକ୍ଷା କରି ପାରୁ ନାହିଁ, ତାର ଅପେକ୍ଷା କରିବା ଶକ୍ତି ଯେପରି କ୍ରମେ କ୍ରମେ କମି ଆସୁଛି ବୋଲି ସେ ଅନୁଭବ କରୁଛି, ସବୁ କଥା ବୋଧହୁଏ ଅକୁହା ରହିଲା, ସବୁ ପୂଜା ବୋଧହୁଏ ଦାନ୍ତର ଧୂଳିରେ ହିଁ ସାଙ୍ଗ ହେଲା ବୋଲି ତାର ମନେ ହେଲା । ସେ ଅସ୍ଥିର ହୋଇ ପଡ଼ି; ସେହି ଅସ୍ଥିରତାର ସୁଯୋଗରେ ହିଁ ତା ମନ ଭିତରେ ଅଭିଯୋଗ ପରେ ଅଭିଯୋଗ ସୃଷ୍ଟିଭୂତ ହୋଇ ଉଠିଲା ।

ମାଳତୀକୁ ଦୁଇଦିନ ହେଲା ଜ୍ୱର; କିନ୍ତୁ ସେ କାହାରିକୁ ସେ କଥା ଜାଣିବାକୁ ସୁଯୋଗ ଦେଇ ନାହିଁ । ସେ ଆଜି ପର ଏବା ଗାଧୋଇ ଯାଏ ନାହିଁ, ଘର କାମ କରେ, ଚୁଲି ଲଗାଇ ଯାହା ମିଳିଲା ସଙ୍ଗେ, ବୁଢ଼ାକୁ ଖାଇବାକୁ ଦିଏ, ଜ୍ୱରର ଉତ୍ତପ୍ତ ମସ୍ତିଷ୍କ

Digitized by srujanika@gmail.com

ନେଇ ଅକାଶ ପାତାଳ ଝକଝକ ପଣ ରହେ । ଗାଧୋଇ ଗଲା-ବେଳେ ସେ ଗଛମୂଳକୁ ଛୁଏଁ ଆଉ ତାର ବଂଶ ଛେଦ କରି ଉଠେ ଏକ ଦୀର୍ଘଶ୍ୱାସ ।

ସେଦିନ ସେ ନଈରୁ ଫେରୁଥିଲା । ଦୂରରେ ମାନବାବୁଙ୍କୁ ଦେଖି ଗଛମୂଳରେ ପଡ଼ି ଛିଡ଼ା ହୋଇଗଲା; ତା ଭିତରେ ଜମାହୋଇ ରହିଥିବା ଅଭିଯୋଗ ତାକୁ ଠେଲି ପେଲି ସେଠାରେ ଛିଡ଼ା କରାଇ ରଖିଥିଲା । ମାନବାବୁ ତାକୁ ବାଟ ଛଡ଼ାଇ ଗଲେ, ତାକୁ ଚିହ୍ନି ପାରିଲେ ନାହିଁ । ଏଥିରେ ତାର ଭଲ ପାଇବାର ସମସ୍ତ ଶକ୍ତି ଉଦ୍‌ଭ୍ରାନ୍ତ ହୋଇଗଲା; ସେ ତାର ଅଭିଯୋଗରେ ଅକ୍ରୋଶର ସମସ୍ତ ଜ୍ୱାଳା ମିଶାଇ ପ୍ରଦୋଷକୁ ଦଂଶନ କଲା; ପରମୁହୂର୍ତ୍ତରେ ନିଜର କାତରତାରେ ନିଜେ ଭାଙ୍ଗି ପଡ଼ିଲା ।

ପ୍ରଦୋଷ ଏସବୁ କିଛି ବୁଝି ପାରିଲା ନାହିଁ, ସେ ମୂକ ପରି ଚାହିଁ ରହିଲା ମାଳତୀ ଆଡ଼କୁ ।

ମାଳତୀ ଧୀରେ ଧୀରେ ଚାଲିଗଲା ।

ପ୍ରଦୋଷ ଅନେକ ସମୟ ସେଇଠାରେ ଛିଡ଼ା ହୋଇ ସ୍ୱର୍ଗମର୍ତ୍ତ୍ୟ ଭାବିବାରେ ଲାଗିଲା । ଥରେ ତାର ମନେ ହେଲା, ମାଳତୀର ଅକ୍ରୋଶ-ଭରା ଦୃଷ୍ଟି ଭିତରୁ ମଧ୍ୟ ଅମୃତର ସ୍ପର୍ଶ ଧାଇଁ ଆସୁଥିଲା ତାହା ଆଡ଼କୁ; କିନ୍ତୁ ତାହା ନିମିଷକ ପାଇଁ । ପରକ୍ଷଣରେ ତାର ସମୁଦାୟ ଦୁନିଆକୁ ଆଲୋଡ଼ିତ କରି ଉଠିଲା, ମାଳତୀର ଶୀର୍ଣ୍ଣ, ମଳିନ ମୂର୍ତ୍ତି । କେତେ ଦୁଃଖ, କେତେ ଜ୍ୱାଳା ସେ ତାହାର ଚକ୍ଷୁରେ, ମୁଖରେ — ଶରୀରର ପ୍ରତି ପରମାଣୁରେ ସେମାନଙ୍କର ପଦଚିହ୍ନ ଅଙ୍କିତ କରି ଯାଇଛନ୍ତି । ତାହା ଦେଖି ପ୍ରଦୋଷର ହୃଦ ଭିତରଟା ରକ୍ତାକ୍ତ ହୋଇଗଲା । ତାର ମନେହେଲା, ଯୁଗ ଯୁଗ ଧରି ପୁଞ୍ଜୀକୃତ ମାନବ — ବ୍ୟଥା ବୋଧହୁଏ ମାଳତୀର ମୂର୍ତ୍ତି ଗ୍ରହଣ କରି ତାରି ଉଦ୍ଦେଶ୍ୟରେ ଅଭିଯୋଗର ଅଙ୍ଗୁଳି ନିର୍ଦ୍ଦେଶ କରୁଛି; ବୋଧହୁଏ ଏହାହିଁ ପ୍ରଳୟଙ୍କର ମହାଶକ୍ତି ଉଦ୍ଦେଶ୍ୟରେ ଅଛି ପ୍ରପୀଡ଼ିତର ଜୀବନ୍ତ ନିବେଦନ, ବୋଧହୁଏ ଏହାହିଁ ପୃଥିବୀ ପୃଷ୍ଠରେ ମାଡ଼ିବସିଥିବା ଅନ୍ୟାୟ କବଳରେ ଗତ ଓ

Digitized by srujanika@gmail.com

ଅନାଗତରେ ତରୁଣ ଆହ୍ୱାନ, ପ୍ରଦୋଷ ବ୍ୟସ୍ତ ହୋଇ ପଡ଼ିଲା, ବିବ୍ରତ ହୋଇ ପଡ଼ିଲା; ତାର ସହାନୁଭୂତି ଶତବାହୁ ବିସ୍ତାର କରି ମାଳତୀ ଉଦ୍ଦେଶ୍ୟରେ ଧାଇଁଗଲା ।

ଗୋଟାଏ ପ୍ରଶ୍ନ ତା ମନରେ ଉଠିଲା, ଗାଁର ଲୋକେ ତା ଯୋଗୁଁ ମାଳତୀକୁ ଛି ଛି କରିବେ କାହିଁକି? ସେ ଯେ ସେମାନଙ୍କର ଦୁଃଖ ଦୁର୍ଦ୍ଦଶାର କାରଣ ହେଲା କିପରି? ସେ ସେମାନଙ୍କର ତ କିଛି ଭଲ କରି ପାରି ନାହିଁ, ତାଙ୍କ ଆଖିରୁ ଲୁହ ପୋଛି ଦେବାର ଶକ୍ତି ନାହିଁ ତାର; କିନ୍ତୁ ସେ ଯେ କେବେହେଁ ସେମାନଙ୍କର ଦୁଃଖର କାରଣ ହୋଇପାରେ, ଏ କଥା ତ ସେ ସ୍ୱପ୍ନରେ ଭାବି ନାହିଁ ।

ସେ ଭାବିଲା, ସେଇ ଶାଢ଼ୀ ଦୁଇଖଣ୍ଡ! ଏହାର କୁତ୍ସିତ ଇଙ୍ଗିତ ଉଲ୍କାଗ୍ନିଶିଖା ପରି ତାର ଗୋଡ଼ତଳୁ ଉଠି ମସ୍ତିଷ୍କ ଭେଦ କରି ଚାଲିଗଲା ।

କିଛିକ୍ଷଣ ପରେ ଦୀର୍ଘଶ୍ୱାସ ସହିତ ତାର ଆଖି ଆଗରେ ଭାସି ଉଠିଲା—ସେଇ ଛିଣ୍ଡାଲୁଗା ଖଣ୍ଡି ।

ପଚିଶ

ସନ୍ଧ୍ୟାବେଳୁ ପ୍ରଦୋଷ ମାଳତୀର ମୁଣ୍ଡ ପାଖରେ ବସିଛି ।

ବିହ୍ୱଳ ଦୃଷ୍ଟିରେ ମାଳତୀ ତାଙ୍କ ମୁହଁକୁ ଚାହିଁଲା, ତାଙ୍କର ଡାହାଣ ହାତଟାକୁ ନିଜ ଦୁଇହାତ ଭିତରେ ଚାପିଧରି କହିଲା, 'ତମେ ଯାଅନାହିଁ—ମୋ ପାଖରେ ବସ ।'

ପ୍ରଦୋଷ ଧୀରେ ଧୀରେ କହିଲା; 'ହଁ, ମୁଁ ଯାଉନାହିଁ କୁଆଡ଼େ; ଏଇଠି ବସିଛି । ତମେ ଶୋଇପଡ଼ ।'

ମାଳତୀର ହାତ ମୁଠା ଭିତରେ ପ୍ରଦୋଷର ହାତ ରହିଲା; ସେ ଆଖି ବୁଜିବାର ଚେଷ୍ଟା କଲା ।

ଦୂରର ଗୋଟାଏ ଇଞ୍ଜିନ୍‌ର ଝକାଡ୍, ଝକାଡ୍ କହିଲା, 'ହେଲବ୍ରୁମ ଷ୍ଟେସନ ଜମି ଆସୁଛି । ବାଉସିସ୍ ଛୁଏଇ ନିକଟ ହୋଇ ଆସିଲା ।'

ପ୍ରଦୋଷ ତା ଅଡ଼କୁ ଚାହିଁ ରହିଲା ।

ସେଇ ଯେ ମାଳତୀକୁ ଜ୍ୱର ହୋଇଥିଲା, ତାହା ନିଉମୋନିଆରେ ପରିଣତ ହେଲା । ମାଳତୀ ବିଛଣା ଧରିଲା । ଗାଁଆରେ ତ ଡାକ୍ତର ନାହିଁ, ଡାକ୍ତରଖାନା ନାହିଁ, ବୁଢ଼ା ଜଗଦେବର କି ସମ୍ବଳ ଅଛି ଯେ ସହର ଚିକିତ୍ସା କରାଇ ପାରିବ ।

ପ୍ରଦୋଷ ପାଖରେ ଖବର ପହଞ୍ଚିଲା ଗାଆଁ ଭିତରୁ । ସେ ଭୁବନକୁ ଡକାଇ ଆଣିଲେ । ନିଜେ ଜଗଦେବର ଘରକୁ ଯାଇ ଚିକିତ୍ସାର ସମୁଦାୟ ବ୍ୟବସ୍ଥା କରି ଦେଲେ । ରୋଗିଣୀ ପାଖରେ ବସି ଆଶ୍ୱାସନା ଦେଲେ ।

ଆଜି ସକାଳୁ ମାଳତୀର ଅବସ୍ଥା ଖରାପ ଆଡ଼କୁ ଯାଉଛି । ଦ୍ୱିପହରବେଳେ ଭୁବନ ଡେଲିରିୟମ ଆରମ୍ଭ ହୋଇଯାଇଥିବା କଥା ପରୀକ୍ଷା କରି କହିଲା । ସଞ୍ଜବେଳକୁ ରୋଗିଣୀର ଶ୍ୱାସକଷ୍ଟ ଖୁବ ବଢ଼ିଗଲା । ପ୍ରଦୋଷ ମାଳତୀର ମୁଣ୍ଡ ପାଖରେ ବସି ରହିଲା ।

ନାଏବ ବାବୁ ବାରମ୍ବାର ଆସି ଦେଖି ଯାଉଥିଲେ । ଗାଆଁର ଲୋକେ ମାଳତୀର ଚିକିତ୍ସାର ଏପରି ବ୍ୟବସ୍ଥା ଆଶ୍ଚର୍ଯ୍ୟ ହୋଇ ଦେଖୁଥିଲେ; ପଦ୍ମନ ମିଶ୍ରେ ମୁରବିହୁଆ ଦେଲେ ।

ମାଳତୀର ଶ୍ୱାସକଷ୍ଟ ବେଶୀ ବଢ଼ିଲା, ପୁଣି ସେ ବକାବକା ଆରମ୍ଭ କଲା—'ଲୋକ ଏମିତି ନୁଆଁନ୍ତି । ଏମିତି କେହେଇ କି ଲଭି ପାଉଛ ? ନା, ନା, ମୁଁ ତମ ଦୋଷ ଦେଉ ନାହିଁ,—ଆମର ସେ ଗାଈଟା—ବିକି ଦେଲ—ଖାଇଲ । ହଉ, ତମ ଇଚ୍ଛା—ତମ ଯୋଗୁ ସିନା ସାଙ୍ଗ ମୋତେ ଦେଖି ହସୁଛି । ପସ୍ତଦଲେ ତମ ମାନ ତଳେ ପଡ଼ି ଯାଆନ୍ତା' ? ତମେ ବଡ଼ଲୋକ···ବାପା , ସେ ହଳାଟା ମୁଣ୍ଡ ଖାଇଗଲା । ବଉ—ବଉ— ।"

ଛାତି ଭିତରଟାରେ ନିଃଶ୍ୱାସ ପବନସ୍ରୋତ ଯେପରି ଅଟକି ଅଟକି ଯାଉଥିଲା, ପ୍ରଦୋଷର ସେମିତି ମନେ ହେଲା ।

ନିସ୍ତବ୍ଧ ପଡ଼ି ମାଳତୀ ପଡ଼ି ରହିଲା ।

Digitized by srujanika@gmail.com

ରାତି ବେଶୀ ହେଲା । ଶିଆଳମାନେ ଭୁକି ଉଠିଲେ, ଗାଆଁର କୁକୁରମାନେ ଅଶାନ୍ତ ହୋଇ ଚିତ୍କାର ଆରମ୍ଭ କରିଦେଲେ । ଗାଆଁ ଭିତର ଗୋଟାଏ ଗଛର ଝୁଣ୍ଟା ଡାଳରେ ବସି ପେଚା ଦୁଇଟା ଡାକୁଥିଲେ ।

ମାଳତୀ ପୁଣି ଚଞ୍ଚଳ ଦୃଷ୍ଟିରେ ପ୍ରଦୋଷ ଆଡ଼କୁ ଚାହିଁଲା; ସେ ଯେମିତି ତାହାକୁ ଖୋଜୁଛି, କିଏ ଖୋଜୁଛି—ସେତିକିବେଳେ ଭୟ ଫୁଟି ଉଠିଲା ତା'ର ଦୃଷ୍ଟିରେ । ସେ ଧୀରେ ଧୀରେ କହିଲା, 'ମଲେ କଣ ତମକୁ ଦେଖି ପାରିବି ନାହିଁ ?'

ପ୍ରଦୋଷ ଅନ୍ୟମନସ୍କ ଭାବେ କହିଲା, 'ତମେ ଭଲ ହୋଇଯିବ, କିଛି ଭୟ ନାହିଁ ।'

ଭୁବନ ଗୋଟାଏ ଅଭ୍ୟସ୍ତ ଗ୍ଲାସରେ କିଛି ଔଷଧ ତା ମୁହଁରେ ଦେଲା । ମାଳତୀ ତା ଆଡ଼କୁ ଚାହିଁ କହିଲା, 'ମତେ ଭଲ କର ଭାଇ ।'

ଭୁବନ ଡାକ୍ତର, ତଥାପି ତା'ର ଚକ୍ଷୁ କୋଣରେ ଦୁଇଟୋପା ଲୁହ ଦେଖାଦେଲା । ମନୁଷ୍ୟର ଜୀବନ ରକ୍ଷିବା ପାଇଁ କେତେ ଅକ୍ଷମ ତା'ର ଡାକ୍ତରି ବିଦ୍ୟା । ସେ ତାହା ଆଜି ଅତି ଗଭୀର ଭାବରେ ଅନୁଭବ କଲା ।

ରାତି ପାହିଲା । ମାଳତୀ ବେହୋସ ହୋଇ ପଡ଼ିଲା । ଭୁବନ ଇଂରାଜୀରେ କହିଲା, 'The last moment is approaching.'

ପ୍ରଦୋଷ ହତାଶ ମୁହଁ ପରି ସେହିଠାରେ ବସି ରହି ମାଳତୀର ରୁକ୍ଷ କେଶ ଉପରେ ହାତ ବୁଲାଉ ଥିଲା ।

ହଠାତ୍ ମାଳତୀ ପ୍ରଦୋଷ ମୁହଁ ଆଡ଼କୁ ଚାହିଁଲା । ତା ପରେ ସବୁ ଶେଷ ।

ତୋଟା ଆର ପାଖ ମଶାଣିରେ ଚିତାନଳ ଜଳି ଉଠିଲା ।

ପ୍ରଦୋଷ ଆଉ ଭୁବନ ଅଳ୍ପ ଦୂରରେ ଗୋଟାଏ ଗଛ ମୂଳେ ବସି ସେଇ ଆଡ଼କୁ ଚାହିଁ ରହିଥିଲେ ।

ପ୍ରଦୋଷର ମନ ଭିତରେ ଉଚ୍ଛୃଙ୍ଖଳ ଝଡ଼ ତାଣ୍ଡବ ଲୀଳା ଲଗାଇ ଥିଲା । ଅତି ଅକସ୍ମାତ ଭାବରେ କିପରି ସେ କୁଆଡ଼େ ହୋଇଗଲା

Digitized by srujanika@gmail.com

ସେ କଣ ବୁଝି ପାରୁ ନ ଥିଲା; ଖାଲି ଆର୍ତ୍ତ ହାହାକାର କରି ଉଠୁଥିଲା ତାର ଅନ୍ତରାତ୍ମା । ସେ ଖାଲି ମନେ କରୁଥିଲା, ତା ଭାଗ୍ୟରେ ଦେବତାର ଅଲୋଡ଼ା ଆଶୀର୍ବାଦ ପରି ଯାହା ଓହ୍ଲାଇ ଆସିଥିଲା, ତାକୁ ଚିହ୍ନିବା ପୂର୍ବରୁ; ଜାଣିବା ପୂର୍ବରୁ ସେମିତି ଅପରିଚିତ ଭାବରେ ମହାଶୂନ୍ୟରେ ଉଭେଇ ଗଲା ।

ପୂର୍ବ ଚକ୍ରବାଳ କୋଳରେ ଈଷତ୍ ରେଖାର ଆଗମନୀ ସ୍ୱର୍ଣ୍ଣ ଫୁଟି ଉଠିଲା; ଗୋଟାଏ ବଡ଼ ତାରା ଆକାଶର ଖାପଛା ପରି ଦେଖା ଯାଉଥିଲା ।

ବୁଢ଼ୀ ଜଗଦେବ ମାଳଣୀର ବିଛଣାର ମୁଣ୍ଡ ପାଖରୁ ନୂଆ ଶାଢ଼ୀ ଦୁଇ ଖଣ୍ଡ କାଢି ଶିଶୁ ଉପରକୁ ଘୋଡ଼ାଇ ଦେଇ ଆଖି ପୋଛିଲା ।

—ଦୁଇ—

ପ୍ରଦୋଷ ଉପସ୍ଥିତ ବ୍ୟକ୍ତିମାନଙ୍କ ଅଭ୍ୟର୍ଥନା କରିବା, ସେମାନଙ୍କ ଚର୍ଚ୍ଚା ବୁଝିବାରେ ବ୍ୟସ୍ତ ।

ଭୁବନର ଘରେ ବାହାଘର ଭୋଜି । ସହରର ପ୍ରଭୃତ ଗଣ୍ୟମାନ୍ୟ ଲୋକେ ଉପସ୍ଥିତ ଥିଲେ ।

ପ୍ରଦୋଷର ମଧ୍ୟସ୍ଥତାରେ ପ୍ରଣତି ସହିତ ଭୁବନର ବାହାଘର ହୋଇ ଯାଇଛି । ଏଥିରେ ସିଦ୍ଧେଶ୍ୱର ବାବୁ, ତାଙ୍କ ଗୃହିଣୀ ସମସ୍ତେ ଆନନ୍ଦିତ ।

ନିମନ୍ତ୍ରିତ ବ୍ୟକ୍ତିମାନଙ୍କ ଭିତରେ କୃଷ୍ଣଚନ୍ଦ୍ର ଅନ୍ୟତମ । ପ୍ରଦୋଷକୁ ଦେଖି ସେ କହିଲା, 'ଅର୍ଥାତ୍ ଠିକ ହେଲା ନା ?'

ପ୍ରଦୋଷ ହସି ହସି କହିଲା, 'ଅର୍ଥାତ୍ ବୁଝି ପାରିଲି ନାହିଁ ।'

କୃଷ୍ଣଚନ୍ଦ୍ରଙ୍କର ଟିକିଏ ଅପ୍ରତିଭ ହେଲା, କହିଲା—'ଏହି ବାହାଘର ଠିକ୍ ନା ?'

ପ୍ରଦୋଷ କହିଲା, 'ନିଶ୍ଚୟ ଠିକ; ଏଥିରେ ସନ୍ଦେହ ଅଛି ?'

କୃଷ୍ଣଚନ୍ଦ୍ରଙ୍କର ଗୋଟାଏ ସୁବିଧା ପାଇଲା, 'ଅର୍ଥାତ୍ କୃଷ୍ଣଚୈତନ୍ୟଙ୍କ ଇଚ୍ଛା !'

Digitized by srujanika@gmail.com

—'ନିଶ୍ଚୟ, ନିଶ୍ଚୟ ! ଅର୍ଥାତ—'

—'ଆପଣ ତେବେ କୃଷ୍ଣଚୈତନ୍ୟଙ୍କୁ ମାନନ୍ତି ?'

—'ଆରେ ଭଲ କଥା ! ମୁଁ ଆପଣଙ୍କୁ ମାନେ ଆଉ କୃଷ୍ଣ-ଚୈତନ୍ୟଙ୍କୁ ମାନେ ନା' କୃଷ୍ଣଭକ୍ତର ବିମର୍ଷ ହୋଇ ପଡ଼ିଲା, କହିଲା, 'ଆପଣ ଥଟ୍ଟା କରୁଛନ୍ତି ।'

—'ଆପଣ ସେ ଥଟ୍ଟାର ମଣିଷ !'

ସେତେବେଳେ ଉତ୍ସବର ବାଦ୍ୟ ନୀରବ ହୋଇ ଯାଇଥିଲା; ଅତିଥିମାନେ ବିଦାୟ ଗ୍ରହଣ କରୁଥିଲେ । ତଥାପି ପ୍ରବୋଧର ଅବସର ନାହିଁ । ସେ ତଥାପି ବାକି ଲୋକମାନଙ୍କ ଖାଇବା ବନ୍ଦୋବସ୍ତ ବୁଝୁଥିଲା । ଯେପରି କି ଆଜି ତାକୁ କାମର ନିଶା ଧରିଛି; ଯେପରି କି ଆଜି ତାକୁ ସବୁ କାମ ଶେଷ କରିବାକୁ ହେବ ।

ଭୁବନ ଆସି ଡାକିଲା, 'ତୁ ଟିକିଏ ଫୁରସତ୍ ନେବୁ ନାହିଁ ?

ପ୍ରବୋଧ ମିଠେଇ ହାଣ୍ଡିଟି ତଳେ ଥୋଇ ଦେଇ କହିଲା, 'ଫୁରସତ୍ ? ଆଉ ଟିକିଏ କାମ ଅଛି; ତା ପରେ ଫୁରସତ୍—ପୁରା ଫୁରସତ୍, ପୂର୍ଣ୍ଣ ବିଶ୍ରାମ । ଚାଲ ଯିବା ଘର ଭିତରକୁ ।'

ଘର ଭିତରକୁ ପଶୁ ପଶୁ ପ୍ରବୋଧ ଡାକିଲା, 'ପ୍ରତିଭା ଦେଈ କାହିଁରେ ।'

ପ୍ରତିଭା ଆସି ତାକୁ ଭୂମିଷ୍ଠ ନମସ୍କାର କଲା ।

'ଉଠ, ଉଠ । ଆରେ ପାଗଳ ଭଉଣୀଟା ଏମିତି ନମସ୍କାର କଲେ ଯେ, ମୋର ପରମାୟୁ ହାନି ହେବ !'

ତା ପରେ କାମିଜ ପକେଟରୁ ଖଣ୍ଡାଏ କାଗଜ କାଢ଼ି ସେ ପ୍ରତିଭାର ହାତକୁ ଦେଇ କହିଲା, 'ନେ ! ତୋର ଉପରେ ଏହି ହତଭଗା ଭୁବନ ଆଉ ମୋର ହତଭାଗିନୀ ଭଉଣୀ ଚନ୍ଦ୍ରାର ସମୁଦାୟ ଭାର ଦେଇଗଲି । ତୁ ସେମାନଙ୍କୁ ଚଳାଇବୁ । ସେମାନଙ୍କୁ ମଣିଷ କରି ଗଢ଼ିବୁ । ମୋର ସମୁଦାୟ ସମ୍ପତ୍ତି ମୁଁ ଭୁବନକୁ ଲେଖି ଦେଇଛି, ସେଥିରୁ ଚନ୍ଦ୍ରା ଖର୍ ଭଲ ଭାବରେ ଚଳିବାର ଯଥେଷ୍ଟ ବ୍ୟବସ୍ଥା

Digitized by srujanika@gmail.com

କରନ୍ତି । ଏ ସ୍ୱର ଏତେ ବଳରେ ମୋ ମୁଣ୍ଡରୁ ପିଠାକୁ ମଡେ ଯେ କେତେ ହାଲୁକା ଲାଗୁଛି, କହିପାରିବି ନାହିଁ ।

ଭୁବନ ନିର୍ବାକ୍ ହୋଇ ଛିଡ଼ା ହୋଇଥାଏ ।

ପ୍ରଦୋଷ ହସି ହସି କହିଲା, 'ତୁ ଏ ସବୁକୁ କଅଣ କରିବୁ ଭାବୁଛ ତ ! ଦେଶ ସ୍ୱତନ୍ତ୍ର ହେଉ, ଶିରଦାଳ ଭୁବନଠାର ବିଷୟ ବୁଦ୍ଧି ଖୁବ୍ କମ୍ । ତୁ କଅଣ କରିବୁ, ଏଇତ ? ତୁ ଏ ସମ୍ପତ୍ତି ଖର୍ଚ୍ଚକରି ଗୋଟାଏ ମଣିଷ ପରି ମଣିଷ ଗଢ଼ିବୁ, ସେମାନଙ୍କର ଦେହହେବ ଇସ୍ପାତଠାରୁ ଟାଣ, ମନ ବଜ୍ରଠାରୁ କଠିନ, ସେମାନେ ହେବେ ଦେଶର ସ୍ୱାଧୀନତାର ସୈନିକ; ସେମାନଙ୍କର ଜୀବନ, ମନ, ସମୁଦାୟ ଅସ୍ତିତ୍ୱ ଦେଶପାଇଁ ଉତ୍ସର୍ଗିତ ହୋଇଥିବ । ସେମାନଙ୍କ ସମ୍ମୁଖରେ କେବଳ ଗୋଟାଏ ମନ୍ତ୍ର, କି ନିଦ୍ରା, କି ଜାଗରଣ ସବୁବେଳେ ରହିଥିବ— 'ସ୍ୱାଧୀନତା ବା ମରଣ । ଲିଓନିଡ଼ାସ୍ ଯେପରି ସ୍ପାର୍ଟାନ ବୀରମାନଙ୍କୁ ଗଢ଼ିଥିଲେ, ଏମାନଙ୍କୁ ସେହିପରି ପିଲାଦିନୁଁ କଠୋର ଶିକ୍ଷାପଦ୍ଧତି ଅନୁସାରେ ଗଢ଼ିବାକୁ ହେବ । ଭାରତର ସ୍ୱାଧୀନତା ଲାଭ ପରେ— ସେମାନେ ସ୍ୱାଧୀନତା ରକ୍ଷାପାଇଁ ଜୀବନ ଉତ୍ସର୍ଗ କରିବେ । ତୋଠାରୁ ଏ ବିଷୟ ବେଶୀ କିଏ ପାରିବ ? ତୋଠାରୁ ଏ ବିଷୟରେ ବେଶୀ କିଏ ଯୋଗ୍ୟ ? ଏତେଦିନ ଯେଉଁ ସ୍ୱପ୍ନ ମୁଁ ଦେଖୁଥିଲି; ତାକୁ ରୂପ ଦେବାର ଭାର ତୋରି ହାତରେ ଅର୍ପଣ କରି ଦେଇଗଲି ।'

ତା ପରେ ଟିକିଏ ରହି କହିଲା, 'ମୁଁ ଜାଣେ, ଚନ୍ଦ୍ରା ତୋତେ ଏ କାମରେ ସାହାଯ୍ୟ କରିବ; ସେ ମଧ୍ୟ ମନୁଷ୍ୟ ଗଠନ କାମକୁ ଜୀବନର ବ୍ରତ କରି ନେବ । ସେ ଏତେଦିନ ପତ୍ନୀ ଥିଲା, ତା ପରେ ସେ ଆସି ତୋରି ପାଖରେ ଛିଡ଼ା ହେବ ।'

ଭୁବନର ଚକ୍ଷୁ ଅକାରଣେ ବାଷ୍ପାକୁଳିତ ହୋଇ ଆସିଲା, ପ୍ରଦୋଷର ହାତକୁ ଖଣ୍ଡିଏ ଧରି ମୁହଁପରି ଛିଡ଼ା ହୋଇ କହିଲା 'ସତ···!'

—'ଆଜି ଗୋଟିଏ ଭଉଣୀ ମିଳିଲାରେ ଭୁବନ, ଆଉ ଗୋଟାଏ ଭଉଣୀ ! ଏଥର ମୋର ଅବସର, ଏଥର ମୋର ଛୁଟି, ଏଥର ମୋର ପ୍ରବାସ୍ !'

Digitized by srujanika@gmail.com

— ସ୍ୱଦେଶ —

ହରଦ୍ୱାରର ଗଙ୍ଗାକୂଳରେ ଖଣ୍ଡେ ସାନ କୁଟୀର ।

ଘର ଭିତରେ ଗୋଟିଏ ସାନ ସିଂହାସନ । ତା ଉପରେ ପୂଜା ଫୁଲରେ ସଜ୍ଜିତ ଭାରତବର୍ଷର ଖଣ୍ଡେ ମାନଚିତ୍ର ।

ଘରର ଗୋଟାଏ କଣରେ ଖଣ୍ଡେ ଗୀତାର ।

ସ୍ଥାନଟି ଜନଶୂନ୍ୟ—ଜନବସତିଠାରୁ ଦୂରରେ ।

ଦୂର ଦେବାଳୟରେ ସନ୍ଧ୍ୟା ଆରତିର ଘଣ୍ଟାଧ୍ୱନି ବାଜି ଉଠିଲା ।

କୁଟୀର ଭିତରୁ ଉଠିଲା ଗମ୍ଭୀର ନାଦରେ ସ୍ତବ ଗୀତ —

ବନ୍ଦେ ମାତରମ୍

ସୁଜଳାଂ ସୁଫଳାଂ ମଳୟଜ ଶୀତଳାଂ
ଶସ୍ୟ ଶ୍ୟାମଳାଂ ମାତରଂ ।

ବନ୍ଦେ ମାତରମ୍ ।

ସ୍ତବ ଧ୍ୱନି ଶବ୍ଦ ତରଙ୍ଗରେ ନାଚି ନାଚି କ୍ଷୀଣରୁ କ୍ଷୀଣତର ହୋଇ କାଞ୍ଚନଜଙ୍ଘା, ଗୌରୀଶଙ୍କରର ଚିରତୁଷାର ଦେହରେ ନିଜର ସ୍ପର୍ଶ ଅଙ୍କିତ କଲା ।

ପଶ୍ଚିମ ଆକାଶରେ ପୂର୍ଣ୍ଣିମାର ଚନ୍ଦ୍ର ଦୀପ ଜାଳୁଥିଲା ।

Digitized by srujanika@gmail.com